# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୭/୨୦୨୬ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, January 17/2026 | Page 14 | ₹ 7.00 | BALASORE

୫୨ଶ ଭାଗ ୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 55 | ମୂଲ୍ୟ ₹୭/-









କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଥିବା ୧୫ ବର୍ଷରୁ କମ୍ ବାଳିକା ଜାତୀୟ ସବ୍‌ଜୁନିୟର ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ଓ ରାଜସ୍ଥାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। **(ଫଟୋ: ବିକାଶ ନାୟକ)**

# ବିଦା ହେବେ ଅପାରଗ ଅଧ୍ୟାପକ

## କାର୍ଯ୍ୟଦକ୍ଷତା ଯାଞ୍ଚ ପାଇଁ ନିର୍ଦ୍ଦେଶନାମା ଜାରିକଲା ଉଚ୍ଚଶିକ୍ଷା ବିଭାଗ

ରାଜ୍ୟ ସରକାର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଉଥିବାବେଳେ କେତେଜଣ ଅଧ୍ୟାପିକାଅଧ୍ୟାପକଙ୍କ ପାଠପଢ଼ା ଶୈଳୀ ଦୁର୍ବଳ ଥିବା ଅଭିଯୋଗ ଆସିଥିଲା। ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟରେ ଅଧ୍ୟାପନା କରୁଥିବା ସମ୍ପୃକ୍ତ ଅଧ୍ୟାପିକାଅଧ୍ୟାପକଙ୍କ ପ୍ରଦର୍ଶନ ଖରାପ ରହୁଥିବା ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ ଏଭଳି ଅପାରଗ ଅଧ୍ୟାପକମାନଙ୍କୁ ସରକାର ବାଧ୍ୟତାମୂଳକ ଅବସର ଦେବାକୁ ଯାଉଛନ୍ତି। ଉଚ୍ଚଶିକ୍ଷାବିଭାଗର ଯୁଗ୍ମ ସଚିବ ଉଚ୍ଚ ଶିକ୍ଷାନୁଷ୍ଠାନ ପାଇଁ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅପାରଗ ଅଧ୍ୟାପିକାଅଧ୍ୟାପକଙ୍କ ବିଷୟରେ ସମସ୍ତ ତଥ୍ୟ ଯାଞ୍ଚ କରି ୩୧ ଜାନୁଆରୀ ସୁଦ୍ଧା ରିପୋର୍ଟ ଦାଖଲ କରିବା ପାଇଁ କୁହାଯାଇଛି।

**ଭୁବନେଶ୍ୱର,୧୬।୧ (ସୁଚିସ୍ମିତା ସାହୁ)**

ଉଚ୍ଚ ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ମାନଦଣ୍ଡ ଏବଂ ପ୍ରଶାସନିକ ଦକ୍ଷତା ବଜାୟ ରଖିବା ପାଇଁ ଅଧ୍ୟାପିକା/ଅଧ୍ୟାପକଙ୍କ ଦକ୍ଷତା ପରଖିବେ ସରକାର। ପାଠପଢ଼ା ସହ ସେମାନଙ୍କ କାର୍ଯ୍ୟଦକ୍ଷତା ଓ ଆଚରଣକୁ ଯାଞ୍ଚ କରାଯିବ। ଦକ୍ଷତା ନ ଥିଲେ ବା ଖରାପ ପ୍ରଦର୍ଶନ କରିଥିବା ଅପାରଗ ଅଧ୍ୟାପିକା ଅଧ୍ୟାପକଙ୍କୁ କାର୍ଯ୍ୟରୁ ବାଧ୍ୟତାମୂଳକ ଅବସର ଦିଆଯାଇ ବିଦା କରାଯିବ। ଏନେଇ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଭାଗ ଅଧୀନରେ କାର୍ଯ୍ୟରତ ଅଧ୍ୟାପିକାଅଧ୍ୟାପକଙ୍କ ସର୍ଭିସ୍ ରେକର୍ଡ, କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ରିପୋର୍ଟ, ସାଧୁତା ସ୍ଥିତି ଏବଂ ସାମଗ୍ରିକ ଆଚରଣକୁ ସତର୍କତାର ସହ ଯାଞ୍ଚ କରି ଜାନୁଆରୀ ୩୧ ସୁଦ୍ଧା ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, ସରକାରୀ ଡିଗ୍ରୀ କଲେଜ, ସରକାରୀ ଶିକ୍ଷଣ ତାଲିମ ଶିକ୍ଷାନୁଷ୍ଠାନ ଓ ଉଚ୍ଚ ମାଧ୍ୟମିକ ସ୍କୁଲର ପ୍ରିନ୍ସିପାଲ୍‌ଙ୍କୁ ଚିଠି ଲେଖାଯାଇଛି। ଶିକ୍ଷା ମାନଦଣ୍ଡରେ ଉନ୍ନତି ସହିତ କାର୍ଯ୍ୟଶୈଳୀର ସମୀକ୍ଷା ପାଇଁ ଉକ୍ତ ଚିଠିରେ ପରାମର୍ଶ ଦିଆଯାଇଛି।

ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ, ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ହେଲେ ଅନେକ ସମୟରେ ବହୁ ଅଧ୍ୟାପିକାଅଧ୍ୟାପକଙ୍କ ବିରୋଧରେ ଅଭିଯୋଗମାନ ଆସୁଛି। ଠିକ୍ ଭାବେ ପାଠ ନ ପଢ଼ାଇବା, ଅଧିକାଂଶ ସମୟ ଅନୁପସ୍ଥିତ ରହିବା, ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରିବା ଭଳି ବହୁ ଅଭିଯୋଗ ବିଭାଗ ନିକଟରେ ପହଞ୍ଚିବା ପରେ ଏପରି ☞ପୃଷ୍ଠା-୨






ତାମିଲନାଡୁର ମଦୁରାଇରେ ମାଟ୍ଟୁ ପୋଙ୍ଗଲ ଅବସରରେ ଶୁକ୍ରବାର ଅନୁଷ୍ଠିତ ପାରମ୍ପରିକ କ୍ରୀଡ଼ା ଜାଲ୍ଲିକାଟ୍ଟୁରେ ଭାଗନେଇଥିବା ପ୍ରତିଯୋଗୀମାନେ ଏକ ଷଣ୍ଢକୁ କାବୁ କରିବା ପାଇଁ ଉଦ୍ୟମ କରୁଛନ୍ତି।

# ଜଷ୍ଟିସ୍ ବର୍ମାଙ୍କ ପିଟିଶନ ସୁପ୍ରିମକୋର୍ଟରେ ଖାରଜ

## ସଂସଦୀୟ କମିଟିର ତଦନ୍ତ ବୈଧତାକୁ ଚ୍ୟାଲେଞ୍ଜ କରିଥିଲେ

ନୂଆଦିଲ୍ଲୀ,୧୬।୧(ପି.ଟି.)

ଆହ୍ଲାବାଦ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ଘରୁ ବିପୁଳ ପରିମାଣର ଟଙ୍କା ମିଳିବା ଘଟଣାରେ ତାଙ୍କୁ ପଦବୀରୁ ବହିଷ୍କାର କରିବା ପାଇଁ ଆସିଥିବା ପ୍ରସ୍ତାବକୁ ଲୋକ ସଭା ବାଚସ୍ପତି ଗ୍ରହଣ କରିବାକୁ ନିଷ୍ପତ୍ତି ନେବା ଏବଂ ସଂସଦୀୟ କମିଟି ଦ୍ୱାରା ଦୁର୍ନୀତି ଅଭିଯୋଗର ତଦନ୍ତ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଜଷ୍ଟିସ୍ ବର୍ମା ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଉକ୍ତ ପିଟିଶନ୍‌କୁ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଏସ୍.ସି. ଶର୍ମାଙ୍କ ଖଣ୍ଡପୀଠ ଗତ ୮ ତାରିଖରେ ରାୟ ସଂରକ୍ଷିତ ରଖିଥିବାବେଳେ ଶୁକ୍ରବାର ପ୍ରକାଶ କରିଛନ୍ତି। ୮ ତାରିଖରେ ଖଣ୍ଡପୀଠ କହିଥିଲେ, ରାଷ୍ଟ୍ରପତିଙ୍କ ଅନୁପସ୍ଥିତିରେ ଯଦି ଉପରାଷ୍ଟ୍ରପତି ତାଙ୍କ କାର୍ଯ୍ୟ କରିପାରୁଛନ୍ତି, ତେବେ ରାଜ୍ୟ ସଭା ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ତାଙ୍କ କାର୍ଯ୍ୟ ଉପାଧ୍ୟକ୍ଷ କରିପାରିବେ ନାହିଁ କାହିଁକି। ଜଷ୍ଟିସ୍ ବର୍ମା ତାଙ୍କ ପିଟିଶନରେ ଦର୍ଶାଇଥିଲେ ଜଣେ ବିଚାରପତିଙ୍କ ବିରୋଧରେ ପ୍ରସ୍ତାବକୁ ଖାରଜ କରିବା କ୍ଷମତା ରାଜ୍ୟ ସଭା ଉପାଧ୍ୟକ୍ଷଙ୍କର ନାହିଁ। ବିଚାରପତି (ତଦନ୍ତ) ଆଇନ, ୧୯୬୮ ଅନୁଯାୟୀ, କେବଳ ବାଚସ୍ପତି ଏବଂ ଅଧ୍ୟକ୍ଷ ଏଭଳି ପ୍ରସ୍ତାବକୁ



ଯଶୱନ୍ତ ବର୍ମା

ଗ୍ରହଣ କିମ୍ବା ଖାରଜ କରିପାରିବେ।

ସୂଚନାଯୋଗ୍ୟ, ଗତବର୍ଷ ମାର୍ଚ୍ଚ ୧୪ରେ ଜଷ୍ଟିସ୍ ବର୍ମାଙ୍କ ନୂଆଦିଲ୍ଲୀସ୍ଥିତ ସରକାରୀ ବାସଭବନରୁ ବିପୁଳ ପରିମାଣର ପୋଡ଼ା ଟଙ୍କା ବିଡ଼ା ମିଳିଥିଲା। ଏହି ଘଟଣା ପରେ ବର୍ମାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆହ୍ଲାବାଦ ହାଇକୋର୍ଟକୁ ପଠାଇ ଦିଆଯାଇଥିଲା। ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ଲୋକ ସଭା ବାଚସ୍ପତି ତଦନ୍ତ କମିଟି ଗଠନ କରିବାରେ ଆଇନରେ କୌଣସି ପ୍ରତିବନ୍ଧକ ନ ଥିବା ଶୀର୍ଷ ଅଦାଲତ ପୂର୍ବରୁ ଟିପ୍ପଣୀ ଦେଇଥିଲେ।

# ସାମ୍ବିଧାନିକ ଉପଚାର ଅଧିକାରର ଦୁରୁପଯୋଗ ହେଉଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୬।୧(ପି.ଟି.)

ଅନୁଚ୍ଛେଦ ୩୨ ନାଗରିକମାନଙ୍କୁ ସାମ୍ବିଧାନିକ ଉପଚାର ଅଧିକାର ଦେଇଥିବାବେଳେ ଏହାର ଦୁରୁପଯୋଗ ହେଉଥିବା ସୁପ୍ରିମକୋର୍ଟ କହିଛନ୍ତି। ପିଟିଶନ ବମ୍ବେ ହାଇକୋର୍ଟଙ୍କ ବିଚାରାଧୀନ ଥିବା ସତ୍ତ୍ୱେ ମୌଳିକ ଅଧିକାରର ଉଲ୍ଲଂଘନ ଦର୍ଶାଇ ଶୀର୍ଷ ଅଦାଲତରୁ ସାମ୍ବିଧାନିକ ଉପଚାର ଅଧିକାର ପାଇବାକୁ ଆବେଦନ କରିଥିବା ଜଣେ ପିଟିଶନରଙ୍କୁ ସୁପ୍ରିମକୋର୍ଟ ଶୁକ୍ରବାର ନିନ୍ଦା କରିଛନ୍ତି। ମାମଲା ହାଇକୋର୍ଟଙ୍କ ବିଚାରାଧୀନ ଥିବାବେଳେ ଅନୁଚ୍ଛେଦ ୩୨ର ଦୁରୁପଯୋଗ ହେଉଥିବା ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ଉକ୍ତ ଅନୁଚ୍ଛେଦ ଅଧୀନରେ ମାମଲା ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ସବୁ କ୍ଷେତ୍ରରେ ଗୋଟିଏ ମୁଲତବୀ ପରେ ଆର୍ଟିକିଲ୍ ୩୨ର ବ୍ୟବହାର କରାଯାଉଛି। ବିଶେଷକରି ଯେଉଁମାନେ ଦିଲ୍ଲୀ ଆଖପାଖ ଅଞ୍ଚଳରେ ରହିଛନ୍ତି, ସେମାନେ ଏହାର ଅଧିକ ବ୍ୟବହାର କରୁଥିବା ଖଣ୍ଡପୀଠ କହିଛନ୍ତି।

# ପ୍ରତିରକ୍ଷାରେ ପଶିବେ ବିଦେଶୀ କମ୍ପାନୀ







**ଭାରତର ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ କ୍ଷେତ୍ରରେ ପଶିବେ ବିଦେଶୀ କମ୍ପାନୀ। ଏଥିନିମନ୍ତେ ପୁଞ୍ଜିନିବେଶକୁ ସହଜ କରିବା ଲାଗି କେନ୍ଦ୍ର ସରକାର କେତେକ ନିୟମ ସରଳ କରିବାକୁ ଯାଉଛନ୍ତି। ତଦନୁସାରେ ଘରୋଇ ପ୍ରତିରକ୍ଷା କମ୍ପାନୀଗୁଡ଼ିକ ଜରିଆରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ) ସୀମାକୁ ୭୪% ପର୍ଯ୍ୟନ୍ତ ବୃଦ୍ଧି କରାଯିବ। ଗତବର୍ଷ ମେ'ରେ 'ଅପରେଶନ୍ ସିନ୍ଦୂର' ବେଳେ ପାକିସ୍ତାନ ସହ ଭାରତ ମୁହାଁମୁହିଁ ହେବା ପରିପ୍ରେକ୍ଷୀରେ ଘରୋଇ ପ୍ରତିରକ୍ଷା ବିନିର୍ମାଣକୁ ବଳ ଦେବା ପାଇଁ ସରକାର ଏହି ପଦକ୍ଷେପ ନେଉଛନ୍ତି। ଭାରତୀୟ ଉଦ୍ୟୋଗରେ ପ୍ରତିରକ୍ଷା ସହଯୋଗୀ ରାଷ୍ଟ୍ରଗୁଡ଼ିକର କମ୍ପାନୀଗୁଡ଼ିକୁ ନିବେଶ ପାଇଁ ପ୍ରୋତ୍ସାହନ ଦେବା ଲାଗି ଏପରି ସରଳୀକରଣ କରାଯାଉଛି। ଆଗାମୀ କିଛି ମାସ ମଧ୍ୟରେ ଏହି ସଂସ୍କାର କାର୍ଯ୍ୟକାରୀ ହେବାକୁ ଯାଉଥିବା ସରକାରୀ ସୂତ୍ରରୁ ପ୍ରକାଶ। ତେବେ ବିଦେଶୀ ସଂସ୍ଥାଗୁଡ଼ିକ ହାତରେ ଭାରତୀୟ ପ୍ରତିରକ୍ଷା ବିନିର୍ମାଣ କ୍ଷେତ୍ରର ବୃହତ୍ ଅଂଶଧନ ରହିଲେ ସେମାନେ ଡିଫେନ୍ସ ପଲିସିକୁ ପ୍ରଭାବିତ କରିପାରନ୍ତି, ଯାହାକି ଦେଶର ଜାତୀୟ ନିରାପତ୍ତା ପ୍ରତି ଆହ୍ୱାନ ସୃଷ୍ଟି କରିପାରେ ବୋଲି କୁହାଯାଉଛି।**

ନୂଆଦିଲ୍ଲୀ,୧୬।୧ (ରଏଟର୍ସ/ଏଜେନ୍ସି)

କେନ୍ଦ୍ର ସରକାର ଦେଶର ପ୍ରତିରକ୍ଷା କ୍ଷେତ୍ରରେ କେତୋଟି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ନିଷ୍ପତ୍ତି ନେବାକୁ ଯାଉଛନ୍ତି। ପ୍ରତିରକ୍ଷା କମ୍ପାନୀଗୁଡ଼ିକରେ ବର୍ତ୍ତମାନ ୪୯% ଏଫ୍‌ଡିଆଇକୁ ଅନୁମତି ଦିଆଯାଇଛି। ଅଟୋମେଟିକ୍ ରୁଟ୍ (ସ୍ୱୟଂଚାଳିତ ମାର୍ଗ)ରେ ଏହି ବିଦେଶୀ ନିବେଶକୁ ୭୪%କୁ ବୃଦ୍ଧି କରାଯିବ। ଏପରି କି ୭୪%ରୁ ଅଧିକ ନିବେଶ ପାଇଁ ମଧ୍ୟ ସରକାରଙ୍କ ମଞ୍ଜୁରୀ ସହ ଅଧିକ ସୁଯୋଗ ଦିଆଯିବ। ପୂର୍ବରୁ ରହିଥିବା 'ଆଧୁନିକ କାରିଗରି' ସମ୍ପର୍କିତ ସର୍ତ୍ତକୁ ମଧ୍ୟ ଏଥିରେ ହଟାଇ ଦିଆଯିବ ବୋଲି ରଏଟର୍ସ ଓ କେତେକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ପ୍ରସ୍ତାବ ଅନୁଯାୟୀ, ୭୪% ଏଫ୍‌ଡିଆଇ ପର୍ଯ୍ୟନ୍ତ ସରକାରଙ୍କ ଅନୁମତି ଆବଶ୍ୟକ ପଡ଼ିବ ନାହିଁ। ବର୍ତ୍ତମାନ କମ୍ପାନୀଗୁଡ଼ିକ ନୂଆ ଲାଇସେନ୍ସ ପାଇଁ ଆବେଦନ କରୁଥିବାବେଳେ ବିଦେଶୀ ନିବେଶକମାନେ ଏକ ଭାରତୀୟ ପ୍ରତିରକ୍ଷା ସଂସ୍ଥାରେ କେବଳ ଅଟୋମେଟିକ୍ ରୁଟ୍ ଅଧୀନରେ ୭୪% ଅଂଶଧନର ମାଲିକାନା ନିଜ ପାଖରେ ରଖିପାରୁଛନ୍ତି। 'ଆଧୁନିକ କାରିଗରି ଉପଲବ୍ଧତାର ପରିଣାମ' ସର୍ତ୍ତକୁ ମଧ୍ୟ ସରକାର ହଟାଇଦେବା ପାଇଁ ବିଚାରବିମର୍ଶ କରୁଛନ୍ତି। ଏହା କାର୍ଯ୍ୟକାରୀ ହେଲେ ବିଦେଶୀ କମ୍ପାନୀଗୁଡ଼ିକ ଭାରତର ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନ କ୍ଷେତ୍ରରେ ୭୪% ପରିବର୍ତ୍ତେ ୧୦୦% ପର୍ଯ୍ୟନ୍ତ ଅଂଶଧନର ମାଲିକ ହୋଇପାରିବେ। ସମ୍ପ୍ରତି ଯୌଥ ଉଦ୍ୟୋଗ କିମ୍ବା ରଣନୈତିକ ସହଭାଗିତା ଜରିଆରେ ଭାରତରେ ଅପରେଶନ୍ ଚଳାଇଥିବା କମ୍ପାନୀଗୁଡ଼ିକ ମଧ୍ୟରେ ଫ୍ରାନ୍ସର ଏୟାରବସ୍, ଆମେରିକାର ଲକ୍‌ହିଡ୍ ମାର୍ଟିନ ଓ ଇସ୍ରାଏଲ୍‌ର ରାଫାଲ ଆଡ୍‌ଭାନ୍ସ ଡିଫେନ୍ସ ସିଷ୍ଟମ୍ ପ୍ରମୁଖ ଅନ୍ତର୍ଭୁକ୍ତ। ସେହିପରି ରୁଷିଆ ସହ ମଧ୍ୟ ଭାରତର ବିସ୍ତୃତ ପ୍ରତିରକ୍ଷା ସମ୍ପର୍କ ରହିଆସିଛି। ତେବେ ପ୍ରତିରକ୍ଷା କ୍ଷେତ୍ରରେ ଏଫ୍‌ଡିଆଇର ସେତେଟା ଆଗମନ ହେଉନାହିଁ। ୨୦୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ୨୫ ବର୍ଷ ମଧ୍ୟରେ ଭାରତକୁ ମୋଟ ୭୨୫ ବିଲିୟନ୍ ଡଲାର ଏଫ୍‌ଡିଆଇ ଆସିଥିବାବେଳେ ସେଥିରୁ ମାତ୍ର ୨୬.୫ ନିୟୁତ ପ୍ରତିରକ୍ଷା କ୍ଷେତ୍ରକୁ ଆସିଥିଲା। ଏ ସମ୍ପର୍କିତ ନିୟମକୁ ସରଳ କରାଗଲେ ଭାରତର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଆହୁରି ଅଧିକ ଦେଶର ଅନେକ କମ୍ପାନୀ ପୁଞ୍ଜି ଖଟାଇବାକୁ ସୁଯୋଗ ପାଇବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୫ ଏପ୍ରିଲରେ ପହଲଗାମ୍ ଆକ୍ରମଣ ପରେ ମେ'ରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ 'ଅପରେଶନ୍ ସିନ୍ଦୂର' କରାଯାଇଥିଲା। କମ୍ ସମୟ ପାଇଁ ହେଲେ ମଧ୍ୟ ଭାରତ ଓ ପାକିସ୍ତାନ ସାମରିକ ସ୍ତରରେ ସାମ୍ନାସାମ୍ନି ହୋଇଥିଲେ। ପାକିସ୍ତାନ ସୀମାନ୍ତ ଅଞ୍ଚଳକୁ ବହୁସଂଖ୍ୟକ ଡ୍ରୋନ୍ ଛାଡ଼ିଥିବାବେଳେ ଭାରତ ଶତ୍ରୁରାଷ୍ଟ୍ର ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)କୁ ଅନେକ ଯୁଦ୍ଧବିମାନ ପଠାଇ ସେଠାକାର ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିଥିବା ଦାବି କରିଥିଲା। ଅପରେଶନ୍ ସିନ୍ଦୂର ବେଳେ କେତୋଟି ଯୁଦ୍ଧବିମାନ ମଧ୍ୟ ଖସିଥିଲା। ଭାରତର ବର୍ତ୍ତମାନ ପ୍ରତିରକ୍ଷା ବଜେଟ୍ ୭୫.୩୬ ବିଲିୟନ୍ ଡଲାର ହୋଇଥିବାବେଳେ ଫେବୃଆରୀ ୧ରେ ପାର୍ଲାମେଣ୍ଟରେ ଆଗତ ହେବାକୁ ଥିବା ୨୦୨୬-୨୭ ଆର୍ଥିକବର୍ଷର କେନ୍ଦ୍ରୀୟ ବଜେଟ୍‌ରେ ୨୦% ବୃଦ୍ଧି ଘଟାଇବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି। ୨୦୨୯ ସୁଦ୍ଧା ଦେଶର ଘରୋଇ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣକୁ ଦ୍ୱିଗୁଣିତ କରି ୩୩.୨୫ ବିଲିୟନ ଡଲାରରେ ପହଞ୍ଚାଇବା ଏବଂ ପ୍ରତିରକ୍ଷା ରପ୍ତାନିକୁ ୫.୫ ବିଲିୟନ୍ ଡଲାରକୁ ବୃଦ୍ଧି କରିବା ଲକ୍ଷ୍ୟ ରହିଥିବା ଗତବର୍ଷ ସରକାର କହିଥିଲେ। ଭାରତ ବିଶ୍ୱର ଅନ୍ୟତମ ପ୍ରମୁଖ ଅସ୍ତ୍ରଶସ୍ତ୍ର ରପ୍ତାନିକାରୀ ରାଷ୍ଟ୍ରରେ ପରିଣତ ହେବାକୁ ଉଦ୍ୟମ ଚଳାଇଥିବାବେଳେ ୨୦୨୪-୨୫ରେ ବିଦେଶକୁ ରପ୍ତାନି କରାଯାଇଥିବା ପ୍ରତିରକ୍ଷା ସାମଗ୍ରୀଗୁଡ଼ିକରେ ୧୨% ବୃଦ୍ଧି ସହ ଏହା ୨.୬ ବିଲିୟନ୍ ଡଲାର ରହିଥିଲା।





# ଭାଜପାଶାସିତ ରାଜ୍ୟରେ ଦାଦନ ଶ୍ରମିକଙ୍କୁ ନିର୍ଯାତନା ଦିଆଯାଉଛି: ମମତା



କୋଲକାତା,୧୬।୧

ଭାଜପାଶାସିତ ରାଜ୍ୟଗୁଡ଼ିକରେ ବଙ୍ଗଳାଭାଷୀ ଦାଦନ ଶ୍ରମିକମାନଙ୍କୁ ନିର୍ଯାତନା ଦିଆଯାଉଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗରେ ଭାଜପା ୨୦୨୬ ବିଧାନସଭା ନିର୍ବାଚନ ଜିତିପାରିବ ନାହିଁ ବୋଲି ଅନୁଭବ କରିବା ପରେ ଦଙ୍ଗା ସୃଷ୍ଟି ପାଇଁ ଯୋଜନା କରୁଥିବା ତୃଣମୂଳ କଂଗ୍ରେସ ନେତ୍ରୀ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗ ବାହାରେ ଦାଦନ ଶ୍ରମିକଙ୍କ ଉପରେ ଆକ୍ରମଣକୁ ନେଇ ମୁର୍ଶିଦାବାଦର ବେଲଡଙ୍ଗାଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମମତା କହିଛନ୍ତି, ସଂଖ୍ୟାଲଘୁ ସମ୍ପ୍ରଦାୟର କ୍ରୋଧ ଯଥାର୍ଥ ଥିଲା। ଦାଦନ ଶ୍ରମିକଙ୍କ ଉପରେ ବାରମ୍ବାର ହିଂସା ଘଟଣାରୁ ଏହି ବିକ୍ଷୋଭ ହୋଇଥିଲା। ଶୁକ୍ରବାର ମୁର୍ଶିଦାବାଦରେ ଲୋକେ ୧୨ ନମ୍ବର ଜାତୀୟ ରାଜପଥ ଅବରୋଧ କରିବା ସହ ଟାୟାର ଜାଳି ପ୍ରତିବାଦ କରିଛନ୍ତି।

ପଶ୍ଚିମବଙ୍ଗରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ରେ ନିର୍ବାଚନ କମିଶନ କରିଥିବା ପରିବର୍ତ୍ତନକୁ ନେଇ ମମତା ସମାଲୋଚନା କରିଛନ୍ତି। ଭୋଟର ତାଲିକା ସଂଶୋଧନକୁ ନେଇ ବିଚଳିତ ପ୍ରାୟ ୧୦୦ ଜଣ ଲୋକ ଜୀବନ ହରାଇଲେଣି ବୋଲି ସେ କହିଛନ୍ତି।

# ୨୦ରେ ଭାଜପାର ନୂଆ ଅଧ୍ୟକ୍ଷ

## ନୀତିନ୍ ନବୀନଙ୍କ ପ୍ରସ୍ତାବକ ହେବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୬।୧(ପି.ଟି.)

ଭାଜପା ଏହାର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପାଇଁ ଶୁକ୍ରବାର କାର୍ଯ୍ୟସୂଚୀ ପ୍ରକାଶ କରିଛି। ଏହି ପଦବୀ ପାଇଁ ଆସନ୍ତା ୧୯ରେ ନାମାଙ୍କନପତ୍ର ଦାଖଲ ହେବାକୁ ଥିବାବେଳେ ୨୦ରେ ନୂଆ ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯିବ। ଭାଜପାର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ନୀତିନ୍ ନବୀନ ନିର୍ଦ୍ୱନ୍ଦ୍ୱରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚିତ ହୋଇପାରନ୍ତି ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି।

ଭାଜପାର ରାଷ୍ଟ୍ରୀୟ ରିଟର୍ନିଂ ଅଫିସର କେ. ଲକ୍ଷ୍ମଣ ସାଂଗଠନିକ ନିର୍ବାଚନ କାର୍ଯ୍ୟସୂଚୀ ପ୍ରକାଶ କରିଛନ୍ତି। ତଦନୁଯାୟୀ, ଦଳ ଅଧ୍ୟକ୍ଷ ନିର୍ବାଚନ ନିମନ୍ତେ ଆସନ୍ତା ୧୯ ତାରିଖ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ନାମାଙ୍କନପତ୍ର ଦାଖଲ କରାଯିବ। ସେହିଦିନ ଅପରାହ୍ନ ୫ଟାରୁ ୬ଟା ମଧ୍ୟରେ କୌଣସି ପ୍ରାର୍ଥୀ ଚାହିଁଲେ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇପାରିବେ। ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ନାମାଙ୍କନପତ୍ରର ଯାଞ୍ଚ କରାଯିବ। ଆବଶ୍ୟକ ପଡ଼ିଲେ ୨୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହୋଇ



ନୀତିନ୍ ନବୀନ

ଆନୁଷ୍ଠାନିକ ଭାବେ ନୂଆ ଭାଜପା ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯିବ। ଜେ.ପି. ନଡ୍ଡାଙ୍କ ସ୍ଥାନରେ ନବୀନ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ହୋଇପାରନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନବୀନଙ୍କ ନାମାଙ୍କନପତ୍ର ଦାଖଲବେଳେ ତାଙ୍କ ପ୍ରସ୍ତାବକ ହେବେ ବୋଲି ସୂତ୍ରରୁ ଜଣାପଡ଼ିଛି। ୨୦୧୯ ଜୁନ୍‌ରେ ନଡ୍ଡା ପ୍ରଥମେ ଭାଜପାର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ନିଯୁକ୍ତ ହୋଇ ୨୦୨୦ ଜାନୁଆରୀ ୨୦ରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

# ଦିଲ୍ଲୀ-ଏନ୍‌ସିଆର୍‌ରେ ପୁଣି ଲାଗିଲା ଜିଆର୍‌ଏପି-୩

ନୂଆଦିଲ୍ଲୀ,୧୬।୧

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ପ୍ରଦୂଷଣ ପୁଣି ଉତ୍କଟ ସ୍ଥିତିରେ ପହଞ୍ଚିଥିବାରୁ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍‌ଏପି)ର ତୃତୀୟ ପର୍ଯ୍ୟାୟ କଟକଣା ଲଗାଇଛନ୍ତି। ଶୁକ୍ରବାର ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୫୦ ଅତିକ୍ରମ କରିଛି। ଜିଆର୍‌ଏପି-୩ରେ ଜରୁରୀ ନ ଥିବା ସମସ୍ତ ନିର୍ମାଣ ଏବଂ ଉଚ୍ଛେଦ କାର୍ଯ୍ୟ ନିଷିଦ୍ଧ ହେବ। ରେଡି-ମିକ୍ସ କଂକ୍ରିଟ୍ ପ୍ଲାଣ୍ଟ, ଷ୍ଟୋନ୍ କ୍ରଶର, ଇଟାଭାଟି, ଖଣି ଖନନ ଆଦି କାର୍ଯ୍ୟ ବନ୍ଦ ରହିବ। ସେହିପରି ଗାଡ଼ିମୋଟର ଚଳାଚଳ ଉପରେ ମଧ୍ୟ କଟକଣା ରହିବ। ବିଏସ୍-୩ ପେଟ୍ରୋଲ ଏବଂ ବିଏସ୍-୪ ଡିଜେଲ ଚାରି ଚକିଆ ଯାନ, ଅତ୍ୟାବଶ୍ୟକ ହୋଇ ନ ଥିବା ଡିଜେଲ ଚାଳିତ ମଧ୍ୟମ ମାଲବାହୀ ଗାଡ଼ି, ଆନ୍ତଃରାଜ୍ୟ ଡିଜେଲ ବସ୍ ଚଳାଚଳ ବନ୍ଦ ରହିବ।

# ଭାରତରେ ଦ୍ୱିତୀୟ ସର୍ବାଧିକ ମଧୁମେହ ଆକ୍ରାନ୍ତ



## ଚାଇନା ପ୍ରଥମ, ଆମେରିକା ୩ୟ

ନୂଆଦିଲ୍ଲୀ,୧୬।୧(ପି.ଟି.)

ଭାରତରେ ମଧୁମେହ ଆକ୍ରାନ୍ତଙ୍କ ସଂଖ୍ୟା ବିଶ୍ୱରେ ଦ୍ୱିତୀୟ। ୨୦୨୪ରେ ଦେଶରେ ୯ କୋଟି ବୟସ୍କ ବ୍ୟକ୍ତି ମଧୁମେହରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ୧୪.୮ କୋଟି ଆକ୍ରାନ୍ତଙ୍କ ସହ ଚାଇନା ମଧୁମେହରେ ପ୍ରଥମ ସ୍ଥାନରେ ଥିବାବେଳେ ୩.୯ କୋଟି ଆକ୍ରାନ୍ତଙ୍କ ସହ ଆମେରିକା ତୃତୀୟ ସ୍ଥାନରେ ରହିଥିବା ଦି ଲାନ୍‌ସେଟ୍ ଡାଇବେଟିସ୍ ଆଣ୍ଡ ଏଣ୍ଡୋକ୍ରିନୋଲୋଜି ପତ୍ରିକାରେ ପ୍ରକାଶିତ ଅଧ୍ୟୟନରୁ ଜଣାପଡ଼ିଛି।

ଚାଇନା, ଭାରତ, ଆମେରିକା, ପାକିସ୍ତାନ ଭଳି ଜନବହୁଳ ଦେଶରେ ଅଧିକ ଲୋକଙ୍କଠାରେ ମଧୁମେହ ଦେଖାଯାଉଥିବା ଗବେଷକମାନେ କହିଛନ୍ତି। ବେଲ୍‌ଜିୟମ୍‌ର ଇଣ୍ଟରନ୍ୟାଶନାଲ ଡାଇବେଟିସ୍ ଫେଡେରେଶନ, ଭାରତର ଡାଇବେଟିଶ୍ ରିସର୍ଚ୍ଚ ଫାଉଣ୍ଡେଶନ ଏବଂ ଚେନ୍ନାଇର ଡ. ଏ. ରାମଚନ୍ଦ୍ରନଙ୍କ ଡାଇବେଟିସ୍ ହସ୍ପିଟାଲ ପକ୍ଷରୁ ମିଳିତ ଭାବେ ଏହି ଅଧ୍ୟୟନ କରାଯାଇଛି। ୨୦୫୦ ବେଳକୁ ପାକିସ୍ତାନ ଆମେରିକାକୁ ଅତିକ୍ରମ କରିଯିବ ବୋଲି ସେମାନେ ଆକଳନ କରିଛନ୍ତି। ୨୦୦୫ରୁ ୨୦୨୪ ମଧ୍ୟରେ ୨୧୫ଟି ଦେଶ ଏବଂ ଅଞ୍ଚଳ ଉପରେ ୨୪୬ଟି ଅଧ୍ୟୟନ କରାଯାଇଥିଲା। ୨୦୨୪ରେ ବିଶ୍ୱର ବୟସ୍କ ଜନସଂଖ୍ୟାର ୧୧ ପ୍ରତିଶତରୁ ଊର୍ଦ୍ଧ୍ୱ ଅର୍ଥାତ୍ ୨୦ରୁ ୭୯ ବର୍ଷ ବୟସବର୍ଗର ୫୮.୯ କୋଟି ଲୋକ ଡାଇବେଟିସ୍‌ରେ ପୀଡ଼ିତ ଥିଲେ। ୨୦୫୦ ସୁଦ୍ଧା ଏହି ହାର ୧୩ ପ୍ରତିଶତ (୮୫.୩ କୋଟି)ରେ ପହଞ୍ଚିବ ବୋଲି ଅଧ୍ୟୟନରେ ଆକଳନ କରାଯାଇଛି। ଉକ୍ତ ବର୍ଷ ସାରା ବିଶ୍ୱରେ ପ୍ରତି ୯ ଜଣରେ ଜଣେ ବୟସ୍କ ବ୍ୟକ୍ତି ଡାଇବେଟିସ୍ ଆକ୍ରାନ୍ତ। ମୋଟ ଡାଇବେଟିସ୍ ଆକ୍ରାନ୍ତଙ୍କ ମଧ୍ୟରୁ ୮୦.୬୪ ପ୍ରତିଶତ ନିମ୍ନ ଏବଂ ମଧ୍ୟମ ଆୟକାରୀ ଦେଶରେ ରହିଛନ୍ତି।

# ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୭/୨୦୨୬ | Bhubaneswar, Saturday, January 17/2026 | ପୃଷ୍ଠା-୧



ଖାଦାନରୁ ମାଟି ଖୋଲୁଥିବାବେଳେ ପଥର ପଡ଼ି ୨ ଶ୍ରମିକ ମୃତ ୩

ଆଜିର ସମ୍ପାଦକୀୟ
ମନ୍ତ୍ରଣାଳୟ ସ୍ଥାନାନ୍ତର


# ମହାଯୁତି ଦଖଲରେ ବିଏମ୍‌ସି

- **ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନରେ ଠାକ୍‌ରେ ଭ୍ରାତାଙ୍କୁ ଝଟକା**
- **ପୁଣେରେ ହାରିଲେ ୨ ପାୱାର**

**ମୁମ୍ବାଇ,୧୬।୧**

ମହାରାଷ୍ଟ୍ର ମହାନଗର ନିଗମ ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ମହାଯୁତିକୁ ଶୁକ୍ରବାର ବଡ଼ ସଫଳତା ମିଳିଛି। ରାଜ୍ୟରେ ଗୁରୁବାର ଅନୁଷ୍ଠିତ ୨୯ ମହାନଗର ନିଗମ ମଧ୍ୟରୁ ବ୍ରିହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ସମେତ ପ୍ରାୟ ୨୫ଟିରେ ଶାସକ ମେଣ୍ଟର ପ୍ରାର୍ଥୀ ମେୟର ହେବାକୁ ଯାଉଛନ୍ତି। ଅନ୍ୟପକ୍ଷେ ଶିବସେନା ୟୁବିଟି ଏବଂ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍)ର ବିଏମ୍‌ସି ଦଖଲ ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି।

ବାର୍ଷିକ ୭୪,୪୦୦ କୋଟି ଟଙ୍କା ବଜେଟ ବିଶିଷ୍ଟ ଏସିଆର ସର୍ବବୃହତ୍ ମହାନଗର ନିଗମ ବିଏମ୍‌ସିର ନିର୍ବାଚନ ପ୍ରାୟ ୪ ବର୍ଷ ବିଳମ୍ବରେ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ହୋଇଥିବା ସମସ୍ତ ୨୨୭ ୱାର୍ଡର ଫଳାଫଳ ଆସିବାରେ ଲାଗିଛି। ସେଥିରୁ ଭାଜପା ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନା ମେଣ୍ଟ ୧୧୦ ୱାର୍ଡରେ ଆଗୁଆ ରହିଛି। ଭାଜପା ୮୪ ଓ ଶିବସେନା ପ୍ରାର୍ଥୀ ୨୬ ୱାର୍ଡରେ ବିଜୟ ଆଡ଼କୁ ଅଗ୍ରସର ହୋଇଛନ୍ତି। ବିଏମ୍‌ସି ଅନେକ ଦଶନ୍ଧି ଧରି ମିଳିତ ଶିବସେନା ଦଖଲରେ ରହିଆସିଥିବାବେଳେ ୨୦୧୭ ନିର୍ବାଚନରେ ମଧ୍ୟ ଦଳ ସଫଳତା ଦୋହରାଇଥିଲା। କିନ୍ତୁ ଏଥର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ୟୁବିଟି ଏବଂ ରାଜ୍ ଠାକ୍‌ରେଙ୍କ ଏମ୍‌ଏନ୍‌ଏସ୍ ୮୩ ୱାର୍ଡରେ ସୀମିତ ରହିଯାଇଛନ୍ତି। ଉଦ୍ଧବଙ୍କ ଶିବସେନା ୭୨ ୱାର୍ଡରେ ଆଗୁଆ ଥିବାବେଳେ ☞ପୃଷ୍ଠା-୨



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହ୍ୱାଇଟ୍ ହାଉସ୍‌ରେ ଭେନେଜୁଏଲାର ମାରିଆ କୋରିନା ମଚାଡୋ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରୁଛନ୍ତି।

# ଟ୍ରମ୍ପଙ୍କୁ ମାରିଆଙ୍କ ନୋବେଲ

**ୱାଶିଂଟନ,୧୬।୧**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶେଷରେ ନୋବେଲ ଶାନ୍ତି ପୁରସ୍କାର ଗ୍ରହଣ କରିଛନ୍ତି। ତେବେ ନୋବେଲ କମିଟିଠାରୁ ନୁହେଁ, ବରଂ ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମଚାଡୋ ୨୦୨୫ରେ ଯେଉଁ ନୋବେଲ ପୁରସ୍କାର ପାଇଥିଲେ, ତାହାକୁ ସେ ଟ୍ରମ୍ପଙ୍କୁ ପ୍ରଦାନ କରିଛନ୍ତି। ପାରସ୍ପରିକ ସମ୍ମାନର ଏହା ଏକ ବିସ୍ମୟକର ଭାବ ବୋଲି ଟ୍ରମ୍ପ କହିଛନ୍ତି। ନୋବେଲ ଶାନ୍ତି ପୁରସ୍କାରକୁ ଟ୍ରମ୍ପଙ୍କୁ ଅର୍ପଣ କରିବେ ବୋଲି ମାରିଆ ପୂର୍ବରୁ କହିଥିଲେ। ଏହି ପୁରସ୍କାର ହସ୍ତାନ୍ତରଯୋଗ୍ୟ ନୁହେଁ ବୋଲି ନୋବେଲ କମିଟି କହିଥିବାବେଳେ ଗୁରୁବାର ମାରିଆ ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭେଟି ଉକ୍ତ ପୁରସ୍କାର ପ୍ରଦାନ କରିଛନ୍ତି।

ଭେନେଜୁଏଲା ଉପରେ ଆମେରିକା ସାମରିକ ଅଭିଯାନ ଆରମ୍ଭ କରି ଏହାର ନେତା ନିକୋଲାସ୍ ମାଦୁରୋଙ୍କୁ ଗିରଫ କରିନେଇଥଲା। ମାଦୁରୋଙ୍କୁ କ୍ଷମତାଚ୍ୟୁତ କରିବା ପରେ ଉପରାଷ୍ଟ୍ରପତି ଥିବା ଡେଲ୍‌ସି ରୋଡ୍ରିଗୁଏଜ୍ ଏବେ ଅନ୍ତରୀଣ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରୁଛନ୍ତି। ଟ୍ରମ୍ପଙ୍କ ସମର୍ଥନ ହାସଲ କରିବାକୁ ମାରିଆ ଏଭଳି ଏକ ଚାଲ୍ ଚଳାଇଥିବା କୁହାଯାଉଛି। ଭେନେଜୁଏଲା ସରକାରଙ୍କୁ ଚ୍ୟାଲେଞ୍ଜ କରିବାକୁ ମାରିଆ ଚାହୁଁଥିବାବେଳେ ☞ପୃଷ୍ଠା-୨


SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN ELECTRONICS DESIGN
- Electrical and Electronics Engineering
- Electronics and Communication Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in





# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ସ୍ୱନକ୍ଷେତ୍ର ଦିବସ, ସ୍ଥାନ: ସୂଚନା ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ଓୟୁଟିଆର୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଓୟୁଟିଆର୍ କ୍ୟାମ୍ପସ, ସମୟ: ମଧ୍ୟାହ୍ନ ୧୨ଟା ୪୫।
- ରାଜାରାଣୀ ସଙ୍ଗୀତ ଉତ୍ସବ, ସ୍ଥାନ: ରାଜାରାଣୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## କଟକ
- ଭାରତ ସମାଜ କଲ୍ୟାଣ ସେବା ଓ ଗବେଷଣା ସମିତି ପକ୍ଷରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପନ ଦିବସ, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ଅଷ୍ଟମ ଦିବସ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ମଣ୍ଡଳସ୍ତରୀୟ ଜିଲାପାଳଙ୍କ ସମ୍ମିଳନୀରେ ଆଗାମୀ ପଞ୍ଚାୟତ ଓ ସ୍ୱାୟତ୍ତ ଶାସନ ନିର୍ବାଚନ ସମ୍ପର୍କରେ ରାଜ୍ୟ ନିର୍ବାଚନ ଆୟୁକ୍ତ ଆଲୋଚନା, ସ୍ଥାନ: ରାଜସ୍ୱ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୧ଟା।
- ଶୈଳବାଳା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୭ତମ ସାଂସ୍କୃତିକ ଓ ସାରସ୍ୱତ ଉତ୍ସବ ଉଦ୍‌ଯାପନ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ସିଂହନାଥଙ୍କ ପ୍ରସିଦ୍ଧ ମକର ମେଳା ଉଦ୍‌ଯାପନ, ସ୍ଥାନ: ସିଂହନାଥଙ୍କ ମନ୍ଦିର ପରିସର ଓ ପାର୍ଶ୍ୱ ଅଞ୍ଚଳ, ବଡ଼ମ୍ବା, ସମୟ: ଅପରାହ୍ନ ୫ଟା।
- ୯ ଦିନିଆ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଶୁଭାରମ୍ଭ, ସ୍ଥାନ: ରମାକାନ୍ତ ତ୍ରିପାଠୀ ଭବନ, ବଡ଼ମ୍ବା କଲେଜ ନିକଟ, ସମୟ: ପ୍ରତ୍ୟହ ସନ୍ଧ୍ୟା ୬ଟା।
- ଶିକ୍ଷାବିତ୍ ବିଷ୍ଣୁଚରଣ ଜେନାଙ୍କ ୯ମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ରାମକୃଷ୍ଣ କୁଟୀର ସଭାଗୃହ, ବଙ୍ଗାଳିସାହି, ସମୟ: ସନ୍ଧ୍ୟା ୬ଟା।
- ପୂର୍ବତନ ପ୍ରଧାନମନ୍ତ୍ରୀ କବି ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ କବିତା ଆସର, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜ ଛକ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ଷଷ୍ଠ ବାର୍ଷିକୀ ଗୀତାଜ୍ଞାନ ଯଜ୍ଞ, ସ୍ଥାନ: ତଣ୍ଡାଳ, ବେଗୁନିଆ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ମା' ବଗଳାମୁଖୀଙ୍କ ଜନ୍ମୋତ୍ସବ ଓ ଶକ୍ତି ପୀଠର ବାର୍ଷିକୋତ୍ସବ, ସ୍ଥାନ: ପୀତାମ୍ବରା ସିଦ୍ଧ ମହାଶକ୍ତି ପୀଠ, କୁରୁଡ଼ା, ବାଲେଶ୍ୱର, ସମୟ: ସକାଳ ୮ଟା।
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ସକାଳ ୮ଟା।
- ୩୫ତମ ଆନ୍ତଃଜିଲା କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଉଦ୍‌ଯାପନୀ, ସ୍ଥାନ: ନିମପାଳ ପଡ଼ିଆ, ନରସିଂହପୁର, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଅର୍ଜୁନପୁର, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଖଇରା ବ୍ଲକ କଂଗ୍ରେସ କମିଟିର ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ କଲ୍ୟାଣ ମଣ୍ଡପ, ଇଟାମୁଣ୍ଡି, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ନନ୍ଦୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ନନ୍ଦୁର ମୁନୀ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ୨ୟ ଦିବସ, ସ୍ଥାନ: ବାଗୁରାଇସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ, ସ୍ଥାନ: ଆଡ଼ିଆସ୍ଥିତ ଓଡ଼ିଶା ବ୍ରିଗେଡ୍ ସ୍କୁଲ, ବନ୍ତ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- ସିନ୍ଦୂର ଗୌରୀ ଯୁବକ ସଂଘ ପକ୍ଷରୁ ମକର ମହୋତ୍ସବ ଓ ଟୁସୁ ପ୍ରତିଯୋଗିତା, ସ୍ଥାନ: ଆସନବାହାଳି ସିନ୍ଦୁର ଗୌରୀ ପୀଠ,ପାଟଣା,ସମୟ:ଅପରାହ୍ନ ୨ଟା।

## ମୟୂରଭଞ୍ଜ
- ମଳୟ ମହାନ୍ତଙ୍କ ସ୍ମୃତିରେ ରକ୍ତଦାନ ଶିବିର, ସ୍ଥାନ:ଷ୍ଟାଡିୟମ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର,ସ୍ଥାନ:ପାଲବଣୀ ସ୍ଥିତ ବାରିପଦା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ନୃସିଂହ ଜୀଉଙ୍କ ପୀଠରେ ବାର୍ଷିକ ଯଜ୍ଞ,ସ୍ଥାନ:କୁଆମରା ନୃସିଂହ ଜୀଉ ମନ୍ଦିର ପରିସର,ସମୟ:ପୂର୍ବାହ୍ନ ୧୦ଟା।
- ତ୍ରିରଙ୍ଗା କ୍ଲବ୍ ପକ୍ଷରୁ ମକର ମେଳା ଓ ବାର୍ଷିକ କ୍ରୀଡ଼ା, ସ୍ଥାନ:ପୂର୍ଣ୍ଣଚନ୍ଦ୍ରପୁର ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମକର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ସିଂହଟିଆ ଶିବ ମନ୍ଦିର ପ୍ରାଙ୍ଗଣ, ବଡ଼ସାହି,ସମୟ: ଅପରାହ୍ନ ୫ଟା।
- ମା'ଶୀତଳା ଦେବୀଙ୍କ ବାର୍ଷିକ ଝାମୁଯାତ୍ରା ଉତ୍ସବର ଅଧିବାସ,ସ୍ଥାନ:ଡାକୋଇ କଲାରାଫୁଲିଆ, ମୋରଡ଼ା,ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର
- କଂଗ୍ରେସ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ବାପୁଜୀ ଆଶ୍ରମ,ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ବାଲିଗୁଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଗଟାଙ୍ଗି, ବାଲିଗୁଡ଼ା, ସମୟ : ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ଶାସ୍ତ୍ରୀୟ ସଙ୍ଗୀତ ମହୋତ୍ସବ କମଲ ରଙ୍ଗ୍-୬୦ ଉଦ୍‌ଘାଟନ, ସ୍ଥାନ: ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍, ସମୟ: ସକାଳ ୯ଟା ୩୦।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ପକ୍ଷରୁ ଆନ୍ତଃବିଦ୍ୟାଳୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ସାର୍ବଜନୀନ ଗଙ୍ଗା ପୂଜା, ମକର ମେଳା ଓ କ୍ରିକେଟ ଟୁର୍ନାମେଂଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତୀ, ମହାକାଳପଡ଼ା, ସମୟ: ସକାଳ ୯ଟା।
- ପଟ୍ଟାମୁଣ୍ଡାଇ ଟେନିସ କ୍ରିକେଟ ଆସୋସିଏଶନ ପକ୍ଷରୁ ପଟ୍ଟାମୁଣ୍ଡାଇ ପ୍ରିମିୟର ଲିଗ, ସ୍ଥାନ: ଏମ୍‌ଏନ୍ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ପଲ୍ଲିଶ୍ରୀ ମେଳା ଓ ଜିଲା ମହୋତ୍ସବ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ମକର ମହୋତ୍ସବ, ସ୍ଥାନ: ବିଲେଇସୁଣୀ ମକର ପଡିଆ, ପଳସୁଧା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ସନ୍ତୋଷୀ ମା' ମନ୍ଦିରର ତ୍ରୟଦଶ ବାର୍ଷିକ ପୂଜୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବ୍ୟାସନଗର କୋପଣ୍ଡ ବୀଣାପାଣିସାହି, ସମୟ: ସକାଳ ୮ଟା।

## ନୟାଗଡ଼
- ଶ୍ରୀରାମ ଚରିତ ମାନସ ପାରାୟଣର ଅଷ୍ଟମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଖଳିସାହି ଟୋଟା ହନୁମାନ ପୀଠ, ସମୟ: ସକାଳ ୭ଟା।
- ଶ୍ରୀରାମ ଚରିତ ମାନସ ପାରାୟଣର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବାଣପୁର ପଞ୍ଚାୟତର ଚୈତନ୍ୟପୁର, ସମୟ: ସକାଳ ୭ଟା।
- ମକର ମେଳାର ୪ର୍ଥ ଦିବସ, ସ୍ଥାନ: ଗୋଡିପଡ଼ା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମନ୍ଦିର, ସମୟ: ସକାଳ ୮ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସ ମ୍ୟାଚ, ବାହାଡା ବନାମ ଦେବନାସି କ୍ରିକେଟ କ୍ଲବ ପାଟଣା, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ମ୍ୟାଚର ଅଷ୍ଟମ ଦିବସ ମ୍ୟାଚ, ଢ଼ୋଲମରା ସହ ଦଶପଲ୍ଲା ଓ ଗୁଣ୍ଡୁଣି ସହ ଶରଧାପୁର, ସ୍ଥାନ: ଖଣ୍ଡପଡା ବ୍ଲକର କୁମ୍ଭାରପଡା କୁଆଁରିଆ ପଡିଆ , ସମୟ: ମଧ୍ୟାହ୍ନ ୧୨ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରୀକେଟର ୮ମ ଦିବସର ମ୍ୟାଚରେ ନରସିଂହପୁର ଜାନିସାହି ବନାମ ଶାଳଝରିଆ କ୍ରିକେଟ କ୍ଲବ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ ବଡବାଣପୁର ରାମଚଣ୍ଡି ସାହି, ସମୟ: ଅପରାହ୍ନ ୧ଟା।
- ଦଶପଲ୍ଲା କପ ଫୁଟ୍‌ବଲ ଟୁର୍ନାମେଣ୍ଟର ଏକାଦଶ ଦିବସର ମ୍ୟାଚ କାଶ୍ମୀର ଓ କେରଳ, ସ୍ଥାନ:ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ: ଅପରାହ୍ନ ୩ଟା।
- ସୁଭଦ୍ରା ଶକ୍ତି ମେଳାର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟାରୁ ରାତ୍ର ସାଢ଼େ ୯ଟା ।

## ରାୟଗଡ଼ା
- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ଶତାୟୁ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ସକାଳ ୮ଟା ।

## ନବରଙ୍ଗପୁର
- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ତେନ୍ତୁଳିଖୁଣ୍ଟିସ୍ଥିତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ମାତରମ୍ ସଙ୍ଗୀତର ୧୫୦ତମ ପୂର୍ତ୍ତି ଉପଲକ୍ଷେ ପ୍ରତିଯୋଗିତା, ସ୍ଥାନ: ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ସେମିଳିଗୁଡ଼ା ମହାବିଦ୍ୟାଳୟ ପକ୍ଷରୁ ଯୁବ ମହୋତ୍ସବ ଅରା -୨୦୨୬ ଉଦଘାଟନୀ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା।
- ସୁନାବେଡ଼ା ମହିଳା ହାୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ଏନ୍‌ଏସ୍‌ଏସ୍ କ୍ୟାମ୍ପର ଦ୍ୱିତୀୟ ଦିନ କାର୍ଯ୍ୟକ୍ରମ, ସ୍ଥାନ: ମାଲିଗୁଡ଼ା, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ଏମ୍‌ପିଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ: ନନ୍ଦପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉନ୍ନତମାନ ଅଦା ଚାଷ, ବଜାରିକରଣ ନିମନ୍ତେ ପ୍ରଶିକ୍ଷଣ ଶିବିର, ସ୍ଥାନ: ନନ୍ଦପୁର ବ୍ଲକ ଖୁର୍ଜୀ ପଞ୍ଚାୟତର ବୁରୁଡିପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନି ଦିବସ, ସ୍ଥାନ: ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।
- ଦିଲ୍ଲୀ ପବ୍ଲିକ ସେକେଣ୍ଡାରୀ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସେମିଳିଗୁଡ଼ା ବ୍ଲକ ଯାନୀଗୁଡ଼ାସ୍ଥିତ ସ୍କୁଲ ପରିସର, ସମୟ: ଅପରାହ୍ନ ୪ ଟା।

## ମାଲକାନଗିରି
- କୃଷି ଯନ୍ତ୍ରପାତି ମେଳା ଆରମ୍ଭ, ସ୍ଥାନ: ଆଦିବାସୀ ପଡିଆ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ବୀର ସୁରେନ୍ଦ୍ର ସାଏ ଜୟନ୍ତି ଉପଲକ୍ଷେ ବିବିଧ ପ୍ରତିଯୋଗିତା, ସ୍ଥାନ: ଓଡିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ଧନୁଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ: ଗଙ୍ଗାଧର ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା।
- ବିବିଧ ପ୍ରତିଯୋଗିତା ସକାଶେ ଚଷା ସମାଜର ପ୍ରସ୍ତୁତି ବୈଠକ , ସ୍ଥାନ: ନାରୀ ସେବା ସଦନ କସମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା ୩୦।

## ବଲାଙ୍ଗୀର
- ଓଡ଼ିଶା ରାଜ୍ୟ ଲନ୍‌ବଲ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୮ଟା।
- ଟିଟିଲାଗଡ଼ଠାରେ ଉପଖଣ୍ଡସ୍ତରୀୟ ଲୋକ ଉତ୍ସବ, ସ୍ଥାନ: ହାଇସ୍କୁଲ ଖେଳପଡିଆ, ସମୟ, ସକାଳ ୯ଟା ୩୦।
- ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ରାଜନୀତି ବିଭାଗ ଏବଂ ଗବେଷଣାଚକ୍ର, ଓଡ଼ିଶା ପକ୍ଷରୁ ଆୟୋଜିତ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀର ଉଦ୍‌ଘାଟନୀ, ସ୍ଥାନ: ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଲୋଇସିଂହା ବ୍ଲକ୍ ଯୋଗୀସର୍ଡା ପିଏମ୍‌ଶ୍ରୀ ହରିହର ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ ବିଦ୍ୟାଳୟ ପରିସର,ଯୋଗୀସର୍ଡା, ସମୟ: ଅପରାହ୍ନ ୩ଟା ୩୦।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଏକା ଥିଲି ଘରେ ଗେହ୍ଲାର ଘୁଙ୍ଗୁର**
**ସଉତୁଣୀ କଲା ଆସି ଦାଣ୍ଡର କୁକୁର ।**

ଦାମ୍ପତ୍ୟ ଜୀବନରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଓ ଭଲ ପାଇବା ଭରି ରହିଥାଏ। ଏଭଳି ସ୍ଥିତିରେ ସ୍ୱାମୀଟି ଦ୍ୱିତୀୟ ବିବାହ କଲେ ବା ସଉତୁଣୀ ଆସିଲେ ସେ ଘରେ କଳହର ବାତାବରଣ ସୃଷ୍ଟି ହୁଏ। ତେଣୁ ସଉତୁଣୀ ହିଁ ଦାମ୍ପତ୍ୟ ଜୀବନରେ ଚରମ ଅଶାନ୍ତିର କାରଣ ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଏବେ କୁ ଏ**
**ପାଣି ପାଇଲେ ହେବୁ ତୁ କେଡେ?**

ପିଲାଟି ଦିନରୁ ଏତେ ଭଲ ଗୁଣର ଅଧିକାରୀ। ବଡ଼ ହେଲେ ବୁଦ୍ଧି ପଶିଗଲେ ଆଉ କେତେ ଭଲ ଗୁଣର ଅଧିକାରୀ ନ ହେବ ବୋଲି କଳ୍ପନା। ଅନ୍ୟ ଅର୍ଥରେ କେତେଜଣ ଯୁବକ ବିବାହ କରିବା ପରେ ଘରର ଆଭିମୁଖ୍ୟଠାରୁ ଦୂରେଇ ଯାଉଥିବାର ଦେଖିବାକୁ ମିଳିଥାଏ। କମ୍ ବୟସରେ ଯିଏ ଉତୁବାର୍ଯ୍ୟ ହେଉଛି, ବାହାପାଣି ପଡ଼ିଲେ ସେ କ'ଣ ନ ହେବ ଏ ନେଇ ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବୋମା ଚୋବାଇଥିବା ହାତୀର ମୃତ୍ୟୁ | ବନ ବିଭାଗର ଅବହେଳା ଅଭିଯୋଗ

ବନ୍ତଳା,୧୬।୧(ସୁଶିତ ସାହୁ)

ବନ୍ୟପ୍ରାଣୀ ଶିକାର ଉଦ୍ଦେଶ୍ୟରେ ଜଙ୍ଗଲରେ ଶିକାରୀ ରଖିଥିବା ବୋମାକୁ ଚୋବାଇ ଗୁରୁତର ହୋଇଥିବା ୬ ବର୍ଷୀୟ ଅଣ୍ଡିରା ହାତୀର ଗୁରୁବାର ରାତିରେ ମୃତ୍ୟୁ ହୋଇଯାଇଛି। ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜ ବାଲୁଅକଟା ଗାଁ ପଥରଗଡ଼ ସାହି ନିକଟରେ ବନ ବିଭାଗ ଦ୍ୱାରା ଚିକିତ୍ସା ପରେ ଉକ୍ତ ହାତୀକୁ ଅଧିକ ଚିକିତ୍ସା ପାଇଁ ଢେଙ୍କାନାଳ ଜିଲା କପିଳାସସ୍ଥିତ ହାତୀ ଉଦ୍ଧାର କେନ୍ଦ୍ରକୁ ପଠାଯାଇଥିଲା। ହେଲେ ସେଠାରେ ପହଞ୍ଚିବା ପୂର୍ବରୁ ହାତୀଟିର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ତାଳଚେର ବନାଞ୍ଚଳରୁ ଚାଲିଆସିଥିବା ଉକ୍ତ ଅସୁସ୍ଥ ହାତୀକୁ ବନ୍ତଳା ବନାଞ୍ଚଳ ପଥରଗଡ଼ ସାହି ନିକଟରେ ବୁଧବାର ଠାବ କରାଯାଇଥିଲା। ଗୁରୁବାର ସକାଳୁ ଅନୁଗୋଳ ବନଖଣ୍ଡ ପ୍ରାଣୀଧନ ଚିକିତ୍ସକ, ସାତକୋଶିଆ ପ୍ରାଣୀଧନ ଚିକିତ୍ସକ ଓ କପିଳାସ ପ୍ରାଣୀଧନ ଚିକିତ୍ସକ ପହଞ୍ଚି ଅସୁସ୍ଥ ହାତୀର ଚିକିତ୍ସା ଆରମ୍ଭ କରିଥିଲେ। ପରେ ସେଠାରୁ ହାତୀଟିକୁ କପିଳାସ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ପହଞ୍ଚିବା ପୂର୍ବରୁ ହାତୀଟିର ମୃତ୍ୟୁ ହୋଇଥିବା ବନ୍ତଳା ରେଞ୍ଜର ପ୍ରସନ୍ନ କୁମାର ସାହୁ କହିଛନ୍ତି। ତେବେ ହାତୀ ମୃତ୍ୟୁ ନେଇ ଜିଲାର ବୁଦ୍ଧୀଜୀବୀ, ବନ୍ୟପ୍ରାଣୀ ପ୍ରେମୀମାନେ ଚିନ୍ତା ପ୍ରକଟ କରିବା ସହ ଏଥିପାଇଁ ବନ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ହାତୀଟି ବିସ୍ଫୋରକ ଦ୍ରବ୍ୟ ଖାଇ ଗୁରୁତର ଅବସ୍ଥାରେ କିଛିଦିନ ହେବ ଘୂରି ବୁଲୁଥିବା ବେଳେ ବନବିଭାଗ କିପରି ଏକଥା ପୂର୍ବରୁ ଜାଣି ପାରିଲାନି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅନୁଗୋଳ ବନଖଣ୍ଡରେ ବନ୍ୟପ୍ରାଣୀ ଶିକାର ପାଇଁ ବିସ୍ଫୋରକ ଦ୍ରବ୍ୟ, ବେଆଇନ ବିଦ୍ୟୁତ୍ ହୁକିଂ ଦ୍ୱାରା ଶିକାର କରୁଥିବା ଶିକାରୀଙ୍କ ପ୍ରାଦୁର୍ଭାବ ବଢି ଚାଲିଥିଲାବେଳେ କାର୍ଯ୍ୟାନୁଷ୍ଠାନ ଦିଗରେ ବନବିଭାଗ ନିଷ୍କ୍ରିୟ ଥିବା ସେମାନେ ଅଭିଯୋଗ କରିଛନ୍ତି। ବନ୍ୟପ୍ରାଣୀ ଶିକାର ପାଇଁ ବିସ୍ଫୋରକ ଦ୍ରବ୍ୟ ବ୍ୟବହାର କରୁଥିବା ଶିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଏଫ୍‌ଓ ନୀତିଶ କୁମାର ପ୍ରକାଶ କରିଛନ୍ତି।

# ପ୍ରଥମ ପୃଷ୍ଠାରୁ...

## ବିଦା ହେବେ...

ନିର୍ଦ୍ଦେଶନାମା ଜାରି କରାଯାଇଥିବା କୁହାଯାଉଛି। ତେବେ ଗତ ୧୩ ତାରିଖ ମଙ୍ଗଳବାରଠାରୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଜାରି କରିଥିଲେ ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଏ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ସେହିପରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡି ଚରଣ ରଥ କହିଛନ୍ତି, ନନ୍ ପରଫର୍ମିଂ ଅଧ୍ୟାପକଙ୍କ ଯାଞ୍ଚ ନେଇ କୌଣସି ଚିଠି ମୁଁ ପାଇନାହିଁ। ୧୪ ତାରିଖ ସରକାରୀ ଛୁଟି ରହିଥିବା ବେଳେ ୧୫ ଓ ୧୬ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଏ ସମ୍ପର୍କରେ ଜାଣିପାରିନାହିଁ। ତେବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରିନ୍ସିପାଲ ଝୁମ୍‌କୀ ରଥ କହିଛନ୍ତି, ବିଭାଗ ପକ୍ଷରୁ ଜାରି ଗାଇଡ୍‌ଲାଇନ୍ ଅନୁସାରେ ଯାଞ୍ଚ କରାଯିବ। ମହାବିଦ୍ୟାଳୟଗୁଡ଼ିକରେ ପ୍ରତିବର୍ଷ ଗୁପ୍ତ ଚରିତ୍ର ପଞ୍ଜିକା (ସିସିଆର୍) ରିପୋର୍ଟ ଦାଖଲ କରାଯାଏ। ଅଧ୍ୟାପିକାଅଧ୍ୟାପକଙ୍କ ନାମରେ ଅଭିଯୋଗ ଥିଲେ ସୁଧାରିବାକୁ ପରାମର୍ଶ ଦିଆଯାଏ। ସେମାନଙ୍କ ପାଠପଢ଼ାଠାରୁ ଆରମ୍ଭକରି କାର୍ଯ୍ୟକଳାପ ମଧ୍ୟ ଲକ୍ଷ୍ୟ କରାଯାଏ। ହେଲେ ବାରମ୍ବାର ଶିକ୍ଷାନୁଷ୍ଠାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବା ଅଧ୍ୟାପିକାଅଧ୍ୟାପକ ଯଦି ନିଜକୁ ସୁଧାରିବାକୁ ଚେଷ୍ଟା ନ କରନ୍ତି, ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ସେ କହିଛନ୍ତି। ସେହିପରି ଶିକ୍ଷାବିତ୍ ମାନସ ବେହେରା କହିଛନ୍ତି, ସରକାରଙ୍କ ଏହି ନିର୍ଦ୍ଦେଶନାମା ଜରିଆରେ ଉଚ୍ଚଶିକ୍ଷାରେ କାର୍ଯ୍ୟରତ ଅଧ୍ୟାପକଙ୍କ ମୂଲ୍ୟାଙ୍କନ କରାଯିବ। ଅଧ୍ୟାପକଙ୍କୁ ମାପିବା ପାଇଁ ସ୍ୱତନ୍ତ୍ର ମାନଦଣ୍ଡ ରହିବା ଦରକାର। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ଦାୟିତ୍ୱରେ ଥିବା ଅଧିକାରୀ ସମସ୍ତ ଅଧ୍ୟାପକଙ୍କ ଚରିତ୍ର ପଞ୍ଜିକା ଠିକ୍ ଭାବେ ଦେଉନାହାନ୍ତି। ବ୍ୟକ୍ତିଗତ ଏବଂ ବିଭିନ୍ନ ମନୋଭାବକୁ ନେଇ କର୍ତ୍ତୃପକ୍ଷ ସିସିଆର୍ ରିପୋର୍ଟ ଦେଇଥାଆନ୍ତି। ଶୈକ୍ଷିକ ପ୍ରକ୍ରିୟାରେ ବିଜ୍ଞାନଭିତ୍ତିକ ମାନଦଣ୍ଡ ତିଆରି କରାଯାଇ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବା ସହ ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ବେହେରା କହିଛନ୍ତି।

## ମହାଯୁତି ଦଖଲରେ ...

ଏମ୍‌ଏନ୍‌ଏସ୍ ୧୧ ୱାର୍ଡ ଦଖଲ କରିପାରେ। ସାରା ରାଜ୍ୟର ୨୯ ମହାନଗର ନିଗମ ନିର୍ବାଚନକୁ ଦେଖିଲେ ମୋଟାମୋଟି ଭାବେ ଫଳାଫଳ ଭାଜପା ସପକ୍ଷରେ ଯାଇଛି। ୧୩୯୦ ୱାର୍ଡରେ ଭାଜପା ଆଗୁଆ ଥିବାବେଳେ ସହଯୋଗୀ ଶିବସେନା ୩୬୪ ୱାର୍ଡରେ ବିଜୟ ଆଡ଼କୁ ଅଗ୍ରସର ହେଉଛି। କଂଗ୍ରେସ ୩୦୭ ଆସନ ସହ ତୃତୀୟ ସ୍ଥାନରେ ରହିପାରେ। ଚତୁର୍ଥରେ ଥିବା ଶିବସେନା ୟୁବିଟିକୁ ୧୬୬ ଆସନ ମିଳିପାରେ। ସେହିପରି ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ପ୍ରାର୍ଥୀମାନେ ୧୫୧ ଆସନରେ ଜିତିବା ସମ୍ଭାବନା ରହିଛି। ମୁମ୍ବାଇ ସହ ପୁଣେ ମହାନଗର ନିଗମ ନିର୍ବାଚନ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଥିଲା। ଏହି ହାଇପ୍ରୋଫାଇଲ ମହାନଗର ନିଗମକୁ ଦଖଲ କରିବା ପାଇଁ ଏନ୍‌ସିପିର ଦୁଇଗୋଷ୍ଠୀ ଅଜିତ୍ ଓ ତାଙ୍କ ଦାଦା ଶରଦ ପାୱାର ଏକାଠି ହୋଇଥିଲେ। ତେବେ ଏଠାରେ ଭାଜପା ୧୧୧ ଆସନରେ ଆଗୁଆ ରହିଛି। ଏନ୍‌ସିପି ୧୫ ଏବଂ ଏନ୍‌ସିପି-ଏସ୍‌ପି ୨ ଆସନ ଦଖଲ କରିପାରନ୍ତି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଏହି ବିଜୟକୁ ନେଇ ଉଲ୍ଲସିତ ଭାଜପା କର୍ମୀମାନଙ୍କୁ ସାଉଥ୍ ମୁମ୍ବାଇସ୍ଥିତ ଦଳୀୟ କାର୍ଯ୍ୟାଳୟରେ ସମ୍ବୋଧିତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଭାଜପା ଓ ସହଯୋଗୀଙ୍କୁ ବିଜୟୀ କରାଇଥିବା ମହାରାଷ୍ଟ୍ର ମତଦାତାଙ୍କୁ ଧନ୍ୟବାଦ ଦେଇଛନ୍ତି। ପ୍ରକାଶ ଯେ, ଗୁରୁବାର ୨୯ ମହାନଗର ନିଗମର ୮୯୩ ୱାର୍ଡର ୨,୮୬୯ କର୍ପୋରେଟର ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମୁମ୍ବାଇ ସହ ଛତ୍ରପତି ସମ୍ଭାଜୀନଗର, ନବୀ ମୁମ୍ବାଇ, ଭସାଇ-ଭିରାର, କଲ୍ୟାଣ-ଦୋମ୍ବିଭ୍ଲି, କୋହ୍ଲାପୁର, ନାଗପୁର, ସୋଲାପୁର, ଅମରାବତୀ, ଅକୋଲା, ନାଶିକ, ପିମ୍ପରି-ଚିଞ୍ଚୱାଡ୍, ପୁଣେ, ଉହ୍ଲାସନଗର, ଠାଣେ, ଚନ୍ଦ୍ରପୁର, ପରଭାନି, ମୀରା-ଭୟଣ୍ଡର, ନାନ୍ଦେଡ-ୱାଘଲା, ପନ୍‌ଭେଲ, ଭିୱଣ୍ଡି-ନିଜାମପୁର, ଲାତୁର, ମାଲେଗାଓଁ, ସାଙ୍ଗ୍ ଲି-ମିରାଜ-କୁପୱାଡ୍, ଜଲଗାଓଁ, ଅହିଲ୍ୟାନଗର, ଧୁଲେ, ଜଲ୍‌ନା ଓ ଇଚାଲକରଞ୍ଜି ମହାନଗର ନିଗମ ପାଇଁ ମଧ୍ୟ ଭୋଟ ଗ୍ରହଣ କରାଯାଇଥିଲା। ୫୨.୯୪% ମତଦାନ ସହ ମଇଦାନରେ ଥିବା ୧୫,୯୩୧ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ସିଲ୍ ହୋଇଥିଲା।

## ଟ୍ରମ୍ପଙ୍କୁ ମାରିଆଙ୍କ...

ସମର୍ଥନ କରିବାକୁ ଟ୍ରମ୍ପ ନିକଟରେ ମନା କରିଥିଲେ। ପୁରସ୍କାର ଗ୍ରହଣ କରିବା ପରେ ଟ୍ରମ୍ପ ମାରିଆଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ମୋର କାର୍ଯ୍ୟ ପାଇଁ ସେ ମୋତେ ତାଙ୍କ ନୋବେଲ ପୁରସ୍କାର ପ୍ରଦାନ କରିବା ଏକ ବିସ୍ମୟକର ଭାବ ବୋଲି ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି। ଟ୍ରମ୍ପଙ୍କ ଓଭାଲ ଅଫିସ୍‌ରେ ଟ୍ରମ୍ପଙ୍କୁ ମାରିଆ ନୋବେଲ ପୁରସ୍କାର ପ୍ରଦାନ କରୁଥିବାର ଫଟୋ ସୋସିଆଲ ମିଡିଆରେ ପ୍ରକାଶ ପାଇଛି। ଏଥିରେ କ୍ୟାପ୍‌ଶନ ଲେଖାଅଛି '୨୦୨୫ ନୋବେଲ ଶାନ୍ତି ପୁରସ୍କାର ମେଡାଲ ମାରିଆ କୋରିନା ମଚାଡୋଙ୍କୁ ଦିଆଯାଇଥିଲା'। ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଟ୍ରମ୍ପଙ୍କର ଦୀର୍ଘଦିନରୁ ଅଭିଳାଷ ରହିଥିଲା। ୨୦୨୫ରେ ପୁରସ୍କାର ଘୋଷଣା ହେବା ପୂର୍ବରୁ ଏହି ପୁରସ୍କାର ପାଇବାକୁ ସେ ହକ୍‌ଦାର ବୋଲି ଟ୍ରମ୍ପ ଅନେକ ଥର ଦୋହରାଇଥିଲେ। ତାଙ୍କୁ ଏହି ପୁରସ୍କାର ନ ମିଳିଲେ, ଆମେରିକା ପ୍ରତି ବଡ଼ ଅପମାନ ହେବ ବୋଲି ସେ କହିଥିଲେ। ଗତବର୍ଷ ସେପ୍ଟେମ୍ବରରେ ଜାତିସଂଘ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଟ୍ରମ୍ପ କହିଥିଲେ, ସେ ନୋବେଲ ଶାନ୍ତି ପୁରସ୍କାର ପାଇବା ଉଚିତ ବୋଲି ପ୍ରତ୍ୟେକ କହୁଛନ୍ତି। ଭାରତ-ପାକିସ୍ତାନ ସଂଘର୍ଷକୁ ରୋକିବା ସହ ୭ଟି ଯୁଦ୍ଧ ବନ୍ଦ କରିଥିବା ଟ୍ରମ୍ପ ଦାବି କରିଆସୁଛନ୍ତି। ଅନ୍ୟ କୌଣସି ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀ ଏଭଳି କାର୍ଯ୍ୟ କରିନାହାନ୍ତି ବୋଲି ଟ୍ରମ୍ପ କହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଗଜକେଶରୀ ଯୋଗ ପ୍ରଭାବରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଙ୍କଟ ଲାଗିରହିଥିବାରୁ ନୂତନ ଯୋଜନା ସ୍ଥଗିତ ରହିଯାଇପାରେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ଅଶାନ୍ତ ପାରିବାରିକ ସ୍ଥିତି ଥମିଯାଇପାରେ। ସାହିତ୍ୟାନୁରାଗ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ସନ୍ତାନଙ୍କ କୃତିତ୍ୱଜନିତ ଖୁସି ଅନୁଭବ କରିବେ।

**ବୃଷ** ଭାଗ୍ୟଭାବସ୍ଥ ଗ୍ରହମାନେ ସମସ୍ତ ପ୍ରତିବନ୍ଧକକୁ ଏଡାଇବାରେ ସମର୍ଥ ହେବେ। ସ୍ଥଗିତକାର୍ଯ୍ୟ, ପାଉ ନ ଥିବା ଅର୍ଥ, ବିବାଦର ପରିସମାପ୍ତି ହେବ। ସାହିତ୍ୟ, ସଙ୍ଗୀତ ତଥା କ୍ରୀଡ଼ା କ୍ଷେତ୍ରରେ ଉନ୍ନତି କରିବେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତ୍ୟ କହି ବିରୋଧୀ ହୋଇପାରନ୍ତି। କାର୍ଯ୍ୟହାସଲ ପାଇଁ ଅନ୍ୟର ସାହାଯ୍ୟ ନେବେ।

**ମିଥୁନ** ବୃହସ୍ପତିଙ୍କ ପ୍ରଭାବରୁ ଆପଣ ନାହିଁ ନାହିଁ କରୁଥିଲେ ମଧ୍ୟ ପରିଶେଷରେ ବନ୍ଧୁଙ୍କ କଥାରେ ହଁ ଭରିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ପ୍ରତ୍ୟେକ କାର୍ଯ୍ୟକୁ ସତର୍କତାର ସହ ନ କରିପାରିଲେ ପରିସ୍ଥିତି ବଦଳି ଯାଇପାରେ। ଭାବପ୍ରବଣତା ପରିହାର କରି ବନ୍ଧୁଙ୍କ ମୁଡ୍ ଦେଖି ଆଗକୁ ବଢ଼ିବା ଭଲ। ପୁରାତନ ରୋଗ ପାଇଁ ଯାତ୍ରା ସ୍ଥଗିତ ରହିପାରେ।

**କର୍କଟ** ରାଶିକୁ ଚାରୋଟି ଅନୁକୂଳ ଗ୍ରହ ଅବଲୋକ କରୁଥିବାରୁ ଆଜି ଆପଣଙ୍କ ଆଶା ଓ ଅଭିଳାଷ ପୂରଣ ହୋଇଯିବ। କଥାର ସଙ୍କୋଚତା ଓ କାର୍ଯ୍ୟଦକ୍ଷତା କାରଣରୁ ବନ୍ଧୁଙ୍କ ମଧ୍ୟରେ ପ୍ରଶଂସିତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ଅର୍ଥ ସଙ୍କଟର ସମାଧାନ, ବ୍ୟବସାୟିକ ସ୍ଥିତି ଉନ୍ନତ ରହିବ।

**ସିଂହ** ବ୍ୟୟାଧିପ ଚନ୍ଦ୍ରଙ୍କ ଯୋଗୁ ଆଜି ଖର୍ଚ୍ଚପରିମାଣ ବୃଦ୍ଧି ଯୋଗୁ ମନସ୍ତାପ କରିବେ। କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତାଜନିତ କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସୁନଜରରେ ଆସିପାରନ୍ତି। ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ଶୁଭ ଖବର ପାଇ ଖୁସି ହେବେ।

**କନ୍ୟା** ବନ୍ଧୁଟି ସାହାଯ୍ୟ ପ୍ରତିଶ୍ରୁତି ଦେଇ ପାଖ ମାଡିବ ନାହିଁ। ସପ୍ତମଭାବରେ ଶନିଙ୍କ ସ୍ଥିତି ହେତୁ ବ୍ୟବସାୟରେ ଲାଭ ଅପେକ୍ଷା କ୍ଷତି ଅଧିକ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କାରଣ ନ ଥାଇ ମଧ୍ୟ ଯାତ୍ରା ସମୟରେ ଝଗଡ଼ା ଲାଗିପାରେ। ହସ୍ତାନକ୍ଷତ୍ର ଅର୍ଥ, କର୍ମକ୍ଷେତ୍ର, ନିର୍ମାଣ, ସଭାସମିତି ଓ ମଙ୍ଗଳଜନକ କାମରେ ଉତ୍ସାହିତ ହୋଇ କାର୍ଯ୍ୟ କରିବେ।

**ତୁଳା** ଲାଗିରହିଥିବା ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରକୁ ଏକାଧିକ ଗ୍ରହଙ୍କ ଦୃଷ୍ଟିଜନିତ ବିଭିନ୍ନ କାମରେ ଅନୁପ୍ରବେଶ କରିପାରନ୍ତି। ସହକର୍ମୀ ସାହାଯ୍ୟର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ନିଜ କାମକୁ ଅଗ୍ରାଧିକାର ଦେଇପାରନ୍ତି। ପୁରୁଣା ରୋଗ, ପରୋକ୍ଷ ଶତ୍ରୁତା ଏବଂ ଘର ଲୋକଙ୍କ ଚୁପ୍‌ଚାପ୍ କଥା ମନକୁ ବିଚଳିତ କରିବ।

**ବିଛା** ରାଶ୍ୟାଧିପଙ୍କ ଉଚ୍ଚାବସ୍ଥାନ ଯୋଗୁ ମନ ଅନୁଯାୟୀ କାର୍ଯ୍ୟ ସାଧନ କରିବାରେ ସଫଳ ହେବେ। ଅସଜଡା କାମକୁ ସଜାଡିନେବା ଯୋଗୁ ପ୍ରଶଂସିତ ହେବେ। ସାହିତ୍ୟ, ରଚନାତ୍ମକ କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସ୍ୱାସ୍ଥ୍ୟ ସମସ୍ୟା ମନକୁ ସାମୟିକ ଭାରାକ୍ରାନ୍ତ କରିପାରେ।

**ଧନୁ** ଆପଣଙ୍କ ସାହାଯ୍ୟ ପ୍ରାପ୍ତିର ଅନୁରୋଧକୁ ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି କାମକୁ ଆସି ନ ପାରେ। ବକେୟା ଅର୍ଥ ଆଦାୟ ହେବ। ବିବାଦୀୟ ଘଟଣାରେ, ପରିବହନ, ବ୍ୟବସାୟ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସଫଳତା ପାଇବେ। ରାଶିରେ ଅଷ୍ଟମାଧିପତି ସହ ସପ୍ତମାଧିପତିଙ୍କ ସଂଯୋଗ ସ୍ତ୍ରୀଙ୍କ ସହ ମତାନ୍ତର ଘଟିପାରେ।

**ମକର** ଶନିଙ୍କର ଚନ୍ଦ୍ରଙ୍କ ପ୍ରତି ଦୃଷ୍ଟିଜନିତ ଅତୀତକୁ ମନେ ପକାଇ ଭାବବିହ୍ୱଳ ହୋଇପାରନ୍ତି। ବାଣିଜ୍ୟ କ୍ଷେତ୍ରରେ, ସାହିତ୍ୟରେ, ପରିବାର ଭିତରେ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ଭୁଲ୍ ବୁଝାମଣା କାରଣରୁ ଭଲ ସମ୍ପର୍କଥିବା ପ୍ରିୟବନ୍ଧୁଟି ଦୂରେଇଯିବାର ଉପକ୍ରମ କରିପାରନ୍ତି। ସରକାରୀସ୍ତରରୁ ପ୍ରତୀକ୍ଷିତ ଖବର ପାଇପାରନ୍ତି।

**କୁମ୍ଭ** ନୀଚାରୋହୀ ରାଶ୍ୟାଧିପଙ୍କ ଯୋଗୁ ସ୍ୱାସ୍ଥ୍ୟସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଛୋଟକଥାକୁ କେନ୍ଦ୍ରକରି କଳହ ଲାଗିପାରେ। ଯାତ୍ରା ସମୟରେ କୌଣସି ବିଜାତୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ବନ୍ଧୁଙ୍କ ନିକଟରୁ ବକେୟା ଅର୍ଥପ୍ରାପ୍ତି ଯୋଗୁ ଖୁସି ହେବେ। ବୈବାହିକ ସମ୍ବନ୍ଧକୁ ନେଇ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ହୋଇପାରେ।

**ମୀନ** ଏକାଦଶରେ ଏକାଧିକ ଅବସ୍ଥାନ କରିଥିବାରୁ ଆପଣଙ୍କ ଆଶା ଓ ଅଭିଳାଷ ପୂରଣ ଦିଗରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ବନ୍ଧୁଟି ଦ୍ୱାରା କାମ ହାସଲରେ ସଫଳ ହେବେ। କର୍ମକ୍ଷେତ୍ରରେ ପୂର୍ବବିବାଦକୁ କେନ୍ଦ୍ରକରି ମନ ଅସ୍ଥିର ରହିବ। ଆଜିର ବ୍ୟବସାୟ, ଯାତ୍ରା ଓ ଆନୁଷ୍ଠାନିକ କାମ ପ୍ରୀତିପ୍ରଦ ରହିବ।

ଆଜି ଜାନୁଆରୀ ୧୭ ତାରିଖ, ମାଘ କୃଷ୍ଣ ଚତୁର୍ଦ୍ଦଶୀ ଶନିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରଟନ୍ତ୍ୟା ଚତୁର୍ଦ୍ଦଶୀ ସ୍ନାନ, ରଟନ୍ତୀ କାଳିକା ପୂଜା। ରାଶିନକ୍ଷତ୍ର-ଦିବା ଘ.୦୮.୧୧ ଗତେ ପୂର୍ବାଷାଢ଼ା/ଧନୁ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦.୩୪ ଗତେ ଘ. ୦୧.୦୨ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୯.୧୨ ଗତେ ଘ.୧୦.୩୪ ମଧ୍ୟେ ରାହୁ କାଳ।

## ସିଜିଏଲ ଆବେଦନ ଅବଧିକୁ ୧୦ ଦିନ ବୃଦ୍ଧି

ଭୁବନେଶ୍ୱର,୧୬।୧(ସୁଚିସ୍ମିତା ସାହୁ): ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍ଏସ୍‌ସି) ପକ୍ଷରୁ ସିଜିଏଲ୍ ଆବେଦନ ଅବଧିକୁ ୧୦ ଦିନ ବୃଦ୍ଧି କରାଯାଇଛି। ଆସନ୍ତା ୨୧ ବଦଳରେ ୩୧ ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ। ଏନେଇ ଓଏସ୍ଏସ୍‌ସି ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୧୫୬୭ଟି ସିଜିଏଲ୍ ପଦରେ ନିଯୁକ୍ତି ପାଇଁ ଡିସେମ୍ବର ୧୯ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ମାତ୍ର ୱେବସାଇଟ୍ ମାତ୍ରାଧିକ ଧିମା ହେଉଥିବାରୁ ଆଶାୟୀମାନେ ଆବେଦନ କରିପାରୁ ନାହାନ୍ତି। ଦିନ ସମୟରେ ଆଦୌ ଖୋଲୁ ନ ଥିବାରୁ ରାତି ଉଜାଗର ରହି ଆବେଦନ କରୁଥିବା ଉଲ୍ଲେଖ କରି ଆବେଦନ ଅବଧି ବଢ଼ାଇବାକୁ ଆଶାୟୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହୋଇଥିଲେ। ଶେଷରେ ଆବେଦନ ଅବଧିକୁ ୧୦ଦିନ ବଢ଼ାଯାଇଛି।




# ସ୍କୁଲ ଭିତରେ ଶିକ୍ଷକଙ୍କୁ ପାଚିକା ସ୍ୱାମୀଙ୍କ ମରଣାନ୍ତକ ଆକ୍ରମଣ

କୋକସରା,୧୬।୧
(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ସ୍କୁଲ ଭିତରେ ପଶି ପାଚିକାଙ୍କ ସ୍ୱାମୀ କାର୍ଯ୍ୟରତ ଜଣେ ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। କଳାହାଣ୍ଡି ଜିଲା କୋକସରା ଥାନାର ଏକ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଏଭଳି ଅଭାବନୀୟ ଘଟଣା ଘଟିଛି।

ଅଭିଯୋଗ ଅନୁସାରେ, କୋକସରା ଥାନା ବେହେରା ପଞ୍ଚାୟତ ପିପଲପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଥିଲା। ଏହି ସମୟରେ ପାଚିକା ମାଧୁରୀ ବାଗଙ୍କ ସ୍ୱାମୀ ଭାସ୍କର ବାଗ(୩୨) କୌଣସି କାରଣରୁ ସ୍କୁଲ ଭିତରକୁ ପଶିଆସି ଶିକ୍ଷକ ଗିରିରାଜ ମେହେରଙ୍କୁ ଏକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଶିକ୍ଷକ ଜଣକ କୌଣସିମତେ ଜୀବନ ବଞ୍ଚାଇ ଶ୍ରେଣୀ କୋଠରି ଭିତରକୁ ଦୌଡ଼ି ପଳାଇଥିଲେ। ଏହି ଆକ୍ରମଣରେ ତାଙ୍କ ହାତରେ ଗଭୀର ଆଘାତ ଲାଗିଛି। ଖବର ପାଇ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନୀଳାମ୍ବର ନିଆଲ ଓ ହୃଷୀକେଶ ନିଆଲ ସ୍କୁଲରେ ପହଞ୍ଚି କୋକସରା ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଶିକ୍ଷକଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ଏହାସହ ଆକ୍ରମଣକାରୀ ଯୁବକ ଭାସ୍କର ବାଗଙ୍କୁ କାବୁ କରିବା ସହ କୋକସରା ଥାନାକୁ ଆଣି ପଚରାଉଚୁରା କରୁଛି। ଏ ନେଇ ଥାନାରେ ଏକ ମାମଲା (ନଂ.୯/୨୬) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।


ଆହତ ଶିକ୍ଷକ

# ଭିଡ଼ ହିଂସାରୁ ଭ୍ୟାନ୍ ହେଲ୍‌ପରଙ୍କ ମୃତ୍ୟୁ: ୩ ଅଭିଯୁକ୍ତ ଗିରଫ

ବାଲେଶ୍ୱର,୧୬।୧(ବାଞ୍ଛାନିଧି ଦେ)

### ଆକ୍ରମଣ ସମୟର ଭିଡିଓ ଭାଇରାଲ

ବାଲେଶ୍ୱର ସହରରେ ବୁଧବାର ଘଟିଛି ଭିଡ଼ ହିଂସା। ଏଥିରେ ଏକ ପିକ୍‌ଅପ୍ ଭ୍ୟାନ୍‌ର ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ସଦର ଥାନା ଅନ୍ତର୍ଗତ ସାହାଦା ଜିମ୍ ସେଣ୍ଟର ନିକଟରେ ଘଟିଥିବା ଏହି ହିଂସାବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏସ୍‌ପି ପ୍ରତ୍ୟୁଷ ଦିବାକର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ହତ୍ୟା ଘଟଣାରେ ପୋଲିସ ଗୁରୁବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୩୭/୨୬) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ, ସଦର ଥାନା ଅସ୍ତିଆ ଗ୍ରାମର ସେକ୍ ମକାନ୍ଦର ମହମ୍ମଦ(୩୬) ଏକ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଆର୦୧ଏମ୍-୯୦୫୦)ରେ ହେଲ୍‌ପର ଭାବେ କାମ କରନ୍ତି। ଗତ ବୁଧବାର ଭୋର୍ ସମୟରେ ତାଙ୍କ ଡ୍ରାଇଭରଙ୍କ ସହ ଭ୍ୟାନ୍‌ରେ ସେ ବାଲେଶ୍ୱର ଆସୁଥିଲେ। ଉକ୍ତ ଭ୍ୟାନ୍‌ରେ ଗୋଚାଲାଣ ସନ୍ଦେହରେ ସାହାଦା ଜିମ୍ ସେଣ୍ଟର ନିକଟରେ କେତେକ ଯୁବକ ଭ୍ୟାନ୍ ଆଗରେ ଲୁହାକଣ୍ଟାଲଗା କାଠପଟା ବିଛାଇ ଦେଇଥିଲେ। ଲୁହାକଣ୍ଟାରେ ଭ୍ୟାନ୍ ଚକ ପଙ୍କଚର ହୋଇ ଭାରସାମ୍ୟ ହରାଇ ଗାଡ଼ି ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। କୌଶଳକ୍ରମେ ଡ୍ରାଇଭର ସେଠାରୁ ଖସି ପଳାଇଥିଲେ। ଅଭିଯୁକ୍ତମାନେ ମକାନ୍ଦରଙ୍କୁ ଧରି ପ୍ଲାଷ୍ଟିକ୍ ପାଇପ୍ ସହ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଖବରପାଇ ପିସିଆର ଭ୍ୟାନ୍ ପୋଲିସ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ମକାନ୍ଦରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ମୃତକଙ୍କ ଭାଇ ସେକ୍ ଜିତେନ୍ଦର ମହମ୍ମଦ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷରେ ଏହି ଆକ୍ରମଣ ବେଳର ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ମକାନ୍ଦରଙ୍କୁ ତଳେ ପକାଇ ନିସ୍ତୁକ ମାଡ଼ ମରାଯାଉଥିବା ଭିଡିଓରୁ ଜଣାପଡୁଛି। ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ଅଜୟ କୁମାର ମୁର୍ମୁଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# କଳିର ପ୍ରତିଫଳନ

ଭୁବନେଶ୍ୱର,୧୬।୧(ସୁନିତ୍ ମିଶ୍ର)

ବିଜେଡିର ଦୁଇଜଣ ବିଧାୟକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରାଯିବା ପରେ ରାଜ୍ୟ ରାଜନୀତି ଜୋର ଧରିଛି। ମୁଖ୍ୟତଃ ଅରବିନ୍ଦ ମହାପାତ୍ରଙ୍କୁ କାହିଁକି ନିଲମ୍ବନ କରାଗଲା ତାହାର ସ୍ପଷ୍ଟ ସୂଚନା ମିଳୁ ନ ଥିବାବେଳେ ଏହାର କାରଣ ଜାଣିବା ପାଇଁ ଦଳର ବହୁ ଆଗଧାଡ଼ିର ନେତାଙ୍କ ଘରେ ଦିନତମାମ ଭିଡ଼ ଲାଗିରହିଥିଲା। ବହୁ ବିଧାୟକ ଏହି କଥାକୁ ନେଇ କେତେଜଣଙ୍କ ଘରେ ଏକାଠି ହୋଇଥିଲେ। ଅରବିନ୍ଦଙ୍କୁ ନିଲମ୍ବନ ସମ୍ପର୍କିତ ପ୍ରଶ୍ନ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପାଖରେ କାହିଁକି ଉଠାଯିବ ନାହିଁ ବୋଲି କେତେଜଣ ବିଧାୟକ ଆଲୋଚନ କରିଥିଲେ। ଏପରି ଚର୍ଚ୍ଚା ଓ ଆଲୋଚନା ମଧ୍ୟରେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ବରିଷ୍ଠ ନେତା ତଥା ଅରବିନ୍ଦଙ୍କ ବାପା ବିଜୟ ମହାପାତ୍ର ଗତ ୧୨ ତାରିଖରେ ଝାରସୁଗୁଡ଼ାସ୍ଥିତ ଏକ ହୋଟେଲରେ ସ୍ଥାନୀୟ ଜଣେ ନେତ୍ରୀ ଓ ତାଙ୍କ ଭାଇଙ୍କ ସାଙ୍ଗରେ ଦୀର୍ଘ ସମୟ ଆଲୋଚନା କରିଥିଲେ। ସେଠାରେ କୁଆଡ଼େ ବିଜୟ କହିଥିଲେ, ବିଜେଡିରେ ରହି ଆଉ ରାଜନୀତି ସମ୍ଭବ ନୁହେଁ। ଯଦି ରାଜନୀତି କରିବାର ଅଛି, ତେବେ ନୂଆ ଏକ ଦଳର ଆବଶ୍ୟକତା ରହିଛି। ଏଥିପାଇଁ ପାଣ୍ଠିର ଆବଶ୍ୟକତା ଅଛି, ସେହି କାର୍ଯ୍ୟରେ ଲାଗ। ଆଲୋଚନା ଶେଷରେ ବିଜୟ ଆହୁରି କହିଥିଲେ, ଏହି ନୂଆ ଦଳ ପାଇଁ ଯାଜପୁର ନେତା ତଥା ଏକଥା ବିଜେଡିର କ୍ଷମତାଶାଳୀ ବୋଲାଉଥିବା ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ସହଯୋଗ ରହିଛି। ପରବର୍ତ୍ତୀ ସମୟରେ ଝାରସୁଗୁଡ଼ାର ଉଭୟ ନେତ୍ରୀ ଓ ନେତା ପାଣ୍ଡିଆନ୍‌ଙ୍କ ଇଙ୍ଗିତରେ ସବୁ ଆଲୋଚନା ବିଷୟ ନବୀନଙ୍କୁ ଜଣାଇଥିଲେ। ଫଳରେ ଯାଜପୁରର ଟାଣୁଆ ନେତାଙ୍କ ଭବିଷ୍ୟତ ରଣନୀତିକୁ ମାତ୍ ଦେବାକୁ ଯାଇ ଅରବିନ୍ଦଙ୍କୁ କୁଆଡ଼େ ନିଲମ୍ବନ କରିବା ପାଇଁ ପାଣ୍ଡିଆନ୍‌ଙ୍କ ଏହି ଗୋଟିଚାଳନା ସଫଳ ହୋଇଥିବା ନବୀନ ନିବାସରେ ରହି ଦଳୀୟ କାର୍ଯ୍ୟରେ ମାତ୍ରାଧିକ ମୁଣ୍ଡ ପୂରାଉଥିବା ଅଫିସର ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ଯେଉଁ ଘଟଣାବଳୀ ସମ୍ପର୍କରେ ବର୍ଣ୍ଣନା କରାଗଲା, ତାହାର ପ୍ରତିଫଳନ ଶୁକ୍ରବାର ଯାଜପୁର ବିଜେଡି ରାଜନୀତିରେ ସୃଷ୍ଟି ହୋଇଥିବା ଦଳ ବଦଳ ଘଟଣାରୁ ସ୍ପଷ୍ଟ ହୋଇଛି। ବିଗତ ଦିନରେ ଯାଜପୁରକୁ ବିଜେଡିର ଗଡ଼ କୁହାଯାଉଥିଲା। ସେଠାରେ ଜିଲା ପରିଷଦ ସଭାପତି ହୋଇଥିବା ନଳିନିପ୍ରଭା ଜେନା ଏବଂ ଉପସଭାପତି ଗଣେଶ୍ୱର ବରାଳ ବବିଙ୍କ ବେଶ୍ ଅନୁଗତ ଥିବା ସମସ୍ତେ ଜାଣନ୍ତି। ଏହି ଦୁଇ ନେତା ହଠାତ୍ ଭାଜପାରେ ଯୋଗଦେବାକୁ ନିଷ୍ପତ୍ତି ନେବା ଏବଂ ତାଙ୍କ ସହ ଆହୁରି ୧୬ଜଣ ଜିଲା ପରିଷଦ ସଦସ୍ୟ ବିଜେଡି ଛାଡ଼ିବା ବିଷୟ ରାଜ୍ୟ ରାଜନୀତିରେ ଚହଳ ସୃଷ୍ଟି କରିଛି। ଯୋଜନାବଦ୍ଧ ଭାବେ ଏହି ଜିଲା ପରିଷଦ ସଭାପତି, ଉପସଭାପତିଙ୍କୁ ବିଜେଡି ଛାଡ଼ି ଭାଜପାରେ ସାମିଲ କରାଇବାର ପ୍ରକ୍ରିୟା ବିଜୁ ଜନତା ଦଳ ଭିତରୁ ଯେ ଆରମ୍ଭ ହୋଇ ନ ଥିବ ସେକଥାକୁ ଏଡ଼ାଇ ଦିଆଯାଇ ନ ପାରେ। ଯାହା ଶୁଣିବା କଥା, ଦଳୀୟ ବ୍ୟାପାରକୁ ନେଇ ବିଗତ ଦିନରେ ବିଜେଡିର ଦୁଇ କ୍ଷମତା କେନ୍ଦ୍ର ବବି ଓ ପାଣ୍ଡିଆନ୍‌ଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ପତିଆରା ଲଢ଼େଇ ଏହି ସ୍ଥିତି ସୃଷ୍ଟି କରିଥିବା ଆଲୋଚନା ହୋଇଛି।

ଅନ୍ୟପଟେ ଦଳରୁ ନିଲମ୍ବିତ ହୋଇଥିବା ଅରବିନ୍ଦ କହିଛନ୍ତି, ସେ କ'ଣ ବିଶ୍ୱାସ ଘାତକତା କରିଛନ୍ତି ତାହା ପ୍ରମାଣ କରାଯିବା ଦରକାର। ଏଭଳି ସ୍ଥିତିରେ ନବୀନ ଗୁରୁବାର ନେଇଥିବା ନିଷ୍ପତ୍ତି ନିଜର ନୁହେଁ, ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ନବୀନଙ୍କ ପ୍ରତି ଭୟ ସୃଷ୍ଟି କରାଇବା ବାହାନାରେ ତାଙ୍କ ଘନିଷ୍ଠ ସହଯୋଗୀ ଏଭଳି କରାଇଥିବା ଚର୍ଚ୍ଚା ହେଉଛି। ବିଗତ ଦିନ ଭଳି ରାଜ୍ୟରେ ଖାଲି ହେବାକୁ ଥିବା ୪ ରାଜ୍ୟ ସଭା ଆସନ ଯେନତେନ ଭାଜପା ହାତକୁ ଟେକିଦେବାକୁ ଏହି ଉଦ୍ୟମ ଆରମ୍ଭ ହୋଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।




# ୨୪ଘଣ୍ଟା ପରେ ଜିଲାକୁ ଫେରିଲା ଇଣ୍ଟରନେଟ ସେବା

ସୁନ୍ଦରଗଡ଼,୧୬।୧
(ଜୟ ନାରାୟଣ ମେଣ୍ଟୁଲି)

### ସୁନ୍ଦରଗଡ଼ରେ ଗୋଷ୍ଠୀ ସଂଘର୍ଷ ଘଟଣା

■ ୧୬୩ ଧାରା ପ୍ରତ୍ୟାହୃତ, ୨ ଅଟକ

ସୁନ୍ଦରଗଡ଼ ସହରରେ ଗୋ-ମାଂସ ବିକ୍ରିକୁ କେନ୍ଦ୍ର କରି ଗୁରୁବାର ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ନାଗରିକ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କୁ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ସହରରେ ଲାଗୁ ହୋଇଥିବା ୧୬୩ଧାରା ପ୍ରତ୍ୟାହୃତ ହେବା ସହ ଜିଲାରେ ୨୪ଘଣ୍ଟା ଧରି ବନ୍ଦ ଥିବା ଇଣ୍ଟରନେଟ ସେବା ସନ୍ଧ୍ୟାରୁ କାର୍ଯ୍ୟକ୍ଷମ ହୋଇଛି। ସହରରେ ଶାନ୍ତି, ଭାଇଚାରା ଓ ପୂର୍ବ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ବୈଠକରେ ପୌରାଧ୍ୟକ୍ଷା ତନୟା ମିଶ୍ର, ଜିଲାପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ,ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଏସପି ଅମ୍ରିତ ପାଲ କୌର ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏଥିସହିତ ଗୁରୁବାର ଘଟିଥିବା ଗୋଷ୍ଠୀ ସଂଘର୍ଷ, ଜଳାପୋଡ଼ା ଓ ଦୋକାନ ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପୋଲିସ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶାନ୍ତି କମିଟି ବୈଠକରେ ଦଳମତ ନିର୍ବିଶେଷରେ ଦାବି କରାଯାଇଛି। ଏହି ଘଟଣାରେ ୪ଜଣ ପୋଲିସ କର୍ମୀଙ୍କ ସମେତ ୧୨ଜଣ ବ୍ୟକ୍ତି ଆହତ ହୋଇଥିଲେ। ଆହତ ପୋଲିସ କର୍ମଚାରୀ ପ୍ରତାପ କାଲୋଙ୍କ ରିପୋର୍ଟ କ୍ରମେ ପୋଲିସ ସୁନ୍ଦରଗଡ ଟାଉନ ଥାନାରେ ଏକ ମାମଲା ରୁଜୁ କରି ୧୩ରୁ ୧୦୦ଜଣଙ୍କ ନାମରେ ମାମଲା ରୁଜୁ କରିଛି। ରିଜେଣ୍ଟ ମାର୍କେଟ ଅଞ୍ଚଳରେ ପୋଲିସ ସ୍ୱତନ୍ତ୍ର କ୍ୟାମ୍ପ କରି ମୁତୟନ ଅଛନ୍ତି। ସୁନ୍ଦରଗଡ଼, ରାଉରକେଲା, କେନ୍ଦୁଝର ପୋଲିସ ଜିଲାରୁ ୧୬ପ୍ଲାଟୁନ ପୋଲିସ ସୁନ୍ଦରଗଡ ସହରରେ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ମୁତୟନ ଅଛନ୍ତି। ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

# ଏଥର ୨୪ ମାସର ପ୍ରସ୍ତୁତି

### ଆଜି ପ୍ରାକ୍ ବଜେଟ ଆଲୋଚନା

ଭୁବନେଶ୍ୱର,୧୬।୧
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ଶନିବାରଠାରୁ ପ୍ରାକ୍ ବଜେଟ ଆଲୋଚନା ଆରମ୍ଭ ହେବ। ଦୁଇଦିନ ଧରି ହେବାକୁଥିବା ଏହି ଆଲୋଚନା ସମୟରେ ବିଭାଗଗୁଡ଼ିକ ପକ୍ଷରୁ କିପରି ବଜେଟ ପ୍ରସ୍ତୁତ କରାଯାଇଛି ଏବଂ କେଉଁସବୁ ନୂତନ ଯୋଜନା ସ୍ଥାନ ପାଇଛି ଓ ଅଦରକାରୀ ଯୋଜନା ବାଦ୍ ପଡ଼ିଛି, ତାହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ପାଇଁ ବିଭାଗ ପକ୍ଷରୁ ଦୂରଦୃଷ୍ଟି ରଖାଯାଇ ଆସନ୍ତା ୨୪ ମାସ ଲାଗି ବଜେଟ ଅଟକଳ ପ୍ରସ୍ତୁତ କରିବାକୁ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହାସହିତ ବିଭାଗୀୟ ସଚିବମାନେ ୫ଟି ଅତି ଉତ୍ତମ ପ୍ରସ୍ତାବ ଦେବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି। ଶୁକ୍ରବାର ଏ ସଂକ୍ରାନ୍ତରେ ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ସଚିବ ଡି.କେ. ଜେନା ସବୁ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ଜେନା ପତ୍ରରେ ଦର୍ଶାଇଛନ୍ତି, ରାଜ୍ୟ ଉନ୍ନୟନ ଆୟୁକ୍ତ ଦେଓରଞ୍ଜନ କୁମାର ସିଂହ ଏବଂ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ପ୍ରାକ୍ ବଜେଟ ଆଲୋଚନା କରାଯିବ। ଏହି ସମୟରେ ଆସନ୍ତା ୨୪ ମାସ ଲାଗି ବିଭାଗ ପକ୍ଷରୁ ବଜେଟ ପ୍ରସ୍ତୁତ କରିବାକୁ ହେବ, ଯାହାଫଳରେ କି ସରକାରଙ୍କ ସଫଳତା ଲୋକଙ୍କ ନିକଟରେ ପହଞ୍ଚିପାରିବ। ଜେନା ଦେଇଥିବା ପତ୍ର ଅନୁଯାୟୀ, ଶନିବାର ଅପରାହ୍ନ ସାଢ଼େ ୩ଟାରେ ପୂର୍ତ୍ତ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରାକ୍ ବଜେଟ ଆଲୋଚନା ପ୍ରଥମେ ରହିଥିବାବେଳେ ଏହାପରେ ଇ ଆଣ୍ଡ୍ ଆଇଟି, ଶକ୍ତି ଓ ସମବାୟ ବିଭାଗର ଆଲୋଚନା ହେବ। ସୋମବାର ପୂର୍ବାହ୍ନ ୧୧ଟାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପରେ ବାଣିଜ୍ୟ ଓ ପରିବହନ, ନଗର ଉନ୍ନୟନ, ମହିଳା ଓ ଶିଶୁ କଲ୍ୟାଣ, ଜଳସମ୍ପଦ, ଶିଳ୍ପ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ପର୍ଯ୍ୟଟନ, ଜଙ୍ଗଲ ଓ ପରିବେଶ, ମତ୍ସ୍ୟ ଓ ପଶୁସମ୍ପଦ, ଉଚ୍ଚଶିକ୍ଷା ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଆଲୋଚନା ପର୍ଯ୍ୟାୟକ୍ରମେ ପ୍ରତି ୧୫ ମିନିଟ୍ ଅନ୍ତରରେ ହେବ। ଏହି ଆଲୋଚନା ପ୍ରକ୍ରିୟାରେ ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ, ଅନୁସୂଚିତ ଜାତି ଓ ଜନଜାତି, ଗୃହ, ଅର୍ଥ, ପଞ୍ଚାୟତିରାଜ, ସାଧାରଣ ଉଦ୍ୟୋଗ, ଶ୍ରମ, କୃଷି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ସାମିଲ କରାଯାଇ ନ ଥିବା ଜଣାପଡ଼ୁଛି। ସୂଚନାଯୋଗ୍ୟ, ପ୍ରାକ୍ ବଜେଟ ଆଲୋଚନା ଚଳିତମାସ ୧୨ରୁ ଦୁଇଦିନ ଲାଗି ହେବାକୁ ରହିଥିଲା। ମାତ୍ର ସରକାରଙ୍କ ପକ୍ଷରୁ ସମୟ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହାକୁ ଶନିବାରକୁ ଘୁଞ୍ଚାଯାଇଛି। ଏହାପରେ ଅବଶିଷ୍ଟ ବିଭାଗର ଆଲୋଚନା କରାଯିବାକୁ ରହିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

# ଖାଦାନରୁ ମାଟି ଖୋଳୁଥିବାବେଳେ ପଥର ପଡ଼ି ୨ ଶ୍ରମିକ ମୃତ

ମାଲକାନଗିରି,୧୬।୧
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ତାରିଣୀ ମନ୍ଦିର ପଛପଟେ ଥିବା ପଥର ଖାଦାନରୁ ଶୁକ୍ରବାର ସକାଳେ ବେଆଇନ ଭାବେ ମାଟି ଖୋଳୁଥିବା ସମୟରେ ଏକ ବଡ଼ ପଥର ଖସିବାରୁ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ଟୁନା ଗାଦବା (୨୧) ଓ ମିଟୁ ମାଢ଼ି।

ଘଟଣାରୁ ପ୍ରକାଶ, ଶୁକ୍ରବାର ସକାଳୁ କେତେଜଣ ଶ୍ରମିକ ତାରିଣୀ ମନ୍ଦିର ପଛପଟେ ଥିବା ପଥର ଖାଦାନରୁ ମାଟି ଖୋଳୁଥିଲେ। ଏହି ସମୟରେ ଗୋଟିଏ ବଡ଼ ପଥର ଖସି ପଡ଼ି ୨ଜଣ ଶ୍ରମିକଙ୍କ ଉପରେ ପଡ଼ିଥିଲା। ଦୁର୍ଘଟଣା ପରେ ସେଠାରେ ଥିବା ଅନ୍ୟ ଶ୍ରମିକମାନେ ସଙ୍ଗେ ସଙ୍ଗେ ସେଠାରୁ ଫେରାର ହୋଇଯାଇଥିଲେ। ତେବେ ପଥର ତଳେ ୨ଜଣ ଶ୍ରମିକ ଚାପିହୋଇ ରହିଥିବାବେଳେ ସ୍ଥାନୀୟ ଲୋକେ ଉଭୟଙ୍କୁ ବାହାର କରିଥିଲେ। ଘଟଣାସ୍ଥଳରେ ସତ୍ୟମଗୁଡ଼ାର ଟୁନା ଗାଦବାଙ୍କ ମୃତ୍ୟୁ ଘଟିଥିବା ବେଳେ ଚମ୍ପାଖାରି ଗ୍ରାମର ଅନ୍ୟ ଜଣେ ଶ୍ରମିକ ମିଟୁଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ମିଟୁଙ୍କ ମୃତ୍ୟୁ ଘଟିଛି। ଘଟଣା ସମ୍ପର୍କରେ ପୋଲିସ ଖବରପାଇ ମୃତଦେହ ଜବତକରିବା ସହ ଏହାର ତଦନ୍ତ ଜାରି ରଖିଥିବା ପ୍ରକାଶ କରିଛି।



FAKIR MOHAN UNIVERSITY
NAAC 'A'
nirf NATIONAL INSTITUTIONAL RANKING FRAMEWORK
Ranked 51-100 University Category



NAAC 'A' 25 YEARS OF EXCELLENCE

ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
~ଅଧ୍ୟୟନ ଓ ଅନୁସନ୍ଧାନରେ ଗୁଣାତ୍ମକ ଅଗ୍ରସରତା~

୧. ସବୁଜ ଓ ସୁସ୍ଥିର ପରିସର
ପରିବେଶ ସୁରକ୍ଷା, ସବୁଜ ଶକ୍ତି ବ୍ୟବହାର, କାର୍ବନ ନିସ୍ସରଣ ହ୍ରାସ, ପରିବେଶ-ମିତ୍ର ପଦକ୍ଷେପ ଓ ବ୍ୟାଟେରୀଚାଳିତ ଯାନ ମାଧ୍ୟମରେ ପ୍ରଦୂଷଣମୁକ୍ତ ଯାତାୟାତ।

୨. ଜାତୀୟ ଶିକ୍ଷାନୀତି-୨୦୨୦ର ସମ୍ପୂର୍ଣ୍ଣ ରୂପାୟନ
୨୦୨୪-୨୫ ଶିକ୍ଷାବର୍ଷରୁ NEP-2020 ର ସମ୍ପୂର୍ଣ୍ଣ କାର୍ଯ୍ୟାନ୍ୱୟନ ସହ ଶିକ୍ଷାର ଗୁଣାତ୍ମକ ବୃଦ୍ଧି।

୩. ଭାରତୀୟ ଜ୍ଞାନ ପ୍ରଣାଳୀ ଓ ନବୋନ୍ମେଷମୂଳକ ଗବେଷଣା
ଧାନ-ପାନ-ମୀନ-ବିଜ୍ଞାନ, ଫକୀରମୋହନ ଚେତନା, ଭାରତୀୟ ଜ୍ଞାନ ପ୍ରଣାଳୀ, ସାଂସ୍କୃତିକ-ଐତିହ୍ୟ ସଂରକ୍ଷଣ ଉପରେ ମୂଳ ଓ ମୂଲ୍ୟଯୁକ୍ତ ଗବେଷଣା।

୪. ବିଶେଷ ଅଧ୍ୟୟନ କେନ୍ଦ୍ର ଓ ସଂଗ୍ରହାଳୟ ସ୍ଥାପନା
ଭାରତୀୟ ଜ୍ଞାନ ପ୍ରଣାଳୀ, ସାମଗ୍ରିକ ସ୍ୱାସ୍ଥ୍ୟ, ସଂସ୍କୃତି ଓ ଐତିହ୍ୟ ଅଧ୍ୟୟନ ପାଇଁ ବିଶେଷ କେନ୍ଦ୍ର ଓ ମ୍ୟୁଜିୟମ୍।

୫. ଗବେଷଣା, ନବୋନ୍ମେଷ ଓ ଉଦ୍ୟମଶୀଳତାକୁ ପ୍ରୋତ୍ସାହନ
ANRF-PAIR , OMBRIC ପ୍ରକଳ୍ପ , ବିଶ୍ୱବିଦ୍ୟାଳୟ ଫେଲୋସିପ ଓ ବିଭାଗୀୟ ଗବେଷଣା ମାଧ୍ୟମରେ ପ୍ରାୟୋଗିକ ଓ ସଂସ୍ଥାଗତ ସମର୍ଥନ।

୬. ଛାତ୍ର-କେନ୍ଦ୍ରିକ ଓ ସାମଗ୍ରିକ ବିକାଶ
ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଦୃଷ୍ଟିକୋଣରେ ଶିକ୍ଷା, କୌଶଳ ଓ ମୂଲ୍ୟାଧାରିତ ଉନ୍ନତି।

୭. ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ ସୁସ୍ଥତା
ପରାମର୍ଶ ଓ ଚିକିତ୍ସା ସୁବିଧା ସହ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସ୍ୱୀକାର କରି ଆନେମିଆମୁକ୍ତ ପରିସର ପାଇଁ ବିଶେଷ ଉଦ୍ୟମ।

୮. କ୍ରୀଡା, ସାଂସ୍କୃତିକ ଓ ସହପାଠ୍ୟକ୍ରମିକ କାର୍ଯ୍ୟକଳାପ
ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବ୍ୟକ୍ତିତ୍ୱ ଗଠନ ପାଇଁ ବିବିଧ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ। ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ସହଯୋଗରେ 'ଆମ କଲେଜ, ଆମ ଗୌରବ' ଜରିଆରେ ଡିଜିଟାଲ୍ ଲାଇବ୍ରେରୀ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ। 'ଉନ୍ନତ୍ରମ' ଆନ୍ତର୍ଜାତୀୟ ସାଂସ୍କୃତିକ ଓ ପାରମ୍ପରିକ ଉତ୍ସବ।

୯. ଶିକ୍ଷକ ଓ ଗବେଷଣାର୍ଥୀଙ୍କ ଶିକ୍ଷାଗତ ସଶକ୍ତିକରଣ
ସେମିନାର, କର୍ମଶାଳା, ଆଲୋଚନାଚକ୍ର, ଅତିରିକ୍ତ ଅଧ୍ୟାପନା ଓ ଅନୁଶୀଳନ କାର୍ଯ୍ୟକ୍ରମ।

୧୦. ସୁଶାସନ, ସାମାଜିକ ଦାୟିତ୍ୱ ଓ ଗୋଷ୍ଠୀ ସଂଲଗ୍ନତା
ଦିବ୍ୟାଙ୍ଗ-ମିତ୍ର ପରିସର, ଲିଙ୍ଗ ସମାନତା, POSH (ICC), ଅଭିଯୋଗ ସମାଧାନ, NSS, ଆଉଟ୍‌ରିଚ୍ କାର୍ଯ୍ୟକଳାପ, ପୋଷ୍ୟ ଗ୍ରାମ ଓ ଗୋଷ୍ଠୀସମୁଦାୟର ଉନ୍ନୟନ।

~Upcoming Mega Events~
*EAST ZONE YOUTH FESTIVAL(UTSAH-2026)
*CONVOCATION-2026
*STATE INTER UNIVERSITY SPORTS & GAMES-2025-26
*EAST ZONE INTER UNIVERSITY KHO-KHO

ନୂତନ ଆଶା ଓ ସମ୍ଭାବନା ସହ ନବବର୍ଷର ଶୁଭେଚ୍ଛା – ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିବାର



# ମନ୍ତ୍ରଣାଳୟ ସ୍ଥାନାନ୍ତର



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ଅନେକ ଦଶନ୍ଧି ଧରି ରାଇସିନା ହିଲ୍ ଶାସନର ଏକ ପ୍ରତୀକ ଥିଲା। ଉତ୍ତର ଏବଂ ଦକ୍ଷିଣ ବ୍ଲକ୍ କ୍ଷମତାର କେନ୍ଦ୍ର ଥିଲା, ଯେଉଁଠାରେ ଫାଇଲଗୁଡ଼ିକର କାମ ଶୀଘ୍ର ହୋଇ ଶାସନ ପ୍ରକ୍ରିୟା ବିସ୍ତାରିତ କରୁଥିଲା। ମୁଖ୍ୟ ମନ୍ତ୍ରଣାଳୟଗୁଡ଼ିକ ନବନିର୍ମିତ କର୍ତ୍ତବ୍ୟ ଭବନ କମ୍ପ୍ଲେକ୍ସକୁ ସ୍ଥାନାନ୍ତରିତ ହେବାରୁ ସେହି ପୁରୁଣା ଭୌଗୋଳିକ ସ୍ଥିତିକୁ ଜାଣିଶୁଣି ଭାଙ୍ଗି ଦିଆଯାଉଛି। ପ୍ରତିରକ୍ଷା, ଆଇନ ଏବଂ ନ୍ୟାୟ, କୃଷି, ଶିକ୍ଷା, ସୂଚନା ଓ ପ୍ରସାରଣ, ରସାୟନ ଓ ସାର ଏବଂ ସିବିଆଇ ସମେତ ୯ ମନ୍ତ୍ରଣାଳୟ ଏବଂ ବିଭାଗର ସ୍ଥାନାନ୍ତର ଶାସନର ଏକ ଉଦ୍ଦେଶ୍ୟମୂଳକ ପୁନଃ କ୍ରମକୁ ପ୍ରତିଫଳିତକରେ। ସେଣ୍ଟ୍ରାଲ ଭିଷ୍ଟା ନିର୍ମାଣ ହୋଇଥିବାରୁ ଦେଶର ଦୈନନ୍ଦିନ କାର୍ଯ୍ୟକୁ ନବନିର୍ମିତ ଏକ ସଚିବାଳୟକୁ ନିଆଯାଇଥିବାବେଳେ ଉତ୍ତର ଏବଂ ଦକ୍ଷିଣ ବ୍ଲକ୍‌ଗୁଡ଼ିକୁ ଐତିହ୍ୟ କେନ୍ଦ୍ର ଏବଂ ସଂଗ୍ରହାଳୟ ଭାବରେ ପୁନଃ ସ୍ଥାପନ କରାଯାଉଛି। ଆଧୁନିକ ଭିତ୍ତିଭୂମି, ସହଭାଗୀ ସୁବିଧା, ଶକ୍ତି ସଞ୍ଚୟ ଏବଂ ସମନ୍ୱୟକୁ ଉନ୍ନତକରି ଏହା ଦିଲ୍ଲୀରେ ଦଶନ୍ଧି ଧରି ବିକ୍ଷିପ୍ତ ଭାବେ ରହିଥିବା କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟର ଅବ୍ୟବସ୍ଥାକୁ ହ୍ରାସକରିବ ବୋଲି ଆଶା କରାଯାଉଛି। ଏହା ଯୁକ୍ତିଯୁକ୍ତ ହୋଇପାରେ, କିନ୍ତୁ ଦୀର୍ଘଦିନ ହେଲା ଅମଲାତାନ୍ତ୍ରିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ବ୍ୟବସ୍ଥିତ କରାଯାଇପାରିନାହିଁ। ମନ୍ତ୍ରଣାଳୟଗୁଡ଼ିକର ସ୍ଥାନାନ୍ତର ଉପଲବ୍ଧତା ଓ ପ୍ରଭାବର ଏକ ନୂତନ ବ୍ୟବସ୍ଥା ସୃଷ୍ଟି କରିଛି, ଯାହା ନୂତନ ସ୍ଥିତି ସହ ଶୀଘ୍ର ଖାପ ଖୁଆଇବାକୁ ଚାହୁଁଥିବା ଲୋକଙ୍କୁ ସମର୍ଥନ କରିବ। ତେବେ ଏହି ପଦକ୍ଷେପ କାର୍ଯ୍ୟକ୍ଷମତାର ଯଥାସମ୍ଭବ ସଙ୍କେତ ଦେଉଛି। ଏହା ପ୍ରଶାସନକୁ ପୁନଃ ପରିଭାଷିତ କରିବାର ଏକ ବ୍ୟାପକ ପ୍ରୟାସକୁ ପ୍ରତିଫଳିତ କରେ । ଏହା କୌଣସି ସୌନ୍ଦର୍ଯ୍ୟର ବିଷୟ ନୁହେଁ ବରଂ ଭାରତ କିପରି ନିଜକୁ ସଙ୍ଗଠିତ କରେ, ଶକ୍ତିର ସଙ୍କେତ ଦିଏ ଏବଂ ଶାସନ ପରିଚାଳନାକରେ ତାହାର ଏକ ପୁନଃ ବ୍ୟବସ୍ଥୀକରଣ।

### ଦିଲ୍ଲୀରେ ଟ୍ରମ୍ପଙ୍କ ଲୋକ

ଭାରତ-ଆମେରିକା ସମ୍ପର୍କରେ ସୃଷ୍ଟି ହୋଇଥିବା ଏକ ଅପ୍ରୀତିକର ତଥା ବିବାଦୀୟ ସ୍ଥିତିରେ ସେର୍ଗିଓ ଗୋର୍ ନୂଆଦିଲ୍ଲୀକୁ ଆସିଛନ୍ତି।ଏଭଳି ସ୍ଥିତି ନିଶ୍ଚିତ ଭାବରେ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ କୂଟନୈତିକ ସୁରକ୍ଷାର ସମ୍ପର୍କକୁ ହଟାଇ ଦେଇଛି। କଠୋର ଶୁଳ୍କ ଲାଗୁ କରାଯିବା ଯୋଗୁ ସମ୍ପର୍କ କ୍ଷୁଣ୍ଣ ହେବା ସହ ବାଣିଜ୍ୟିକ ବିବାଦ ତୀବ୍ର ହୋଇଛି। ଏହାସହ ପୁରୁଣା ରଣନୈତିକ ସହଭାଗିତା ଆହ୍ୱାନପୂର୍ଣ୍ଣ ସ୍ଥିତି ଦେଇ ଗତିକରୁଛି। ଗୋର୍ କୌଣସି ପାରମ୍ପରିକ ଦୂତ ନୁହନ୍ତି ଯାହାଙ୍କୁ କେବଳ ଏବକାର ସ୍ଥିତିକୁ ସହଜ କରିବାକୁ ପଠାଯାଇଛି। ସେ ହେଉଛନ୍ତି ରାଜନୈତିକ, ବାଣିଜ୍ୟିକ ସ୍ତରରେ ଟ୍ରମ୍ପଙ୍କ ନିକଟତର ବ୍ୟକ୍ତି ଏବଂ ଏକ ହ୍ୱାଇଟ୍ ହାଉସ ସହ୍ ସମ୍ପୂର୍ଣ୍ଣ ଭାବରେ ଜଡ଼ିତ। ସେ କୂଟନୀତି ଉପରେ ଜୋର୍ ଦିଅନ୍ତି। ଏହା ଗୁରୁତ୍ୱପୂର୍ଣ୍ଣ କାରଣ ଭାରତ ଏବେ ବନ୍ଧୁତ୍ୱପୂର୍ଣ୍ଣ ତଥା ସହଯୋଗୀ ଭାବେ ନୁହେଁ ସନ୍ଦେହାତ୍ମକ ଭାବେ କାର୍ଯ୍ୟ କରୁଛି ଏବଂ ବିଶ୍ୱାସ କରୁଛି ଯେ ଚାପରେ କାମ କରୁଛି। ଫଳରେ ଭାରତର କାର୍ଯ୍ୟକଳାପରେ ପରିବର୍ତ୍ତନ ଘଟିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ(ଏମ୍‌ଇଏ)ର କର୍ମଚାରୀ ଏବଂ ବାଣିଜ୍ୟ, ଅର୍ଥ ତଥା ପ୍ରତିରକ୍ଷା ମନ୍ତ୍ରଣାଳୟର ବାବୁମାନେ ଆଉ ନୀତି ନିରନ୍ତରତା କିମ୍ବା ସଦ୍ଭାବନାକୁ ଡିଫଲ୍ଟ ସେଟିଂ ଭାବରେ ଗ୍ରହଣ କରିପାରିବେ ନାହିଁ। ୱାଶିଂଟନର ପଦକ୍ଷେପଗୁଡ଼ିକ ବର୍ତ୍ତମାନ ଦୀର୍ଘକାଳୀନ ରଣନୀତି ଦ୍ୱାରା କମ୍ ଏବଂ ଘରୋଇ ରାଜନୀତି ଏବଂ ବୁଝାମଣା ଦୃଷ୍ଟିକୋଣ ଦ୍ୱାରା ଅଧିକ ପରିଚାଳିତ ହେଉଛି। ବାଣିଜ୍ୟରେ ଜଟିଳତା ଦେଖାଯାଇଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ଆଲୋଚକମାନେ ଏବେ ଅଧିକ ତୀକ୍ଷ୍ଣ ପରିସ୍ଥିତି, ଦ୍ରୁତ ସମନ୍ୱୟ ଏବଂ ଆମେରିକା ବଜାର ବାହାରେ ବିଶ୍ୱସନୀୟ ବିକଳ୍ପ ପାଇଁ ଯୋଜନା କରିବାକୁ ପଡ଼ିବ। ଯଦି ଭାରତ ଶୀଘ୍ର ଏବଂ ରଣନୈତିକ ଭାବରେ ଅନୁକୂଳ ହୁଏ, ତେବେ ଅସ୍ଥିରତାକୁ ନିୟନ୍ତ୍ରଣ କରାଯାଇପାରିବ।

### ସେଲ୍ ମୁଖ୍ୟଙ୍କୁ ନେଇ ଚର୍ଚ୍ଚା

ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ୟୁ)ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦୁ ପ୍ରକାଶ ତାଙ୍କ ଇସ୍ତଫାପତ୍ର ଦାଖଲକରି ବିଶ୍ୱସ୍ତରୀୟ ଇସ୍ପାତ ମହାକୁମ୍ଭରେ ଏକ ବରିଷ୍ଠ ପଦବୀ ପାଇଁ ନଜର ରଖିପାରନ୍ତି ବୋଲି ଏବେ ଆଲୋଚନା ହେଉଛି। ତଥାପି, ମନ୍ତ୍ରଣାଳୟର କେହି ଏହାକୁ ସାର୍ବଜନୀନ ଭାବରେ ସ୍ୱୀକାର କରିବେ ନାହିଁ ଏବଂ ଏହା ହିଁ ସମସ୍ୟା। ପ୍ରକାଶ କୌଣସି ବିତ୍ତୀୟ ଅଧିକାରୀ ନୁହନ୍ତି। ସେ ଜଣେ ଅଭିଜ୍ଞ ଟେକ୍ନୋକ୍ରାଟ୍ ଯାହାଙ୍କର ଇସ୍ପାତ ଉତ୍ପାଦନରେ ଗଭୀର ଜ୍ଞାନ ଏବଂ ଏହି କ୍ଷେତ୍ରରେ ଦଶନ୍ଧିର ଅଭିଜ୍ଞତା ଅଛି। ତାଙ୍କ ନେତୃତ୍ୱ ଓ ନୀତିଗତ ଗତିଶୀଳତା ସେଲ୍‌କୁ ବିସ୍ତାରିତ କରିଥଲା ବୋଲି କୁହାଯାଏ। ତେବେ ତାଙ୍କୁ ନେଇ ହେଉଥିବା ଗୁଜବଗୁଡ଼ିକ ଯଦି ସତ୍ୟ ହୁଏ, ତେବେ ଏହା କିଛି ବଡ଼ ସଙ୍କେତ ଦେଇପାରେ ଯେ, ସରକାରୀ କ୍ଷେତ୍ରରୁ ବେସରକାରୀ କମ୍ପାନୀକୁ ପ୍ରତିଭାର ପଳାୟନ ଏକ ଧାରା ହୋଇଯାଉଛି। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଯେତେବେଳେ ଶୀର୍ଷ ଅଧିକାରୀମାନେ ଅନ୍ୟତ୍ର ଭଲ ସୁଯୋଗ ପାଆନ୍ତି, ଯେତେବେଳେ ମନ୍ତ୍ରଣାଳୟଗୁଡ଼ିକ ସ୍ୱଷ୍ଟତା ବଦଳରେ କଠୋର ଅମଲାତନ୍ତ୍ରି ପ୍ରତିକ୍ରିୟା ପ୍ରକାଶ କରନ୍ତି, ସେତେବେଳେ ଏହା ବଜାର, ପିଏସ୍‌ୟୁ ଏବଂ ଏପରିକି ବିଦେଶୀ ନିବେଶକମାନଙ୍କୁ ସୂଚିତ କରିଥାଏ ଯେ ଭାରତର ନେତୃତ୍ୱ ଧାରା ଅସ୍ଥିର। ତେବେ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଏବଂ ତଦାରଖ ସମ୍ପର୍କରେ ନିଷ୍ପତ୍ତି ନେବାକୁ ପଡ଼ିବ, କିନ୍ତୁ ଦେଖାଯାଉଛି ମନ୍ତ୍ରଣାଳୟ ଯେପରି ଅସ୍ୱୀକାର ଏବଂ ଗୁଜବ ନିୟନ୍ତ୍ରଣ ମଧ୍ୟରେ ଫସିରହିଛି।

Email: dilipcherian@gmail.com

# ପିଏଚ୍.ଡି.ର ଆତ୍ମକଥା



**ଡ. ସମୀର କୁମାର ନନ୍ଦ**

ସାମ୍ପ୍ରତିକ ସମୟରେ, ଖବରକାଗଜ ଏବଂ ସୋସିଆଲ ମିଡିଆ 'ପିଏଚ.ଡି. ଡିଗ୍ରୀ' ପାଇଥିବା ବ୍ୟକ୍ତିବିଶେଷଙ୍କ ବିଷୟରେ ଘୋଷଣାରେ ପରିପୂର୍ଣ୍ଣ। ପ୍ରାୟତଃ, ଏହି ରିପୋର୍ଟ ଗୁଡ଼ିକ ଦର୍ଶାଏ ଯେ କାହାକୁ ସମ୍ମାନସୂଚକ ପିଏଚ.ଡି. ପ୍ରଦାନ କରାଯାଇଛି। ତଥାପି, ଅନେକ ପାଠକ ସମ୍ପୂର୍ଣ୍ଣ ଭାବରେ ବୁଝିପାରନ୍ତି ନାହିଁ ଯେ ଏକ ସମ୍ମାନସୂଚକ ପିଏଚ.ଡି ପ୍ରକୃତରେ କ'ଣ ପ୍ରତିନିଧିତ୍ୱ କରେ କିମ୍ବା ଏହା ଏକ ନିୟମିତ ଅର୍ଜିତ ଡକ୍ଟରେଟ ଡିଗ୍ରୀଠାରୁ କିପରି ଭିନ୍ନ। ବି.ଏ. କିମ୍ବା ଏମ.ଏ. ପରି, ପିଏଚ.ଡି. ଏକ ଶୈକ୍ଷିକ ଡିଗ୍ରୀ। ତଥାପି ଏହା ଏପରି ଏକ ଯାହା ପାଇଁ ଉଚ୍ଚତମ ସ୍ତରର ବିଦ୍ୱାନ ପ୍ରତିବଦ୍ଧତା, କଠୋର ପରୀକ୍ଷା ଏବଂ ବର୍ଷ ବର୍ଷର ଗବେଷଣା ଆବଶ୍ୟକ କରେ।

ପିଏଚ.ଡି. ପ୍ରୋଗ୍ରାମରେ ପ୍ରବେଶ ପାଇଁ, ଜଣେ ଛାତ୍ରଙ୍କୁ ପ୍ରଥମେ ଆବଶ୍ୟକୀୟ ମାର୍କ ସହିତ ମାଷ୍ଟର ଡିଗ୍ରୀ (ଏମ.ଏ. କିମ୍ବା ସମକକ୍ଷ) ହାସଲ କରିବାକୁ ପଡ଼ିବ। ପ୍ରବେଶ ପାଇଁ ସାଧାରଣତଃ ବିଶ୍ୱବିଦ୍ୟାଳୟ କିମ୍ବା GATE, UGC-NET, କିମ୍ବା CSIR-NET ପରି ଜାତୀୟ ସଂସ୍ଥା ଦ୍ୱାରା ପରିଚାଳିତ ପ୍ରତିଯୋଗିତାମୂଳକ ଲିଖିତ ଏବଂ ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ। ଏହି ପର୍ଯ୍ୟାୟଗୁଡ଼ିକ ଯୋଗ୍ୟତା ହାସଲ କରିବା ପରେ ହିଁ ପ୍ରକୃତ ଯାତ୍ରା ଆରମ୍ଭ ହୁଏ। ଜଣେ ଗବେଷଣା ବିଦ୍ୱାନଙ୍କୁ ଅନେକ ବର୍ଷ ଅଧ୍ୟୟନ, ତଥ୍ୟ ସଂଗ୍ରହ, ମୌଳିକ ଗବେଷଣା ଏବଂ ଏକ ଥେସିସ୍ ଲେଖିବାରେ ବିତାଇବାକୁ ପଡ଼ିବ। ଏହି ଥେସିସ୍ ବାହ୍ୟ ପରୀକ୍ଷକଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଏ ପ୍ରାୟତଃ ରାଜ୍ୟ ବାହାରର ବିଶ୍ୱବିଦ୍ୟାଳୟଗୁଡ଼ିକରୁ ଏବଂ ମୌଖିକ ପରୀକ୍ଷାରେ ସଫଳତାର ସହ କାର୍ଯ୍ୟକୁ ରକ୍ଷା କରିବା ପରେ ହିଁ ଚୂଡ଼ାନ୍ତ ଡିଗ୍ରୀ ପ୍ରଦାନ କରାଯାଏ। ସଂକ୍ଷେପରେ, ପିଏଚ.ଡି ହାସଲ କରିବା ପାଇଁ ବର୍ଷ ବର୍ଷ ଧରି ସମର୍ପଣ, ଶୃଙ୍ଖଳା ଏବଂ ବୌଦ୍ଧିକ ଶ୍ରମ ଆବଶ୍ୟକ।

ସେହିପରି ଡି .ଲିଟ ଓ ଡି ଏସସି ଡିଗ୍ରୀ ମଧ୍ୟ ସେମିତି ପରୀକ୍ଷା ଦେଇ ହାସଲ କରାଯାଏ । ତେଣୁ ଯଦି ଜଣେ ଏମିତି ପରୀକ୍ଷା ଦେଇ ପିଏଚ. ଡିଗ୍ରୀ ପାଇଥିବେ, ସେ କେବଳ ନିଜ ନାମ ଆଗରେ ଡକ୍ଟର ବୋଲି ଲେଖିପାରିବେ। ଯେହେତୁ ଏସବୁ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଡିଗ୍ରୀ ତେଣୁ କୌଣସି ବ୍ୟକ୍ତି ବିଶେଷଙ୍କୁ କୌଣସି କ୍ଷେତ୍ରରେ ଜୀବନବ୍ୟାପି ସାଧନା ଲାଗି ସମ୍ମାନିତ କରିବା ପାଇଁ ସମ୍ମାନସୂଚକ ପିଏଚ. , ଡିଲିଟ କିମ୍ବା ଡିଏସ୍‌ସି ଡିଗ୍ରୀ ପ୍ରଦାନ କରାଯାଏ। ଯେହେତୁ ଏଇଟା କେବଳ ସମ୍ମାନସୂଚକ ପ୍ରଦାନ ତେଣୁ ସେମାନେ ନିୟମ ଅନୁସାରେ ତାଙ୍କ ନାମ ଆଗରେ ଡକ୍ଟର ଲେଖିବା କଥା ନୁହେଁ। ଏବେ ତ ଭାରତ ସରକାର ପଦ୍ମଶ୍ରୀ, ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷ ମଧ୍ୟ ତାଙ୍କ ନାମ ଆଗରେ ଏଇଟା ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଡି.ଲିଟ (ସାହିତ୍ୟର ଡକ୍ଟର) ଏବଂ ଡି.ଏସ୍‌ସି (ବିଜ୍ଞାନର ଡକ୍ଟର) ଭଳି ଡିଗ୍ରୀଗୁଡ଼ିକ ଗବେଷଣା ଏବଂ ମୂଲ୍ୟାଙ୍କନର ଆହୁରି ଉନ୍ନତ ସ୍ତର ଅନୁସରଣ କରନ୍ତି। ତେଣୁ, ପରୀକ୍ଷା ଏବଂ ଗବେଷଣା ମାଧ୍ୟମରେ ଏହି ଡିଗ୍ରୀ ଅର୍ଜନ କରୁଥିବା ବ୍ୟକ୍ତିମାନେ ସେମାନଙ୍କ ନାମ ପୂର୍ବରୁ 'ଡକ୍ଟର' ନାମ ଲେଖିବାର ଅଧିକାର ପାଇପାରିବେ।



ତଥାପି, ସମ୍ମାନଜନକ ଡକ୍ଟରେଟ ମୌଳିକ ଭାବରେ ଭିନ୍ନ। ସମାଜ, ଛାତ୍ରବୃତ୍ତି, କଳା, ଜନସେବା କିମ୍ବା ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନଜନକ ପିଏଚଡି, ଡି.ଲିଟ୍ କିମ୍ବା ଡି.ଏସସି ଡିଗ୍ରୀ ପ୍ରଦାନ କରନ୍ତି। ଏହି ଡିଗ୍ରୀଗୁଡ଼ିକ ପୁରସ୍କାର, ଶିକ୍ଷାଗତ ଯୋଗ୍ୟତା ନୁହେଁ ଏବଂ ଏଥିପାଇଁ କୌଣସି ପାଠ୍ୟକ୍ରମ, ଗବେଷଣା କିମ୍ବା ପରୀକ୍ଷା ଆବଶ୍ୟକ ନାହିଁ। ଭାରତ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ଶିକ୍ଷାଗତ ନିୟମ ଅନୁଯାୟୀ, ସମ୍ମାନଜନକ ଡକ୍ଟରେଟ ପ୍ରାପ୍ତକର୍ତ୍ତାମାନେ ସେମାନଙ୍କ ନାମ ପୂର୍ବରୁ 'ଡକ୍ଟର' ବ୍ୟବହାର କରିପାରିବେ ନାହିଁ।

ପୂର୍ବରୁ, ପିଏଚଡି ଅର୍ଜନ କରିବାରେ ଆହୁରି ବଡ଼ ବାଧା ସୃଷ୍ଟି ହେଉଥିଲା। ଦୁଇଜଣ ଭାରତୀୟ ଏବଂ ଜଣେ ବିଦେଶୀ ପରୀକ୍ଷକଙ୍କ ଏକ ପ୍ୟାନେଲ ଦ୍ୱାରା ଥେସିସ୍ ମୂଲ୍ୟାଙ୍କନ କରାଯାଉଥିଲା, ଯାହା ପ୍ରାୟତଃ ଦୀର୍ଘ ବିଳମ୍ବକୁ ବୁଝାଉଥିଲା। ଯଦିଓ ସମୟ ସହିତ ଏହି ନିୟମଗୁଡ଼ିକ ପରିବର୍ତ୍ତନ ହୋଇଛି, ଡିଗ୍ରୀ କଠୋର ମୂଲ୍ୟାଙ୍କନ ଦାବି କରୁଛି। ପ୍ରକ୍ରିୟାଟି ଥରେ କେତେ ଚ୍ୟାଲେଞ୍ଜିଂ ଥିଲା ତାହା ଦର୍ଶାଇବା ପାଇଁ, ଆସନ୍ତୁ ଆମେ ପ୍ରଫେସର ବିଜୟ ତ୍ରିପାଠୀଙ୍କ ଲେଖାରେ ଦଲିଲ ହୋଇଥିବା ଏକ ଘଟଣାକୁ ପୁନର୍ବାର ଦେଖିବା। ୧୯୪୦ ମସିହାରେ, ପ୍ରଫେସର ଡକ୍ଟର ହରଦେବ ବାହାରୀ ସେତେବେଳେ ଲାହୋର କଲେଜର ଜଣେ ଅଧ୍ୟାପକ ଏବଂ ପରେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟର ଭାଷାବିଜ୍ଞାନ ବିଭାଗର ମୁଖ୍ୟ ତାଙ୍କର ପିଏଚଡି କରୁଥିଲେ। ହରଦେବ ବାହାରୀ (୧ ଜାନୁଆରୀ ୧୯୦୭ – ୩୧ ମାର୍ଚ୍ଚ ୨୦୦୦) ଜଣେ ପ୍ରଖ୍ୟାତ ଭାଷାବିତ୍, ସାହିତ୍ୟିକ ସମାଲୋଚକ ଏବଂ ଶବ୍ଦକୋଷକାର ଥିଲେ ଯାହା ହିନ୍ଦୀ, ପଞ୍ଜାବୀ ଏବଂ ଅନ୍ୟାନ୍ୟ ଇଣ୍ଡୋ-ଆର୍ଯ୍ୟ ଭାଷାରେ ତାଙ୍କର ଅଗ୍ରଣୀ କାର୍ଯ୍ୟ ପାଇଁ ଜଣାଶୁଣା। ସେ ଅନେକ ଏକଭାଷୀ ଏବଂ ଦ୍ୱିଭାଷୀ ଅଭିଧାନ ସଂକଳନ କରିଥିଲେ, ଯାହା ମଧ୍ୟରୁ ଅନେକ ଆଜି ମାନକ ସନ୍ଦର୍ଭ ହୋଇ ରହିଛି।

ମୂଲ୍ୟାଙ୍କନ ପ୍ରକ୍ରିୟାର ଏକ ଅଂଶ ଭାବରେ, ତାଙ୍କ ଥେସିସ୍‌ର ଏକ କପି ଲଣ୍ଡନ ବିଶ୍ୱବିଦ୍ୟାଳୟର ଜଣେ ଭାଷାବତ୍‌ଙ୍କ ନିକଟକୁ ପଠାଯାଇଥିଲା। ମାସ ବିତିଗଲା କୌଣସି ଉତ୍ତର ନ ମିଳିଲା। ଚିନ୍ତିତ ହୋଇ, ବାହାରୀ ତାଙ୍କ ପିଲାଦିନର ବନ୍ଧୁ, ଜଣାଶୁଣା ଅଭିନେତା ଏବଂ ଲେଖକ ବଲରାଜ ସାହାଣୀଙ୍କୁ ଲେଖିଲେ, ଯିଏ ସେତେବେଳେ ଲଣ୍ଡନରେ ବିବିସିରେ କାମ କରୁଥିଲେ ଏବଂ ତାଙ୍କୁ ପଚାରିବାକୁ ଅନୁରୋଧ କଲେ। ସାହାଣୀ ଜାଣିଲେ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଶତ୍ରୁ ଆକ୍ରମଣରେ ଥେସିସ୍ ବହନ କରୁଥିବା ଜାହାଜ ବୁଡ଼ି ଯାଇଥିଲା। ଫଳସ୍ୱରୂପ, ଥେସିସ୍‌ଟି କେବେ ଲଣ୍ଡନରେ ପହଞ୍ଚି ନ ଥିଲା। ଏହି ଖବର ପାଇବା ପରେ, ବାହାରୀ ଆଉ ଏକ କପି ପ୍ରସ୍ତୁତ କରି ପୁଣି ପଠାଇଲେ, ଶେଷରେ ସଫଳତାର ସହ ତାଙ୍କର ପିଏଚ.ଡି ସମାପ୍ତ କଲେ।

ଆଜି, ସମଗ୍ର ଶିକ୍ଷା ପ୍ରକ୍ରିୟା ବହୁତ ସୁଗମ ହୋଇଯାଇଛି। ଆବେଦନ, ଦାଖଲ, ମୂଲ୍ୟାଙ୍କନ ଏବଂ ଏପରି କି ମୌଖିକ ପରୀକ୍ଷା ପ୍ରାୟତଃ ଅନଲାଇନରେ ମଧ୍ୟ କରାଯାଇ ପାରୁଛି । ତଥାପି, ଏହି ସୁବିଧା ସତ୍ତ୍ୱେ, ଶିକ୍ଷାଗତ ପିଏଚ.ଡି ଏକ କଠୋର ଗବେଷଣା ଡିଗ୍ରୀ ଭାବରେ ରହିଯାଏ, ଏକ ସମ୍ମାନଜନକ ଡକ୍ଟରେଟ ସହିତ ଦ୍ୱନ୍ଦ୍ୱରେ ପଡ଼ିବା ଉଚିତ ନୁହେଁ। ଏହା ମଧ୍ୟ ଉଲ୍ଲେଖନୀୟ ଯେ ସରକାରୀ ପିଏଚଡି ସାର୍ଟିଫିକେଟ କେବଳ 'ଡକ୍ଟର ଅଫ ଫିଲୋସୋଫି ଡିଗ୍ରୀ' ଉଲ୍ଲେଖ କରେ ଏବଂ ଡିଗ୍ରୀ ସମ୍ମାନଜନକ କି ନାହିଁ ତାହା ସୂଚାଏ ନାହିଁ।

ଏହି ପାର୍ଥକ୍ୟଗୁଡ଼ିକୁ ବୁଝିବା ଅତ୍ୟନ୍ତ ଜରୁରୀ, ବିଶେଷକରିଯେତେବେଳେ ସମ୍ମାନଜନକ ଡିଗ୍ରୀ ବହୁଳ ଭାବରେ ପ୍ରଚାରିତ ହୁଏ ଏବଂ କେତେକ ସମୟରେ ଭୁଲ ବୁଝାଯାଏ। ଶିକ୍ଷାଗତ ପିଏଚ.ଡି ବର୍ଷ ବର୍ଷ ଧରି ପ୍ରୟାସ କରି ଅର୍ଜନ କରାଯାଏ ; ସମ୍ମାନଜନକ ଡକ୍ଟରେଟ ହେଉଛି ସମ୍ମାନର ଏକ ଇଙ୍ଗିତ। ଦୁଇଟିକୁ କେବେ ବି ମିଶ୍ରଣ କରାଯିବା ଉଚିତ ନୁହେଁ।

ମୋ : ୯୪୩୭୨୧୮୯୧୭

# ଆଜିର ଯୁବସମାଜ



**ଡ. ମନୋରଞ୍ଜନ ପ୍ରଧାନ**

"କିଛି ଦିନ ପୂର୍ବେ ଜଣେ ଛାତ୍ରଙ୍କୁ କହିଲି ଆସନ୍ତା ରବିବାର କିଛି ସାମାଜିକ ସେବା କରିବା। କଥା ଶୁଣି ଯୁବ ଛାତ୍ର ଜଣକ ଉତ୍ତର ଦେଲା– ସରି ସାର୍, ଆଇ ୱିଲ କମ୍ପଲିଟ୍ ମାଇଁ ସ୍ଲିପ ସାଇକେଲ। ମାନେ ସାର୍ ରବିବାର ଦିନ ମୁଁ ମୋର ନିଦ ପୂରା କରିବି। ମୁଁ ପଚାରିଲି ଅନ୍ୟ ଦିନ ଶୋଉ ନାହଁ କି? ସେ କହିଲେ ରାତି ବାରରୁ ସକାଳ ସାଢ଼େ ଆଠ ଯାଏ ଶୋଉଛି କିନ୍ତୁ ରବିବାର ଭଳି ଛୁଟି ଦିନଗୁଡ଼ିକରେ ଅନ୍ତତଃ ବାର ଚଉଦ ଘଣ୍ଟା ଶୋଇଥାଏ। ଏହା ହେଉଛି ଆଜିକାଲିର ଯୁବପିଢ଼ିଙ୍କ ମାନସିକତା। ସେହିପରି ଯେତେବେଳେ ଛାତ୍ରୀଛାତ୍ରଙ୍କୁ ପଚାରେ ଆଜି କ'ଣ ଖାଇଛ? ପ୍ରାୟତଃ ଉତ୍ତର ଆସେ ଫାଷ୍ଟ ଫୁଡ୍ ଖାଇ ଦେଇଛି। ସେହିପରି ଘଣ୍ଟା ଘଣ୍ଟା ଧରି ମୋବାଇଲ ଫୋନ ବ୍ୟବହାର କରିବା ଏମାନଙ୍କ ଏକ ସଉକ। ଅପରପକ୍ଷରେ, ଆଜିର ଯୁବସମାଜ କୌଣସି କାରଣବଶତଃ ନିଶା ପାନ ଭଳି କୁଅଭ୍ୟାସର ବଶବର୍ତ୍ତୀ। ମଦଦୋକାନ ପାଖରେ କିଶୋରମାନଙ୍କୁ ଦେଖିଲେ ମନରେ ଆଘାତ ସୃଷ୍ଟି ହୁଏ। ଗୁଟ୍‌ଖାର ବେପରୁଆ ବ୍ୟବହାର ଯୁବବର୍ଗଙ୍କ ଏକ କୁଅଭ୍ୟାସ ଯାହାର କୁପରିଣତି ନିଜେ, ପରିବାର ଓ ସମଗ୍ର ସମାଜକୁ ଭୋଗିବାକୁ ପଡୁଛି। କିନ୍ତୁ ତାଙ୍କୁ କହିବ କିଏ! ମାନେ ଆଜିକାଲି ଯୁବଗୋଷ୍ଠୀଙ୍କ ଜୀବନଚର୍ଯ୍ୟା ସମ୍ପୂର୍ଣ୍ଣ ବିଶୃଙ୍ଖଳିତ, ଅସନ୍ତୁଳିତ ଏବଂ ସେମାନଙ୍କ ଆଚରଣ ମଧ୍ୟ ସମାଜ ଉପଯୋଗୀ ନୁହେଁ। ଶୋଇବା, ଉଠିବା, ଖାଇବା ଇତ୍ୟାଦିରେ କୌଣସି ସମୟ ସାରଣୀ ନାହିଁ। ପାଟିଟା ସ୍ୱାଦଚଖା ଯନ୍ତ୍ର। ମୋବାଇଲ ପାଇଁ ଏମାନେ ରାତିଚର। ନିଶାଦ୍ରବ୍ୟଲାଗି ଏମାନେ ଏକ ପ୍ରକାର ପାଗଳ। ଏଭଳି ପରିସ୍ଥିତିରେ ଏମାନଙ୍କଠୁ ପିତାମାତା ଓ ଦେଶବାସୀ କ'ଣ ଆଶାକରିବେ।

ଆଜିକାଲିର ଯୁବଗୋଷ୍ଠୀ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ପାରଙ୍ଗମ। କିନ୍ତୁ ସାମାଜିକ ଜୀବନ ଧାରଣର ମୌଳିକ ଗୁଣାବଳୀ ଆଦି ତୁଳନାତ୍ମକ ଭାବରେ ନଗଣ୍ୟ। ଏମାନେ ପରୀକ୍ଷାରେ ସଫଳ କିନ୍ତୁ ଜୀବନରେ ବିଫଳ। ଜୀବିକା କଳା କୌଶଳରେ ପ୍ରବୀଣ କିନ୍ତୁ ଜୀବନ କଳା କୌଶଳ ବିକାଶ କ୍ଷେତ୍ରରେ ପଛୁଆ। ଜ୍ଞାନ, ଦକ୍ଷତା ଓ କୌଶଳ ବିଦ୍ୟାରେ ପାରଙ୍ଗମ, ହେଲେ ନୈତିକତା, ମୂଲ୍ୟବୋଧ, ଅନୁଶାସନ ଆଦିରେ ପଛରେ। ବିଚାର ବିଭ୍ରାଟ ଓ ବିପର୍ଯ୍ୟସ୍ତ ଦିନଚର୍ଯ୍ୟା ଏମାନଙ୍କ ପାଇଁ ବଡ଼ ସଙ୍କଟ।

ଆମ ସାମାଜିକ ବ୍ୟବସ୍ଥାରେ ବ୍ରହ୍ମ ସ୍ନାନ, ଋଷି ସ୍ନାନ, ଦେବ ସ୍ନାନ, ମାନବ ଓ ଦାନବ ସ୍ନାନ ଆଦି ଅନେକପ୍ରକାର ସ୍ନାନ ବ୍ୟବସ୍ଥାର ସଂରଚନା ଅଛି। କିନ୍ତୁ ଯୁବଗୋଷ୍ଠୀ ପାଇଁ ଦାନବ ବା ରକ୍ତ ସ୍ନାନ ହିଁ ଏକମାତ୍ର ବିକଳ୍ପ। କାରଣ ଏମାନଙ୍କ ଉଠିବା ସମୟ ଦିନ ୯ ପରେ। ଖାଇବା ପିଇବାରେ କୌଣସି ଶୃଙ୍ଖଳା ନାହିଁ କହିଲେ ଚଳେ। ଯେତେବେଳେ ଯାହା ମିଳିଲା ଖାଇ ଚାଲିଲେ। ପୋଷଣ ଯୁକ୍ତ ସ୍ୱଦେଶୀ ଖାଦ୍ୟ ଏମାନଙ୍କୁ ରୁଚିକର ନୁହେଁ। ସେଥିପାଇଁ ଖାଦ୍ୟଜନିତ ରୋଗରେ ପୀଡ଼ିତ ହେବା ଏକ ସାଧାରଣ ଘଟଣା। ହଜମଜନିତ, ଅମ୍ଳ ଦୋଷ ଜନିତ, ମଧୁମେହ, ମେଦବହୁଳ, ରକ୍ତଚାପ ଆଦି ଅନେକ ଶାରୀରିକ ସମସ୍ୟାର ସମ୍ମୁଖୀନ ଆଜିର ଯୁବପିଢ଼ି। ହୃଦ୍‌ଘାତଜନିତ ଅକାଳ ମୃତ୍ୟୁବରଣ ସଂଖ୍ୟା ବହୁଗୁଣିତ ହୋଇଛି। ଯଦିଓ ଏହାର ବାସ୍ତବ କାରଣ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଠିକ୍ କହିପାରିବେ। କିନ୍ତୁ ସାଧାରଣ ଭାବରେ କହିଲେ ଅସନ୍ତୁଳିତ ଦିନଚର୍ଯ୍ୟା ଓ ଅଶୃଙ୍ଖଳିତ ଖାଦ୍ୟାଭ୍ୟାସ ଏଭଳି ସଙ୍କଟର କାରଣ ହୋଇପାରେ।



ନିଜକୁ ନିଜେ ନ୍ୟାୟ ପ୍ରଦାନ କରିବାରେ ଅସମର୍ଥ ଆଜିର ଯୁବବର୍ଗଙ୍କ ସମାଜ ଓ ପରିବେଶ ପ୍ରତି ମଧ୍ୟ ସେମାନଙ୍କ ଉତ୍ତରଦାୟିତ୍ୱ ଥିବା ଭଳି ପରିଲକ୍ଷିତ ହେଉନାହିଁ। ବେଧଡ଼କ ପଲିଥିନ ଓ ପ୍ଲାଷ୍ଟିକର ଅପର୍ଯ୍ୟାପ୍ତ ବ୍ୟବହାର ଏହାର ଏକ ଜ୍ୱଳନ୍ତ ନମୁନା। ଜଳଖିଆ ପାର୍ସଲଠାରୁ ପନିପରିବା ନେବା ଯାଏ ସବୁଠି ପଲିଥିନର ଉପଯୋଗ ପରିବେଶ ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛି। କେବଳ ସେତିକି ନୁହେଁ ବୃତ୍ତିଗତ ମୂଲ୍ୟବୋଧର ଅଭାବ ମଧ୍ୟ ସ୍ପଷ୍ଟ। ଏମାନେ ସମସ୍ତେ ସହରରେ କାମ କରିବାକୁ ପ୍ରସ୍ତୁତ କିନ୍ତୁ ଗାଁ କଥା କହିଲେ ପଳାୟନପନ୍ଥୀ। କାମ କରିବାର ମାନସିକତା ମଧ୍ୟ ବହୁତ ନକାରାତ୍ମକ। ଲାଭାର୍ଥୀମାନଙ୍କୁ ଉପଯୁକ୍ତ ସେବା ଦେବାରେ କୁଣ୍ଠିତ। ସଂକ୍ଷେପରେ କହିଲେ ଆଜିର ଯୁବ ସମାଜ ମୁଖ୍ୟତଃ ଆତ୍ମକୈନ୍ଦ୍ରିକ। ଆପଣା ସୁଖ ସେମାନଙ୍କ ଜୀବନର ଲକ୍ଷ୍ୟ। ଅମନଯୋଗୀ, ବୃତ୍ତିଗତ ମୂଲ୍ୟବୋଧର ଅଭାବ, ଅସହନଶୀଳତା, ଅଳସୁଆ ମନୋଭାବ, ଅଧିକ ସ୍ୱାର୍ଥୀ, ସମାଜ ଓ ରାଷ୍ଟ୍ର ମନସ୍କ କମ, ମାତାପିତା ତଥା ଗୁରୁଜନଙ୍କ ପ୍ରତି ସମ୍ମାନ ବୋଧର ଘୋର ଅଭାବ, ବିଶୃଙ୍ଖଳିତ ଆଚରଣ ଇତ୍ୟାଦି ଯୁବପିଢ଼ିକୁ ବିପଥଗାମୀ କରୁଛି।

ପ୍ରକୃତରେ ଯୁବାବସ୍ଥା ହେଉଛି ଜୀବନର ପ୍ରକୃଷ୍ଟ ସମୟ। ଏହି ସମୟରେ ସବୁ ଅସମ୍ଭବକୁ ସମ୍ଭବ କରାଯାଇପାରେ। ଏ ସମୟରେ ଯୁବତୀଯୁବକଙ୍କ ପାଖରେ ଥାଏ ଦୃଢ଼ ମନୋବଳ, ଅବିଶ୍ୱାସ୍ୟ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ, ଅଦମ୍ୟ ସାହସ, ଶୌର୍ଯ୍ୟ, କିଛିକରି ଦେଖେଇବାର ମାନସିକତା ଓ ସଙ୍କଳ୍ପ, ଅସୀମ ସମ୍ଭାବନା ଓ ଯେକୌଣସି କାର୍ଯ୍ୟ ସମ୍ପାଦନର ଅସୀମ ଧୈର୍ଯ୍ୟ ଓ ଶକ୍ତି। କିନ୍ତୁ ମୂଲ୍ୟବୋଧର ଅଭାବ କାରଣରୁ ଯୁବପିଢ଼ି ବିପଥଗାମୀ। ଇତିହାସ ପୃଷ୍ଠାକୁ ଓଲଟାଇଲେ ଜଣାଯାଏ କି ଆଜି ବିଶ୍ୱ ପ୍ରସିଦ୍ଧ ମହାପୁରୁଷମାନେ ନିଜର ଯୁବାବସ୍ଥାରେ ଯାହା କରିଛନ୍ତି, ସେଥିପାଇଁ ସେମାନେ ଅମର ହୋଇରହିଛନ୍ତି। ଯଦି ଯୁବାବସ୍ଥାରେ ଶୋଇ ରହିବା, ଅମନଯୋଗୀ ହେବା, ସମୟର ଅପଚୟ କରିବା, ନିଜ କାମ ଠିକ୍ ଭାବେ କରିବା ନାହିଁ, ଠିକ୍ ଜ୍ଞାନ ଓ କୌଶଳ ଶିଖିବା ନାହିଁ, ମାନବୀୟ ମୂଲ୍ୟବୋଧ ଆହରଣ କରିବା ନାହିଁ ଏବଂ ସମାଜ, ରାଷ୍ଟ୍ର ତଥା ବିଶ୍ୱ ପାଇଁ କିଛି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ନାହିଁ, ତା'ହେଲେ ଯୁବପିଢ଼ି ସମାଜର ଆଶୀର୍ବାଦ ପରିବର୍ତ୍ତେ ଅଭିଶାପ ବା ବୋଝ ହୋଇ ନିଜର ଓ ସମାଜର ଅସୀମ କ୍ଷତି କରିବେ। ତେଣୁ ଯୁବ ସମାଜ ନିଜର ସାମର୍ଥ୍ୟ ଜାଣି ଓ ବୁଝି, ନିଜ ପାଇଁ, ପରିବାର ପାଇଁ, ରାଷ୍ଟ୍ର ଓ ସମାଜ ପାଇଁ କିଛି କରି ଜୀବନର ସାର୍ଥକତା ହାସଲ କରିବା ଉଚିତ। ହଁ ମନେରଖିବା ଉଚିତ୍ କି ମାନବିକତା, ମୂଲ୍ୟବୋଧ ଓ ନୈତିକତା ବିନା ଆମର ସମସ୍ତ କୃତି ଓ କୀର୍ତ୍ତି ନିଷ୍ଫଳ ଏବଂ ଅର୍ଥହୀନ। ଏ କଥା ମଧ୍ୟ ମନେରଖିବା ଉଚିତ୍ କି ଯୁବଶକ୍ତି ହିଁ ରାଷ୍ଟ୍ର ଶକ୍ତି। ସେମାନଙ୍କ ଶକ୍ତି, ସାମର୍ଥ୍ୟ ଓ ସମର୍ପଣ ହିଁ ଗୋଟିଏ ରାଷ୍ଟ୍ରକୁ ସ୍ୱାବଲମ୍ବୀ, ସ୍ୱାଭିମାନୀ ଓ ସମୃଦ୍ଧିର ଶୀର୍ଷରେ ପହଞ୍ଚିବା ପାଇଁ ମାର୍ଗ ପ୍ରଶସ୍ତ କରିବ।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ:୭୦୦୮୨୮୩୦୫୫**

## ଏଇ ଭାରତରେ

ସୁସ୍ଥ ପରିବେଶ ସୁସ୍ଥ ପୃଥିବୀ ଗଢ଼ିବ। ଏଣୁ ଆଗାମୀ ପିଢ଼ି ପାଇଁ ପରିବେଶକୁ ସୁରକ୍ଷିତ ରଖିବା ଏବର ବୟସ୍କଙ୍କ ଦାୟିତ୍ୱ। ଏହାକୁ କୌଣସି ପ୍ରକାରେ ଅଣଦେଖା କରିବା ଉଚିତ ନୁହେଁ ବରଂ ଏଦିଗରେ ପଶ୍ଚିମବଙ୍ଗର ରମେଶ ଚନ୍ଦ୍ରନଙ୍କଠାରୁ ଶିକ୍ଷା ନେବା ଆବଶ୍ୟକ। ରମେଶ ହେଉଛନ୍ତି ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ଏବେ ତାଙ୍କୁ ବୟସ ୭୦ରୁ ଊର୍ଦ୍ଧ୍ୱ। ଅବସର ପରେ ସେ ଲକ୍ଷ୍ୟ କରିଥିଲେ ଯେ, କୋଲ୍‌କାତାରେ ବଡ଼ ବଡ଼ ଗଛଗୁଡ଼ିକୁ କାଟିଦିଆଯାଉଛି କିମ୍ବା ସେଗୁଡ଼ିକ ମରିଯାଉଛି। ଏହି ଦୃଶ୍ୟ ଦେଖି ନିଜ ବାଟରେ ଚାଲି ଯାଉଥିବାବେଳେ ରମେଶ କିଛି ସମୟ ଗଛ ପାଖରେ ରହି ପରିବେଶ ପାଇଁ ସେମାନଙ୍କ ଆବଶ୍ୟକତାକୁ ଅନୁଭବ କରିଥିଲେ। ପରେ ସେ ଛୋଟ ଚାରା ଗଛ ନେଇ ଲଗାଇବା ଆରମ୍ଭ କରିଦେଲେ। ଚାରା ଲଗାଇବା ପରେ ପ୍ରତିଦିନ ସକାଳ ୫ଟାରେ ଉଠି ୨୦ ଲିଟର ପାଣି ନେଇ ବାହାରିଯାଇ ଗଛଗୁଡ଼ିକରେ ଦେଇଥାନ୍ତି। ପ୍ରାରମ୍ଭିକ ସମୟରେ ଏହାକୁ ଦେଖି ଲୋକେ ଏଡ଼ାଇ ଚାଲିଯାଉଥିଲେ। ହେଲେ ସମୟକ୍ରମେ ରମେଶଙ୍କ ଏହି କାର୍ଯ୍ୟ ଲୋକମାନଙ୍କୁ ଆକର୍ଷିତ କରିଥିଲା। ଧୀରେ ଧୀରେ ପଡ଼ୋଶୀମାନେ ତାଙ୍କ ସହ ସାମିଲ ହୋଇଥିଲେ, ସୁରକ୍ଷା ଗାର୍ଡମାନେ ସାହାଯ୍ୟ ମଧ୍ୟ କଲେ। ସକାଳେ ଚାଲିବାକୁ ଯାଉଥିବା ଲୋକେ ମଧ୍ୟ ନିଜ ପକେଟରେ ପାଣି ନେଇ ଆସିଲେ। ଫଳରେ ଜଣେ ବ୍ୟକ୍ତିଙ୍କ ଦ୍ୱାରା ନିଆଯାଇଥିବା ଏକ ପଦକ୍ଷେପ ପରେ ଲୋକଙ୍କ ଅଭିଯାନ ପାଲଟିଗଲା। ଏବେ ତାଙ୍କ ଉଦ୍ୟମରେ ୨୦,୦୦୦ରୁ ଅଧିକ ଗଛ ଲଗାଯାଇ ସାରିଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

**୧୭ ଜାନୁଆରୀ ୧୯୭୬**

- ସବୁ ର୍‍ୟାଙ୍କର ସୈନ୍ୟବାହିନୀ ଅଫିସରମାନଙ୍କ ଚାକିରି ସମୟସୀମା ଦୁଇ ବର୍ଷ ବୃଦ୍ଧି କରାଯାଇଥିବା ନେଇ ଜେନେରାଲ ଟି.ଏନ୍. ରାଇନା ଘୋଷଣା କରିଛନ୍ତି।
- ସମୁଦ୍ର ଭିତରେ ଭାରତର ଅର୍ଥନୈତିକ ଜୋନ ସମୁଦ୍ରକୂଳରୁ ୨ ଶହ ମାଇଲବ୍ୟାପୀ ଭିତରକୁ ରହିବ ବୋଲି ଭାରତ ପକ୍ଷରୁ ଘୋଷଣା କରାଯାଇଛି।

## ସୁ-ଡୋ-କୁ

su|do|ku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | 8 | | 5 | 9 |
| | | 1 | 9 | | | | | 8 |
| | 3 | 9 | | 5 | | | | |
| | | | | | | | | 5 |
| 3 | | | | | | 4 | | 2 |
| | 6 | | | | 2 | | | |
| | 7 | 6 | 5 | | | | 8 | |
| | | | | 1 | | | 6 | 4 |
| | 2 | | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 7 | 9 | 5 | 6 | 8 | 1 | 2 |
| 9 | 6 | 1 | 3 | 8 | 2 | 7 | 4 | 5 |
| 2 | 8 | 5 | 7 | 4 | 1 | 9 | 6 | 3 |
| 4 | 5 | 9 | 6 | 1 | 3 | 2 | 7 | 8 |
| 6 | 1 | 3 | 2 | 7 | 8 | 5 | 9 | 4 |
| 8 | 7 | 2 | 5 | 9 | 4 | 1 | 3 | 6 |
| 7 | 2 | 4 | 1 | 3 | 5 | 6 | 8 | 9 |
| 1 | 3 | 6 | 8 | 2 | 9 | 4 | 5 | 7 |
| 5 | 9 | 8 | 4 | 6 | 7 | 3 | 2 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମୋବାଇଲ ବ୍ୟବହାର ଉପରେ କଟକଣା ରହୁ

ମହାଶୟ,

ପାରିବାରିକ ଅଶାନ୍ତି, ଅଭାବ ଅନଟନ, ପ୍ରେମରେ ବିଫଳତା, ପ୍ରେମରେ ଠକାମି କିମ୍ବା ମୋବାଇଲରେ ଅଶ୍ଳୀଳତା କିଶୋରୀ କିଶୋର ଏବଂ ଯୁବତୀ ଯୁବକଙ୍କୁ ବିପଥଗାମୀ କରିଥାଏ ଏବଂ ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଇ କରିଥାଏ। କୋମଳମତି ବାଳିକା ବାଳକଙ୍କୁ ପାଦେ ପାଦେ ଜଗିବା ମାତାପିତାଙ୍କର କର୍ତ୍ତବ୍ୟ। ମାତାପିତାମାନେ ସଚ୍ଚୋଟ ହେଲେ, ସେମାନଙ୍କ ଉଚ୍ଚାରଣ ଓ ଆଚରଣ ମାର୍ଜିତ ହେଲେ ପିଲାମାନେ ପ୍ରଭାବିତ ହୋଇଥାନ୍ତି। ସଂସ୍କାରିତ ପିଲାଙ୍କ ସହିତ ସାଙ୍ଗ ହୋଇଗଲେ ସେହିମାନଙ୍କ ଭଳି ମାର୍ଜିତ ହୋଇଥାନ୍ତି। ଭଲ ସ୍କୁଲରେ ଭଲ ଶିକ୍ଷକ ଶିକ୍ଷୟିତ୍ରୀ ଥିଲେ ପିଲାମାନେ ସେମାନଙ୍କ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥାନ୍ତି। ପିଲାମାନେ କ'ଣ ଚାହାନ୍ତି ବା କି ଅଭିଯୋଗ କରନ୍ତି, ସେମାନଙ୍କ କଥା ଗୁରୁତ୍ୱର ସହିତ ଶୁଣି ତାହାର ସମାଧାନ କରିଦେଲେ ସେମାନଙ୍କ ମନରେ ବିଦ୍ୱେଷ ଭାବ ଜାଗ୍ରତ ହେବ ନାହିଁ। ପିଲାଙ୍କ ପାଠପଢ଼ା ଲାଗି ମୋବାଇଲ ଅତ୍ୟନ୍ତ ଦରକାରୀ ହୋଇପଡ଼ିଛି। ମୋବାଇଲ ମଧ୍ୟରେ ଯେଉଁ ଅଶ୍ଳୀଳତା ପ୍ରଦର୍ଶନ କରାଯାଉଛି ତାହା ଉପରେ ରୋକ ଲଗାଇବା ପାଇଁ ସରକାର ଯତ୍ନବାନ ହେବା ଉଚିତ। ସରକାରଙ୍କୁ କିମ୍ବା ଅନ୍ୟମାନଙ୍କୁ ଧମକ ଦେବାକୁ ଆତ୍ମହତ୍ୟା ଏକ ମାଧ୍ୟମ ହୋଇଗଲାଣି। ଏଥିପାଇଁ ସଚେତନତା ଦରକାର।

**–ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

## ଚିରନ୍ତନୀ

ପଥେ ପଥେ ରୂପେ ରୂପେ
ରୂପର ବିଳାସ,
ଫେରିଆସେ ବାର ବାର
ସେହି ମଧୁମାସ । –(ଚିରନ୍ତନ କୁହୁ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ହାଟଡିହୀ,୧୬।୧(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶାସଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ନବ କିଶୋର ବିଶ୍ୱାଳଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ହାଟଡିହୀ ବିଇଓ ରାଜୀବ ଦଳେଇ, ମୁଖ୍ୟ ବକ୍ତା ଭାବେ ମନ୍ମଥ ନାଥ ମହାନ୍ତ,ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରମୋଦ କୁମାର ନାୟକ, ରାଜ୍ୟ ଓଷ୍ଟା ସହ ସମ୍ପାଦକ ମୃତ୍ୟୁଞ୍ଜୟ ପଲେଇ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପାତ୍ର, କେନ୍ଦୁଝର ଓଷ୍ଟାର ପୂର୍ବତନ ସମ୍ପାଦକ ଚିନ୍ତାମଣି ଜେନା, ଅବସରପ୍ରାପ୍ତ ଘସିପୁରା ବିଇଓ ତପୋଧନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଭାବକ, ଗ୍ରାମବାସୀ ଏବଂ ବିଦ୍ୟାଳୟର ଶିକ୍ଷକ ମାଧବାନନ୍ଦ ଜେନା, ଶିଶିର କୁମାର ବିଶ୍ୱାଳ, ଲକ୍ଷ୍ମୀକାନ୍ତ ମିଶ୍ର, ପଦ୍ମନାଭ ପଣ୍ଡା, ଶାନ୍ତନୁ କୁମାର ରାଉତ, ପ୍ରଦୀପ ସ୍ୱାଇଁ, ସତ୍ୟବ୍ରତ ବିଶ୍ୱାଳ, ପର୍ଶୁରାମ ନାୟକ, ରମେଶ ଚନ୍ଦ୍ର ନାୟକ, ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଉଚିତ ପ୍ରାପ୍ୟରୁ ବଞ୍ଚିତ କୃଷି, ପ୍ରାଣୀମିତ୍ର

## ଅଭିଯୋଗ ପରେ ବିଡିଓଙ୍କ କାର୍ଯ୍ୟାଳୟରେ ଆଲୋଚନା

ତିହିଡ଼ି,୧୬।୧(ସଞ୍ଜିତ ବଳ)



କୃଷି ଓ ପ୍ରାଣୀମିତ୍ରମାନେ ବିଡିଓଙ୍କ ସହ ଆଲୋଚନା କରୁଛନ୍ତି।

ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ପ୍ରାଣୀ ଓ କୃଷିମିତ୍ରମାନଙ୍କୁ ଉଚିତ ପ୍ରାପ୍ୟ ପ୍ରଦାନ କରାଯାଇ ନାହିଁ। ଏଥିରେ ସେମାନେ ଅସନ୍ତୋଷ ପ୍ରକାଶ କରି ଗୁରୁବାର ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଶୁକ୍ରବାର ବିଡିଓଙ୍କ କାର୍ଯ୍ୟାଳୟରେ ଏନେଇ ଆଲୋଚନା କରାଯାଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ନ ବାହାରିପାରି ନାହିଁ।

କୃଷି ଓ ପ୍ରାଣୀମିତ୍ରମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୨୦୧୬ଠାରୁ ସେମାନେ ପଞ୍ଚାୟତସ୍ତରୀୟ ମହାସଂଘ ଦ୍ୱାରା ନିଯୁକ୍ତି ପାଇ ୧୦ଟି ପଞ୍ଚାୟତରେ କାର୍ଯ୍ୟ କରୁଥିଲେ। ସେସବୁ ପଞ୍ଚାୟତରେ କୃଷିମିତ୍ର ୩ଜଣ ଏବଂ ପ୍ରାଣୀମିତ୍ର ୨ଜଣ ଲେଖାଏ ମୋଟ ୫୦ଜଣ କାର୍ଯ୍ୟରତ ଥିଲେ। ସେହି ସମୟରେ ସେମାନଙ୍କୁ ପ୍ରଥମେ ମାସିକ ୩୭୫୦ ଓ ପରେ ୬୨୫୦ ଟଙ୍କା ଲେଖାଏ ପ୍ରାପ୍ୟ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରଦାନ କରାଯାଇଥିଲା। ୨୦୨୨ ଓ ୨୦୨୩ରେ ସେମାନଙ୍କୁ ୧୦ ପଞ୍ଚାୟତ ପରିବର୍ତ୍ତେ ୩୧ ପଞ୍ଚାୟତରେ କାର୍ଯ୍ୟ କରିବାକୁ ଟ୍ୟାଗ୍ କରାଯାଇଥିଲା। ଫଳରେ କୃଷି ଓ ପ୍ରାଣୀମିତ୍ରଙ୍କୁ ଏକାଧିକ ପଞ୍ଚାୟତରେ କାର୍ଯ୍ୟ କରିବାକୁ ପଡ଼ିଥିଲା। ଦକ୍ଷତା ଭିତ୍ତିରେ ପ୍ରୋତ୍ସାହନ ରାଶି ପ୍ରଦାନର ସରକାରଙ୍କ ନିୟମ ଥିବାରୁ ଗତବର୍ଷ ଏପ୍ରିଲରୁ ନଭେମ୍ବର ପର୍ଯ୍ୟନ୍ତ ସେମାନେ ମାସିକ ବିବରଣୀ ପ୍ରଦାନ କରିଥିଲେ। ସେମାନେ ଗୋଟିଏ ପଞ୍ଚାୟତରେ ସୀମିତ ନ ରହି ୨୫/୩୦ କି.ମି. ଅତିକ୍ରମ କରି କାର୍ଯ୍ୟ କରିଥିବା ଦର୍ଶାଇଥିଲେ। ଏପରିସ୍ଥଳେ ସେମାନଙ୍କୁ ୫ ମାସର ପ୍ରାପ୍ୟ ଭାବେ ୨୩ରୁ ୨୮ହଜାର ଟଙ୍କା ପ୍ରଦାନ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେମାନେ ଦର୍ଶାଇଛନ୍ତି। ମାସିକ ୬୨୫୦ଟଙ୍କା ପରିବର୍ତ୍ତେ କାହାକୁ ୪ହଜାର ତ ଆଉ କାହାକୁ ୪୫୦୦ଟଙ୍କା ଦିଆଯିବା ବେଳେ ନିର୍ଦ୍ଦିଷ୍ଟ ପଞ୍ଚାୟତରେ କାର୍ଯ୍ୟରତ ସିଆର୍‌ପିମାନଙ୍କୁ ୬ରୁ ୬୫୦୦ଟଙ୍କା ପ୍ରଦାନ କରାଯିବା ଘଟଣାରୁ ବିଭାଗୀୟ ଅଧିକାରୀ ପୂର୍ବ ଆକ୍ରୋଶର ପ୍ରତିଶୋଧ ନେଉଥିବା ପ୍ରମାଣିତ ହେଉଛି ବୋଲି ସେମାନେ ଦର୍ଶାଇଥିଲେ। ତେବେ ବିଡିଓ ନିରଞ୍ଜନ ବାରିକ ଯେତିକି କାମ ସେତିକି ପ୍ରାପ୍ୟ ଦିଆଯାଇଥିବା କହିବା ସହ ସରକାରଙ୍କୁ ଏ ସମ୍ପର୍କରେ ଲେଖି ଜଣାଇବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷେ ନ୍ୟାୟ ନ ମିଳିଲେ କାର୍ଯ୍ୟବନ୍ଦ ଆନ୍ଦୋଳନ ପରି ପନ୍ଥା ଆପଣାଇବେ ବୋଲି ପ୍ରାଣୀ ଓ କୃଷିମିତ୍ରମାନେ ଚେତାବନୀ ଦେଇଛନ୍ତି। ବ୍ଲକ କୃଷି ଅଧିକାରୀ ଅମର ପ୍ରସାଦ ସାହୁ, ଭାଟପଡ଼ା ପଞ୍ଚାୟତ ସରପଞ୍ଚ ଶୁଭ୍ର ନାରାୟଣ ସେଠୀ, ଗ୍ରାମ୍ୟ କୃଷି କର୍ମଚାରୀ ସନ୍ତୋଷ ମହାନ୍ତିଙ୍କ ସହ ସୀତାରାଣୀ ସାହୁ, ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଶକୁନ୍ତଳା ବାରିକ, ବନିତାରାଣୀ ପାଟ, ସୁମତୀ ତ୍ରିପାଠୀ, ଧୀରେନ୍ଦ୍ର ସାମଲ, ମୀନାରାଣୀ ଭଞ୍ଜ, ଦିଗମ୍ବର ବେହେରା, ରଞ୍ଜନ ମହାଳିକ, ମିନତି ବାରିକ, ରଞ୍ଜନ ନାୟକ, ରେଖାରାଣୀ ସାହୁ ପ୍ରମୁଖ ପ୍ରାଣୀ ଓ କୃଷିମିତ୍ରମାନେ ଆଲୋଚନା ବେଳେ ଉପସ୍ଥିତ ଥିଲେ।

# 'ପାଲା ହେଉଛି ବିଦଗ୍ଧ ସାହିତ୍ୟ'

ବାସୁଦେବପୁର,୧୬।୧(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଐତିହାସିକ ପାଲାମଣ୍ଡପ ଭାବେ ପ୍ରସିଦ୍ଧିଲାଭ କରିଥିବା ଗୋପାଳପୁର ମୁନିମଣ୍ଡପରେ ଗୁରୁବାରଠାରୁ ତ୍ରିଦିବସୀୟ ପାଲା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶନିବାର କାର୍ଯ୍ୟକ୍ରମ ଉଦ୍‌ଯାପନ ହେବାକୁ ଥିବାବେଳେ ଗାୟକ ସମ୍ରାଟ କାଳୁଚରଣ ଦାଶଙ୍କ ପାଲା ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମୁଛି। ଗାୟକ ସମ୍ରାଟ ଉପାଧିପ୍ରାପ୍ତ ବରିଷ୍ଠ ପାଲାଗାୟକ ଚିଲିକା ବାଣପୁର ଅଞ୍ଚଳର କାଳୁଚରଣ ଦାଶ, ସାଥୀ ବିଶ୍ୱନାଥ ମହାରଣା, ଯୋଗେନ୍ଦ୍ର ମହାରଣା, ପ୍ରଶାନ୍ତ ମହାରଣା, ସୁକାନ୍ତ ବେହେରା, ଗଦାଧର ପ୍ରଧାନ ପ୍ରମୁଖ ପାଲା ପରିବେଷଣ କରୁଛନ୍ତି। ପାଲା ହେଉଛି ବିଦଗ୍ଧ ସାହିତ୍ୟ। ଏହା ସମାଜକୁ ସୁଶିକ୍ଷା ଦେବା ସହ କବି ଓ ସାହିତ୍ୟିକମାନଙ୍କୁ ଜୀବନ୍ତ କରି ରଖିଥାଏ। ପାଲା ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିବା ସହ ବିଜ୍ଞାନ, ଧର୍ମ, ଶାସ୍ତ୍ର, ଗୀତା, ଭାଗବତ ଆଦି ପୁରାଣର କଥା କହିଥାଏ ବୋଲି ଗାୟକ ସମ୍ରାଟ ଦାଶ ମତବ୍ୟକ୍ତ କରିଥିଲେ। ମୁନି କମିଟିର ପ୍ରମୁଖ ବ୍ରଜମୋହନ ଅଗସ୍ତି, କର୍ମକର୍ତ୍ତା, ଭୈରବପୁର, ଉଚ୍ଚଡିହା, ଗୋପାଳପୁର, ପଞ୍ଚୁରିଖି, ବଂଶୀପାଟଣା, ବର୍ଲିବିନ୍ଧା ତଥା ବାସୁଦେବପୁର ସଂଲଗ୍ନ ଅଞ୍ଚଳର ଲୋକ ସହଯୋଗ କରିଛନ୍ତି।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ଅତିଥିଙ୍କ ସହ ଛାତ୍ରୀଛାତ୍ର।

ଧାମନଗର,୧୬।୧(ଦେବେନ୍ଦ୍ର ଆଦ୍ଦିଆ)

ଧାମନଗର ବ୍ଲକର ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବୃନ୍ଦାବନ ମହାନ୍ତି, ପ୍ରଧାନଶିକ୍ଷକ ପବିତ୍ର କୁମାର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ମିଶ୍ର ଓ ନିରଞ୍ଜନ ପୁହାଣ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିଶୁବାଟିକାଠାରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩୪୭ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ବରିଷ୍ଠ, କନିଷ୍ଠ, ସର୍ବକନିଷ୍ଠ(କ) ଓ ସର୍ବକନିଷ୍ଠ(ଖ) ନାମରେ ୪ ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ବିଦ୍ୟାଳୟର ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ପରିଚାଳନା ପରିଷଦ ସଭାପତିଙ୍କ ସମେତ ସମସ୍ତ ସଦସ୍ୟ ନିଲମ୍ବିତ

## ଚିଉଲ ସେବା ସମିତି

### ଚାଷୀଙ୍କ ଧାରଣା ପରେ କାର୍ଯ୍ୟାନୁଷ୍ଠାନ ନେଲେ ଅଧିକାରୀ

ବାହାନଗା, ୧୬। ୧
(ଅରୂପ କୁମାର ଦାସ )

ଡିଆରସିଏସ୍ (ଉପନିବନ୍ଧକ)ବାହାନଗା ବ୍ଲକର ଚିଉଲ ସେବା ସମବାୟ ସମିତିର ପରିଚାଳନା ପରିଷଦର ସଭାପତିଙ୍କ ସମେତ ସମସ୍ତ ସଦସ୍ୟଙ୍କୁ ନିଲମ୍ବନ କରିଛନ୍ତି। ଗତ ଗୁରୁବାର ସମିତି ଆଗରେ ଚାଷୀଙ୍କ ଧାରଣା ପରେ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

ଚିଉଲ ପଞ୍ଚାୟତ ପୁରାଡିଆ ଗ୍ରାମରେ ସେବା ସମବାୟ ସମିତିରେ କିଛି ଦିନ ଧରି ବିବାଦ ଲାଗି ରହିଛି। ଫଳରେ ସମିତିରେ ଏପର୍ଯ୍ୟନ୍ତ ଧାନ କିଣିବା ପାଇଁ ମଣ୍ଡି ଖୋଲା ଯାଇପାରିନାହିଁ। ଚାଷୀମାନେ ଜିଲାପାଳ, ଡିଆରସିଏସ (ନିବନ୍ଧକ)ଙ୍କଠାରେ ଅଭିଯୋଗ କରିଥିଲେ। ଯାହାକି ପୁରାଡିଆସ୍ଥିତ ଚିଉଲ ସେବା ସମବାୟ ସମିତି ଆଗରେ ଗୁରୁବାର ଚାଷୀମାନେ ଧାରଣା ଦେଇଥିଲେ। ତୁରନ୍ତ ପ୍ରଶାସନ ସମିତିରେ ମଣ୍ଡି ଖୋଲିବାକୁ ଚାଷୀମାନେ ଦାବି କରିଥିଲେ। ଧାରଣା ଦେଇଥିବା ଚାଷୀମାନେ ସଭାପତି ସମ୍ପାଦକଙ୍କ ମଧ୍ୟରେ ବିବାଦ ଲାଗିବା ଯୋଗୁ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ସମିତି ସଭାପତି ଅଜୟ ପଣ୍ଡା ଗତ ୧୨ତାରିଖରେ ଖବରଦାତା ସମ୍ମିଳନୀ କରି ସମ୍ପାଦକ ଚନ୍ଦ୍ରଶେଖର ନାୟକଙ୍କୁ କାର୍ଯ୍ୟରେ ଅବହେଳା, ସଭାପତିଙ୍କ ବିନା ଦସ୍ତଖତରେ ଅଧିକ ଦରମା ନେବା, ମହିଳା ଗ୍ରୁପଙ୍କ ସବ୍‌ସିଡି ଟଙ୍କା ତାଙ୍କ ଖାତାକୁ ନ ଦେବା ଆଦି ଅର୍ଥନୈତିକ ଅନିୟମିତତାରେ ସାମିଲ ଥିବାରୁ ବୋର୍ଡ ପକ୍ଷରୁ ସମ୍ପାଦକଙ୍କୁ ନିଲମ୍ବନ କରାଗଲା ବୋଲି ପ୍ରକାଶ କରିଥିଲେ। ଚାଷୀ ଧାରଣା ଦେବାର ୨୪ ଘଣ୍ଟା ପରେ ଡିଆରସିଏସ (ଜିଲା ରେଜିଷ୍ଟ୍ରାର/ ନିବନ୍ଧକ) ତାଙ୍କ ଚିଠି ନମ୍ବର ୧୬୩ରେ ଓଡିଶା ସମବାୟ ଆଇନ ୧୯୬୨ ଧାରା ୧୯୬୫ ସମିତିର ପରିଚାଳନା ବୋର୍ଡକୁ ନିଲମ୍ବିତ କରିଛନ୍ତି। ଏହା ସହିତ ସମ୍ପାଦକ ନାୟକଙ୍କୁ ପୁନଃ ସ୍ଥାପିତ କରିଛନ୍ତି।

# ସ୍ୱର୍ଣ୍ଣ ଧନୁଷ ଯାତ୍ରାକୁ ଭଦ୍ରକରେ ଭବ୍ୟ ସ୍ୱାଗତ



ଶୋଭାଯାତ୍ରାରେ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଓ ଅନ୍ୟମାନେ।

ଭଦ୍ରକ,୧୬।୧(ସନାତନ ରାଉତ): ସନାତନ ଜାଗରଣ ମଞ୍ଚ ଦ୍ୱାରା ରାଉରକେଲାରୁ ଆରମ୍ଭ ହୋଇଥିବା ସ୍ୱର୍ଣ୍ଣ ଧନୁଷ ଯାତ୍ରା ଗୁରୁବାର ଭଦ୍ରକରେ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଛି। ରାଣୀତାଲଠାରୁ ବିଶାଳ ବାଇକ୍ ଶୋଭାଯାତ୍ରାରେ ସ୍ୱାଗତ କରି ଗାନ୍ଧୀପଡ଼ିଆ ଶ୍ରୀରାମ ମହାଯଜ୍ଞ ସମିତି ମଣ୍ଡପକୁ ନିଆଯାଇଥିଲା। ପରେ ସାଧୁସନ୍ଥ, ଘଣ୍ଟ, କୀର୍ତ୍ତନ ସହ ସହର ପରିକ୍ରମା କରାଯାଇ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବିଦାୟ ଦିଆଯାଇଥିଲା। ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, ଡ. ସୁଧାଂଶୁ ଶେଖର ନାୟକ, ବାଣୀକଲ୍ୟାଣ ମହାନ୍ତି, ଅଜୟ ନାୟକ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଶ୍ରୀରାମ ମହାଯଜ୍ଞ ସମିତି ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ, ଉପସଭାପତି ତ୍ରିଲୋଚନ ନାୟକ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ସମ୍ପାଦକ ଆଇନଜୀବୀ ତୁଷାରକାନ୍ତ ଦାସ, ସ୍ୱାଧୀନ ସୁନ୍ଦର ଦାସ, ସ୍ୱରୂପାନନ୍ଦ ମହାପାତ୍ର, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ସହ କୋଷାଧ୍ୟକ୍ଷ ଶିବଶଙ୍କର ଦାସ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ସନାତନ ଜାଗରଣ ମଞ୍ଚର ସଦସ୍ୟ ଆଶୁତୋଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ରାଜ୍ୟ ସଭାପତି ସନ୍ତୋଷ ବିଶ୍ୱାଳ, ସମ୍ପାଦକ ବିଭୁ ସାହୁ ଓ ଭାଗ୍ୟରାଜ ପାତ୍ର ଉପସ୍ଥିତ ଥିଲେ। ଜ୍ଞାନ ରଞ୍ଜନ ପାଣି, ସୁଧୀର ଦ୍ୱିବେଦୀ, ସୁମନ ମହାପାତ୍ର ଓ ଚିରାଗ ଦେଶାଇ ନେତୃତ୍ୱ ନେଇଥିଲେ।

# କୁଡ଼େଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୋର, ୧୬।୧(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ନିଶ୍ଚିନ୍ତପୁର ପଞ୍ଚାୟତ କୁଡ଼େଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୨ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ଅଧ୍ୟକ୍ଷ କରୁଣାକର ସାହୁଙ୍କୁ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଉପଜିଲାପାଳ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବ ମାଳବୀୟ ଯୋଗଦେଇ ମୁଖପତ୍ର ଅନନ୍ୟାକୁ ଉନ୍ମୋଚନ କରିଥିଲେ। ଭାରତୀୟ ସଂସ୍କୃତି ପରମ୍ପରା ନେଇ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ନଦୀଗାଁ ଆଦର୍ଶ ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜୟ ପଣ୍ଡା ଯୋଗଦେଇ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରହିବା ନିତାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସୋର ତହସିଲଦାର ଦୈତାରୀ ମଲ୍ଲିକ ଯୋଗଦେଇ ଚାଲିଚଳନ, ଆଚରଣ ଏବଂ ଉଚ୍ଚାରଣ ମାର୍ଜିତ ହେଲେ ଜଣେ ଭଲ ମଣିଷ ହୋଇପାରିବ ବୋଲି କହିଥିଲେ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼.ରଜତ କୁମାର ପ୍ରଧାନ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଓ ଚରିତ୍ର ଗଠନ ଉପରେ ବକ୍ତବ୍ୟ ଦେଇଥିଲେ। ଅଧ୍ୟାପକ ନିଗମାନନ୍ଦ ବେହେରା ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଅଧ୍ୟାପକ ସଞ୍ଜୟ କୁମାର ମୁଦୁଲି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଧାଂଶୁ ଶେଖର ଦ୍ୱିବେଦୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଇତିଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**URGENTLY REQUIRED**
Ayurvedic Physiotherapy Clinic ପାଇଁ (ମହିଳା / ଝିଅ) therapist ଆବଶ୍ୟକ । ବୟସ ୨୦ ରୁ ୩୫, ଦରମା - ୭୦୦୦ ଏବଂ ରହିବା + ଖାଇବାର ସୁବିଧା ଅଛି । ଶିଘ୍ର ଯୋଗାଯୋଗ କରନ୍ତୁ ।
Contact : 6372110065

**ଆବଶ୍ୟକ**
ସିଲିଂ/ଟେବୁଲ୍ ଫ୍ୟାନ୍ ୱାଇଣ୍ଡର ୨ଜଣ
ଫ୍ୟାନ୍/ଗ୍ରାଇଣ୍ଡର ମେକାନିକ ୨ ଜଣ
ସେଲ୍‌ସମ୍ୟାନ୍ ୨ଜଣ
ଯୋଗାଯୋଗ: 8328881723

**REQUIRED**
Female Nurses (DMLT)
for Fresher/ Experience Lab Testing in Bhubaneswar. Send resume on Whatsapp. or Contact- 8339966999

**Government of Odisha "e" Procurement Notice**
e-mail ID: rw_sambalpur@yahoo.co.in, Phone No.: 0663-2401850
Bid Identification No. TENDER ONLINE SBPR-18 of 2025-26
No. O-2041
No. 435 Dated: 09.01.2026

1. Name of the Work : Road works as per DTCN available in the website: www.tendersodisha.gov.in
2. Total No. of Work : 07 (Seven) Nos.
3. Estimated Cost : Varies from Rs.6.72 lakhs to 36.47 lakhs
4. Period of Completion : 01 (One) Calendar Months
5. Period and time of availability of bid document in the portal for bidding : 19.01.2026 at 11.00 A.M. to 26.01.2026 upto 5.00 P.M.
6. Date and time of opening of Tender : 27.01.2026 at 11.00 A.M.
7. Name and address of the Officer Inviting Bid : S.E.R.W. Divn., Sambalpur
   (1) Other details can be seen from detailed notice inviting tenders, available in website www.tendersodisha.gov.in.
   (2) Corrigendum if any shall only be published in the website: www.tenderodisha.gov.in.

OIPR-
Sd./- Superintending Engineer
Rural Works Division, Sambalpur

**ଦ.ପୂ. ରେଳପଥ – ଟେଣ୍ଡର**
ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୬/୦୧/୧, ତାରିଖ: ୧୪।୦୧।୨୦୨୬ରିଖ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ସେଗୁଡ଼ିକୁ ୧୫.୩୦ ଘଟିକାରେ ଖୋଲାଯିବ । କ୍ର.ସଂ.-୧ । ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୧-୨୦୨୬ । କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ଡବ୍ଲ୍ୟୁଏସ୍‌ପି/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ କୋଚିଂ ଷ୍ଟକ୍‌ର ରକ୍ଷଣାବେକ୍ଷଣ ପାଇଁ କ୍ୟାରିଏଜ୍ ଶପଗୁଡ଼ିକର ଭିତ୍ତିଭୂମି ସୁବିଧାଗୁଡ଼ିକର ଉନ୍ନତୀକରଣ । ଟେଣ୍ଡର ମୂଲ୍ୟ: ₹୭,୩୧,୯୮,୨୯୨.୨୯ । ଅମାନତ ରାଶି: ₹୫,୧୬,୦୦୦ । କାର୍ଯ୍ୟର ସମାପ୍ତି ଅବଧି: ୧୮ ମାସ । କ୍ର.ସଂ.-୨ । ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୨-୨୦୨୬ । କାର୍ଯ୍ୟର ବର୍ଣ୍ଣନା: ଏଡିଇଏନ୍/ଡବ୍ଲ୍ୟୁଏସ୍‌ପି/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ୱାଗନ୍ ରିପେୟାର୍ ଶପ୍, ଖଡ଼ଗପୁର ୱାର୍କଶପଠାରେ ୱାଗନ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସିଟିଆର୍‌ବି ସେକ୍ସନର କ୍ଷମତା ପରିବର୍ଦ୍ଧନ କରିବା ଓ ସମ୍ବନ୍ଧିତ ଭିତ୍ତିଭୂମି ସୁବିଧାଗୁଡ଼ିକର ଉନ୍ନତୀକରଣ କରିବା। ଟେଣ୍ଡର ମୂଲ୍ୟ: ₹୪,୯୪,୧୭,୨୧୬.୩୨ । ଅମାନତ ରାଶି: ₹୩,୯୭,୧୦୦ । କାର୍ଯ୍ୟର ସମାପ୍ତି ଅବଧି: ୧୨ ମାସ । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୦ (କ୍ର.ସଂ. ୧ ଓ ୨ ପାଇଁ) । ଖୋଲାଯିବା ତାରିଖ: ତା୧୨।୦୨।୨୦୨୬ରିଖ (କ୍ର.ସଂ. ୧ ଓ ୨ ପାଇଁ) । ବିଡିଂ ଆରମ୍ଭ ତାରିଖ: ତା୨୯।୦୧।୨୦୨୬ରିଖଠାରୁ ତା୧୨।୦୨।୨୦୨୬ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ) । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମ୍ଭାବ୍ୟ ଟେଣ୍ଡରଦାତା ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-1068)

**THE KOSALA SCHOOL**
Estd.- 1979
7682032632
An English Medium Residential Public School
(CBSE Affiliation No. 1530003)
NUA-KHAIRPALI, PO.- LARASARA, DIST.- BARGARH - 768027 (ODISHA)
Email - thekosalaschool1979@gmail.com
Mob- 6370708544 / 7682032632
REQUIRES THE FOLLOWING TEACHING & NON TEACHING STAFF

| S.N | Post Name | Subject | Minimum Educational Qualification | Salary |
|---|---|---|---|---|
| 1 | PGT | Physics/ Chemistry/Biology/ Mathematics/English/ Computer Science/ | Master's Degree in subject concerned with B.Ed. | (Salary is not a constraint for deserving candidates) |
| 2 | TGT | English / Physics /Chemistry/ Biology /Mathematics / Odia/ Hindi/Social Science | Bachelor's Degree in Arts/Commerce/Science & B.Ed. / B.H.Ed with OTET/CTET/OSSTET | |
| 3 | PRT | English/Mathematics/Science/ Social Science/ Hindi/Odia | Higher Secondary (+2) & D.El.Ed / B.Ed with OTET/CTET | |
| 4 | Counselor & Wellness Teacher | | Graduate in psychology or P.G. in Child Development or Graduate with Diploma in career Guidance and Counseling | |
| 5 | Pre Primary Teacher | | Higher Secondary (+2) with NTT / STT | |
| 6 | PET | | Higher Secondary (+2) & C.P.Ed. /D.P.Ed./ B.P.Ed /M.P.Ed with OSSTET | |
| 7 | Hostel Warden (Male) Age- 25 to 40 years | | Higher Secondary (+2) | |
| 8 | Asst Dining Hall Manager (Male) | | Graduate | |
| 9 | IT Head (Male) | | B.Tech in Computer Science | |

- Candidates having teaching experience in English Medium Schools, good Spoken English, computer knowledge and not crossed 45 years of age will be preferred.
- Couples will be given preference and provided with rent free accommodation.
- Selected candidates shall have to stay inside the Hostel campus on free of rent and free fooding.
- Interested candidates can send their filled up bio-data to the email address:- thekosalaschool1979@gmail.com on or before 05/02/2026.
- Original Certificates to be produced at the time of interview for verification.
- No TA/DA will be given for attending the interview.
- For any clarification candidates may call to the phone no. (given above) from 10.00 A.M. to 2.00 P.M.

Sd./- Principal

**National Dairy Development Board**
PB No. 40, Anand, Gujarat - 388001, Tel: 02692-260 148/149/160 Fax: 02692-260 159
Website : http://www.nddb.coop, Email : purchase@nddb.coop
INVITATION FOR BIDS (IFB)/LOCAL COMPETITIVE BIDDING (LCB)
Bids are invited on behalf of Service Recipients/NDDB from eligible bidders for the works listed below:

| Sl. No. | Description of works/ Bid Reference | Estd. Cost (₹) incl GST/Duration | Event Start/ Close Date | Bid submission/ opening date & time |
|---|---|---|---|---|
| A | Civil, Structural, Water Supply, Sanitary & Other Misc. works including Internal Electrification works for: | | | |
| I | Renovation of 8 (Nos.) D-Type Quarters and Miscellaneous Civil Repair Works at NDDB Residential Complex, Noida NDDB/HO/Purchase/95/25-26/ET/95[CIVIL-NOIDA] | 106 Lakh/ 06 Months | 22.01.26 12.02.26 | 12.02.26 15:00 hrs. 12.02.26 15:30 hrs. |
| B | Design, Supply, Installation, Testing and Commissioning of the following: | | | |
| I | 11KV/433 V sub-station at Giridih Dairy, Jharkhand NDDB/HO/Purchase/96/25-26/ET/96[SUBSTATION-GIRIDIH] | 169 Lakh/ 10 Months | 17.01.26 09.02.26 | 09.02.26 15:00 hrs. 09.02.26 15:30 hrs. |
| II | Water Treatment Plant at Giridih Dairy, Jharkhand NDDB/HO/Purchase/97/25-26/ET/97[WTP-GIRIDIH] | 152 Lakh/ 08 Months | 22.01.26 12.02.26 | 12.02.26 15:00 hrs. 12.02.26 15:30 hrs. |
| III | Electrical light fixtures & Fans at AmulFed Dairy II, Rajkot, Gujarat. NDDB/HO/Purchase/98/25-26/ET/98[Fixture-RAJKOT] | 93 Lakh/ 03 Months | 20.01.26 10.02.26 | 10.02.26 15:00 hrs. 10.02.26 15:30 hrs. |
| IV | Effluent Treatment Plant of 8 LLPD at Davanagere, Karnataka. NDDB/HO/Purchase/99/25-26/ET/99[ETP-DAVANAGERE] | 715 Lakh/ 12 Months | 20.01.26 10.02.26 | 10.02.26 15:00 hrs. 10.02.26 15:30 hrs. |
| V | Furniture and Interior Works at CEAH, Hesaraghatta Karnataka NDDB/HO/Purchase/100/25-26/ET/100[FURNITURE-HESSARAGHATTA] | 300 Lakh/ 03 Months | 17.01.26 09.02.26 | 09.02.26 15:00 hrs. 09.02.26 15:30 hrs. |
| VI | HVAC, Modular Partitions and Allied MEP Works for Vaccine Production Facility at OBPI, Berhampur, Odisha NDDB/HO/Purchase/101/25-26/ET/101[HVAC-BERHAMPUR] | 918 Lakh/ 07 Months | 23.01.26 13.02.26 | 13.02.26 15:00 hrs. 13.02.26 15:30 hrs. |
| VII | 7 KLPD ETP for Vaccine Production Facility at OBPI, Berhampur, Odisha NDDB/HO/Purchase/102/25-26/ET/102[ETP-BERHAMPUR] | 80 Lakh/ 06 Months | 20.01.26 10.02.26 | 10.02.26 15:00 hrs. 10.02.26 15:30 hrs. |
| VIII | Utility works (Clean & General) for Vaccine Production Facility at OBPI, Berhampur, Odisha NDDB/HO/Purchase/103/25-26/ET/103[UTL-BERHAMPUR] | 510 Lakh/ 07 Months | 21.01.26 11.02.26 | 11.02.26 15:00 hrs. 11.02.26 15:30 hrs. |
| C | Providing House-keeping and Gardening services at NDDB Kolkata NDDB/HO/Purchase/104/25-26/ET/104[HK-KOLKATA] | 63.72 Lakh/ 12 Months | 17.01.26 09.02.26 | 09.02.26 15:00 hrs. 09.02.26 15:30 hrs. |

For further details pertaining to IFB and for downloading the bid document, please visit these websites: www.nddb.coop and www.mstcecommerce.com/eprocn. For any clarification please contact Group Head (Purchase), NDDB, Anand-388001.
NB: Any corrigendum/modification etc. will be posted only on these websites.

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
No. CAD-3034
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007
NOTICE INVITING E-TENDER

| E-Tender No. | Tender Description: | Estimated Cost |
|---|---|---|
| CPC-44/2025-26 | Engineering, Supply, Installation, Testing & Commissioning works for "Construction of existing 03 nos Conventional Grid Sub-station at Cuttack, Bhanjanagar & Theruvali into SAS-enabled Sub-station through installation of Kiosk-Based Automation system and provision of switchyard equipment for one no. incomplete tie bay at Thiruvali GSS" in Odisha State of India on Turnkey Contract Basis. | Rs. 97,04,16,467.00 |
| CPC-56/2025-26 | Bids are invited from reputed manufacturers in two part bidding system for Procurement of BPI & PI for Isolators in e-tendering mode only. **Last Date & Time of Submission of Bid: 06.02.2026 upto 12:30 Hr.** | Rs. 9,44,80,528.00 |
| CPC-54/2025-26 | Bids are invited from reputed manufacturers for Procurement of Tower Structure Materials & HDG Nut & Bolts for conversion of 2ph to 3ph line of different RTSS Sub-stations and 220kV DC Lilo line from Narendrapur GSS to 400kV Gopalpur GSS. | Rs. 3,76,46,507/- |

Complete set of bidding documents are available at www.tenderwizard.com/OPTCL and www.optcl.co.in.
OIPR-
/optcl.odisha /optcl_odisha HIPR-65/2025-26

## ୧୬୫ ଗ୍ରାମ୍ ବ୍ରାଉନସୁଗାର ଜବତ, ୧ ଗିରଫ

**ଭୋଗରାଇ, ୧୬।୧ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଥାନାଛକ- ଦେଉଳା ରାସ୍ତା ସରସ୍ୱତୀପୁର ଗାଁଠାରେ ଜଳେଶ୍ୱର ଅବକାରୀ ରେଞ୍ଜ ଓ ଭୋଗରାଇ ଅବକାରୀ ବିଭାଗ ମିଳିତ ଭାବେ ଗୁରୁବାର ମଧ୍ୟରାତ୍ରିରେ ଆକସ୍ମିକ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ କାବୁ କରିବା ସହିତ ତାଙ୍କଠାରୁ ୧୬୫ ଗ୍ରାମ୍ ବ୍ରାଉନସୁଗାର, ବାଇକ ଓ ନଗଦ ୧ହଜାର ୭୦ଟଙ୍କା ଜବତ କରାଯାଇଛି। ଗିରଫ ଯୁବକ ହେଲେ ଭୋଗରାଇ ଥାନା ଅଧୀନ ସାନତେଘରୀ ଗ୍ରାମର ବିଜୟ କୁମାର ସାହୁ। ତାଙ୍କ ନାମରେ ବିଭିନ୍ନ ଦଫାରେ (ନଂ. ୯୯/୨୬) ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ବିଜୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

# ଗୋପାଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍

**ବାହାନଗା, ୧୬।୧ (ଅରୂପ କୁମାର ଦାସ)**



ବାହାନଗା ବ୍ଲକ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଅପରାହ୍ନରେ କାୟାକଳ୍ପ ଟିମ୍ ପହଞ୍ଚିଛନ୍ତି। ଶୁକ୍ରବାର ଏହି କାୟାକଳ୍ପ ଟିମ୍‌ର ଡାକ୍ତର ସ୍ମୃତିଜିତ୍ ପଟ୍ଟନାୟକ (ଜେଡି ନ୍ୟୁଟ୍ରିସନ), ସୁକାନ୍ତ କୁମାର ମିଶ୍ର (ପିଏମ ଏନୟୁଏଚଏମ୍), ବିଜୟ କୁମାର ପଣ୍ଡା(ପ୍ରୋଗ୍ରାମ କୋଡ଼ିନେଟର ଏନଆଇପିଆଇ) ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ପରେ ଡାକ୍ତରଖାନା ପରିସର ମଧ୍ୟ ଦେଖିବା ସହ ସ୍ୱଚ୍ଛତା ପରଖି ବିଭିନ୍ନ କାଗଜପତ୍ର ଦେଖିଥିଲେ। ଏହି ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଧୀରେଶ ଷଡ଼ଙ୍ଗୀ, ଡାକ୍ତର ଅବିନାଶ ଜେନା, ଡାକ୍ତର ଅଭୟ କୁମାର ପଣ୍ଡା, ଡାକ୍ତର ତାରାକାନ୍ତ ପାତ୍ର, ବିପିଏମ୍ ସୁଜାତା ବିଶ୍ୱାଳ, ପିଏଚ୍‌ଓ ମଧୁସୂଦନ ବିଶ୍ୱାଳ, ସୁପରଭାଇଜର ରବୀନ୍ଦ୍ର କୁମାର ମଲିକ, ସରୋଜ କୁମାର ମିଶ୍ର, ରୋଗୀ କଲ୍ୟାଣ ସମିତି ସଦସ୍ୟ ସୁଦର୍ଶନ ମହାପାତ୍ରଙ୍କ ସହ ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଏହି ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁନ୍ଦର ଭାବେ ସୁସଜ୍ଜିତ କରିଥିଲେ। କାୟାକଳ୍ପ ଟିମ୍ ଏହାକୁ ଦେଖି ସନ୍ତୁଷ୍ଟି ଲାଭ କରିଥିବା ଜଣାପଡିଛି।

# ପୀତାମ୍ବରା ସିଦ୍ଧ ମହାଶକ୍ତି ପୀଠର ବାର୍ଷିକୋତ୍ସବ

### ବଡ଼ସିଂହାର ବେଶରେ ଦର୍ଶନ ଦେଲେ ମା' ବଗଳାଦେବୀ

**ବାଲେଶ୍ୱର, ୧୬।୧ (ବାଞ୍ଛାନିଧି ଦେ)**

ବାଲେଶ୍ୱର ସହର ଉପକଣ୍ଠ କୁରୁଡ଼ାସ୍ଥିତ ପିତାମ୍ବରା ସିଦ୍ଧ ମହାଶକ୍ତି ପୀଠର ତ୍ରୟୋଦଶ ବାର୍ଷିକୋତ୍ସବ ଓ ଅଧିଷ୍ଠାତ୍ରୀ ଦେବୀ ମା' ବଗଳାମୁଖୀଙ୍କ ଜନ୍ମୋତ୍ସବ ଗୁରୁବାର ଶୁଭାରମ୍ଭ ହୋଇଛି। ଉତ୍ସବର ପ୍ରଥମ ଦିବସରେ ମା' ବଗଳାମୁଖୀ ବଡ଼ସିଂହାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏଥିସହ ମା'ଙ୍କ ଭବନକୁ ପୁଷ୍ପ ଅଳଙ୍କାରରେ ଅତ୍ୟନ୍ତ ଆକର୍ଷଣୀୟ ଢଙ୍ଗରେ ସଜ୍ଜିତ କରାଯାଇଛି। ପରେ ମା'ଙ୍କ ସମେତ ପୀଠରେ ଥିବା ଅନ୍ୟ ଦେବାଦେବୀଙ୍କ ଅଭିଷେକ ଓ ପୂଜାର୍ଚ୍ଚନା ସହ ୩ ଦିନିଆ ଯଜ୍ଞ ଶୁଭାରମ୍ଭ ହୋଇଛି।

ସ୍ଥାନୀୟ ସରସ୍ୱତୀପୁର ଶିବମନ୍ଦିର ପୋଖରୀରୁ ଏକ ଶୋଭାଯାତ୍ରାରେ ଘଟ ଉତ୍ତୋଳନ କରାଯାଇ ମନ୍ଦିରକୁ ଅଣାଯାଇଥିଲା। ଘଟସ୍ଥାପନ ସହ ପ୍ରଥମ ଦିନରେ ସୂର୍ଯ୍ୟପୂଜା, ଗୁରୁପୂଜା, ମଣ୍ଡଳାଦର୍ଶନ, ଅଗ୍ନିସ୍ଥାପନ ଓ ଯଜ୍ଞାହୁତି ଆଦି କର୍ମକାଣ୍ଡ ଅନୁଷ୍ଠିତ ହୋଇଥିଲା। ପୀଠାଧୀଶ ଆଚାର୍ଯ୍ୟ ରବିନାରାୟଣ ମିଶ୍ର ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଆଧ୍ୟାତ୍ମିକ ଉତ୍ସବରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ ବେଦଜ୍ଞ ବ୍ରାହ୍ମଣମାନେ ପୀଠରେ ପହଞ୍ଚି ଯଜ୍ଞାଦିକର୍ମ ସମ୍ପାଦନ କରୁଛନ୍ତି। ଉତ୍ସବ ପ୍ରଥମ ଦିବସରେ ମା' ବିଜେ କରିଥିଲେ ଯଜ୍ଞମଣ୍ଡପକୁ। ଘଣ୍ଟଘଣ୍ଟା, ଶଙ୍ଖ ଓ ହୁଳୁହୁଳି ଧ୍ୱନୀ ସହିତ ସଙ୍କୀର୍ତ୍ତନ ମଧ୍ୟରେ ମା'ଙ୍କ ଆଗମନ ଦୃଶ୍ୟ ବେଶ ଆକର୍ଷଣୀୟ ଥିଲା। ମା' ବଗଳାମୁଖୀଙ୍କ ସ୍ତୁତି ଓ ସ୍ତବ ପାଠରେ ସମଗ୍ର ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ୧୦୮ଜଣ ବ୍ରତଧାରୀ ସଂକଳ୍ପ ପୂର୍ବକ ବଗଳା ସପ୍ତଶତୀ ଚଣ୍ଡୀପାଠରେ ଉପବେଶନ ସହ ପୂଜାର୍ଚ୍ଚନାରେ ନିମଗ୍ନ ଥିଲେ। ପୀଠରେ ଚତୁର୍ଦ୍ଦଶୀ ବ୍ରତ ପାଳନ କରୁଥିବା ଶ୍ରଦ୍ଧାଳୁମାନେ ମା'ଙ୍କ ନିକଟରେ ଦୀପଦାନ କରିଥିଲେ। ଶୁକ୍ରବାର ବିଶେଷ ରୀତିନୀତିରେ ପୂଜାର୍ଚ୍ଚନା ସହ ଶନିବାର ପୂର୍ଣ୍ଣାହୁତି ହେବ। ଶେଷଦିନରେ ମା' ବଗଳାମୁଖୀଙ୍କ ଜନ୍ମୋତ୍ସବ ପାଳିତ ହେବ। ଦେବୀଙ୍କ ନିକଟରେ ୧୦୦୮ ପ୍ରକାର ବ୍ୟଞ୍ଜନ ସମ୍ବଳିତ ପ୍ରସାଦ ଅର୍ପଣ କରାଯିବ ବୋଲି ପୀଠ ଉପାଚାର୍ଯ୍ୟ ଆଦିତ୍ୟ ନାରାୟଣ ମିଶ୍ର ସୂଚନା ଦେଇଛନ୍ତି।



ବଡ଼ସିଂହାର ବେଶରେ ମା'।

## ବାଲେଶ୍ୱର ବିକାଶ ପ୍ରସଙ୍ଗ: ରାଜ୍ୟପାଳଙ୍କୁ ଅବଗତ କଲେ ବିଧାୟକ




ରାଜ୍ୟପାଳଙ୍କ ସହ କେନ୍ଦ୍ରମନ୍ତ୍ରୀ ଓ ବିଧାୟକ।

### ଶିକ୍ଷାକ୍ଷେତ୍ରରେ ସ୍ୱତନ୍ତ୍ର ଯୋଜନା ପାଇଁ ଶିକ୍ଷାମନ୍ତ୍ରୀଙ୍କୁ ଅନୁରୋଧ

**ବାଲେଶ୍ୱର, ୧୬।୧ (ବାଞ୍ଛାନିଧି ଦେ)**

ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପତିଙ୍କୁ ଶୁକ୍ରବାର ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଲୋକଭବନରେ ପହଞ୍ଚି ସେ ରାଜ୍ୟପାଳଙ୍କୁ ଉପଢୌକନ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

ଏହି ସାକ୍ଷାତ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ଜାରି ରହିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବିଧାୟକ ଦତ୍ତ ରାଜ୍ୟପାଳଙ୍କୁ ଅବଗତ କରିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନହିତକର ପ୍ରକଳ୍ପରେ ତୃଣମୂଳସ୍ତରରେ ଥିବା ଜନସାଧାରଣ ଉପକୃତ ହେଉଛନ୍ତି। ବିଶେଷ କରି ଗରିବ ଅସହାୟଙ୍କ ନିକଟରେ ସରକାରଙ୍କ ପ୍ରତ୍ୟେକ ଯୋଜନାର ସୁଫଳ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ତେବେ ବାଲେଶ୍ୱର ଜିଲାର ସମୃଦ୍ଧ କଳା, ଐତିହ୍ୟ, ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର ପ୍ରସାର ଦିଗରେ ଅଧିକ କାର୍ଯ୍ୟକ୍ରମ ହାତକୁ ନିଆଯିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏଥିସହିତ ବେଳାଭୂମି ପର୍ଯ୍ୟବେଶିତ ପର୍ଯ୍ୟଟନ କ୍ଷେତ୍ରର ବିକାଶ ନେଇ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବା ଉପରେ ବିଧାୟକ ଦତ୍ତ ଗୁରୁତ୍ୱ ଦେଇଛନ୍ତି। ବିଗତ ସରକାରଙ୍କ ସମୟରେ ଅବହେଳିତ ଅବସ୍ଥାରେ ଥିବା ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ଅଧିକ ବିକାଶମୂଳକ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ବିଧାୟକ ଦତ୍ତ ରାଜ୍ୟପାଳ ଡ. କମ୍ଭମ୍ପତିଙ୍କୁ ନିବେଦନ କରିଛନ୍ତି। ସେହିପରି ଶିକ୍ଷାକ୍ଷେତ୍ରରେ ଅଧିକ ସୁନାମ ଥିବା ବାଲେଶ୍ୱରରେ ସ୍ୱତନ୍ତ୍ର ଯୋଜନା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନଙ୍କୁ ସେ ଅନୁରୋଧ କରିଛନ୍ତି।

# ୨୧ରୁ ଏକ୍ସପୋ ଓଡ଼ିଶା-୨୦୨୬




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

### ପ୍ରଦର୍ଶିତ ହେବ ୩୬୦ ଷ୍ଟଲ୍

**ବାଲେଶ୍ୱର, ୧୬।୧ (ବାଞ୍ଛାନିଧି ଦେ)**

ଭାରତ ଓ ଓଡ଼ିଶା ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗ, ବାଲେଶ୍ୱର ଜିଲା ପ୍ରଶାସନ, ଜିଲା କ୍ଷୁଦ୍ର ଶିଳ୍ପ ସଂଘ ଓ ଉତ୍ତର ଓଡ଼ିଶା ଶିଳ୍ପ ଓ ବାଣିଜ୍ୟ ମହାସଂଘ (ନୋସି)ର ମିଳିତ ସହଯୋଗରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ (ବିସିଆଇସି)ପକ୍ଷରୁ ଆସନ୍ତା ୨୧ରୁ ୨୬ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଶିଳ୍ପ ଓ ବାଣିଜ୍ୟ ମେଳା 'ଏକ୍ସପୋ ଓଡ଼ିଶା-୨୦୨୬' ଅନୁଷ୍ଠିତ ହେବ। ଆଇଟିଆଇ ପଡ଼ିଆରେ ହେବାକୁ ଥିବା ଏହି ମେଳାରେ ଓଡ଼ିଶା ସମେତ ରାଜ୍ୟ ବାହାରୁ ବହୁ ଶିଳ୍ପ ଓ ବାଣିଜ୍ୟ ସଂସ୍ଥା, ଶିକ୍ଷାନୁଷ୍ଠାନ, କୁଟୀର ଶିଳ୍ପ, ଅଟୋମୋବାଇଲ ସଂସ୍ଥା, ହୋଟେଲ ଶିଳ୍ପ ନିଜ ନିଜର ଉତ୍ପାଦ ପ୍ରଦର୍ଶନ କରିବେ ବୋଲି ଶୁକ୍ରବାର ଉଦ୍ୟୋଗ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିସିଆଇସିର କର୍ମକର୍ତ୍ତା ସୂଚନା ଦେଇଛନ୍ତି।

ବିସିଆଇସିର ସଭାପତି ଯୁବ ଶିଳ୍ପୋଦ୍ୟୋଗୀ ସଞ୍ଜୟ ଦାସ ଯୋଗଦେଇ ଏହି 'ଏକ୍ସପୋ ଓଡ଼ିଶା'ର ରୂପରେଖ ସମ୍ପର୍କରେ ଅବଗତ କରିଥିଲେ। ଏହି ମେଳାରେ ୩୬୦ଟି ଷ୍ଟଲ ପ୍ରଦର୍ଶିତ ହେବ। ସେଥିରେ ୨୫ଟି କୁଟୀର ଶିଳ୍ପ, ୨୫ଟି ଜିଲା ଶିଳ୍ପକେନ୍ଦ୍ର ଓ ୫ଟି ଓର୍ମାସର ଷ୍ଟଲ ରହିବ। ଚାନ୍ଦିପୁରସ୍ଥିତ ଆଇଟିଆର ଓ ପିଏକ୍ସଇ ପକ୍ଷରୁ ମଧ୍ୟ ଷ୍ଟଲ ଖୋଲିବ। ଏଥର ନୂଆ ଖାଦ୍ୟ ଷ୍ଟଲ ଭାବେ ବିଭିନ୍ନ ପ୍ରକାର ପିଠା, ବିହାରର ପ୍ରସିଦ୍ଧ ଲିଟି ଚୋଖା, ଚମ୍ପାରନ ଖାସି ମାଂସ, ନୟାଗଡ଼ ଛେନାପୋଡ଼, ବାଉଁଶ ଚିକେନ, ବାଉଁଶ ମଟନ, ପତ୍ରପୋଡ଼ା ଚିକେନ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ମହିଳା ଉଦ୍ୟୋଗୀଙ୍କ ପାଇଁ ସ୍ୱତନ୍ତ୍ର ପାଭିଲିଅନ ରହିବ। ୨୩ତାରିଖ ମହିଳାମାନଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଉତ୍ସର୍ଗୀକୃତ ହେବ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏହି ସମ୍ମିଳନୀରେ ଡିଆଇସି ଜେନେରାଲ ମ୍ୟାନେଜର ସୂର୍ଯ୍ୟକାନ୍ତ ବେହେରା, ଉପ-ସଭାପତି (ଟ୍ରେଡସ) ଭଗବାନ ଗୁପ୍ତା, ସମ୍ପାଦକ (ଏମ୍ଏସ୍ଏମ୍ଇ) ରାଜେନ୍ଦ୍ର ଗୁପ୍ତା, ସମ୍ପାଦକ (ଟ୍ରେଡସ) ଶିବୁ ପୋଦାର, ସାଂସ୍କୃତିକ କମିଟି ସଦସ୍ୟ ଚିନ୍ମୟ ବିଶ୍ୱାଳ, ୱିମେନ ବିସିଆଇସିର ଆବାହିକା ସୁପ୍ରିୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିସିଆଇସି ସାଧାରଣ ସମ୍ପାଦକ ସୁନୀଲ କୁମାର ମୋଦି ଧନ୍ୟବାଦ ଦେଇଥିଲେ।

# 'ହିନ୍ଦୁରାଷ୍ଟ୍ରର ସୁରକ୍ଷା ପାଇଁ ସଂକଳ୍ପ ନିଅ'

### କୋଟିଆକୋଇଲି ପଡ଼ିଆରେ ହିନ୍ଦୁ ସମ୍ମିଳନୀ

**ଖଇରା, ୧୬।୧ (ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ମଣ୍ଡଳ ହିନ୍ଦୁ ସମାଜ ପକ୍ଷରୁ କୋଟିଆକୋଇଲି ବାସନ୍ତୀ ପୂଜାମଣ୍ଡପ ପଡିଆରେ ବୁଧବାର ହିନ୍ଦୁ ସମ୍ମିଳନୀ ଡା.ବ୍ରଜସୁନ୍ଦର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ପଡିଆ ସଂଲଗ୍ନ ନଦୀରୁ ଏକ କଳସ ଶୋଭାଯାତ୍ରା ସମ୍ମିଳନୀ ସ୍ଥଳକୁ ଆସିଥିଲା। ପରେ ବ୍ରାହ୍ମଣମାନଙ୍କ ଦ୍ୱାରା ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। ଏଥିସହ ଆୟୋଜିତ ଧାର୍ମିକ ଆଲୋଚନାରେ ଝାଟିଆ ଗାୟତ୍ରୀ ପରିବାରର ମୁଖ୍ୟ ଦୀପ୍ତିକାନ୍ତ ଶାସ୍ତ୍ରୀ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ ସଂଘ ଚାଳକ ପାର୍ଥସାରଥି ଦାସ, ଦୁର୍ଗାବାହିନୀର ଜିଲା ସଂଯୋଜିକା ମଧୁସ୍ମିତା ମହାପାତ୍ର ପ୍ରମୁଖ ଯୋଗଦେଇ ଭାରତ ଏକ ହିନ୍ଦୁରାଷ୍ଟ୍ର, ଏହାର ସୁରକ୍ଷା ଲାଗି ପ୍ରତ୍ୟେକ ହିନ୍ଦୁ ସଂକଳ୍ପ ନେବା ଦରକାର ବୋଲି କହିଥିଲେ। ଏହି ଅବସରରେ ସୁଣ୍ଠିରା ଗ୍ରାମର ଶତାୟୁ ପୁରୁଷ ବନମାଳୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ଲାଟିନମ ଜୁବିଲି ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

**ଜଳେଶ୍ୱର, ୧୬।୧ (ନବୀନ ସାହୁ)**

ଜଳେଶ୍ୱର ପୌରପାଳିକା ଅଧୀନ ଶାନ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଶୁକ୍ରବାର ପ୍ଲାଟିନମ ଜୁବୁଲି ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର ସୀତାଂଶୁ ସେନାପତି ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଦିଲୀପ ସେଠୀ ମଞ୍ଚ ଆହ୍ୱାନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ସୁଦର୍ଶନ ଦାସ, ବରେଣ୍ୟ ଅତିଥି ଭାବେ ପୌରପାଳିକା ଅଧ୍ୟକ୍ଷ ପ୍ରତୀପ କୁମାର୍ ପ୍ରଧାନ, ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ଏବିଇଓ ସୁଶାନ୍ତ ଜେନା, ନଗେନ୍ଦ୍ର କର, ଚିତ୍ତରଞ୍ଜନ ସାହୁ, ଲଳିତରଞ୍ଜନ ସେନାପତି, ଆଦ୍ୟ ଚରଣ ବେହେରା, ଚୈତନ୍ୟ ଜେନା, ନିତ୍ୟାନନ୍ଦ ଜେନା, କାଉନସିଲର କବିତା ଧଳ, ଧରିତ୍ରୀ ଦାସ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଚାଲିବ। ବହୁ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ସିଆଇଟିୟୁ ଓ କୃଷକ ସଭା ତରଫରୁ ନୀଳଗିରି ଉପଜିଲାପାଳଙ୍କୁ ଦାବିପତ୍ର

**ନୀଳଗିରି, ୧୬।୧ (ପ୍ରଶାନ୍ତ ବିଶ୍ୱାଳ)**

୪ ଦଫା ଦାବି ନେଇ ସିଆଇଟିୟୁର ଜିଲା ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଶୁକ୍ରବାର ଏକ ପ୍ରତିନିଧି ଦଳ ନୀଳଗିରି ଉପଜିଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରମିକମାନଙ୍କୁ ମାସିକ ୨୬ହଜାର ଟଙ୍କା ମଜୁରି, ସ୍କିମ ୱାର୍କର୍ସମାନଙ୍କୁ ସରକାରୀ ମାନ୍ୟତା, ଭିବିଜି ରାମଜି ସ୍କିମକୁ ବଦଳାଇ ପୂର୍ବରୁ ଥିବା ଏମ୍‌ଜିଏନଆରଇଜିଏସ୍‌କୁ ପ୍ରଚଳନ କରିବା, ମାସକୁ ୩୦୦ୟୁନିଟ୍ ବିଜୁଳି ମାଗଣାରେ ଯୋଗାଇଦେବା ଓ ସ୍ମାର୍ଟ ମିଟର ପ୍ରତ୍ୟାହାର ଦାବିରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଉକ୍ତ ପ୍ରତିନିଧି ଦଳର ସତ୍ୟଜିତ ଦାସ, ଉମାକାନ୍ତ ଷଡଙ୍ଗୀ, କାଳିଆ ପାତ୍ର, ଗଜେନ୍ଦ୍ର ସିଂ, ପୁରୁଷୋତ୍ତମ ଖଣ୍ଡେଇ, ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୯ତାରିଖରେ ସିଆଇଟିୟୁ, କୃଷକ ସଭା, ଓ କ୍ଷେତ୍ର ମଜଦୁର ମିଳିତ ସମାବେଶକୁ ସଫଳ କରିବା ପାଇଁ ପାତ୍ର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।



ନୀଳଗିରି ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଗ୍ରାମୀଣ ଉଦ୍ୟାନ ଓ ଓପନ ଜିମର ମଜା ନେବେ ସର୍ବସାଧାରଣ



ଅତିଥିମାନେ ଗ୍ରାମୀଣ ଉଦ୍ୟାନର ଶିଳାନ୍ୟାସ କରୁଛନ୍ତି।

**ଖଇରା, ୧୬।୧ (ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ପରିସରରେ ଏକ ଗ୍ରାମୀଣ ଉଦ୍ୟାନ ପ୍ରତିଷ୍ଠା ପାଇଁ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ବ୍ଲକ ପରିସରରେ ରାଜୀବଗାନ୍ଧୀ ସେବା କେନ୍ଦ୍ର ଓ ପୋଖରୀ ମଧ୍ୟରେ ଥିବା ଖାଲି ପଡିଥିବା ସ୍ଥାନରେ ଏହି ଉଦ୍ୟାନ ଶୋଭାବର୍ଦ୍ଧନ କରିବ। ବ୍ଲକକୁ ଆସୁଥିବା ସମସ୍ତ ଜନସାଧରଣ ଏହାର ମଜା ଓ ସୁବିଧା ନେଇପାରିବେ। ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଶିଳାନ୍ୟାସ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ବିଡିଓ ନାରାୟଣ ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମୀଣ ଉଦ୍ୟାନ ପ୍ରତିଷ୍ଠା, ସୌନ୍ଦର୍ଯ୍ୟକରଣ, ଓପନ ଜିମ, ଯୋଗ ପିଣ୍ଡି, ବ୍ୟାଡମିଣ୍ଟନ କୋର୍ଟ ପାଇଁ ୨୫ଲକ୍ଷ ବ୍ୟୟବରାଦ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସହକାରୀ ଯନ୍ତ୍ରୀ ବିଭୂତି ଭୂଷଣ ନାୟକ ପ୍ରକାଶ କରିଛନ୍ତି। ଶୀତିକଣ୍ଠ ପଣ୍ଡା, ଦୋଳଗୋବିନ୍ଦ ମହାରଥା, ରାଧାକାନ୍ତ ପାତ୍ର, ଅନ୍ୟତମ ସହକାରୀ ଯନ୍ତ୍ରୀ ଉତ୍ତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟସ୍ତରରେ ଶିଳ୍ପୀ ବାଦଲଙ୍କୁ ସଫଳତା



ଶିଳ୍ପୀ ବାଦଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା

**ବାଲେଶ୍ୱର, ୧୬।୧ (ବାଞ୍ଛାନିଧି ଦେ)**

ନୂଆଦିଲ୍ଲୀଠାରେ ଆୟୋଜିତ ବିକଶିତ ଭାରତ ୟଙ୍ଗ ଲିଡର ଡାଏଲଗ୍-୨୦୨୬ ଜାତୀୟ ଯୁବ ଉତ୍ସବରେ ଚିତ୍ରକଳା ବିଭାଗରେ ଶିଳ୍ପୀ ବାଦଲ କୁମାର ନାୟକ ଜାତୀୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ବାଲେଶ୍ୱର ଚାରୁ ଓ କାରୁ କଳା ମହାବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଥିଲେ। ଏହି ପୁରସ୍କାର ବିଜୟୀ ହୋଇ ସେ ଜିଲା ପାଇଁ ଗୌରବ ଆଣିଛନ୍ତି। ଦିଲ୍ଲୀରୁ ଫେରିବା ପରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ, ଜିଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଶିଳ୍ପୀ ବାଦଲଙ୍କୁ ସମ୍ମାନିତ କରି ଜାତୀୟସ୍ତରର ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହାପରେ ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ତ୍ତୃପକ୍ଷଙ୍କ ଦ୍ୱାରା ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶିଳ୍ପୀ ବାଦଲ ସ୍ନାତକୋତ୍ତର ବିଭାଗର ଛାତ୍ର ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ସୁଅ ଛୁଟିଛି। ତାଙ୍କର ପ୍ରତିଭା, ସୃଜନଶୀଳତା ଓ ନିଷ୍ଠା ଯୁବଶିଳ୍ପୀଙ୍କ ପାଇଁ ପ୍ରେରଣା ହେବ ବୋଲି ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ କହିଛନ୍ତି।

# ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ବିକାଶ ଶିଥିଳ

### ଡଗରା ବେଳାଭୂମି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**କାଳିପଦା (ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ(ଗୋପାଳଚନ୍ଦ୍ର ସାହୁ), ୧୬।୧**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଡଗରା ବେଳାଭୂମି ଧାଡ଼ି ଧାଡ଼ି ଝାଉଁ, ସୁବର୍ଣ୍ଣ ବାଲୁକା ଶେଯ, ଅଗଭୀର ସମୁଦ୍ରର ମାଳ ମାଳ ଲହରୀ, ନାଲି କଙ୍କଡ଼ାଙ୍କ ସମାବେଶ, ଶାନ୍ତ ପରିବେଶ ଆଜି ପ୍ରାକୃତିକ ବିଭବରେ ଅନନ୍ୟ ଓ ଅତୁଳନୀୟ। ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ବିକାଶ ଶିଥିଳ ବୋଲି ଗୁରୁବାର ୨୨ତମ ଡଗରା ବେଳାଭୂମି ମହୋତ୍ସବରେ ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ।




ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ଉତ୍ସବ କମିଟି ଓ ପ୍ରେସ କ୍ଲବର ମିଳିତ ସହଯୋଗ ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ସମ୍ପାଦକ ସୁବଳ ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବାଲେଶ୍ୱରର ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ଉଦ୍‌ଘାଟକ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟଅତିଥି, ମୁଖ୍ୟବକ୍ତା ବସ୍ତା ଏସ୍‌ଡିପିଓ ମାନସ ଦେଓ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ବାବାଜୀ ଦେହୁରୀ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ କୁମାର ଗିରି, ବାଲିଆପାଳ ସ୍ୱାଭିମାନୀ ମଞ୍ଚର ସଭାପତି ସତ୍ୟକାମ ମହାନ୍ତି, ଯୁବନେତା ବିକ୍ରମ କୁମାର ପଣ୍ଡା, ଅଁଳାଡିହା ସରପଞ୍ଚ ମମତାରାଣୀ କୁଳାରି ଯୋଗଦେଇ ବକ୍ତବ୍ୟ ଦେଇଥିଲେ। କମିଟି ସଦସ୍ୟ ଖବରଦାତା ପ୍ରଭାତ କୁମାର ଦାସ ଓ ରମିତା ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ ପାତ୍ର ଅତିଥି ପରିଚୟ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବନ ସୁରକ୍ଷା କମିଟି ସଭାପତି ଗଣପତି ଜେନା ଧନ୍ୟବାଦ ଦେଇଥିଲେ। ପରେ ସିରିଏଲ୍ ଜଗତର ତାରକା ସୁଇଟି ପଟ୍ଟନାୟକଙ୍କ ନୃତ୍ୟ ଓ ଅଭିନୟରେ ଦର୍ଶକ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଝୁମିଥିଲେ। କମିଟି ସଦସ୍ୟ ବରିଷ୍ଠ ଖବରଦାତା ଅଜୟ କୁମାର ସାହୁ, ଗୋପାଳ ଚନ୍ଦ୍ର ସାହୁ ଓ ଗୋପ ନାରାୟଣ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗ୍ୟାରେଜରେ ପଡ଼ିଛି ସ୍ମାରକୀ ମୂର୍ତ୍ତି

କେନ୍ଦୁଝର,୧୬।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

■ଡାହାଣୀ ସନ୍ଦେହରେ ହତ୍ୟାର ଶିକାର ମହିଳାଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିଲା

■ସର୍ବସାଧାରଣ ଦେଖିଲା ଭଳି ସ୍ଥାନରେ ସ୍ଥାପନ ଦାବି

ଡାହାଣୀ ସନ୍ଦେହରେ ହତ୍ୟାର ଶିକାର ହୋଇଥିବା ନିର୍ଦ୍ଦୋଷ ମହିଳାଙ୍କ ପ୍ରତି ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ କେନ୍ଦୁଝର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ନିର୍ମିତ ଏକ ସ୍ମାରକୀ ମୂର୍ତ୍ତିକୁ ସ୍ଥାନ ଅଭାବରୁ ଭାଙ୍ଗିଦିଆଯାଇଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବହୁ ଅର୍ଥ ବ୍ୟୟରେ ନିର୍ମିତ ଉକ୍ତ ସ୍ମାରକୀକୁ ଭାଙ୍ଗିଦିଆଯିବା ଏବଂ ଏହାକୁ ଅନ୍ୟତ୍ର ସର୍ବସାଧାରଣ ଦେଖିବା ଭଳି ସ୍ଥାନରେ ସ୍ଥାପନ ନ କରି ରିଜର୍ଭ ପୋଲିସ ପରିସରସ୍ଥିତ ମୋଟର ଗ୍ୟାରେଜରେ ରଖାଯିବା ପଦକ୍ଷେପକୁ ସାଧାରଣରେ ସମାଲୋଚନା କରାଯାଇଛି। ରିଜର୍ଭ ପୋଲିସର ସୁରକ୍ଷା ମଧ୍ୟରେ ଥିବା ଉକ୍ତ ସ୍ଥାନକୁ ଯାଇ ଉକ୍ତ ମୂର୍ତ୍ତି ଦେଖିବା ଆଦୌ ସମସ୍ତଙ୍କ ପାଇଁ ସୁବିଧାଜନକ ନୁହେଁ। ଏଣୁ ଏହାକୁ ପାର୍କ ଭଳି ଏକ ସୁବିଧା ସ୍ଥାନରେ ସ୍ଥାପନ କରାଗଲେ ଏହା ଦର୍ଶକଙ୍କ ପାଇଁ ସଚେତନତା ବାର୍ତ୍ତା ଦେବା ସହ ଅନ୍ୟ ଏକ ଆକର୍ଷଣର କେନ୍ଦ୍ର ହୋଇପାରିବ ବୋଲି ମତ ପ୍ରକାଶ ପାଉଛି।

ଏହି ସ୍ମାରକୀ ଡାହାଣୀ ଶିକାରର ଗଭୀର ସାମାଜିକ କ୍ରୂରତା ବିରୋଧରେ ସଚେତନତା ସୃଷ୍ଟିକରିବାର ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ଭାବରେ କାର୍ଯ୍ୟ କରିଥିଲା। ସେହିପରି ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ ନିର୍ଯାତିତ ହୋଇଥିବା ଏବଂ ମୃତ୍ୟୁବରଣ କରିଥିବା ଲୋକଙ୍କ ନାମ ମଧ୍ୟ ଉକ୍ତ ସ୍ମାରକୀରେ ଉଲ୍ଲେଖ ହୋଇଥିଲା।

ଗ୍ରାନାଇଟ୍ ପଥରରେ ନିର୍ମିତ ୭ ଫୁଟ ଉଚ୍ଚତାର ଜଣେ ମହିଳାଙ୍କ ଏହି ସ୍ମାରକୀ ପ୍ରତିମୂର୍ତ୍ତିକୁ ୨୦୧୯ ଫେବୃଆରୀ ୨୭ରେ ପୂର୍ବତନ ଡିଜିପି ଆର୍.ପି. ଶର୍ମା ତତ୍କାଳୀନ କେନ୍ଦୁଝର ଏସ୍‌ପି ଜୟ ନାରାୟଣ ପଙ୍କଜଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଏହା ଅନ୍ଧବିଶ୍ୱାସ ଏବଂ ଅନ୍ଧବିଶ୍ୱାସର ନିଷ୍ଠୁର ପରିଣାମର ସ୍ମରଣକାରୀ ଭାବରେ ଠିଆ ହୋଇଥିଲା। ଏହି ପଦକ୍ଷେପର ଉଦ୍ଦେଶ୍ୟ ଥିଲା ଜନସାଧାରଣଙ୍କ ଧାରଣାକୁ ପରିବର୍ତ୍ତନ କରିବା, ଗୁଣି ଗାରେଡ଼ି ତଥା ଡାହାଣୀ ଭଳି ଅନ୍ଧବିଶ୍ୱାସକୁ ରୋକିବା ଏବଂ ସାମାଜିକ ବାସନ୍ଦର ସମ୍ମୁଖୀନ


ରିଜର୍ଭ ପୋଲିସ ପରିସର ମୋଟର ଗ୍ୟାରେଜରେ ବର୍ତ୍ତମାନ ରଖାଯାଇଥିବା ସ୍ମାରକୀ।

ହେଉଥିବା ପୀଡ଼ିତ ଏବଂ ସେମାନଙ୍କ ପରିବାରର ସମ୍ମାନ ଫେରାଇ ଆଣିବା ବୋଲି ସ୍ଥାନୀୟ ସାମାଜିକ କର୍ମୀ ଦିଲୀପ ସାହୁ ମତବ୍ୟକ୍ତ କରିଛନ୍ତି।

ପୂର୍ବତନ ବିଧାୟକ ଏବଂ ଆଦିବାସୀ ନେତା ସୁବର୍ଣ୍ଣ ନାଏକ ସ୍ମାରକୀ ଭାଙ୍ଗିବା ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଉକ୍ତ ସ୍ମାରକୀକୁ ସର୍ବସାଧାରଣଙ୍କ ଦେଖିବା ଭଳି ସ୍ଥାନରେ ପୁନଃ ସ୍ଥାପନ କରାଗଲେ ଏହା ସବୁଦିନ ପାଇଁ ଅନ୍ଧବିଶ୍ୱାସ ପ୍ରତି ଲୋକଙ୍କୁ ସଚେତନତାର ବାର୍ତ୍ତା ଦେବ ବୋଲି ସେ କହିଛନ୍ତି। ବଂଶପାଳ ବ୍ଲକ୍ ଆଦିବାସୀ ନେତା ସଞ୍ଜୟ ଗିରି ମଧ୍ୟ ଏଭଳି ସ୍ମାରକୀକୁ ପୁନଃ ସ୍ଥାପନକରି ଡାହାଣୀ ବା ଗୁଣିଗାରେଡ଼ି ସନ୍ଦେହରେ ନିର୍ଯାତିତ ହୋଇଥିବା ପରିବାରଙ୍କୁ ସମ୍ମାନ ପ୍ରଦାନ କରାଯାଇପାରିବ ବୋଲି କହିଛନ୍ତି। । କେନ୍ଦୁଝର ଜିଲାରେ ଗୁଣି ଗାରେଡ଼ି ଓ ଡାହାଣୀ ଶିକାର ମାମଲା ବୃଦ୍ଧି ପାଉଥିବା ବେଳେ ସ୍ମାରକୀ ଭଳି ସଚେତନତାମୂଳକ ପଦକ୍ଷେପ ଏହି ବିପଦକୁ ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଯଦିଓ ଏହି ଅପରାଧ ଏବେ ହ୍ରାସ ପାଇଛି, ତେବେ ଏହାଦ୍ୱାରା ସଚେତନତା ଜାରି ରହିଲେ ଭଲ ହୋଇପାରନ୍ତା ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ପୋଲିସ ଅଧୀକ୍ଷକ ସ୍ନେହାଶିଷ ସାହୁଙ୍କୁ ପଚାରିବାରୁ ଜିଲା ପୋଲିସ କାର୍ଯ୍ୟାଳୟରେ ସ୍ଥାନ ଅଭାବରୁ ସ୍ମାରକୀକୁ ପୋଲିସ ରିଜର୍ଭ ପରିସରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ୍ୟ ତାହାକୁ ସମସ୍ତେ ଦେଖିପାରିବେ ବୋଲି ସେ କହିଛନ୍ତି।

## ଠାକୁରାଣୀଙ୍କ ଚୋରି ରୁପା ମୁକୁଟ ଫେରାଇଦେଲେ ଦୁର୍ବୃତ୍ତ

ପାଟଣା,୧୬।୧(ବୀର କିଶୋର ଦାଶ)

୩ ମାସ ତଳେ କେହି ଦୁର୍ବୃତ୍ତ ଠାକୁରାଣୀଙ୍କ ରୁପା ମୁକୁଟ ଚୋରି କରିଥିଲେ। ଏବେ ପୋଲିସ ତଦନ୍ତ ଚଳାଇଥିବା ବେଳେ ଦୁର୍ବୃତ୍ତ ଏହି ମୁକୁଟ ଆଣି ମନ୍ଦିରରେ ରଖି ଦେଇଛନ୍ତି। କେନ୍ଦୁଝର ଜିଲା ପାଟଣା ଥାନା ଅଧୀନ ଉଦୟପୁର ଗ୍ରାମରେ ଶୁକ୍ରବାର ଏଭଳି ଘଟଣା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଏହି ଗ୍ରାମର ମା’ ଅନ୍ଧାରୀ ଠାକୁରାଣୀଙ୍କ ପୀଠରୁ ଗତ ଅକ୍ଟୋବର ୨୩ ବିଳମ୍ବିତ ରାତିରେ ଠାକୁରାଣୀଙ୍କ ୧ କିଲୋରୁ ଉର୍ଦ୍ଧ୍ୱ ଓଜନର ରୁପା ମୁକୁଟକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିଲେ। ଏନେଇ ସେତେବେଳେ ପାଟଣା ଥାନାରେ ଅଭିଯୋଗ ହୋଇଥିଲା। ଘଟଣାର ୩ ମାସ ପରେ ତଦନ୍ତ ଚାଲିଥିବା ବେଳେ ହଠାତ୍ ଗୁରୁବାର ବିଳମ୍ବିତ ରାତିରେ ଚୋର ଠାକୁରାଣୀଙ୍କ ଆସ୍ଥାନ ସ୍ଥଳ ନିକଟରେରେ ରୁପା ମୁକୁଟ ରଖିଦେଇ ଯାଇଛନ୍ତି। ଶୁକ୍ରବାର ସକାଳେ ଗ୍ରାମର ସଞ୍ଜୟ ସେଠୀ ଓ ଅଶୋକ ପରିଡ଼ା ପୂଜା ପାଇଁ ଫୁଲ ନେଇ ଯାଇଥିବା ବେଳେ


ଉଦୟପୁର ଗ୍ରାମର ମା’ ଅନ୍ଧାରୀ ଠାକୁରାଣୀଙ୍କ ମୁକୁଟ।

ଠାକୁରାଣୀଙ୍କ ଆସ୍ଥାନ ନିକଟରେ ରୁପା ମୁକୁଟ ରଖାଯାଇଥିବା ଦେଖିବାକୁ ପାଇଥିଲେ। ତେବେ ସାମାନ୍ୟ ଭାଙ୍ଗି ଯାଇଥିବା ମୁକୁଟକୁ ମନ୍ଦିର କମିଟି ପକ୍ଷରୁ ମରାମତି କରିବାକୁ ଦିଆଯାଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ହୃଦାନନ୍ଦ ମହାପାତ୍ରଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୨୫୬/୨୫) ରୁଜୁ ହୋଇ ତଦନ୍ତ ଚାଲିଥିଲା।

## ଶୌଚ ହେବାକୁ ଯାଇ ମହିଳା ନିଖୋଜ

ଆନନ୍ଦପୁର, ୧୬।୧(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ କଣ୍ଟିପାଳ ପଞ୍ଚାୟତ ବିରିଡିହା ଗ୍ରାମର ମିନତି ବେହେରା ନାମ୍ନୀ ମହିଳା ଗୁରୁବାର ସକାଳେ ନିକଟସ୍ଥ ଘଣ୍ଟିଆ ନାଳକୁ ଶୌଚ ହେବା ପାଇଁ ଯାଇ ନିଖୋଜ ଅଛନ୍ତି। ବୋହୂ ଫେରିବା ବିଳମ୍ବ ହେବାରୁ ମିନତିଙ୍କ ଶ୍ୱଶୁର ଚେମଣ ବେହେରା(୭୦) ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ସହ ବନ୍ଧୁବାନ୍ଧବଙ୍କୁ ଫୋନ୍ ଯୋଗେ ପଚାରିଥିଲେ ହେଁ ମିନତିଙ୍କର ସନ୍ଧାନ ମିଳି ନ ଥିଲା। ପରିବାରରେ କେବଳ ଶ୍ୱଶୁର ବୋହୂ ରହିଥିବା ବେଳେ ବେଲବାହାଳୀ ଡିହସାହି ଗ୍ରାମର ଭ୍ରାଇଁ ଅଭିମନ୍ୟୁ ଦେହୁରୀ ଗୁରୁବାର ସନ୍ଧ୍ୟାରେ ଆନନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି।

## ନିଆଁରେ ଚାଲିଲେ ଦାସୀ

କେନ୍ଦୁଝର, ୧୬।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

**କଇଁଶୀରେ ଠାକୁରାଣୀ ଓଷା**

କେନ୍ଦୁଝର ଜିଲା ସଦର ବ୍ଲକ ଅଧୀନ କଇଁଶୀ ଗ୍ରାମରେ ପିଢ଼ି ପରେ ପିଢ଼ି ଅନୁଷ୍ଠିତ ହୋଇ ଆସୁଥିବା ଠାକୁରାଣୀ ଓଷା ମହାଆଡମ୍ବରରେ ପାଳିତ ହୋଇଛି। ଓଷା ପାଳନର ଗୋଟିଏ ସପ୍ତାହ ପୂର୍ବ ଗୁରୁବାର ରଣୀଆଙ୍କ ଘରୁ ମା’ ମନୀଷାଙ୍କୁ ବିଧିପୂର୍ବକ ପୂଜା କରି ଆଣି କୋଠି ଘରେ ୭ ଦିନ ଧରି ପୂଜାର୍ଚ୍ଚନା କରାଯାଇଥିଲା। ଏହି ସାତ ଦିନ ଦେହୁରୀ ଅକ୍ଷୟ ପରିଡା ନିଷ୍ଠାର ସହିତ ପୂଜା କରିଥିବା ବେଳେ ଗାଉଣି ପଞ୍ଚାନନ ପରିଡା, ମା’ ଙ୍କ କଥାବସ୍ତୁକୁ ଗୀତ ଆକାରରେ ବର୍ଣ୍ଣନା କରିଥିଲେ। ଦେହୁରୀ ଟଙ୍କଧର ପରିଡା ଅଗ୍ନି କୁଆଁରୀ ଭାବେ ପୂଜା କରିଥିଲେ। ମୁଖ୍ୟଦାସୀ ଭାବେ ଭୁବନେଶ୍ୱର ପରିଡା କାର୍ଯ୍ୟଭାର ତୁଲାଇଥିଲେ। ଏବର୍ଷ ଗୋଟିଏ ଅଗ୍ନି ଖନ୍ଦା ମା’ଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିଲା। ଭକ୍ତିର ସହିତ ମା’ଙ୍କ ନିକଟରେ ମାନସିକ କଲେ ମା’ ଭକ୍ତଙ୍କ ମନବାଞ୍ଛା ପୂରଣ କରିଥାନ୍ତି ଓ ମାନସିକ ପୂରଣ ପରେ ଭକ୍ତ ମା’ଙ୍କ ନିକଟରେ ଖନ୍ଦା ଅର୍ପଣ କରିଥାନ୍ତି। ସେହି ନିଆଁ ରଡ ଥିବା ଖନ୍ଦା ନିଆଁରେ ଦାସୀମାନେ ଚାଲିଥାନ୍ତି। ଓଷା ଦେଖିବା ପାଇଁ ହାଣ୍ଡିଭଙ୍ଗା, ବାଉଁଶୂଳି, ସୁନାରିପୋଷି, କାଶୀପୁର ଆଦି ପାଖ ଆଖ ଗାଁରୁ ବହୁ ସଂଖ୍ୟାରେ ପୁରୁଷ ମହିଳା, ପିଲାମାନେ ଯୋଗ ଦେଇ ପୂଜାର୍ଚ୍ଚନା କରିବା ସହ କାର୍ଯ୍ୟକ୍ରମ ଦେଖିଥିଲେ।

## ଅଗ୍ନି ବିପନ୍ନଙ୍କୁ ଭାଜପା ନେତା, କର୍ମୀଙ୍କ ସହାୟତା


ବିପନ୍ନ ପରିବାର ସହ ଭାଜପା ଦେତା ଓ କର୍ମୀମାନେ।

ହାଟଡିହୀ,୧୬।୧(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶାଳନିଆଁ ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ଅଗ୍ନି ବିପନ୍ନଙ୍କୁ ଭାଜପା ନେତା ଏବଂ କର୍ମୀମାନେ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅଗ୍ନି ବିପନ୍ନମାନଙ୍କୁ ସରକାରୀ ସାହାଯ୍ୟ ଏବଂ ସହାୟତା ପ୍ରଦାନ ଦିଗରେ ପ୍ରଶାସନ ସହ ଆଲୋଚନା କରିବେ ବୋଲି ଭାଜପା ନେତା ଆଲୋକ ସେଠି ପ୍ରକାଶ କରିଛନ୍ତି। ସେଠୀଙ୍କ ସହ ବରିଷ୍ଠ କର୍ମୀ ଯୁଧିଷ୍ଠିର ମଲ୍ଲିକ, ହରମୋହନ ଶାସିନୀ, ସୁନୀଲ ନାୟକ, ଶାଳନିଆଁ ସରପଞ୍ଚ ସୁମିତ୍ରା ଯେନା, ସରପଞ୍ଚ ଅନ୍ତର୍ଯ୍ୟାମୀ ସେନାପତି, କର୍ମୀ ଯୋଗେନ୍ଦ୍ର ବେହେରା, ଭୀମସେନ ଯେନା, ସରୋଜ ନାୟକ, ମଣିନାଥ ନାୟକ, ଶାଳନିଆଁ ଭାଜପା ମଣ୍ଡଳ ସଭାପତି ଜଗନ୍ନାଥ ବାରିକ, ବାବୁଲା କାଣ୍ଡି, ଅବିନାଶ ସେନାପତି, ଅମ୍ଳାନ ନାୟକ, ପ୍ରକାଶ ନାୟକ, ସୁରେନ୍ଦ୍ର ଜେନା, ବିଚିତ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ,ଗତ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ପୋଡି ଯାଇଥିଲା । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନି। ଗ୍ରାମର ପଙ୍କଜ ସେଠି, ମନୋଜ ସେଠି, ଜଗନ୍ନାଥ ସେଠି, ନିର୍ମଳ ସେଠି ପ୍ରମୁଖ କ୍ଷତିଗ୍ରସ୍ତ ହୋଇଥିଲେ। ଆସବାପତ୍ର, ଧାନ, ଚାଉଳ ଏବଂ ସମସ୍ତ ଉପକରଣ ଅଗ୍ନିକାଣ୍ଡରେ ପୋଡ଼ି ଯାଇଥିଲା। ହାଟଡିହୀ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା ।

## ପୁସ୍ତକ ଉନ୍ମୋଚନ, ସାରସ୍ୱତ ସମାରୋହ

ବଉଳା,୧୬।୧(ଦୁର୍ଗା ପ୍ରସାଦ ଆୟଚ)

ହାଟଡିହୀ ବ୍ଲକ ବାଲିବରେଇ ପଞ୍ଚାୟତର ବିଦ୍ୟାଧରପୁର ମୁକ୍ତେଶ୍ୱର ବଜାରଠାରେ ଶୁକ୍ରବାର ସାହିତ୍ୟିକ ନରହରି ପାତ୍ରଙ୍କ ଦ୍ୱାରା ଲିଖିତ ‘ଉଡ଼ନ୍ତା ପକ୍ଷୀର ଛାଇ’‘ ଓ ‘ଜ୍ୟେଷ୍ଠ କୌନ୍ତେୟ’ ପୁସ୍ତକ ଉନ୍ମୋଚନ, ସାରସ୍ୱତ ସମାରୋହ ଓ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ବିଶିଷ୍ଟ ଅତିଥି ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ମୁଖ୍ୟବକ୍ତା ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ହାଟଡିହୀ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଜିଲା ପରିଷଦ ସଦସ୍ୟ ବିଦ୍ୟାଧର ବିଶବାଳ, ସାହିତ୍ୟିକ ଅଶୋକ ପୁହାଣ, ଗଣେଶ ପ୍ରସାଦ କରଶର୍ମା, ପ୍ରାକ୍ତନ ବିଇଓ ସୁରଥ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ କବି କବୟିତ୍ରୀଙ୍କ ସ୍ୱରଚିତ କବିତା ପାଠ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଅତିଥିମାନଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚିତ ହୋଇଥିଲା। ପରେ ଖବରଦାତାଙ୍କ ସମେତ ଶିକ୍ଷାବିତ୍ ଶଙ୍ଖାଳୀ ରାଉଳ, ନାରାୟଣ ଲେଙ୍କା, ରମାକାନ୍ତ ଜେନା, ମୋହନ କୁମାର ମହାନ୍ତି, ରଘୁନାଥ ପତି, ଯାତ୍ରା ଜଗତର ଲିଟିଲ୍ ମାଷ୍ଟର ବିନୋଦ ରାଉତ ଓ ବାବଜୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନରହରି ପାତ୍ରଙ୍କ ଝିଅ, ନାତି, ଭ୍ରାଇଁ ପ୍ରମୁଖ ପରିଚାଳନା କରିଥିଲେ।


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଲକ୍ଷ୍ମୀମନ୍ଦିର ପ୍ରତିଷ୍ଠାତାଙ୍କ ପରଲୋକ

ଯୋଡ଼ା,୧୬।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡା ସହରରେ ଥିବା ପ୍ରସିଦ୍ଧ ଲକ୍ଷ୍ମୀ ମନ୍ଦିରର ପ୍ରତିଷ୍ଠାତା ତଥା ବିଶିଷ୍ଟ ସାମାଜିକ କର୍ମୀ ଦୁଃଶାସନ ସାହୁ(୯୫) ଙ୍କ ପରଲୋକ ହୋଇଯାଇଛି। ଗୁରୁବାର ରାତି ପ୍ରାୟ ୧୧ଟା ୧୫ ମିନିଟରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଶେଷଶଯ୍ୟା ନିକଟରେ ପରିବାର ବର୍ଗ ଉପସ୍ଥିତ ଥିଲେ। ଯୋଡାର ମହିଳା ପୁରୁଷମାନେ ଶୋକଯାତ୍ରାରେ ଯାଇ ତାଙ୍କର ଅନ୍ତିମ ଦର୍ଶନ କରିବା ପରେ ସେଠାରୁ ତାଙ୍କୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଥିଲା। ଯୋଡ଼ା, ବନେଇକଳା, କଳାପାହାଡ଼, ଛକ, ବିଲେଇପଦା, ପଦ୍ମପୁର, କେନ୍ଦୁଝର ଆଦି ସ୍ଥାନରେ ଲୋକେ ସାହୁଙ୍କ ପାର୍ଥିବ ଶରୀର ଶେଷଦର୍ଶନ କରିଥିଲେ। ସ୍ୱର୍ଗତ ସାହୁ ଦି ୱାର୍ଲଡ ଗ୍ରୁପର ପ୍ରତିଷ୍ଠାତା ଥିଲେ। ଏହି ଗ୍ରୁପ ଓଡ଼ିଶାରେ ମାଇନିଂ, ସ୍ପଞ୍ଜ ଆଇରନ, ହସପିଟାଲିଟି ଆଦି ବ୍ୟବସାୟର ପ୍ରତିଷ୍ଠାତା ଥିଲେ। ଉତ୍ତରଓଡ଼ିଶାର ପ୍ରସିଦ୍ଧ ଲକ୍ଷ୍ମୀପୂଜା ପାଇଁ ତାଙ୍କର ଅତୁଳନୀୟ ଅବଦାନ ଥିଲା। ଦୀର୍ଘ ସାତ ଦଶନ୍ଧି ଧରି ସ୍ୱର୍ଗତ ସାହୁ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିଲେ ।ତାଙ୍କ ମୃତ୍ୟୁ ପରେ କେବଳ ଯୋଡ଼ାରେ ନୁହେଁ ସମ୍ପୂର୍ଣ୍ଣ କେନ୍ଦୁଝର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି ।



## ଅନୁଧାନ ପାଇଁ ସିଡିଓଙ୍କୁ କୁହାଯାଇଛି :ଜିଲାପାଳ

ହାଟଡିହୀ,୧୬।୧(ଶୁଭକାନ୍ତ ନାୟକ)

**ବିଡିଓଙ୍କୁ ଦୁର୍ବ୍ୟବହାର ଘଟଣା**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବିଡିଓ ରଞ୍ଜନ ପରିଡ଼ାଙ୍କୁ ବ୍ଲକ ଅଧକ୍ଷା ସାବିତ୍ରୀ ସେଠି ଅଙ୍ଗୁଳି ଦେଖାଇ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଘଟଣାରେ ପଦକ୍ଷେପ ଏବଂ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜିଲାପରିଷଦ ସିଡିଓଙ୍କୁ ଅନୁଧାନ କରିବାକୁ କୁହାଯାଇଛି ବୋଲି ଶୁକ୍ରବାର ଜିଲାପାଳ ବିଶାଲ ସିଂ କହିଛନ୍ତି। ସିଡିଓ କୁମାର ନାଗଭୂଷଣଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ହେଁ ଫୋନ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ସୂଚନା ଯୋଗ୍ୟ, ଦୁର୍ବ୍ୟବହାର ଘଟଣାକୁ ନେଇ ନେଇ ବ୍ଲକ କର୍ମଚାରୀମାନେ ଗତ ସୋମବାର ଅପରାହ୍ନରେ ଏକ ଜରୁରୀକାଳୀନ ବୈଠକ ଆୟୋଜନ କରିଥିଲେ। ସର୍ବ ସମ୍ମତି କ୍ରମେ ପ୍ରଥମେ ୭ ଦିନ ମଧ୍ୟରେ ଜିଲାପାଳ ହସ୍ତକ୍ଷେପ ନ କଲେ ପରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା ବୋଲି ବିଡିଓ ପରିଡା କହିଛନ୍ତ। କିନ୍ତୁ ୪ ଦିନ ବିତି ସାରିଛି । ଅଦ୍ୟାବଧି କୌଣସି ପଦକ୍ଷେପ କି କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସୂଚନା ନ ଥିବା ବିଡିଓ ପରିଡା ପ୍ରକାଶ କରିଛନ୍ତି। ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ ହେଉଛନ୍ତି ଆନନ୍ଦପୁର ବିଜେଡି ବିଧାୟକ ଅଭିମନ୍ୟୁ ସେଠୀଙ୍କ ସ୍ତ୍ରୀ । ବିଡିଓଙ୍କୁ ଦୁର୍ବ୍ୟବହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବେଳେ ଦୁର୍ବ୍ୟବହାର ସମୟରେ ବିଧାୟକ ସେଠୀ ମଧ୍ୟ ଉପସ୍ଥିତ ଥିଲେ।

## ଡିଏମ୍‌ଏଫ୍‌ରୁ ବଞ୍ଚିତ ୪ ପଞ୍ଚାୟତ

ଚମ୍ପୁଆ,୧୬।୧(ମହେଶ୍ୱର ଦାସ)



ଖଣିଜ ପରିବହନ କରୁଥିବା ଟ୍ରକ୍।

ଖଣିଜ ସହର ଭାବରେ ପରିଚିତ ଚମ୍ପୁଆ ଉପଖଣ୍ଡର ଯୋଡ଼ା ଓ ବଡ଼ବିଲ ବର୍ତ୍ତମାନ ଧୂଳି ଧୂଆଁର ସହର ପାଲଟିଛି। ଏହାର ପ୍ରଭାବ ଚମ୍ପୁଆ ସହର ଉପରେ ପଡୁଛି। ଚମ୍ପୁଆ ବ୍ଲକ୍ ଅଧୀନ ୪ଟି ପଞ୍ଚାୟତ ଦେଇ ଯାଇଥିବା ଜାତୀୟ ରାଜପଥରେ ଦୈନିକ ହଜାର ହଜାର ଟନ ଖଣିଜ ଟ୍ରକ୍ ଓ ଟ୍ରେଲର ଯୋଗେ ପରିବହନ କରାଯାଉଛି। ବର୍ଷା ୩ ମାସ ଛାଡ଼ିଦେଲେ ବର୍ଷକର ୯ ମାସ ଏହି ୪ ପଞ୍ଚାୟତ ଓ ଚମ୍ପୁଆ ଏନ୍‌ଏସିବାସୀ ଧୂଳି ଧୂଆଁର ପ୍ରଭାବିତ ହେଉଛନ୍ତି। ମାତ୍ର ଜିଲା ଖଣିଜ ଅଞ୍ଚଳ ଉନ୍ନୟନ ପାଣ୍ଠି(ଡିଏମ୍‌ଏଫ୍) ଅଧୀନରେ ଏହା ସାମିଲ ନ ହେବା ପରିତାପର ବିଷୟ ପାଲଟିଛି। ଏନେଇ ସ୍ଥାନୀୟ ବାସିନ୍ଦା ସ୍ୱର ଉତ୍ତୋଳନ କରିବା ଆରମ୍ଭ କରିଥିବା ବେଳେ ଚମ୍ପୁଆ ବିଧାୟକ ସନାତନ ମହାକୁଡ ଉଦବେଗ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଖଣି ପ୍ରଭାବିତ ଅଞ୍ଚଳରେ ଜିଲା ଖଣିଜ ଅଞ୍ଚଳ ଉନ୍ନୟନ ପାଣ୍ଠି ଅନୁଦାନ ବ୍ୟବହାର କରାଯାଇ ଉନ୍ନୟନ ମୂଳକ କାର୍ଯ୍ୟ କରାଯିବାର ବ୍ୟବସ୍ଥା ରହିଛି। ମାତ୍ର ଖଣି ଦ୍ୱାରା ସୃଷ୍ଟି ହେଉଥିବା ଧୂଳି ଓ ଧୂଆଁ ଯୋଗୁ ଚମ୍ପୁଆ ବ୍ଲକର ପାର୍ଶଲା, ରିମୁଳି, ରଳିଆ ଓ କାଳିକାପ୍ରସାଦ ପଞ୍ଚାୟତ ସମେତ ଚମ୍ପୁଆ ଏନ୍‌ଏସି ପ୍ରଭାବିତ ହେଉଥିଲେ ମଧ୍ୟ ଖଣିଜପାଣ୍ଠି ଅଧୀନରେ ସାମିଲ ହୋଇପାରିନାହିଁ। ଅନ୍ୟ ପକ୍ଷରେ ଆକାଶ ପଥରେ ଖଣି ଅଞ୍ଚଳ ଏହି ପଞ୍ଚାୟତ ଓ ଏନ୍‌ଏସି ଠାରୁ ୧୦ କି.ମି .ଦୂର ହୋଇଥିବା ଏବଂ ଖଣି ଅଞ୍ଚଳ ଦେଇ ପ୍ରବାହିତ ବୈତରଣୀ ନଦୀ ଚମ୍ପୁଆର ଲାଇଫ୍ ଲାଇନ କୁହାଯାଉଥିବା ବେଳେ ଏହା ମଧ୍ୟ ପ୍ରଭାବିତ ହେଉଛି। ମାତ୍ର ଏହି ପ୍ରଭାବିତ ଅଞ୍ଚଳ ଖଣିଜ ପାଣ୍ଠି ଅନୁଦାନରୁ କିପରି ବଞ୍ଚିତ ହେଲା ତାହା ଦୁଃଖର ବିଷୟ ପାଲଟିଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି। ବିଧାୟକ ମହାକୁଡ଼ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବା ସହିତ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

## ଜଳୁଛି ଚାଷଜମି: ବିପଦରେ ଘରବାଡ଼ି, ରେଳଷ୍ଟେଶନ

କେନ୍ଦୁଝର,୧୬।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ନରଣପୁର ରେଳ ଷ୍ଟେଶନକୁ ଲାଗିଥିବା ଶତାଧିକ ଏକର ଚାଷଜମିରେ ଶୁକ୍ରବାର କେହି ନିଆଁ ଲଗାଇ ଦେଇଛନ୍ତି। ଚାଷ ପରେ ଜମିରେ ରହିଯାଇଥିବା ଶୁଖିଲା ଧାନଗଛଗୁଡ଼ିକରେ ନିଆଁ ଲାଗିଯିବାରୁ ଏହା ଚାରିଆଡ଼େ ବ୍ୟାପୀ ଯାଇଥିଲା। ଚାରିଆଡ଼େ ଧୂଆଁମୟ ପରିବେଶ ସୃଷ୍ଟି ହେବା ସହ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇଥିଲା। ଏପରିକି ନିଆଁ ରେଳ ଷ୍ଟେଶନ ଆଡ଼କୁ ମାଡ଼ି ଯାଇଥିଲା। ଏହା ନିକଟରେ ବସବାସ କରୁଥିବା ଲୋକେ ଭୟଭୀତ ହୋଇପଡ଼ିଥିଲେ। ଧୂଆଁ ଯୋଗୁ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଓ ଷ୍ଟେଶନରେ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। କେବଳ ନରଣପୁର ଅଞ୍ଚଳ ନୁହେଁ ସହର ଚାରିପାଖରେ ଥିବା ଜମିରେ ଏଭଳି ନିଆଁ ଲାଗୁଥିବା ଯୋଗୁ ଧୂଆଁ


ନରଣପୁର ରେଳ ଷ୍ଟେଶନ ପାଖ ଜମିରେ ନିଆଁ ଲାଗି ଧୂଆଁମୟ ପରିବେଶ।

ସହର ପରିବେଶକୁ ପ୍ରଦୂଷିତ କରୁଥିବାରୁ ପରିବେଶବିତ୍‌ମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଏଭଳି ନିଆଁ ଲାଗିଲେ ଏହା ବ୍ୟାପୀ ରାତିରେ ଜମି ପାଖରେ ଥିବା ଘର, ରେଳ ଲାଇନ ଆଦି କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି। ଚାରିଆଡ଼େ ଧୂଆଁ ଯୋଗୁ ରାସ୍ତାରେ ଯାତାୟାତରେ ସମସ୍ୟା ସୃଷ୍ଟି ହେବ। ସଚେତନତା ଅଭାବରୁ ହେଉ କିମ୍ବା ଜାଣିଶୁଣି ଏଭଳି ଜମିରେ ନିଆଁ ଲଗାଇ ଦିଆଯାଉଛି। ଏନେଇ ଜିଲା ପ୍ରଶାସନ ଦୃଢ଼ ପଦକ୍ଷେପ ନେବା ସହ ନେବା ସହ ସଚେତନତା ସୃଷ୍ଟି କରିବାକୁ ଦାବି ହେଉଛି।

# ଧାମରା ବେଳାଭୂମିରେ ପର୍ଯ୍ୟଟନ ବିକାଶକୁ ନେଇ ପ୍ରଶ୍ନବାଚୀ

## ଜେଟି ନିର୍ମାଣ ହେବ ନା ସ୍ଥାପନ ହେବ ତଟ ସୁରକ୍ଷା କେନ୍ଦ୍ର, ରାଡାର କେନ୍ଦ୍ର

ଭଦ୍ରକ,୧୬।୧(ସନାତନ ରାଉତ)

ଭଦ୍ରକ ଜିଲାର ଏକମାତ୍ର ପର୍ଯ୍ୟଟନ ଶିଳ୍ପ କ୍ଷେତ୍ର ଧାମରାର ବିକାଶ ହୋଇପାରିଲେ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବା ସହ ଦେଶର ଆର୍ଥିକ ଅଭିବୃଦ୍ଧିର ବିକାଶ ହେବ ବୋଲି ସରକାର ଡିଣ୍ଡିମ ପିଟୁଛନ୍ତି। ହେଲେ ଧାମରା ବେଳାଭୂମି କେବେ ପର୍ଯ୍ୟଟନର ମାନ୍ୟତା ପାଇବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ପର୍ଯ୍ୟଟନ ବିକାଶ ପାଇଁ ବେଳାଭୂମିର ବିକାଶ ସହ ଜେଟିନିର୍ମାଣ ହେବ ନା ଉପକୂଳ ସୁରକ୍ଷା ଲାଗି ତଟ ସୁରକ୍ଷା କେନ୍ଦ୍ର ଓ ରାଡାର କେନ୍ଦ୍ର ସ୍ଥାପନ ହେବ, ସେନେଇ ସଂଶୟରେ ଧାମରାବାସୀ। କିଛିଦିନ ତଳେ ତଟ ସୁରକ୍ଷା ବାହିନୀର ଏକ ଟିମ୍ ଆସି ଧାମରା ଅଞ୍ଚଳ ପରିଦର୍ଶନ କରିବା ପରେ ଏପରି ସଂଶୟ ସୃଷ୍ଟି ହୋଇଛି।

ଧାମରା ଚନ୍ଦିନୀପାଳଠାରେ ମାଛଧରା ଜେଟିନିର୍ମାଣ ପାଇଁ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ ବହୁଦିନର ଦାବିକୁ ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ସବୁଜ ସଙ୍କେତ ଦେଇସାରିଛି। ଅର୍ଥର ଅଭାବ ରହିଥିବାରୁ କେନ୍ଦ୍ର ସରକାର



ଚନ୍ଦିନୀପାଳ ଉପକୂଳରେ ମେରାଇନ ପୋଲିସ ପଇଁତରା ମାରୁଛି।


ଅନୁଦାନ ପ୍ରଦାନ କଲେ ଜେଟିର ଟେଣ୍ଡର ଆସନ୍ତା ମାର୍ଚ୍ଚରେ ହେବ ବୋଲି ଶୁଣାଯାଉଛି। ଅପରପକ୍ଷେ ଅନୁପ୍ରବେଶକୁ ନେଇ ଉପକୂଳ ସୁରକ୍ଷା ବିଷୟରେ ରାଜ୍ୟ ଓ କେନ୍ଦ୍ର ସରକାର ବିଚାର ବିମର୍ଷ ଆରମ୍ଭ କରିଛନ୍ତି। ଓଡ଼ିଶାରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଏବଂ ଗଞ୍ଜାମ ଜିଲାରେ ସୁଦୀର୍ଘ ୫୭୫ କି.ମି. ଉପକୂଳ ଅଞ୍ଚଳ ରହିଛି। ଅନୁପ୍ରବେଶକାରୀମାନେ ଜଳପଥରେ ଏହି ଉପକୂଳ ଦେଇ ଓଡ଼ିଶାକୁ ପ୍ରବେଶ କରୁଥିବା ଆଲୋଚନା ହେଉଛି। ଏହି ସୁଦୀର୍ଘ ଉପକୂଳ ଅଞ୍ଚଳର ସୁରକ୍ଷା ପାଇଁ ପାରାଦୀପଠାରେ ଏକମାତ୍ର ତଟ ସୁରକ୍ଷା ଅଫିସ ରହିଛି। ଧାମରା ବନ୍ଦରକୁ ଆସୁଥିବା ମାଲବାହୀ ଜାହାଜର ସୁରକ୍ଷାକୁ ଦୃଷ୍ଟିରେ ରଖି ଚନ୍ଦନୀପାଳଠାରେ ଥିବା ପ୍ରତିରକ୍ଷା କେନ୍ଦ୍ରର ପୂର୍ବକୁ ୫୨ କି.ମି. ଅଞ୍ଚଳକୁ ନେଇ ତଟସୁରକ୍ଷା ବାହିନୀ ନିଜସ୍ୱ ରାଡାର କେନ୍ଦ୍ର ବସାଇବା ସହ ଏକ ଅଫିସ ମଧ୍ୟ ଖୋଲିବ ବୋଲି ଏକ ଟିମ୍ ଆସି କ୍ଷେତ୍ର ଅନୁଧ୍ୟାନ କରିଛି। ଫଳରେ ଚନ୍ଦନୀପାଳ ବେଳାଭୂମିରେ ପର୍ଯ୍ୟଟନର ବିକାଶ ଅଥବା ମାଛଧରା ଜେଟି ହେବାର ସମ୍ଭାବନା କ୍ଷୀଣ ହେବାରେ ଲାଗିଛି। ବେଳାଭୂମିରେ ପର୍ଯ୍ୟଟନର ବିକାଶ ପାଇଁ ପର୍ଯ୍ୟଟନ ସଚିବ ବଳବନ୍ତ ସିଂ ଓ ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ଗସ୍ତ କରିଥିଲେ। ମତ୍ସ୍ୟ ବିଭାଗର ଅଧିକାରୀ ମଧ୍ୟ ଆସି ଏଠାରେ ଜେଟି ନିର୍ମାଣ କରିବା ପାଇଁ କ୍ଷେତ୍ର ପରିଦର୍ଶନ କରିଛନ୍ତି। ତେବେ ତଟ ସୁରକ୍ଷା ବାହିନୀର ଟିମ୍ ଆସି ପରିଦର୍ଶନ କରିବା ପରେ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲାପାଳ ରାଉତରାଏ କହଛନ୍ତି, ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ ଓ ତଟ ସୁରକ୍ଷା ବାହିନୀ ଟିମ୍ ପରିଦର୍ଶନ କରିଛନ୍ତି। ପର୍ଯ୍ୟଟନ ବିକାଶ ସହ ମାଛଧରା ଜେଟି ଓ ତଟ ସୁରକ୍ଷା ସବୁ ବିଷୟକୁ ଗୁରୁତ୍ୱ ଦିଆଯିବ। ଏସବୁ ବିଷୟକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତି କରାଯାଉଛି।

# ଅଶ୍ଳୀଳ ଭିଡିଓ ଭାଇରାଲ କରି ଯୁବକ ଗିରଫ

ବାସୁଦେବପୁର,୧୬।୧(କାଳିପଦ ରାୟ)

ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିଥିବା ଅଭିଯୋଗରେ ବାସୁଦେବପୁର ବ୍ଲକ ଅଧୀନ ନାୟିକାଣିଡିହୀ ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ରାମକୃଷ୍ଣପୁର ଗ୍ରାମର ଜୟନ୍ତ ଜେନା(୨୫)। ସୂଚନା ଅନୁଯାୟୀ, ଜୟନ୍ତ ଲକ୍ଷ୍ମୀଦାସପୁର ଅଞ୍ଚଳରେ ତାଙ୍କର ସମ୍ପର୍କୀୟ ଘରକୁ ଯିବା ଆସିବା କରୁଥିବା ବେଳେ ସେହି ଅଞ୍ଚଳର ଜଣେ ନାବାଳିକାଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ମୋବାଇଲରେ ତାଙ୍କ ସହ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ରଖିଥିଲେ। ପରେ ଏହାକୁ ନେଇ ସେ ନାବାଳିକାଙ୍କୁ ବ୍ଲାକ୍‌ମେଲ କରିବା ସହ ଟଙ୍କା ନ ଦେଲେ ଫଟୋ ଓ ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ପରେ ଜୟନ୍ତ ସେହି ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଛାଡ଼ି ଦେଇଥିଲେ। ଏନେଇ ନାବାଳିକାଙ୍କ ମା'ଙ୍କ ଅଭିଯୋଗକ୍ରମେ ଗତ ବୁଧବାର ଥାନାରେ ମାମଲା(ନଂ. ୧୪/୨୬) ରୁଜୁ ହୋଇଥିଲା। ଅଭିଯୁକ୍ତ ଜୟନ୍ତଙ୍କୁ ରାମକୃଷ୍ଣପୁରରୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଉମାଶଙ୍କର ନାୟକ କହିଛନ୍ତି।

# 'ବିଦ୍ୟାଳୟର ବାର୍ଷିକୋତ୍ସବ ଛାତ୍ରୀଛାତ୍ରଙ୍କ ଆଶା ଓ ଆକାଂକ୍ଷାର ପ୍ରତିଫଳନ'



ବିଦ୍ୟାଳୟର ବାର୍ଷିକୋତ୍ସବରେ ଅତିଥିଙ୍କ ସହ ପୁରସ୍କୃତ କୃତୀ ଛାତ୍ରମାନେ।

ଧୂଷୁରୀ,୧୬।୧ (ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକର ସୁନ୍ଦରପୁର ପଞ୍ଚାୟତସ୍ଥିତ ସୁନ୍ଦରପୁର ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିଥି ଭାବେ ସାହୁସାହି ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ସାହୁ, ଏସ୍‌ଡି ପାଟଣା ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିଲ କୁମାର ଦାସ, ସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦୀପ୍ତି ନାୟକ, ବିଦ୍ୟାଳୟ ଶିକ୍ଷା କମିଟି ଅଧ୍ୟକ୍ଷ ବ୍ରଜକିଶୋର ପଣ୍ଡା ଓ ଧୂଷୁରୀ ପ୍ରେସ୍ ୟୁନିୟନ କୋଷାଧ୍ୟକ୍ଷ ରତିକାନ୍ତ ନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟର ବାର୍ଷିକୋତ୍ସବ ଛାତ୍ରୀଛାତ୍ରଙ୍କ ଆଶା ଓ ଆକାଂକ୍ଷାର ପ୍ରତିଫଳନ ବୋଲି ଅତିଥିମାନେ କହିଥିଲେ। ଏହି ବିଦ୍ୟାଳୟ ପ୍ରତିଷ୍ଠାକୁ ୪୫ବର୍ଷ ହୋଇଥିଲେ ବି ଚଳିତବର୍ଷ ପ୍ରଥମଥର ପାଇଁ ବାର୍ଷିକ ଉତ୍ସବ ପାଳନ ହେଉଥିବାରୁ ପ୍ରଧାନ ଶିକ୍ଷକଙ୍କ ସମେତ ଶିକ୍ଷା କମିଟିକୁ ଧନ୍ୟବାଦ ଜଣାଇଥିଲେ। ସହକାରୀ ଶିକ୍ଷକ ରମାକାନ୍ତ ମଲ୍ଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷକ ଅନ୍ତର୍ଯ୍ୟାମୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଅଂଶୁମାନ ଦାସ ସଭା ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ୨୫ରୁ ସର୍ବଭାରତୀୟ କିଶୋର ନାୟକ ମେମୋରିଆଲ କ୍ରିକେଟ

ବନ୍ତ,୧୬।୧ (ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକର ପୁରୁଷୋତ୍ତମପୁରସ୍ଥିତ ନେତାଜୀ ଷ୍ଟାଡିୟମ୍‌ଠାରେ ଶାନ୍ତି ୟୁଥ୍ ଆସୋସିଏଶନ ଦ୍ୱାରା ୨୪ତମ ସର୍ବଭାରତୀୟ କିଶୋର ନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ବନ୍ତ କପ୍-୨୦୨୬ ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ। ୨୫ରେ ପୁଲ୍-'ଏ'ର ମ୍ୟାଚ୍ ରାଇଜିଂ ଷ୍ଟୁଡେଣ୍ଟସ କଟକ ଓ ଜେଡିୱାଇଏସି ଜଗତସିଂପୁର ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ୨୬ରେ ପୁଲ୍-'ଏ'ର ମ୍ୟାଚ୍ ବିରାଟ କ୍ରିକେଟ କ୍ଲବ୍ କୋଲକତା ସହ ଇଷ୍ଟକୋଷ୍ଟ ରେଲ୍‌ୱେ ଭଦ୍ରକ, ୨୭ରେ ପୁଲ-'ବି'ର ମ୍ୟାଚ୍ ଇଷ୍ଟକୋଷ୍ଟ ରେଲ୍‌ୱେ ୱାଲଟିଆର୍ ବିଶାଖାପାଟନମ୍ ସହ ରାଇଜିଂ କ୍ରିକେଟ କ୍ଲବ୍ ଝାଡ଼ଖଣ୍ଡ ଏବଂ ୨୮ରେ ୟୁନିୟନ ସ୍ପୋର୍ଟିଂ କଟକ ଓ ପ୍ରୋଗ୍ରେସିଭ କ୍ଲବ୍ ଝାରସୁଗୁଡ଼ା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ୨୯ରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ୨୫ ଓ ୨୬ର ବିଜେତା, ୩୦ରେ ୨ୟ ସେମିଫାଇନାଲ ମ୍ୟାଚ୍ ୨୭ ଓ ୨୮ର ବିଜେତାଙ୍କ ମଧ୍ୟରେ ହେବ। ଫେବୃଆରୀ ୧ରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସଭାପତି ସୁବାସ ଚନ୍ଦ୍ର ବିଶ୍ୱାଳ ଏବଂ ସମ୍ପାଦକ ଅରୁଣ କୁମାର ନାୟକ ଶୁକ୍ରବାର ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇର ବିକ୍ଷୋଭ

ବନ୍ତ,୧୬।୧ (ହରିନାରାୟଣ ମହାନ୍ତି)

ବିଭିନ୍ନ ଦାବି ନେଇ ସମ୍ମୁଖରେ ସିପିଆଇ ପକ୍ଷରୁ ଶୁକ୍ରବାର ବନ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ ସାଥୀ ସମର୍ଥକ ବ୍ୟାନର ଓ ଦଳୀୟ ପତାକା ଧରି ଥାନା ଛକରୁ ବାହାରି ବଜାର ପରିକ୍ରମା କରି ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ଜୋନ୍ ସମ୍ପାଦକ ଗୋପବନ୍ଧୁ ସେଠୀଙ୍କ ସଭାପତିତ୍ୱରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସମ୍ପାଦକ ଡ.ପ୍ରଶାନ୍ତ କୁମାର ମିଶ୍ର, ସହ ସମ୍ପାଦକ ଜୟନ୍ତ ଦାସ, ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ସହସମ୍ପାଦକ ରମେଶ ଜେନା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଫକୀର ଚରଣ ବିଶ୍ୱାଳ, ଗିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ନିରଞ୍ଜନ ନାୟକ, ଦିଲୀପ ନାୟକ, କଲିମୁଦ୍ଦୀନ ଖାଁ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି କହି ସମାଲୋଚନା କରିଥିଲେ।




ସିପିଆଇ ନେତା ଓ ସମର୍ଥକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବନ୍ତ ବ୍ଲକରେ ତୁରନ୍ତ ସମସ୍ତ ଧାନ ମଣ୍ଡି ଖୋଲିବା, ସମସ୍ତ ଚାଷୀଙ୍କୁ ଯଥାଶୀଘ୍ର ଟୋକନ ପ୍ରଦାନ, କଟ୍‌ନିଛଟ୍‌ନୀ ବନ୍ଦ, ଭାଗ ଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କଠାରୁ ସରକାରୀ ଦରରେ ଧାନ କ୍ରୟ, ସ୍ମାର୍ଟ ମିଟର ଲଗାଇବା ବାଧ୍ୟତାମୂଳକକୁ ବନ୍ଦ କରାଯିବା, ପ୍ରଦୂଷଣମୁକ୍ତ ସାର୍ଟିଫିକେଟ ଆଳରେ ଗାଡ଼ି ମାଲିକ ଓ ଚାଳକଙ୍କୁ ଶୋଷଣ ବନ୍ଦ କରାଯିବା, ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା, ବ୍ଲକର ଉନ୍ନୟନମୂଳକ କାର୍ଯ୍ୟରେ ରାଜନୈତିକ ହସ୍ତକ୍ଷେପକୁ ବନ୍ଦ କରିବା ଆଦି ଦାବି କରାଯାଇଛି। ଏସବୁ ସମସ୍ୟା ନେଇ ଆସନ୍ତା ୨୪ରୁ ୩୧ ତାରିଖ ମଧ୍ୟରେ ଘରକୁ ଘର ଯାଇ ଗଣ ପାଣ୍ଠି ସଂଗ୍ରହ କରି ଫେବୃଆରୀ ୨ରୁ ୭ ମଧ୍ୟରେ ବ୍ଲକସ୍ତରରେ ଗଣ ଆନ୍ଦୋଳନ କରାଯିବା ସହ ଫେବୃଆରୀ ୧୨ରେ ସର୍ବଭାରତୀୟ ହରତାଳ ଡାକରା ଦିଆଯାଇଛି। ଏଥିସହ ଅନ୍ୟ ଏକ ପର୍ଯ୍ୟାୟରେ ଜିଲାସ୍ତରୀୟ ଆନ୍ଦୋଳନ କରାଯିବ ବୋଲି ବକ୍ତାମାନେ କହିଥିଲେ। ରବୀନ୍ଦ୍ର ନାୟକ, ଅରବିନ୍ଦ ବିଶ୍ୱାଳ, ସୁବାସ ଚନ୍ଦ୍ର ବେହେରା, ଉମାକାନ୍ତ ମହାପାତ୍ର, ରମାକାନ୍ତ ସାହୁ, ଭାସ୍କର ଚନ୍ଦ୍ର ବେହେରାଙ୍କ ସମେତ ଏକ ପ୍ରତିନିଧି ଦଳ ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ନୃସିଂହ ପରିଡ଼ା, ବିଷ୍ଣୁ ଜେନା, ଜୟନ୍ତ ଜେନା, କୈଳାସ ଜେନା, ରୁକ୍ମଣୀ ଜେନା, ଗୋଲାପୀ ଜେନା ପ୍ରମୁଖ ସାମିଲ ଥିଲେ।

# ଚାନ୍ଦବାଲିରେ ପୁନର୍ବାର ପାଠପଢ଼ାରେ ଯୋଡ଼ି ହୋଇଛନ୍ତି ୮୦ ଛାତ୍ରୀଛାତ୍ର

## ଡ୍ରପ୍‌ଆଉଟ ପିଲାଙ୍କୁ ଫେରାଇ ଆଣିବାକୁ ମେଗା ଯୋଗଦାନ କ୍ୟାମ୍ପ

ଚାନ୍ଦବାଲି,୧୬।୧(କିଷାନ ପାତ୍ର)

ଅଧାରୁ ପାଠ ଛାଡ଼ି ଦେଇଥିବା କିମ୍ବା ମାଟ୍ରିକ୍ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁନଃ ପାଠପଢ଼ାର ସୁଯୋଗ ଦେବା ରାଜ୍ୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ (ଏସ୍‌ଆଇଓଏସ୍) ସ୍କିମ୍‌ର ମୁଖ୍ୟ ଲକ୍ଷ୍ୟ। ଚାନ୍ଦବାଲି ବ୍ଲକ ଅଧୀନ ଦାଖା ଉଚ୍ଚ ବିଦ୍ୟାଳୟରେ ଚାଲୁଥିବା ଷ୍ଟଡି ସେଣ୍ଟରରେ ବର୍ତ୍ତମାନ ସୁଦ୍ଧା ୮୦ ଛାତ୍ରୀଛାତ୍ର ପୁନର୍ବାର ପାଠପଢ଼ାରେ ଯୋଡ଼ି ହୋଇଥିବା ବ୍ଲକ ଶିକ୍ଷାଧିକାରୀଙ୍କଠାରୁ ସୂଚନା ମିଳିଚି। ଅଧିକ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ଏସ୍‌ଆଇଓଏସ୍ ସ୍କିମ୍ ସହ ଯୋଡ଼ିବା ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ ମହାରାଜଙ୍କ ତତ୍ତ୍ୱାବଧାନରେ ଦାଖା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅପରାହ୍ନରେ ଏକ ମେଗା ଯୋଗଦାନ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀଙ୍କ ସହ ଏବିଇଓ ଅନୀତା ମିଶ୍ର, ତ୍ରିପୁରା ପଲାଇ, ଶାନ୍ତନୁ କୁମାର କୁମ୍ଭକାର, ଶିକ୍ଷୟିତ୍ରୀ ସ୍ମିତାରାଣୀ ମଲ୍ଲିକ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଆଗାମୀ ଦିନରେ କିପରି ଅଧିକରୁ ଅଧିକ ପିଲା ଏସ୍‌ଆଇଓଏସ୍ ମାଧ୍ୟମରେ ପାଠ ପଢ଼ିପାରିବେ, ସେନେଇ ଆଲୋଚନା କରିଥିଲେ।

# ୩୦ରୁ ମଞ୍ଜୁରୀରୋଡ୍ ଶକୁନ୍ତଳା ଲେଙ୍କା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ଭଣ୍ଡାରିପୋଖରୀ,୧୬।୧ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ୍ ମହାବୀର ଯୁବକ ସଂଘ ଆନୁକୂଲ୍ୟରେ ଶକୁନ୍ତଳା ଲେଙ୍କା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ୩୦ ତାରିଖରୁ ଡାକ୍ତରଖାନା ପଡ଼ିଆରେ ଆରମ୍ଭ ହେବ। ୩୦ ତାରିଖରେ କଟକ ଏକାଦଶ ଓ ଭଦ୍ରକ ସୂର୍ଯ୍ୟଶିଖା ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ, ୩୧ ତାରିଖରେ ଭଦ୍ରକ ଜେସିସି ଓ ଜେଏସି ଇଞ୍ଜନପୁର ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ହେବ। ଫେବୃଆରୀ ୧ରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ହେବ। ୩ରେ ଯାଜପୁର ୧୧ ଷ୍ଟାର ଓ କଟକ ବିଶ୍ୱଭାରତୀ କ୍ରିକେଟ କ୍ଲବ୍ ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ, ୪ରେ କେନ୍ଦ୍ରାପଡ଼ା ଇନ୍ଦୁପୁର ଗୋପବନ୍ଧୁ କ୍ରିକେଟ କ୍ଲବ୍ ଓ ଆନ୍ଧ୍ରପ୍ରଦେଶ ଆଜାଦ ଏକାଦଶ ମଧ୍ୟରେ ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ୍ ହେବ। ୫ରେ ଦ୍ୱିତୀୟ ସେମିଫାଇନାଲ ଓ ୮ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଝୋଟ ଚାଷ ନେଇ ପ୍ରଶିକ୍ଷଣ

ଧାମନଗର,୧୬।୧ (ସନ୍ତୋଷ କୁମାର ମହାପାତ୍ର)

ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଅନ୍ତର୍ଗତ ବାଣିଜ୍ୟିକ ଝୋଟ ଚାଷର କୃଷକ ତାଲିମ ଶିବିର ଗୁରୁବାର ଧାମନଗର ଏନ୍‌ଏସିସ୍ଥିତ ଜୟନଗର ମଳ ଉପଚାର ସୁବିଧାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ କୃଷି ଜିଲା ଅଧିକାରୀ ପ୍ରୀତିରେଖା ମହାଳିକ, ବ୍ଲକ କୃଷି ଅଧିକାରୀ ଅନୁରାଧା ପଣ୍ଡା, ବ୍ଲକ ସହକାରୀ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ, ଯୋଜନା ଅଧିକାରୀ ବିଶ୍ୱରଞ୍ଜନ ରାଉତ, ସତ୍ୟଜିତ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ ମୋଟ ୩୦ଜଣ ଚାଷୀ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଝୋଟ ଚାଷର ବହୁଳ ପ୍ରଚାର ପ୍ରସାର, ଏହି ଚାଷରେ ସରକାରୀ ସହାୟତା, ଅତ୍ୟଧିକ ଉତ୍ପାଦନ କିପରି ହେବ ସେନେଇ ଉପସ୍ଥିତ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଶେଷରେ ଭାଜପା ନଗର ସଭାପତି ପ୍ରଶାନ୍ତ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଉଦ୍‌ଘାଟିତ

ବାସୁଦେବପୁର,୧୬।୧ (କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ଲକ୍ଷ୍ମୀଦାସପୁରଠାରେ ଶୁକ୍ରବାର ପ୍ରଗତି ପକ୍ଷରୁ ଏକ ୨୦ହଜାର ଲିଟର ଦୁଗ୍ଧ ଶୀତଳୀକରଣ କେନ୍ଦ୍ରର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରଗତିର ଏଜିଏମ୍ କିଶୋର ଚନ୍ଦ୍ର ବେହେରା, ସଞ୍ଜୟ କୁମାର ରାଉତ, ଅନ୍ୟତମ ଅତିଥି ଭାବେ ଅଡିଟର ଅଜୟ କୁମାର ବାରିକ, କଟକ ଜେଡ୍‌ପିଏମ୍(ଜୋନାଲ ପ୍ରକ୍ୟୁୟରମେଣ୍ଟ ମ୍ୟାନେଜର) ସୌମ୍ୟଜିତ ନାୟକ ଓ ରବୀନ୍ଦ୍ର କୁମାର ପାତ୍ର, ଭଦ୍ରକ-ବାଲେଶ୍ୱରର ଅଶୋକ କୁମାର ନାୟକ, ଏପିଏମ୍ ଅଜୟ କୁମାର ପାତ୍ର, ସରପଞ୍ଚଙ୍କ ପ୍ରତିନିଧି ଜୟରାମ ବାରିକ, ରାଜେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଗୋପାଳକମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା।

# ୨୫ରୁ ଯଶୋଟିକିରି ମହାବୀର କପ୍

ଭଣ୍ଡାରିପୋଖରୀ,୧୬।୧ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତର ଯଶୋଟିକିରି କ୍ରିକେଟ ପଡ଼ିଆରେ ୨୯ତମ ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୨୫ ତାରିଖଠାରୁ ଆରମ୍ଭ ହେବ। ମହାବୀର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ସ୍କାନ କ୍ରିକେଟ କ୍ଲବ୍ ଓ କଟକ ନିମପୁର ସ୍ପୋର୍ଟ୍ସ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ। ୨୬ ତାରିଖରେ ଭୁବନେଶ୍ୱର ଫିଉଚର କ୍ରିକେଟ ଏକାଡେମୀ ଓ ଭୁବନେଶ୍ୱର ଆଦିତ୍ୟ ଏକାଦଶ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ହେବ। ୨୭ ତାରିଖରେ ତୃତୀୟ କ୍ୱାର୍ଟର ଫାଇନାଲରେ କଟକ ଜୁଭେନାଇଲ ସ୍ପୋର୍ଟିଂ ଓ ନୟାଗଡ଼ ଜିଲା କ୍ରିକେଟ ସଂଘ ଏକାଦଶ ପରସ୍ପରକୁ ଭେଟିବେ। ୨୮ ତାରିଖରେ କେନ୍ଦ୍ରାପଡ଼ା ଇନ୍ଦୁପୁର ଜିସିସି ଏକାଦଶ ଓ ବାଲେଶ୍ୱର ଆଦର୍ଶ କ୍ଲବ୍ ମଧ୍ୟରେ ହେବାକୁ ଥିବା ଶେଷ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ୨୯ ଓ ୩୦ ତାରିଖରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ, ଫେବୃଆରୀ ୧ରେ ଫାଇନାଲ ମ୍ୟାଚ୍ ହେବ ବୋଲି ମହାବୀର କ୍ରିକେଟ କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।


**कार्यपालक अभियंता, का कार्यालय,**
**ग्रामीण विकास विशेष प्रमंडल, पाकुड़**
झारखण्ड सरकार
अल्पकालीन ई–निविदा आमंत्रण सूचना
अल्पकालीन ई– निविदा आमंत्रण सूचना – RDSPL/PAKUR/24/2025-26

1.कार्य की विस्तृत विवरणी:

| ग्रुप सं० | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 01 | हिरणपुर | पाकुड़ जिला के प्रखण्ड हिरणपुर पंचायत घाघरजानी में घाघरजानी संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 02 | हिरणपुर | पाकुड़ जिला के प्रखण्ड हिरणपुर पंचायत केन्दुआ में केन्दुआ संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 03 | हिरणपुर | पाकुड़ जिला के प्रखण्ड हिरणपुर पंचायत बरमसिया में बरमसिया संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 04 | हिरणपुर | पाकुड़ जिला के प्रखण्ड हिरणपुर पंचायत डांगापाड़ा में डांगापाड़ा सी०एल०एफ० के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 05 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत अमड़ापाड़ा संथाली में अमड़ापाड़ा संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 06 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत पचुवाड़ा में पचुवाड़ा संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 07 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत डूमरचीर में डूमरचीर संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 08 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत पाडेरकोला में पाडेरकोला संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |

2. वेबसाइट में निविदा प्रकाशन की तिथि – 27.01.2026
3. ई–निविदा प्राप्ति की तिथि एवं समय – दिनांक 27.01.2026 से दिनांक 02.02.2026 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पाकुड़
5. ई–निविदा खोलने की तिथि एवं समय –04.02.2026 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पाकुड़
7. ई–निविदा प्रकोष्ठ का दूरभाष सं० – 9771979309 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, पाकुड़।

PR 370730 Rural Work Department(25-26)D



**कार्यपालक अभिंयता का कार्यालय,**
**लघु वितरणी प्रमण्डल सं०–8, जमशेदपुर**
(Email – eemdd8.chandil@gmail.com)

निविदा रद्द करने की सूचना

इस कार्यालय के Expression of Interest (EOI), Very Short e-Tender inviting Notice no.-WRD/MDD8/JSR-04/2024-25, Date:-11/01/2025 जिसका प्रसारण PR 344221 Water Resource(24-25) D द्वारा किया गया था, उसे अपरिहार्य कारणों से रद्द किया जाता है।

कार्यपालक अभियंता,
लघु वितरणी प्रमण्डल सं0–8,जमशेदपुर

PR 370789 Water Resource(25-26).D



**कार्यपालक अभियन्ता का कार्यालयलघु सिंचाई प्रमण्डल, चाईबासा।**
**शुद्धि–पत्र**

ई० निविदा आमंत्रण सूचना संख्या– WRD/MID/CHAIBASA/SBD-03/2025-26(2nd Call) जिसका PR-No- 369632( West Singhbhum)25-26(D) के माध्यम से प्रकाशित की गई को निम्न प्रकार संशोधन किया जाता है –

| विवरणी | पूर्व की तिथि | संशोधित तिथि |
|---|---|---|
| बेवसाईट पर निविदा प्रकाशन की तिथि एवं समय | 10.01.2026 के 11:00 बजे पूर्वाहन्। | 13.01.2026 के 11:00 बजे पूर्वाहन्। |
| निविदा में भाग लेने की अंतिम तिथि एवं समय | 16.01.2026 अपराह्न 05:00 बजे तक। | 20.01.2026 अपराह्न 05:00 बजे तक |
| निविदा खोलने की तिथि एवं समय | 17.01.2026 को 05:00 बजे अपराह्न। | 22.01.2026 को 10:00 बजे पूर्वाहन्। |

अन्य सभी शर्ते पूर्वतः रहेगी।

ह०/–
कार्यपालक अभियन्ता
लघु सिंचाई प्रमण्डल, चाईबासा।

PR 370808 West Singhbhum(25-26)D



**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमण्डल, चतरा।**

**शुद्धि–पत्र**

ग्रामीण कार्य विभाग, कार्य प्रमण्डल, चतरा के अन्तर्गत जिला खनिज फाउण्डेशन ट्रस्ट (DMFT) मद के तहत् **ई–अल्पकालीन निविदा संख्या– 05/2025-26/RWD/CHATRA**, दिनांक– 31.12.2025 (**Construction of PCC Road from Panchwati Pul to Bachra Basti End via Bachra Basti Mandir**), जिसके अनुसार निविदा प्राप्ति की अंतिम तिथि – 19.01.2026 है, जिसका **P.R. No. 369869 Rural Work Department(25–26):D** है, उसमें निम्नलिखित संशोधन किया जाता है :–

1. वेबसाईट में निविदा प्रकाशन की तिथि :– **19.01.2026**
2. ई–निविदा प्राप्ति की अंतिम तिथि एवं समय :– **01.02.2026 अपराह्न 5.00 बजे तक।**
3. ई–निविदा खोलने की तिथि एवं समय :– **03.02.2026 अपराह्न 03.30 बजे।**
4. अन्य शर्त्तें यथावत् रहेंगी।

विस्तृत जानकारी के लिए वेबसाईट **www.jharkhandtenders.gov.in** में देखा जा सकता है।

कार्यपालक अभियंता,
ग्रामीण कार्य विभाग,
कार्य प्रमण्डल, चतरा।

PR 370800 (Rural Work Department) 25-26 (D)



**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking), JUIDCO Bhawan, Kutchery Road, Ranchi-834001, Jharkhand., Ph No.: +91-651-2225878,
CIN: U45200JH2013SGC001752, e-mail ld-juidcolimited@gmail.com

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1

**Corrigendum – 6**

This is for information of all the bidders that Corrigendum – 6 for the subjected tender has been published on the e-procurement website of Government of Jharkhand.
The bidders are advised to take into the same before submission of bids.

Sd/-
Project Director (Technical)
JUIDCO Ltd.

PR 370845 Urban Development(25-26)#D

## ସଂକ୍ଷେପରେ

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଗୋପବନ୍ଧୁ ନଗର,୧୬।୧(ଶାନ୍ତନୁ କୁମାର ମଢୁଆଲ)- ଖୁଣ୍ଟା ବ୍ଲକ ଗଡ଼ିଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ନଗେନ୍ଦ୍ର ନାଥ ଚୌଧୁରୀ (୮୦)ଙ୍କର ଶୁକ୍ରବାର ପୂର୍ବାହ୍ନରେ ପରଲୋକ ଘଟିଛି। ସେ ଅତ୍ୟନ୍ତ ମେଳାପୀ ଓ ମିଷ୍ଟଭାଷୀ ଥିଲେ। ୧୯୮୫ରେ ଗଡ଼ିଗାଁ ପଞ୍ଚାୟତର ସରପଞ୍ଚ ଥିଲେ। ବିଭିନ୍ନ ଧର୍ମାନୁଷ୍ଠାନ ଓ ସଂଗଠନ ସହ ଜଡ଼ିତ ଥିଲେ। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ଝିଅ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଅପରାହ୍ନରେ ମହ୍ଲାରପଦା ନିଜ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ସାମ୍ବାଦିକ ଦୀପକ ଚୌଧୁରୀ ମୁଖାଗ୍ନି ଦେଇଥିଲେ।

### ହକି କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ

ମୋରଡ଼ା,୧୬।୧(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲାର ମୋରଡା ବ୍ଲକ ଅଞ୍ଚଳର ଏକମାତ୍ର ହକି କେନ୍ଦ୍ର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଚଢ଼େଇଗାଁରେ ଚାଲୁଥିବା ନାଭାଲ ଟାଟା ଗ୍ରାସରୁଟ ହକି କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରେସେନ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲାର ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଟାଟା ନାଭାଲର ସଂଯୋଜକ ଶେଖର ବେହେରା ଉପସ୍ଥିତ ରହି ଜିଲାରେ ହକି ପ୍ରତିଭା ମାନଙ୍କର ବିକାଶ କ୍ଷେତ୍ରରେ ହକି କେନ୍ଦ୍ରର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ୧୧ ଜଣ ଛାତ୍ର ଓ ଛାତ୍ରୀଙ୍କୁ ନୂତନ ହକି ଷ୍ଟିକ ଓ ବଲ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଅଦିତ୍ୟ ରାଜ, ଜଗନ୍ନାଥ ଦାସ, ସବ୍ୟସାଚୀ ନାୟକ, ବାପୁନ ଧଳ, କର୍ମରଞ୍ଜନ ଧଳ, ଅମ୍ବିକା ଧଳ, ସସ୍ମିତା ସୋରେନ, ଲିପ୍ସା ଦଣ୍ଡସେନା, ପ୍ରିୟା ସି ଓ ଅନିତା ହାଁସଦା। ଏଥିସହିତ ଶୃଙ୍ଖଳା, ଭଲ ବ୍ୟବହାର, ନିୟମିତ ଉପସ୍ଥାନ ଓ କ୍ରୀଡ଼ା କୌଶଳ ଆଧାରରେ ୧୦ ଜଣ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଦିନ ଉପଲକ୍ଷେ ମୟୂରଭଞ୍ଜ ଜିଲା କ୍ରୀଡ଼ା ଅଧିକାରୀ ଡ.ଶୁଭାଶିଷ ନାୟକ, ଚଢେଇଗାଁ କ୍ଲଷ୍ଟରର ସିଆରସିସି ଶୁଭେନ୍ଦୁ ଶେଖର ସେଠୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ।

# ଅସ୍ଥି ବିସର୍ଜନ ପାଇଁ ଜମିଲା ଭିଡ଼

ଗୋପବନ୍ଧୁ ନଗର,୧୬।୧
(ଶାନ୍ତନୁ କୁମାର ମଢୁଆଲ)

ଗୋପବନ୍ଧୁ ନଗର ବ୍ଲକ୍ ଘଣ୍ଟଶୀଳାସ୍ଥିତ ଢୁଢୁଆଠାରେ ପ୍ରବାହିତ ଗଙ୍ଗାହାର ନଦୀରେ ମକର ସଂକ୍ରାନ୍ତି ଅବସରରେ ଅସ୍ଥି ବିସର୍ଜନ ପାଇଁ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଛି। ଚଳ ଚଞ୍ଚଳ ହୋଇ ଉଠିଛି ଆଖପାଖ ଅଞ୍ଚଳ। ପରମ୍ପରା ଅନୁଯାୟୀ ଆଦିବାସୀ ସମ୍ପ୍ରଦାୟର ଲୋକେ ଉକ୍ତ ଦାମୋଦର ମେଳାରେ ପୂର୍ବରୁ ମୃତ୍ୟୁବରଣ କରିଥିବା ପରିବାର ଲୋକଙ୍କ ପାଇଁ ଅସ୍ଥି ବିସର୍ଜନ କରିବା ସହ ଶ୍ରାଦ୍ଧ ଓ ତିଳତର୍ପଣ କରି ବୁଡ଼ ପକାଇଛନ୍ତି। ଏଥିସହିତ ନିକଟରେ ଥିବା ଶାଳ ଗଛକୁ ଇଷ୍ଟ ଦେବତା ଭାବେ ରୀତି ନୀତି ଅନୁଯାୟୀ ପାରଗାନଙ୍କ ଦ୍ୱାରା ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ ହୋଇଛି। ଅସ୍ଥି ବିସର୍ଜନ କରିବାକୁ ଆସିଥିବା ଲୋକ ଲଣ୍ଡା ହୋଇଥାନ୍ତି। ଏହାଦ୍ୱାରା ସ୍ୱର୍ଗପ୍ରାପ୍ତି କରିଥିବା ଲୋକର ଆତ୍ମାଶାନ୍ତି ପାଇବ ବୋଲି ବିଶ୍ୱାସ ରହିଆସିଛି। ପୂଜା ପାଠ ଓ ବିସର୍ଜନ ସରିବା ପରେ ଆଦିବାସୀମାନେ ନିଜ ନିଜ ଘରୁ ଆଣିଥିବା ବସ୍ତ୍ର, ବାସନ ଓ ବିଭିନ୍ନ ଘରକରଣା ସାମଗ୍ରୀ ଅନ୍ୟମାନଙ୍କୁ ଦାନ ଦେଇଥିଲେ। ତେବେ ଏହି ପରମ୍ପରା ଓ ପ୍ରକ୍ରିୟା ପ୍ରାୟ ୪୦ ବର୍ଷ ହେବ ଘଣ୍ଟଶୀଳା ଗ୍ରାମର ହାଡିବନ୍ଧୁ ମୁର୍ମୁଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିଲା। ଏନେଇ ଏକ ସ୍ୱତନ୍ତ୍ର କମିଟି ମଧ୍ୟ ରହିଛି। କମିଟିର ସଭାପତି ଭାବେ ସାଗ୍ରାମ ମୁର୍ମୁ, ସମ୍ପାଦକ ପଦ୍ମଲୋଚନ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।



ଗଙ୍ଗାହାର ନଦୀ ଘାଟରେ ଅସ୍ଥି ବିସର୍ଜନ ପାଇଁ ଜନ ସମାଗମ।



ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ପରିସରରେ ଖତ ଖାଉଥିବା ଜବତ ବାଇକ୍। ଫଟୋ- (ସୁଧୀର କୁମାର ମହାନ୍ତ)।

## ଭତ୍ତା କରାଇଦେବା ଆଳରେ ଠକେଇ ଅଭିଯୋଗ

ମୋରଡ଼ା/ ରାସଗୋବିନ୍ଦପୁର,୧୬।୧
(ସ୍ମାରକ ମାଜୀ/ ସତ୍ୟବାଦୀ ପରିଡ଼ା)

ଭତ୍ତା କରାଇଦେବା ଆଳରେ ଦୁଇଜଣ ହିତାଧିକାରୀଙ୍କଠାରୁ ପାଖାପାଖି ୩୦ ହଜାର ଟଙ୍କା ଠକି ନେଇଛନ୍ତି ସମ୍ପୃକ୍ତ ଗ୍ରାମର ୱାର୍ଡ ମେମ୍ବର। ଏଭଳି ଘଟଣା ଦେଖିବାକୁ ମିଳିଛି ରାସଗୋବିନ୍ଦପୁର ଥାନା ଅଞ୍ଚଳରେ। ଏନେଇ ଶୁକ୍ରବାର ହିତାଧିକାରୀମାନେ ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଉକ୍ତ ଥାନା ଅଞ୍ଚଳର ମମତା ଡାକୁଆ ନାମ୍ନୀ ଜଣେ ମହିଳାଙ୍କ ବାମ ହାତର ଆଙ୍ଗୁଳି କଟା ହୋଇଛି। ତାଙ୍କ ସ୍ୱାମୀ କାମ କରିବାକୁ ବାହାରକୁ ଯାଇଥିବା ବେଳେ ଶ୍ୱଶୁର ସନ୍ତୋଷ ମହାନାଏକ ମଧ୍ୟ ପକ୍ଷାଘାତ ରୋଗରେ ପୀଡ଼ିତ। ତେବେ ମମତାଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର କରାଇଦେବା ଏବଂ ତାଙ୍କ ଶ୍ୱଶୁର ସନ୍ତୋଷଙ୍କ ଭତ୍ତା ୧୦୦୦ରୁ ୩୦୦୦ ଟଙ୍କାକୁ ବୃଦ୍ଧି କରାଇଦେବେ ବୋଲି ଉକ୍ତ ଗ୍ରାମର ୱାର୍ଡ ସଦସ୍ୟ କହିଥିଲ। ଏ ବାବଦରେ ମମତାଙ୍କ ନିକଟରୁ ସେ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୬ ହଜାର ଟଙ୍କା ଠକି ନେଇଥିବା ମମତା ଗୁରୁବାର ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଉକ୍ତ ଗ୍ରାମର ଦିବ୍ୟାଙ୍ଗ ମହିଳା ସରୋଜିନୀ ସିଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର କରାଇଦେବେ ବୋଲି କହି ଉକ୍ତ ୱାର୍ଡ ସଭ୍ୟ ଗତ ୨୦୨୫ ଡିସେମ୍ବର ମାସରେ ବିଭିନ୍ନ ପ୍ରର୍ଯ୍ୟାୟରେ ୧୪ ହଜାର ୫୦୦ଟଙ୍କା ଠକି ନେଇଥିବା ସରୋଜିନୀ ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନା ଏସ୍‌ଆଇ ହେମନ୍ତ ପାତ୍ରଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି।

## ଟ୍ରେନ୍‌ରେ କଟି ଦାଦନ ଶ୍ରମିକଙ୍କ ମୃତ୍ୟୁ

ମୋରଡ଼ା/ ରାସଗୋବିନ୍ଦପୁର,୧୬/୧
(ସ୍ମାରକ ମାଜୀ/ ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲାର ଗଣପର୍ବ ମକର ଉପଲକ୍ଷେ ସମସ୍ତେ ମସଗୁଲ ଥିବା ବେଳେ ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଦାଦନ ଦୁଃଖ ଦେଖିବାକୁ ମିଳିଛି। ଉକ୍ତ ଥାନା ଅଞ୍ଚଳର ଜଣେ ଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଘରକୁ ଫେରୁଥିବା ସମୟରେ ଟ୍ରେନରେ କଟି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଉକ୍ତ ଥାନା ଅଧୀନ ଝାଟିଅଡା ପଞ୍ଚାୟତର ଟିକପଦା ଗ୍ରାମର ଗୁରୁବାରୀ ଟୁଡୁଙ୍କ ପୁଅ ମଙ୍ଗଳ ଟୁଡୁ(୨୪)।

ସୂଚନା ଅନୁଯାୟୀ, ପିତାଙ୍କ ମୃତ୍ୟୁ ପରେ ମଙ୍ଗଳ ଦୁଇ ବର୍ଷ ହେବ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାମସ୍ଥିତ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗତ ଗୁରୁବାର ଦିନ ଅପରାହ୍ନ ୨ଟା ସମୟରେ ଟ୍ରେନ ଯୋଗେ ଘରକୁ ଫେରୁଥିବା ବେଳେ ଶ୍ରୀକାକୁଲମ ଷ୍ଟେଶନ ନିକଟରେ କୌଣସି କାରଣ ବଶତଃ ଟ୍ରେନରୁ ଖସି ପଡିଥିଲେ। ଫଳରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲ। ଜଣେ ଅଜଣା ବ୍ୟକ୍ତି ମଙ୍ଗଳଙ୍କ ମୃତ୍ୟୁ ଖବର ପରିବାର ଲୋକଙ୍କୁ ଦେଇଥିଲେ। ମଙ୍ଗଳଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସେଠାରୁ ମୃତଦେହ ଆଣିବାକୁ ଅସମର୍ଥ। ତେଣୁ ତାଙ୍କ ମୃତଦେହ ଘରକୁ ଆଣିବା ସହିତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ମଙ୍ଗଳଙ୍କ ମା' ଗୁରୁବାରୀ ଟୁଡୁ ଲିଖିତ ଅନୁରୋଧ କରିଛନ୍ତି।

## ଶିମିଳିପାଳରେ ପାରଦ ୧ ଡିଗ୍ରୀ

ବାରିପଦା,୧୬।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନରେ ପାରଦ ନିମ୍ନଗାମୀ ରହିଛି। ଚାରି ଦିନ ଧରି ତାପମାତ୍ରା ୧ ଡିଗ୍ରୀ ରହିଛି । ଗୁଡୁଗୁଡିଆରେ ତାପାମାତ୍ରା ୧ ଡିଗ୍ରୀ ରେକର୍ଡ ହୋଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ଶିମିଳିପାଳ ସଂଲଗ୍ନ ଜନବସତି ସମେତ ଜିଲାବ୍ୟାପି ଜାଡ ଅସମ୍ଭାଳ ହେଉଛି। ଲୋକେ ଗରମ ପୋଷାକ ଘୋଡାଇ ରହିବା ସହ ନିଆଁ ଜାଳି ଶୀତକଷ୍ଟକୁ ଲାଘବ କରୁଛନ୍ତି। ସେହିପରି ଶିମିଳିପାଳ ଅଭୟାରଣ୍ୟର ଚହଲା ଓ ଉପରବାରହାକାମୁଡାରେ ୨ଡିଗ୍ରୀ, ବରେହିପାଣିରେ ୫ଡିଗ୍ରୀ, ରାମତୀର୍ଥରେ ୯ଡିଗ୍ରୀ, ସାତକୋଶିଆରେ ଏବଂ କିଆଝରୀରେ ୧୦ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ଜିଲାର ୨୬ଟି ବ୍ଲକ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୨ଡିଗ୍ରୀ ପାଖାପାଖି ରହୁଛି। ଅବାଧ ଗଛକଟା ଓ ଖଣିଖନନ ଯୋଗୁ ଏହାର ପ୍ରଭାବ ଜିଲାବାସୀଙ୍କ ଉପରେ ପଡୁଛି। ଯାହାକୁ ନେଇ ଶୀତ ଦିନେ ପ୍ରବଳ ଶୀତରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି।

## ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ବାଇକ୍ ରାଲି

ରାଇରଙ୍ଗପୁର,୧୬।୧(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଶୁକ୍ରବାର ବାଲାଂଦେଶୀ ଅନୁପ୍ରବେଶକାରୀଙ୍କୁ ହଟାଇବା ଦାବି ନେଇ ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ସହରାଞ୍ଚଳ ବଡ଼ବଜାର, କଚେରି ଛକ, ବସ୍‌ଷ୍ଟାଣ୍ଡ ସମେତ ବିଭିନ୍ନ ଜନଗହଳି ପୂର୍ଣ୍ଣ ଛକମାନଙ୍କରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭକାରୀମାନେ ରାଇରଙ୍ଗପୁର ବଡ଼ ବଜାରସ୍ଥିତ ଗୋଲେଇ ଛକ ନିକଟରେ ବାଲାଂଦେଶ ରାଜ୍ୟ ମୁଖ୍ୟ ପରାମର୍ଶ ଦାତା ମହମ୍ମଦ ୟୁନୁସଙ୍କ କୁଶପୁତ୍ତଳିକା କରିଥିଲେ। ଭାଜପା ନେତା ନବୀନ କୁମାର ରାମ,ସୁରଥ ପଟ୍ଟନାୟକ, ଯୁବନେତା ଜିତେନ୍ଦ୍ର ବାରିକ, ବାବୁଲୁ ପ୍ରଧାନଙ୍କ ସମେତ ହିନ୍ଦୁ ଜାଗରଣ ମଞ୍ଚର କର୍ମକର୍ତ୍ତା ଏବଂ କର୍ମୀ ଏଥିରେ ସାମିଲ ହୋଇଥିଲେ।



ସହର ପରିକ୍ରମା କରୁଥିବା ବାଇକ୍ ଶୋଭାଯାତ୍ରା।

## ବାଘ ମାରିଲା ୩ ଛେଳି

ଠାକୁରମୁଣ୍ଡା,୧୬।୧
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜ କେଶଡ଼ିହା ଗ୍ରାମ ପଞ୍ଚାୟତ ମଣ୍ଡଳଝୋରି ଗ୍ରାମ ନିକଟ ମୁନିଘୁଟୁ ଜଙ୍ଗଲରେ ୩ଟି ଛେଳିକୁ ବାଘ ଆକ୍ରମଣ କରି ମାରି ଦେଇଛି। ବାଘ ଆକ୍ରମଣରେ ମୃତ ୩ଟି ଛେଳି ସେହି ଗ୍ରାମର ଚାନ୍ଦୁ ସୟଙ୍କର ବୋଲି ଜଣାପଡିଛି। ଚାନ୍ଦୁଙ୍କ ଛେଳିଗୁଡ଼ିକ ଗୁରୁବାର ଜଙ୍ଗଲକୁ ଚରିବାକୁ ଯାଇଥିବା ବେଳେ ବାଘ ଆକ୍ରମଣ କରି ମାରି ଦେଇଥିଲା। ସନ୍ଧ୍ୟାରେ ଛେଳି ଘରକୁ ନ ଫେରିବାରୁ ଶୁକ୍ରବାର ଜଙ୍ଗଲରେ ଖୋଜିବା ପରେ ଛେଳିକୁ ଅଧା ଖାଇ ଛାଡ଼ି ଯାଇଥିବା ଦେଖିବାକୁ ପାଇଥିଲେ। ଖବରପାଇ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ୩ ଛେଳି ମୃତଦେହକୁ ଠାକୁରମୁଣ୍ଡା ପ୍ରାଣୀ ଚିକିତ୍ସକ ମନରଞ୍ଜନ ମହାପାତ୍ରଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯାଇଥିଲା। ମୃତ ୩ଟି ଛେଳିଙ୍କୁ କଲରାପତରିଆ ବାଘ ମାରିଥିବା ସୂଚନା ମିଳିଛି।

## ୨୮ରୁ ରାଜ୍ୟସ୍ତରୀୟ ମହୋତ୍ସବ



ବୈଠକରେ ଉପସ୍ଥିତ ମହୋତ୍ସବ କମିଟିର କାର୍ଯ୍ୟକର୍ତ୍ତାମାନେ।

ବାରିପଦା,୧୬।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନରେ ଚଳିତ ବର୍ଷ ୨୭ତମ ରାଜ୍ୟସ୍ତରୀୟ ଇଣ୍ଟର କଲେଜ ସାଂସ୍କୃତିକ ମହୋତ୍ସବ ଇଉଫୋରିୟା ଆରମ୍ଭ ହେବାକୁ ଯାଉଛି। ଏହାର ରୂପରେଖକୁ ନେଇ ଚୂଡ଼ାନ୍ତ ବୈଠକ ସଭାପତି ତାପସ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୨୮ରୁ ୩୧ ତାରିଖ ୪ ଦିନ ଧରି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟ ତମାମ ବହୁ କଲେଜ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏଠାରେ ଅଂଶଗ୍ରହଣ କରିବା ପାଇଁ ତାଙ୍କର ସହମତି ପ୍ରଦାନ କରିଛନ୍ତି। ବିଭିନ୍ନ ପର୍ଯ୍ୟାୟରେ ୨୬ଟି ପ୍ରତିଯୋଗିତା ହେବାର ସ୍ଥିର କରାଯାଇଛି। ଶେଷ ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହେବ। ଏଥିସହିତ ଗାୟିକା ସୋହିନି ମିଶ୍ର, ଅଭିନେତା ସ୍ୱରାଜ ବାରିକ, ୟୁଟୁବର ଲବ ହାଁସଦା ମଧ୍ୟ ମଞ୍ଚରେ ଉପସ୍ଥିତ ରହିବେ ବୋଲି ସାଂସ୍କୃତିକ ସମ୍ପାଦକ ରାକେଶ ବେହେରା ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ କେଶରୀ ଜେନା, ଅସିତ ଗିରି, ପଙ୍କଜ ସାହୁ, ସ୍ନିଗ୍ଧ ଚନ୍ଦନ, ସତ୍ୟସ୍ୱରୂପ ଦାସ, ଅଙ୍କୁର ଖୁରାନା, ସିଦ୍ଧାର୍ଥ ପଟ୍ଟନାୟକ, ପୁରୁଷୋତ୍ତମ ଅଗ୍ରୱାଲ, ପିଣ୍ଟୁ ମାଇତି, ରାକେଶ ମହାନ୍ତି, ଜିତ ପଟନାୟକ, ଜୟଶ ପାତ୍ର, ମହେଶ ସାହୁ, ଆଭାସ ଦେ, ରାଜ ଗୁପ୍ତା, ଧନଞ୍ଜୟ ସାହୁ, ଚନ୍ଦନ ପାଣି, ସିଦ୍ଧାର୍ଥ ଟୁବିଡ, ବିଶ୍ୱାସ ମହାନ୍ତି, ଦେବବ୍ରତ ଦେ, ଆୟୁଷ ପ୍ରିୟଦର୍ଶୀ, ମୁକ୍ତି ପରିଡା ପ୍ରମୁଖ ଉପସ୍ଥିତ ଥିଲେ।


कार्यपालक अभिंयता का कार्यालय,
लघु वितरणी प्रमण्डल सं०–8, जमशेदपुर
(Email – eemdd8.chandil@gmail.com)

निविदा रद्द करने की सूचना

इस कार्यालय के Expression of Interest (EOI), Very Short e-Tender inviting Notice no.- WRD/MDD8/JSR-04/2024-25, Date:- 11/01/2025 जिसका प्रसारण PR 344221 Water Resource(24-25) D द्वारा किया गया था, उसे अपरिहार्य कारणों से रद्द किया जाता है।

कार्यपालक अभियंता,
लघु वितरणी प्रमण्डल सं0–8,जमशेदपुर

PR 370789 Water Resource(25-26).D

कार्यपालक अभियन्ता का कार्यालयलघु सिंचाई प्रमण्डल, चाईबासा।
शुद्धि–पत्र

ई० निविदा आमंत्रण सूचना संख्या– WRD/MID/CHAIBASA/SBD-03/2025-26(2nd Call) जिसका PR-No- 369632( West Singhbhum)25-26(D) के माध्यम से प्रकाशित की गई को निम्न प्रकार संशोधन किया जाता है –

| विवरणी | पूर्व की तिथि | संशोधित तिथि |
|---|---|---|
| बेवसाईट पर निविदा प्रकाशन की तिथि एवं समय | 10.01.2026 के 11:00 बजे पूर्वाहन्। | 13.01.2026 के 11:00 बजे पूर्वाहन्। |
| निविदा में भाग लेने की अंतिम तिथि एवं समय | 16.01.2026 अपराह्न 05:00 बजे तक। | 20.01.2026 अपराह्न 05:00 बजे तक |
| निविदा खोलने की तिथि एवं समय | 17.01.2026 को 05:00 बजे अपराह्न। | 22.01.2026 को 10:00 बजे पूर्वाहन्। |

अन्य सभी शर्ते पूर्वतः रहेगी।

ह०/–
कार्यपालक अभियन्ता
लघु सिंचाई प्रमण्डल, चाईबासा।

PR 370808 West Singhbhum(25-26)D

कार्यपालक अभियंता, का कार्यालय,
ग्रामीण विकास विशेष प्रमंडल, पाकुड़
झारखण्ड सरकार
अल्पकालीन ई–निविदा आमंत्रण सूचना
अल्पकालीन ई– निविदा आमंत्रण सूचना – RDSPL/PAKUR/24/2025-26

1.कार्य की विस्तृत विवरणी:

| ग्रुप सं० | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 01 | हिरणपुर | पाकुड़ जिला के प्रखण्ड हिरणपुर पंचायत घाघरजानी में घाघरजानी संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 02 | हिरणपुर | पाकुड़ जिला के प्रखण्ड हिरणपुर पंचायत केन्दुआ में केन्दुआ संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 03 | हिरणपुर | पाकुड़ जिला के प्रखण्ड हिरणपुर पंचायत बरमसिया में बरमसिया संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 04 | हिरणपुर | पाकुड़ जिला के प्रखण्ड हिरणपुर पंचायत डांगापाड़ा में डांगापाड़ा सी0एल0एफ0 के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 05 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत अमड़ापाड़ा संथाली में अमड़ापाड़ा संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 06 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत पचुवाड़ा में पचुवाड़ा संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 07 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत डूमरचीर में डूमरचीर संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |
| 08 | अमड़ापाड़ा | पाकुड़ जिला के प्रखण्ड अमड़ापाड़ा पंचायत पाडेरकोला में पाडेरकोला संकुल स्तरीय महिला प्राथमिक स्वावलंबी सहयोग समिति लिमिटेड के लिए आवासीय संकूल प्रशिक्षण केन्द्र का निर्माण | 9967000.00 | 200000.00 | 10,000.00 | छ माह |

2. वेबसाइट में निविदा प्रकाशन की तिथि – 27.01.2026
3. ई–निविदा प्राप्ति की तिथि एवं समय – दिनांक 27.01.2026 से दिनांक 02.02.2026 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पाकुड़
5. ई–निविदा खोलने की तिथि एवं समय –04.02.2026 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पाकुड़
7. ई–निविदा प्रकोष्ठ का दूरभाष सं० – 9771979309 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, पाकुड़।

PR 370730 Rural Work Department(25-26)D

कार्यपालक अभियंता का कार्यालय,
ग्रामीण कार्य विभाग, कार्य प्रमण्डल, चतरा।

शुद्धि–पत्र

ग्रामीण कार्य विभाग, कार्य प्रमण्डल, चतरा के अन्तर्गत जिला खनिज फाउण्डेशन ट्रस्ट (DMFT) मद के तहत् ई–अल्पकालीन निविदा संख्या– 05/2025-26/RWD/CHATRA, दिनांक– 31.12.2025 (Construction of PCC Road from Panchwati Pul to Bachra Basti End via Bachra Basti Mandir), जिसके अनुसार निविदा प्राप्ति की अंतिम तिथि – 19.01.2026 है, जिसका P.R. No. 369869 Rural Work Department(25–26):D है, उसमें निम्नलिखित संशोधन किया जाता है :–

1. वेबसाईट में निविदा प्रकाशन की तिथि :– 19.01.2026
2. ई–निविदा प्राप्ति की अंतिम तिथि एवं समय :– 01.02.2026 अपराह्न 5.00 बजे तक।
3. ई–निविदा खोलने की तिथि एवं समय :– 03.02.2026 अपराह्न 03.30 बजे।
4. अन्य शर्त्ते यथावत् रहेंगी।

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग,
कार्य प्रमण्डल, चतरा।

PR 370800 (Rural Work Department) 25-26 (D)

JHARKHAND URBAN INFRASTRUCTURE DEVELOPMENT COMPANY LIMITED
(Govt. of Jharkhand Undertaking), JUIDCO Bhawan, Kutchery Road, Ranchi-834001, Jharkhand., Ph No.: +91-651-2225878,
CIN: U45200JH2013SGC001752, e-mail ld-juidcolimited@gmail.com

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1

Corrigendum – 6

This is for information of all the bidders that Corrigendum – 6 for the subjected tender has been published on the e-procurement website of Government of Jharkhand.
The bidders are advised to take into the same before submission of bids.

Sd/-
Project Director (Technical)
JUIDCO Ltd.

PR 370845 Urban Development(25-26)#D

# ଆଲମିରା ଭର୍ତ୍ତି ଟଙ୍କା ଜବତ

## ବିଜେଡି ନେତା, ଠିକାଦାର, ବାଲି ବ୍ୟବସାୟୀଙ୍କ ଘରେ ଇଡି ଚଢ଼ାଉ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ)/ ଭୁବନେଶ୍ୱର,୧୬।୧(ସତ୍ୟଜିତ ରାଉତ)



ଗଞ୍ଜାମ ଜିଲାର ବିଜେଡି ନେତାଙ୍କ ସମେତ ବହୁ ଠିକାଦାର ଓ ବାଲି ବ୍ୟବସାୟୀଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଶୁକ୍ରବାର ବଡ଼ଧରଣର ଏକାକାଳୀନ ଚଢ଼ାଉ କରାଯାଇଛି। ଏହି ସମୟରେ ଜଣେ ବ୍ୟବସାୟୀଙ୍କ ଘରୁ ଆଲମିରା ଭର୍ତ୍ତି ଟଙ୍କା ଜବତ ହୋଇଛି, ଯାହାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗିରହିଛି। ଟିକସ ଫାଙ୍କି ଓ ବେଆଇନ ଅର୍ଥ କାରବାର ଅଭିଯୋଗରେ ଇଡି ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବ୍ରହ୍ମପୁର ସହର ସମେତ କନିଶି, ଶେରଗଡ଼ ଓ ଆସିକା ଅଞ୍ଚଳରେ ଇଡି ଅଧିକାରୀମାନେ ଚଢ଼ାଉ କରି ବହୁ କାଗଜପତ୍ର ଜବତ କରିଛନ୍ତି। ହିଞ୍ଜିଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶେରଗଡ଼ର ବିଜେଡି ନେତା ତଥା ଠିକାଦର ହୃଷୀକେଶ ପାଢ଼ୀ ଓ ତାଙ୍କ ପୁଅ ସଚିନ ପାଢ଼ୀଙ୍କ ଘର, ଆସିକାର ବାଲି ବ୍ୟବସାୟୀ ଭଗବାନ୍ ସାହୁ, ବ୍ରହ୍ମପୁର କନିଶିର ସୁନୀଲ ପାତ୍ର, ଶୁଭାଶିଷ ସାହୁ ଓରଫ ବଣ୍ଟି, ଲାଞ୍ଜିପଲ୍ଲୀ ଉମନଗର ଅଞ୍ଚଳର ବାଲି ବ୍ୟବସାୟୀ କୃପାସିନ୍ଧୁ ମୁଦୁଲିଙ୍କ ଘରେ ଚଢ଼ାଉ କରାଯାଉଛି। ସେହିପରି ଏହି କ୍ରାଇମ୍ ସିଣ୍ଡିକେଟ୍ ଲିଙ୍କ୍‌ରେ ବ୍ରହ୍ମପୁରସ୍ଥିତ ସନ୍ତୋଷ ଦଳେଇଙ୍କ ଘରେ ମଧ୍ୟ ଯାଞ୍ଚ କରାଯାଇଛି। ତେବେ ଶେରଗଡ଼ର ହୃଷୀକେଶ ଓ ତାଙ୍କ ପୁଅ ସଚିନ ଠିକାଦର ହୋଇଥିବା ବେଳେ ଅନ୍ୟମାନେ ବାଲି ବ୍ୟବସାୟରେ ସମ୍ପୃକ୍ତ ଅଛନ୍ତି। ଆଲମିରା ଭର୍ତ୍ତି ଟଙ୍କା ଜବତ ହୋଇଥିବା ଘର କାହାର ସ୍ପଷ୍ଟ ହୋଇ ନ ଥିବା ବେଳେ ଏହା ଏମାନଙ୍କ ସହଯୋଗୀଙ୍କ ଘର ବୋଲି ସୂଚନା ମିଳିଛି। ଏହି ଟଙ୍କା ୫୦ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ସହଯୋଗୀ ଜଣକ ବଡ଼ ବାଲି ବ୍ୟବସାୟୀ ହୋଇ ନ ଥିବା ବେଳେ ତାଙ୍କଘରୁ ଏତେ ପରିମାଣର ଟଙ୍କା ଜବତ ହେବା ଘଟଣାକୁ ନେଇ ସ୍ଥାନୀୟ ଲୋକେ ବିଶ୍ୱାସ କରିପାରୁନାହାନ୍ତି। ଏହି ସିଣ୍ଡିକେଟରେ ଥିବା ବହୁ ବଡ଼ ବ୍ୟବସାୟୀମାନେ ସନ୍ତୋଷଙ୍କ ଘରେ କିଛିଦିନ ହେବ ଏହି ଟଙ୍କା ଗଚ୍ଛିତ କରି ରଖିଥିଲେ ବୋଲି ଚର୍ଚ୍ଚା ହେଉଛି। ଜବତ ଟଙ୍କାକୁ ବ୍ୟାଙ୍କ ଅଧିକାରୀମାନେ ନେଇ ଗଣତି ଆରମ୍ଭ କରିଛନ୍ତି। ତେବେ ଚଢ଼ାଉ କରାଯାଇଥିବା ବାଲି ବ୍ୟବସାୟୀଙ୍କ ଭୁବନେଶ୍ୱର ଓ କଟକର କିଛି ସ୍ଥାନରେ ମଧ୍ୟ ଇଡି ପକ୍ଷରୁ ଚଢ଼ାଉ ଓ ଯାଞ୍ଚ କରାଯାଉଥିବା ଜଣାପଡ଼ିଛି। ଏମାନେ ବେନାମୀ ଲୋକଙ୍କ ନାଁରେ ବାଲିଘାଟ ଟେଣ୍ଡର ନେଇ ବ୍ୟବସାୟ କରୁଥିବା ଅଭିଯୋଗ ରହିଛି। ଏପରିକି ସେମାନେ ଦୀର୍ଘଦିନ ହେବ ବେଆଇନ ଭାବେ ବାଲି ଖନନ କରି ବିପୁଳ ଟଙ୍କା ରୋଜଗାର କରିଥିବା ବେଳେ ଟିକସ ମଧ୍ୟ ପୈଠ କରୁ ନ ଥିଲେ। କିଛିଦିନ ହେବ ଇଡି ପକ୍ଷରୁ ସେମାନଙ୍କ ଉପରେ କଡ଼ା ନଜର ରଖାଯାଇଥିଲା। ପରେ ସର୍ଚ୍ଚ ୱାରେଣ୍ଟ ସହ ଇଡି ପକ୍ଷରୁ ଏହି ବଡ଼ ଧରଣର ରେଡ୍ କରାଯାଉଛି। ଏନେଇ ଇଡି ପକ୍ଷରୁ ପ୍ରେସ ରିଲିଜ୍ ଜରିଆରେ କୁହାଯାଇଛି, ବେଆଇନ ଓ ଅନଧିକୃତ ଭାବେ ବାଲି ଓ କଳା ପଥର ଖନନ ଏବଂ ବିକ୍ରି କରୁଥିବା ବ୍ୟବସାୟୀଙ୍କ ଉପରେ ଏହି ଚଢ଼ାଉ କରାଯାଉଛି। ବ୍ୟବସାୟୀମାନେ ଅପରାଧୀ ଶ୍ରେଣୀୟ ହୋଇଥିବାବେଳେ ବାହୁବଳ ଜରିଆରେ ଜବରଦଖଲ କରି ବେଆଇନ ଭାବେ ଲଘୁ ଖଣିଜ ଖନନ କରିବା ସହ ସ୍ଥାନୀୟ ଲୋକଙ୍କୁ ଶୋଷଣ ଓ ଭୟଭୀତ କରି ରଖୁଛନ୍ତି। ସେମାନେ ଜାଲ କାଗଜପତ୍ର ଜରିଆରେ ଏହି କାରବାର କରିଆସୁଛନ୍ତି। ଏହାଦ୍ୱାରା ରାଜସ୍ୱ ହାନି ଘଟିଛି। ଜବତ ହୋଇଥିବା ଟଙ୍କାର ନିର୍ଦ୍ଦିଷ୍ଟ ପରିମାଣ ଓ ଅନ୍ୟାନ୍ୟ ବିବରଣୀ ବିଷୟରେ ଆଗକୁ ସ୍ପଷ୍ଟ ହେବ ବୋଲି ସୂଚନା ଦିଆଯାଇଛି।

# ହାଇଦ୍ରାବାଦରେ ଓଡ଼ିଆ ପାଣି ପାଇପ୍ ଠିକାଦାରଙ୍କୁ ହତ୍ୟା

ଆଳି, ୧୬।୧(ବନମାଳୀ ସେନାପତି)



ମୃତ ଯୁବକ ଅବିନାଶ ପରିଡ଼ା ।

ହାଇଦ୍ରାବାଦରେ ପାଣି ପାଇପ୍ ଠିକାଦାରିଙ୍କ କାମ କରୁଥିବା ଆଳି ଥାନା ଠାକୁରପାଟଣାର ଅବିନାଶ ପରିଡ଼ା(୩୨)ଙ୍କୁ ମକରସଂକ୍ରାନ୍ତି ରାତିରେ ହତ୍ୟା କରାଯିବା ପରେ ପରିବାର ପୁରା ସ୍ତବ୍ଧ ପାଲଟିଯାଇଛି। ଅବିନାଶଙ୍କ ହତ୍ୟା ଘଟଣାକୁ ୩ଦିନ ବିତିଥିବା ବେଳେ ମୃତଦେହ ସତ୍କାର ହୋଇନାହିଁ। ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଅବିନାଶଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ସାନ ଭାଇ ଅଭିଷେକ ହାଇଦ୍ରାବାଦର ନରସିଂହ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ତୁରନ୍ତ ଅବିନାଶଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଲୋକ ଦାବି କରିଛନ୍ତି। ବୃଦ୍ଧ ମା'ବାପା ପୁଅକୁ ହରାଇ ଘର ଦୁଆରେ ବସିଥିବା ବେଳେ ଅବିନାଶଙ୍କ ସ୍ତ୍ରୀ ଅହଲ୍ୟା ୩ ମାସର କୁନି ଶିଶୁକୁ କୋଳରେ ଧରି କାନ୍ଦୁଛନ୍ତି।

ଆଳି ଥାନା ଅନ୍ତର୍ଗତ ସଂସିଧା ଠାକୁରପାଟଣା ଗ୍ରାମର ସର୍ବେଶ୍ୱର ପରିଡାଙ୍କ ବଡ଼ପୁଅ ଅବିନାଶ ଓ ସାନପୁଅ ଅଭିଷେକ ଦୁହେଁ ହାଇଦ୍ରାବାଦର କୋକପେଟ ଗୋଶାଳା ଲେବର କଲୋନୀରେ ରହି ପାଣି ପାଇପ୍ ଠିକାଦାର ଭାବେ କାମ କରୁଥିଲେ। ଅଭିଷେକ କିଛି କାର୍ଯ୍ୟରେ ବିଶାଖାପାଟଣା ଯାଇଥିଲେ। ୧୪ ତାରିଖ ମକରସଂକ୍ରାନ୍ତିରେ ଅବିନାଶ ଗାନ୍ଧୀପେଟଠାରେ ହେଉଥିବା ଅଲେଖ ମେଳା ଦେଖିବାକୁ ଯାଇଥିଲେ। ରାତି ପ୍ରାୟ ୧୦ଟାରେ ସେ ଘରକୁ ଫେରୁଥିଲେ। ଘରକୁ ଫେରିବା ବେଳେ ରାସ୍ତାରେ ୩ ଜଣ ଯୁବକ ତାଙ୍କୁ ଅଟକାଇ ତାଙ୍କ ନିକଟରୁ ମୋବାଇଲ, ଟଙ୍କା ସବୁକିଛି ଛଡାଇ ନେବା ପରେ ମାରିଦେବାକୁ ଧମକ ଦେଇଥିଲେ। ଅବିନାଶ ସେମାନଙ୍କ ନିକଟରୁ ଦୌଡ଼ି ରାସ୍ତାରେ ଯାଉଥିବା ଏକ କାର ଚାଳକଙ୍କୁ ସାହାଯ୍ୟ ମାଗିଥିଲେ ମଧ୍ୟ କାର ଚାଳକ ପଳାଇ ଯାଇଥିଲେ। ଅବିନାଶ ରହୁଥିବା କୋକପେଟ ଗୋଶାଳ ଲେବର କଲୋନୀକୁ ଯାଇଥିଲେ। କିନ୍ତୁ କିଛି ସମୟ ମଧ୍ୟରେ କଲୋନୀ ପରିସରର ଏକ ସ୍ଥାନରେ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଅବିନାଶଙ୍କୁ ସ୍ଥାନୀୟ ମେଡିକାଲକୁ ନେବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହି ଅଜଣା ୩ ଯୁବକ ଅବିନାଶଙ୍କୁ ମାରିଦେଇଥିବା ନେଇ ଅଭିଷେକ ନରସିଂହ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଅବିନାଶଙ୍କ ହତ୍ୟା କିଭଳି ହେଲା କେଉଁ ପରିସ୍ଥିତିରେ ହେଲା, ତାହା ଏବେ ରହସ୍ୟ ଘେରରେ ଥିବାବେଳେ ରାଜ୍ୟ ସରକାର ଏହି ଘଟଣାରେ ହସ୍ତକ୍ଷେପ କରିବା ନିମନ୍ତେ ପରିବାର ଲୋକ ଦାବି କରିଛନ୍ତି। ଏହି ଘଟଣା ପରିବାର ସମେତ ସମଗ୍ର ଅଞ୍ଚଳରେ ଶୋକର ବାତାବରଣ ଖେଳାଇ ଦେଇଛି। ସରକାର ତୁରନ୍ତ ପରିବାର ଲୋକଙ୍କୁ ନ୍ୟାୟ ଦେବାର ବ୍ୟବସ୍ଥା କରିବା ନିମନ୍ତେ ଦାବି କରିଛନ୍ତି।

# ଅଶ୍ଳୀଳ ନୃତ୍ୟ ଦେଖିବା ମହଙ୍ଗା ପଡ଼ିଲା, ବଦଳିଲେ ଫାଣ୍ଡି ଅଧିକାରୀ

ବଲାଙ୍ଗୀର, ୧୬।୧ (ବୀରେନ୍ଦ୍ର କୁମାର ଝାଙ୍କର)

**ଚନ୍ଦନଭାଟି ଅପେରା ଭିଡିଓ ଭାଇରାଲ ଘଟଣା**

**ନିଶାଙ୍କ ବିରୋଧରେ ମାମଲା, ୨ ଆୟୋଜକଙ୍କୁ ଗିରଫ କରିଥିଲା ପୋଲିସ**

ଅଶ୍ଳୀଳ ନୃତ୍ୟ ଦେଖିବା ବଲାଙ୍ଗୀର ଜିଲା ଚନ୍ଦନଭାଟି ଫାଣ୍ଡି ଅଧିକାରୀ ରଞ୍ଜିତ ପ୍ରଧାନଙ୍କୁ ମହଙ୍ଗା ପଡିଛି। ତାଙ୍କ ଭିଡିଓ ଭାଇରାଲ ହେବା ପରେ ବଲାଙ୍ଗୀର ଏସ୍‌ପି ତାଙ୍କୁ ତୁରନ୍ତ ଫାଣ୍ଡିରୁ ବଦଳି କରି ଜିଲା ପୋଲିସ କାର୍ଯ୍ୟାଳୟରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚନ୍ଦନଭାଟି ଗ୍ରାମରେ ଆୟୋଜିତ ଅପେରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଅଭିଯୋଗରେ ଆଇଟମ ଗର୍ଲ ନିଶା ମହାରଣା, ଆୟୋଜକ କମିଟି ସଭାପତି ସୁରେନ୍ଦ୍ର ନାଗ୍ ଏବଂ ସମ୍ପାଦକ ରାଧେଶ୍ୟାମ ମେହେରଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଥିଲା। ଏଭଳିକି ପୋଲିସ ଆୟୋଜକ କମିଟି ସଭାପତି ନାଗ ଏବଂ ସମ୍ପାଦକ ମେହେରଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରୁ ଏଦୁହେଁ ଜାମିନରେ ଆସିଛନ୍ତି। ନିଶାଙ୍କ ଅଶ୍ଳୀଳ ନୃତ୍ୟର ଭିଡିଓ ଭାଇରାଲ ପରେ ପୋଲିସ ନିଜ ପକ୍ଷରୁ ମାମଲା ରୁଜୁ କରି ଚର୍ଚ୍ଚା ସାଉଁଟିଥିଲା। ତେବେ ଏହି ମାମଲାରେ ଏବେ ଖୋଦ୍ ଚନ୍ଦନଭାଟି ଫାଣ୍ଡି ଅଧିକାରୀ ପ୍ରଧାନ ବିବାଦୀୟ ହୋଇପଡିଥିଲେ। ଅପେରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପରିବେଷଣ ହୋଇଥିଲା ବୋଲି ବୁଧବାର ସେ ନିଜେ ଅଭିଯୋଗ କରିଥିଲେ। ଘଟଣା ଦିନ ଅପେରା ମଞ୍ଚରେ ନିଶା ଅଶ୍ଳୀଳ ନୃତ୍ୟ ପରିବେଷଣ କଲାବେଳେ ସେ ଉପସ୍ଥିତ ରହି ଏହାର ମଜା ଉଠାଉଥିଲେ ବୋଲି ଶୁକ୍ରବାର ଜୋରସୋର ଚର୍ଚ୍ଚା ହୋଇଥିଲା। ଏଭଳିକି ସେଦିନ ଅପେରା ମଞ୍ଚର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଉକ୍ତ ଭିଡିଓରେ ଦର୍ଶକ ଗ୍ୟାଲେରିରେ ଥିବା ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ଚନ୍ଦନଭାଟି ଫାଣ୍ଡି ଅଧିକାରୀ ବୋଲି ପ୍ରଚାର ହେବା ପରେ ଘଟଣାଟି ବିବାଦୀୟ ହୋଇପଡିଥିଲା। ଗତ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଚନ୍ଦନଭାଟିଠାରେ ସାଇକୃପା ଏସ୍‌ଏଚ୍‌ଜି ପକ୍ଷରୁ ଅପେରା ଦୁର୍ଗା ମନ୍ଦିରର ନାଟକ ପରିବେଷିତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଫାଣ୍ଡିଅଧିକାରୀ ଜଣଙ୍କ ମଞ୍ଚକୁ ଯାଇଥିବା କୁହାଯାଇଛି। ଏନେଇ ବଲାଙ୍ଗୀର ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ କହିଛନ୍ତି, ଚନ୍ଦନଭାଟିରେ ଅନୁଷ୍ଠିତ ଅପେରାରେ ଅଶ୍ଳୀଳ ନୃତ୍ୟ ପରିବେଷଣକୁ ନେଇ ପୋଲିସ ପକ୍ଷରୁ ମାମଲା ରୁଜୁ ହୋଇଛି।

# ୭ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର: ଦୋଷୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୧୬।୧(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଣତି ପଟ୍ଟନାୟକ ଶୁକ୍ରବାର ଅଭିଯୁକ୍ତ ଯୁବକଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଆଦାୟ ଜରିମାନା ଟଙ୍କା ପୀଡ଼ିତାଙ୍କୁ ଦେବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ଅଭିଯୁକ୍ତ ଜଣକ ହେଲେ ପୋଲସରା ଅଞ୍ଚଳର ନିରଞ୍ଜନ ଶବର (୩୦)। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ପୋଲସରା ଥାନା ଅଞ୍ଚଳର ଜଣେ ନାବାଳିକା ମା' ବାପାଙ୍କୁ ହରାଇବା ପରେ ତାଙ୍କ ବଡ଼ବାପାଙ୍କ ଘରେ ରହି ୭ମ ଶ୍ରେଣୀରେ ପାଠ ପଢୁଥିଲେ। ୨୦୨୪ ଜୁନ ୧୫ରେ ସେ ପୋଖରୀକୁ ଯାଉଥିବା ବେଳେ ଅଭିଯୁକ୍ତ ନିରଞ୍ଜନ ତାଙ୍କ ପାଟି ଚିପି ଏକ ନିର୍ଜନ ସ୍ଥାନକୁ ନେଇଯାଇ ବଳାତ୍କାର କରିଥିଲେ। ପରେ ତାଙ୍କୁ ଭୟଭୀତ କରି ପ୍ରାୟ ଏକ ବର୍ଷ ଧରି ବାରମ୍ବାର ବଳାତ୍କାର କରିଆସୁଥିଲେ। ଏଥିରେ ଅତିଷ୍ଠ ହୋଇ ୨୦୨୫ ମେ ୨ରେ ପୀଡ଼ିତା ତାଙ୍କ ଭଉଣୀଙ୍କୁ ସମସ୍ତ ଘଟଣା କହିଥିଲେ। ପରେ ଭଉଣୀ ଏ ନେଇ ପୋଲସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୦୩ /୨୫ରେ ଏକ ମାମଲା ରୁଜୁ କରି ନିରଞ୍ଜନଙ୍କୁ ଗିରଫ କରିଥିଲା।

## Business

# ଫର୍ନିଚର, ଇଣ୍ଟେରିୟର, ଲାଇଫଷ୍ଟାଇଲ ଏକ୍ସପୋ ଆରମ୍ଭ

ଭୁବନେଶ୍ୱର,୧୬।୧(ଅନୁରାଧା ମହାରଣା)



ବାଣିଜ୍ୟିକ ମହୋତ୍ସବ ୨ୟ ଫର୍ନିଚର, ଇଣ୍ଟେରିୟର ଏବଂ ଲାଇଫଷ୍ଟାଇଲ ଏକ୍ସପୋ-୨୦୨୬ ଶୁକ୍ରବାର ଚନ୍ଦ୍ରଶେଖରପୁରସ୍ଥିତ କ୍ଲବ ଟାଉନ ଗ୍ରାଉଣ୍ଡଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆୟୋଜିତ ଏହି ୧୧ ଦିନିଆ ମେଳା ରାଜଧାନୀବାସୀଙ୍କ ପାଇଁ ନୂତନ ବର୍ଷର ଏକ ପ୍ରମୁଖ ଆକର୍ଷଣ ସାଜିଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୁଶ୍ରୁତ ହସ୍ପିଟାଲ ଅଧ୍ୟକ୍ଷା ଚିଦାତ୍ମିକା ଖଟୁଆ, ରୋଟାରି ଗଭର୍ନର ମନୋଜ କୁମାର ତ୍ରିପାଠୀ ଯୋଗଧେଇଥିଲେ। ଏହ ଏକ୍ସପୋରେ ଭାରତର ୨୨ଟି ରାଜ୍ୟ ଏବଂ ୧୦ଟି ବିଦେଶୀ ରାଷ୍ଟ୍ରର ପ୍ରତିନିଧିମାନେ ଅଂଶଗ୍ରହଣ କରିଛନ୍ତି। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଏହି ମେଳାରେ ପାରମ୍ପରିକ ହସ୍ତଶିଳ୍ପ ଓ ଆଧୁନିକ ଜୀବନଶୈଳୀ ସାମଗ୍ରୀର ଏକ ସୁନ୍ଦର ସମ୍ମିଶ୍ରଣ ଦେଖିବାକୁ ମିଳୁଛି । ବିବାହ ଋତୁକୁ ଦୃଷ୍ଟିରେ ରଖି ବିଭିନ୍ନ ଉତ୍ପାଦ ଏଠାରେ ଉପଲବ୍ଧ ହେଉଥିବାବେଳେ ଇରାନୀ ଗାଲିଚା, କଶ୍ମୀରୀ ଫର୍ନିଚର ଏବଂ ଆଣ୍ଟିକ୍ କାରୁକାର୍ଯ୍ୟ ପିତଳ ଜିନିଷ ମଧ୍ୟ ମିଳୁଛି। କୋରିଆନ୍ ଆକ୍ସେସରିଜ୍, ଦୁବାଇ ପୋଷାକ ଓ ଥାଇଲାଣ୍ଡ ଅଳଙ୍କାର ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଆଫଗାନିସ୍ତାନର ଶତାଧିକ ଡ୍ରାଏ ଫ୍ରୁଟସ୍ ଏବଂ ଚମ୍ପାରନ୍ ମଟନ ମଧ୍ୟ ଗ୍ରାହକ ଉପଭୋଗ କରୁଛନ୍ତି। ତେବେ ଏହି ପ୍ରଦର୍ଶନୀରେ 'ଜଳପରୀ' ମୁଖ୍ୟ ଆକର୍ଷଣ ରହିଛି। ପ୍ରଥମଥର ପାଇଁ ଆଗନ୍ତୁକ ଭୁବନେଶ୍ୱରରେ ଜଳପରୀ ଶୋ'ର ମଜା ନେଉଛନ୍ତ। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା କହିଛନ୍ତି, ବିଶ୍ୱସ୍ତରୀୟ ବ୍ୟବସାୟୀ ଏବଂ ସ୍ଥାନୀୟ ଗ୍ରାହକଙ୍କ ମଧ୍ୟରେ ଏକ ଦୃଢ ସମ୍ପର୍କ ସ୍ଥାପନ କରିବା ଏହାର ଲକ୍ଷ୍ୟ। ଆଶା କରାଯାଉଛି , ଏହି ୧୧ ଦିନ ମଧ୍ୟରେ ୨ ଲକ୍ଷରୁ ଅଧିକ ଦର୍ଶକ ଏହି ଏକ୍ସପୋ ପରିଦର୍ଶନ କରିବେ ବୋଲି ସେ କହିଛନ୍ତି। ଜାନୁଆରୀ ୨୬ ପର୍ଯ୍ୟନ୍ତ ଏହି ଏକ୍ସପୋ ଚାଲିବ। ସୂଚନା ଥାଉକି, ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ବିଷୟରେ ସୁଜିତ ଗୁପ୍ତା ଏବଂ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ନେତୃତ୍ୱରେ ପରିଚାଳିତ ଏହି ସଂସ୍ଥା ଦଶନ୍ଧିରୁ ଅଧିକ ସମୟ ଧରି ବୃତ୍ତିଗତ ଇଭେଣ୍ଟ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଏକ ଅଗ୍ରଣୀ ନାମ ଭାବେ ପରିଚିତ।

# ପାତ୍ରପଡ଼ାରେ ଖୋଲିଲା ଗ୍ରେଟ୍ ଇଷ୍ଟର୍ନର ନୂଆ ଷ୍ଟୋର

ଭୁବନେଶ୍ୱର,୧୬।୧(ଅନୁରାଧା ମହାରଣା)



ଓଡ଼ିଶାରେ ଗ୍ରେଟ୍ ଇଷ୍ଟର୍ନ ରିଟେଲ ପ୍ରାଇଭେଟ୍ ଲିମିଟେଡ୍‌ର ୯ମ ଷ୍ଟୋର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ପାତ୍ରପଡ଼ାରେ ଏହି ଷ୍ଟୋରର ଉଦଘାଟନୀ ଉତ୍ସବରେ ଗ୍ରେଟ୍ ଇଷ୍ଟର୍ନର ନିର୍ଦ୍ଦେଶକ ପୁଲକିତ ବୈଦ୍ୟ, ରାଜ୍ୟ ମୁଖ୍ୟ (ଓଡ଼ିଶା) ସ୍ୱାଧୀନ ଷଡ଼ଙ୍ଗୀ ଓ ଲଏଡ୍‌ର ଶାଖା ମୁଖ୍ୟ ଅନୁପମ ଶ୍ରୀବାସ୍ତବ ଏହି ଅବସରରେ ଉପସ୍ଥିତ ଥିଲେ। ହ୍ୱିର୍ଲପୁଲ, ବୋଶ୍, ଗୋଦ୍‌ରେଜ, ହାଭେଲସ୍ ଲଏଡ୍ ଏଲ୍‌ଜି, ସାମ୍‌ସଙ୍ଗ୍, ଭୋଲଟାସ୍, ହାୟର ଓ ଡାଇକିନ୍ ଆଦି କମ୍ପାନୀର ଏଲ୍‌ଇଡି, ରେଫ୍ରିଜେରେଟର, ୱାଶିଂମେଶିନ, ଏସି, ମିକ୍ସର ଗ୍ରାଇଣ୍ଡର, ଓଭାନ, ୱଟେର ପ୍ୟୁରିଫାୟାର ଆଦି ଉପଲବ୍ଧ ରହିଛି। ନୂଆ ଷ୍ଟୋର ଶୁଭାରମ୍ଭ ଅବସରରେ ସମସ୍ତ ଗ୍ରାହକଙ୍କ ପାଇଁ ନିଶ୍ଚିତ ଉପହାର ରହିଛି। ଅନ୍ୟପଟେ ଜାନୁଆରୀ ୧୯ରୁ ୨୬ ତାରିଖ ପର୍ଯ୍ୟନ୍ତ ଗ୍ରାହକ 'କଷ୍ଟ୍ ଟୁ କଷ୍ଟ୍' ଅଫର ଲାଭ ନେଇପାରିବେ ବୋଲି ପୁଲକିତ କହିଛନ୍ତି। ଗ୍ରାହକ ସେବାକୁ କମ୍ପାନୀ ସର୍ବଦା ପ୍ରାଥମିକତା ଦେଉଥିବାବେଳେ ବର୍ଦ୍ଧିତ ୱାରେଣ୍ଟି ସମୟସୀମା ଗ୍ରାହକଙ୍କୁ ଆକୃଷ୍ଟ କରୁଥିବା ମତ ଦେଇଛନ୍ତି। ୧୦୦ କିଲୋମିଟର ପରିଧି ମଧ୍ୟରେ ନିଃଶୁଳ୍କ ଡେଲିଭରି ସେବା ପ୍ରଦାନ କରାଯାଉଛି। ଭୁବନେଶ୍ୱରର ଏହା ତୃତୀୟ ଷ୍ଟୋର ହୋଇଥିବାବେଳେ ପୂର୍ବରୁ ବାପୁଜୀନଗର ଓ ଟଙ୍କପାଣି ରୋଡ୍‌ରେ ୨ଟି ଷ୍ଟୋର ରହିଥିବା ପୁଲକିତ ସୂଚନା ଦେଇଛନ୍ତି। ପଟିଆରେ ଥିବା ଅନ୍ୟ ଏକ ଷ୍ଟୋରକୁ ସ୍ଥାନାନ୍ତର କରାଯିବା ଯୋଜନା ରହିଛି, ଯାହାକି ସହରର ୪ର୍ଥ ଷ୍ଟୋର ହେବ।

# ସ୍ୱାସ୍ଥ୍ୟସେବାରେ ସ୍ମାର୍ଟ ଟେକ୍ନୋଲୋଜିକୁ ପତଞ୍ଜଳିର ଗୁରୁତ୍ୱ



ଭୁବନେଶ୍ୱର,୧୬।୧(ଅନୁରାଧା ମହାରଣା)

ପତଞ୍ଜଳି ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟି ରୁର୍‌କୀର ତତ୍ତ୍ୱାବଧାନରେ, ଆମେରିକୀୟ ସଂସ୍ଥାନଗୁଡ଼ିକର ସହଯୋଗରେ ହରିଦ୍ୱାରରେ ଗୁରୁବାର ୩ଦିନିଆ ସମ୍ମିଳନୀ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବାଲକ୍ରିଷ୍ଣା ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ କୁଳପତି ପ୍ରଫେସର ମୟଙ୍କ ଅଗ୍ରୱାଲ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଡ. ଦେବ ଶର୍ମା କବୀର ଦୋହା ମାଧ୍ୟମରେ ସେବା ଓ ଲୋକକଲ୍ୟାଣ ଉପରେ ଜୋର ଦେଇ ଡିଜିଟାଲ ସ୍ୱାସ୍ଥ୍ୟ, ସାଇବର୍ ସୁରକ୍ଷା ଓ ଏଆଇ ସ୍ମାର୍ଟ ପ୍ରଣାଳୀର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଲକ୍ଷ୍ମୀଧର ବେହେରା ଏଆଇର ନୈତିକତା, ନବୀକରଣ ଓ ଭାରତୀୟ ଜ୍ଞାନ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଚାର୍ଯ୍ୟ ବାଲକ୍ରିଷ୍ଣା କୃଷି ଜୀବନରେ ସନାତନ ସିଦ୍ଧାନ୍ତ, ପ୍ରାକୃତିକ କୃଷି ଓ ପଞ୍ଚମହାଭୂତ ଉପରେ ଆଲୋଚନା କରିଥିଲେ। ସଚିନ ଚୌଧରୀ ରାଷ୍ଟ୍ରୀୟ ମାନକ ଓ ଗୁଣବତ୍ତା ଉପରେ ସୂଚନା ଦେଇଥିଲେ। ପ୍ରଫେସର କମଲକିଶୋର ପନ୍ତ ଟେଲିମେଡିସିନ, ଡିଜିଟାଲ ସ୍ୱାସ୍ଥ୍ୟ ଓ ଭାରତୀୟ ସଂସ୍କୃତିର ବୈଶ୍ୱିକ ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଡ. ବେଦପ୍ରିୟା ଆର୍ଯ୍ୟା ଅନୁସନ୍ଧାନ ରୂପରେଖା ପ୍ରସ୍ତୁତକରି ଏଗ୍ରିଟେକ୍, ମୃତ୍ତିକା ପରୀକ୍ଷଣ ଓ ଏଆଇ ବ୍ୟବହାରକୁ ବ୍ୟାଖ୍ୟା କରିଥିଲେ। ଆତ୍ମନିର୍ଭର ଓ ବିକଶିତ ଭାରତର ସଂକଳ୍ପ ଦୋହରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶେଷଜ୍ଞ ଡ. ପ୍ରଶାନ୍ତ କଟିଆର, କନକ ସୋନି, ପ୍ରଫେସର ମୟଙ୍କ ଅଗ୍ରୱାଲ, ଡ. ସବିତା ପ୍ରମୁଖ ଯୋଗଦେଇଥିଲେ।

# ନୂତନ ଟାଟା ସିଆରାର ବଜାର ପ୍ରବେଶ

ବ୍ରହ୍ମପୁର,୧୬।୧(ଅଶୋକ କୁମାର ସାହୁ)




ଟାଟା ମୋଟର୍ସର ବ୍ରହ୍ମପୁର ଶୋ'ରୁମ୍ ଡିଅନ ଅଟୋମୋଟିଭ୍‌ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଶୁକ୍ରବାର ନୂତନ ଟାଟା ସିଆରାର ବଜାର ପ୍ରବେଶ ହୋଇଛି। କମ୍ପାନୀର ସିଇଓ ସତ୍ୟମ୍ ପଟ୍ଟନାୟକ ଏବଂ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ଆଞ୍ଚଳିକ ପ୍ରବନ୍ଧକ ହରେକୃଷ୍ଣ ପଣ୍ଡା ଆନୁଷ୍ଠାନିକ ଭାବେ ଗାଡ଼ିକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କର ଆର୍‌ବିସି ମୁଖ୍ୟ ଅଶ୍ୱିନୀ ଗୌଡ, ଟାଟା ମୋଟର୍ସର ଆଞ୍ଚଳିକ ପ୍ରବନ୍ଧକ ଶୈଳେଶ ରାୟ, ହର୍ଷରାଜ ସିଂ ଏବଂ ଜସ୍‌ବିନ୍ଦର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଟାଟା ସିଆରା ଗାଡ଼ିଟି ୧୯୯୧ରେ ଭାରତ ବଜାରରେ ଏସ୍‌ୟୁଭି ସେଗ୍‌ମେଣ୍ଟରେ ପ୍ରଥମ ପ୍ରବେଶ କରିଥିଲା। ବିକଶିତ ଜ୍ଞାନକୌଶଳ ସହ ପୁଣି ସିଆରା ବଜାର ପ୍ରବେଶ କରିଛି। ଏହି ଗାଡ଼ିଟି ୬ଟି ରଙ୍ଗରେ ଉପଲବ୍ଧ। ଉକ୍ତ ଗାଡ଼ିର ଲଞ୍ଚିଂ ପରେ ମାସକ ଭିତରେ ୭୦ ହଜାର ବୁକିଂ କମ୍ପାନୀ ପାଇଥିବା ବେଳେ ଏହାର ବିକ୍ରି ଲକ୍ଷ୍ୟ ୧ ଲକ୍ଷ ୨୫ ହଜାର ପାରହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ମହମ୍ମଦ ସୋହେବ କହିଛନ୍ତି। ପେଟ୍ରୋଲ, ହାଇପେରିଅନ ଏବଂ ଡିଜେଲ ଏଭଳି ୩ ଇଞ୍ଜିନ ଉକ୍ତ ଗାଡ଼ିରେ ଉପଲବ୍ଧ ରହିଛି। ସିଆରାର ପ୍ରାରମ୍ଭିକ ମୂଲ୍ୟ ପେଟ୍ରୋଲ ଭର୍ସନ ୧୧.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇ ୧୩ ଲକ୍ଷ ୨୦ ହଜାର ଟଙ୍କା ରହିଛି। ଡିଜେଲ ଭର୍ସନରେ ୧୨.୯୯ ଲକ୍ଷରୁ ୧୪ ଲକ୍ଷ ୯୦ ହଜାର ଟଙ୍କା ରହିଛି। ହାରିଅରର ମୂଲ୍ୟ ପେଟ୍ରୋଲ ଭର୍ସନରେ ୧୨.୮୯ ହଜାରରୁ ୧୪ ଲକ୍ଷ ୬୯ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ସଫାରିର ପେଟ୍ରୋଲ ଭର୍ସନ ମୂଲ୍ୟ ୧୩ ଲକ୍ଷ ୨୯ ହଜାରରୁ ୧୫ ଲକ୍ଷ ୧୫ ହଜାର ଟଙ୍କା ରହିଛି। ଟାଟା ନ୍ୟୁ ପଞ୍ଚର ପେଟ୍ରୋଲ ଭର୍ସନର ୫ ଲକ୍ଷ ୫୯ ହଜାରରୁ ୬ ଲକ୍ଷ ୩୫ ହଜାର ଟଙ୍କା ରହିଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ନୂଆ ଭର୍ସନରେ ଆସିଥିବା ନ୍ୟୁ ପଞ୍ଚ ଓ ନୂଆ ହାରିଅରକୁ ମଧ୍ୟ ଅତିଥିମାନେ ଅନବାବରଣ କରିଥିଲେ।

# ବରୁଣେଶ୍ୱର ମେଳାରେ ଫ୍ରିଡମ ଷ୍ଟଲ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୬।୧(ଅନୁରାଧା ମହାରଣା)

ପ୍ରସିଦ୍ଧ ବରୁଣେଶ୍ୱର ମେଳାରେ ଫ୍ରିଡମ ଷ୍ଟଲ୍ ଖୋଲିଛି। ଗ୍ରାମାଞ୍ଚଳର ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ କମ୍ପାନୀ ପକ୍ଷରୁ ବିଭିନ୍ନ ଆକର୍ଷଣୀୟ ଉପହାର ମଧ୍ୟ ରହିଛି। କମ୍ପାନୀର ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳଙ୍କ ନେତୃତ୍ୱରେ ଆୟୋଜିତ ଷ୍ଟଲକୁ ମୁଖ୍ୟ ଅତିଥି ଭାବେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଫ୍ରିଡମ ସନ୍‌ଫ୍ଲାୱାର ତେଲ ସାରା ଦେଶରେ ଖ୍ୟାତି ଅର୍ଜନ କରିଛି। ବରୁଣେଶ୍ୱର ମେଳାରେ ଖୋଲାଯାଇଥିବା ଫ୍ରିଡମ ଷ୍ଟଲ୍‌ରୁ ପରଖି ତେଲ ନିଅନ୍ତୁ ଏବଂ ବ୍ୟବହାର କରନ୍ତୁ ବୋଲି ଗ୍ରାହକଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଖାଦ୍ୟ ଅଧିକାରୀ ରାକେଶ କୁମାର ସାହୁ, ଡିଏସ୍‌ପି ବାମଦେବ ନନ୍ଦ, ବିଶିଷ୍ଟ ସାମାଜିକ କର୍ମୀ ଚନ୍ଦ୍ରଶେଖର ଧଳ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜାନକୀକାନ୍ତ ମହାନ୍ତି, ପ୍ରକାଶ କୁମାର ପାତ୍ର. ଭାଗ୍ୟ ରଞ୍ଜନ ସେଠୀ, ରଞ୍ଜିତ କୁମାର ପହି, ବସନ୍ତ କୁମାର ଘଡେଇ, ପ୍ରଦୀପ କୁମାର ଦେଓ, ସାଗର କୁମାର ସାହୁ, ପ୍ରକାଶ ମିଶ୍ର, ବିଜନ କୁମାର ଦାସ, ମହେନ୍ଦ୍ର ନାୟକ, ବଟକୃଷ୍ଣ ସାହୁ, ସ୍ମୃତିରଞ୍ଜନ ସାହୁ, ପ୍ରସନ୍ନ ପରିଡ଼ାଙ୍କ ପ୍ରମୁଖ ଉପସ୍ଥିତ ଥିଲେ।




ଫ୍ରିଡମ ଷ୍ଟଲ୍ ଉଦଘାଟନ ଅବସରରେ ଅତିଥି ବୃନ୍ଦ।

# ଭାଜପାରେ ମିଶିଲେ ଯାଜପୁର ଜିଲା ପରିଷଦ ଅଧ୍ୟକ୍ଷା, ଉପାଧ୍ୟକ୍ଷ

## ପୂର୍ବତନ ଏମ୍‌ପି ରୀତା ତରାଇ, ୧୬ ଜିଲା ପରିଷଦ ସଦସ୍ୟ ଯୋଗଦେଲେ



ଭୁବନେଶ୍ୱର,୧୬।୧(ସୁନିତ୍ ମିଶ୍ର)

ଏକଦା ଯାଜପୁର ଜିଲାକୁ ବିଜେଡିର ଗଡ଼ କୁହାଯାଉଥିଲା। ଏବେ ତାହା ଭୁଶୁଡ଼ିବାରେ ଲାଗିଛି। ଯାଜପୁର ବିଜେଡିର ବହୁ ନେତା ଭାଜପାରେ ଯୋଗଦେବାରେ ଲାଗିଛନ୍ତି। ବିଜେଡିର କ୍ଷମତାଶାଳୀ ନେତା ବୋଲାଉଥିବା ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱ ଉପରକୁ ମଧ୍ୟ ପ୍ରଶ୍ନ ଉଠିଛି। ସେ ବର୍ତ୍ତମାନ ନିଜ ଜିଲାରେ ମଧ୍ୟ ଦଳର ସଙ୍ଗଠନକୁ ସୁରକ୍ଷିତ ରଖିବାରେ ବିଫଳ ହେଲେଣି ବୋଲି ଚର୍ଚ୍ଚା ଆରମ୍ଭ ହେଇଛି। ଶୁକ୍ରବାର ଯାଜପୁର ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ଏବଂ ଉପସଭାପତି ଗଣେଶ୍ୱର ବରାଳ, ପୂର୍ବତନ ଏମ୍‌ପି ରୀତା ତରାଇ ଭାଜପାରେ ସାମିଲ ହୋଇଛନ୍ତି। ସେମାନଙ୍କ ସମେତ ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଧର୍ମଶାଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ଯାଜପୁର ଜିଲା ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକ, ସମିତିସଭ୍ୟା କ୍ଷୀରାବ୍ଧୀ ତନୟା ମଲିକ, ପୂର୍ବତନ ସମିତି ସଭ୍ୟା ଗୀତାଞ୍ଜଳି ପ୍ରଧାନ, ଧର୍ମଶାଳା ବିଜେଡି ଯୁବ ସଂଗଠକ ସନ୍ତୋଷ ତରାଇ, ଆଦିତ୍ୟ ପ୍ରସାଦ ପୃଷ୍ଟି ଓ ଧର୍ମଶାଳା ସାମାଜିକ ଗଣମାଧ୍ୟମ ସଂଯୋଜିକା ଚିନ୍ମୟୀ ବେହୁରା ପ୍ରମୁଖ ବିଜେଡି ପରିତ୍ୟାଗକରି ଭାଜପାରେ ସାମିଲ ହୋଇଛନ୍ତି। ଯାଜପୁର ଜିଲାର ୧୬ ଜଣ ଜିଲା ପରିଷଦ ସଦସ୍ୟ ମଧ୍ୟ ଭାଜପାରେ ଯୋଗଦେଇଛନ୍ତି। ସେମାନେ ହେଲେ ବଡ଼ଚଣା ବ୍ଲକ୍ ୧୮ନଂ. ଜୋନ୍‌ର ସସ୍ମିତା ମହାନ୍ତି, ୨୦ନଂ. ଜୋନ୍‌ର ଜୟଶ୍ରୀ ସାମଲ, ଧର୍ମଶାଳା ବ୍ଲକ୍ ୧୧ନଂ. ଜୋନ୍‌ର ଜିଲା ପରିଷଦ ସଦସ୍ୟ ସୁଧାଂଶୁ ସାହୁ, ୧୩ ନଂ. ଜୋନ୍‌ର ସ୍ମୃତିରେଖା ବେହେରା, ୧୫ ନଂ. ଜୋନ୍‌ର ଚକ୍ରଧର ବେହେରା, ୩୪ ନଂ. ଜୋନ୍‌ର ମମତା ଖୁଣ୍ଟିଆ, କୋରେଇ ବ୍ଲକ୍ ୩୫ ନଂ. ଜୋନ୍‌ର ଶଶୀରେଖା ପୃଷ୍ଟି, ବରୀ ବ୍ଲକ୍ ୩୧ନଂ. ଜୋନ୍‌ର ଜିଲା ପରିଷଦ ସଦସ୍ୟ ବିନୋଦ କୁମାର ମାଝୀ, ୩୬ ନଂ. ଜୋନ୍‌ର ଭାରତୀ ବିଶ୍ୱାଳ, ସୁକିନ୍ଦା ବ୍ଲକ୍ ୮ନଂ. ଜୋନ୍‌ର ଜିଲା ପରିଷଦ ସଦସ୍ୟା ସାମନ୍ତିରାଣୀ ରାଉତ, ୯ନଂ. ଜୋନ୍‌ର ଟିନା ହାଇବ୍ରୁ, ୩୮ନଂ. ଜୋନ୍‌ର ସାଧୁ ଚରଣ ଡ୍ରୁ୍ୟ, ୩୯ନଂ. ଜୋନ୍‌ର ପ୍ରତାପ ପଟ୍ଟନାୟକ, ପୁରୁଣା ବଡ଼ଚଣା ବ୍ଲକ୍ ୧୬ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ଯଚିନ୍ଦ୍ର ନାୟକ, ୧୯ ନଂ. ଜୋନ୍‌ର ଅରବିନ୍ଦ ସାମଲ ଓ ୩୩ ନଂ. ଜୋନ୍‌ର ଶିଶିର ମହାନ୍ତି। ଏହାଛଡ଼ା ଜେନାପୁର ଗ୍ରାମପଞ୍ଚାୟତରୁ ୧୪, ସମ୍ପାରୁ ୪୪, ମୂଳାପାଳରୁ ୩୦, ତରଞ୍ଜିଆ ପଞ୍ଚାୟତରୁ ୨୨ଜଣ ଭାଜପାରେ ଯୋଗଦେଇଛନ୍ତି।

ସେହିପରି ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀର ବବୁଲୁ ମହାଲିକ, ଏସ୍‌କେ ନିଆମଦ, ଶରତ ଚନ୍ଦ୍ର ରାଉତ, ଏସ୍‌କେ ଆଫର, ଏସ୍‌କେ ଇବ୍ରାହିମ, ଏସ୍‌କେ ଫିରୋଜ, ଏସ୍‌କେ ଜୁନାଦ, ଏସ୍‌କେ ସାଦମ, ଫାତମା, ଏସ୍‌କେ ଫାଜରୁଲ, ଏସ୍‌କେ ମଣି, ରମାକାନ୍ତ ଦାସ, କମଳକାନ୍ତ ସାମଲ, ସୁକାନ୍ତ ସାମଲ, ନିଶିକାନ୍ତ ନାୟକ, ଏସ୍‌କେ ଗେଡୁ, ଏସ୍‌କେ କେଟାବଡି, କାଲୁ ଶାହା, ଏସ୍‌କେ ରେକର୍ଡ, ଏସ୍‌କେ କଲିମ, ଏସ୍‌କେ ଅବଦୁଲ, ଏସ୍‌କେ ବାପୁନ, ଏସ୍‌କେ ଜାନୁ, ଏସ୍‌କେ କାଳିଆ, ଏସ୍‌କେ କିଷାନ, ଏସ୍‌କେ ରହିମ, ଏସ୍‌କେ ଜାର୍ବି, ଏସ୍‌କେ ଲାଲୁ, ଏସ୍‌କେ ତବାରେକ ପ୍ରମୁଖ ବିଜେଡି ଛାଡି ଆନୁଷ୍ଠାନିକ ଭାବେ ଭାଜପାରେ ମିଶିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନକରି ସ୍ୱାଗତ କରିଛନ୍ତି। ଏହି ଅବସରରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, ବିଧାୟକ ଅମର କୁମାର ନାୟକ, ହିମାଂଶୁ ଶେଖର ସାହୁ, ଆକାଶ ଦାସ ନାୟକ, ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକ, ରାଜ୍ୟ ସମ୍ପାଦକ ସରୋଜ କୁମାର କର, ଯାଜପୁର ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନ, ଯାଜପୁର ପୂର୍ବତନ ଜିଲା ସଭାପତି ଗୌତମ ରାୟ, ବରୀ ବିଧାୟକ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା, ଭଦ୍ରକ ଜିଲା ସଭାପତି ଭଗବାନ ପଣ୍ଡା, ଭଦ୍ରକ ଜିଲା ଉପସଭାପତି କିଶୋର ନାୟକ, ଭଦ୍ରକ ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

## ଦଳ ଛାଡ଼ିବା ଆଗରୁ ନିଲମ୍ବନ

ଭୁବନେଶ୍ୱର,୧୬।୧(ସୁନିତ୍ ମିଶ୍ର)

ବିଜୁ ଜନତା ଦଳ(ବିଜେଡି) ସଭାପତି ନବୀନ ପଟ୍ଟନାୟକ ଗୁରୁବାର ୨ଜଣ ବିଧାୟକ ସନାତନ ମହାକୁଡ଼ ଏବଂ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରିବା ପରେ ଶୁକ୍ରବାର ଆଉ ୨ ଜଣ ନେତାଙ୍କୁ ଦଳରୁ କାଢ଼ିଛନ୍ତି। ଯାଜପୁର ଜିଲା ପରିଷଦ ସଭାପତି ନଳିନିପ୍ରଭା ଜେନା ଓ ଉପାସଭାପତି ଗଣେଶ୍ୱର ବରାଳଙ୍କୁ ନବୀନ ନିଲମ୍ବନ କରିଛନ୍ତି। ଏହି ୨ ନେତା ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତଥିବା ଦର୍ଶାଇ ଦଳରୁ ବିଦା କରାଯାଇଛି। ପ୍ରତିଦିନ ରାଜ୍ୟବ୍ୟାପୀ ବହୁ ନେତା ବିଜେଡି ଛାଡ଼ି ଭାଜପାରେ ଯୋଗଦେବାରେ ଲାଗିଛନ୍ତି। ଏହି କ୍ରମରେ ଯାଜପୁର ଜିଲା ପରିଷଦ ସଭାପତି ଏବଂ ଉପସଭାପତି ଭାଜପାରେ ଯୋଗଦେବେ ବୋଲି ଆଗୁଆ ଜାଣିପାରି ନବୀନ ଏପରି ନିଷ୍ପତ୍ତି ନେଇଥିବା ତାଙ୍କ ଦଳରେ ଚର୍ଚ୍ଚା ଜୋର ଧରିଛି। ପରବର୍ତ୍ତୀ ସମୟରେ ମଧ୍ୟ ଘଟଣା ସେହିଭଳି କିଛି ଘଟିଛି, ଯାହାକି ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି। ଶୁକ୍ରବାର ଅପରାହ୍ନରେ ନଳିନୀ ଏବଂ ଗଣେଶ୍ୱର ସେମାନଙ୍କ ସମର୍ଥକଙ୍କ ଗହଣରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚି ଦଳରେ ଯୋଗଦେଇଛନ୍ତି।

## ଆଜି ପ୍ରକାଶ ପାଇବ ଓଡ଼ିଆ ଭାଷା ପରୀକ୍ଷାଫଳ

କଟକ,୧୬।୧(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ଦ୍ୱିତୀୟ ଦଶମ ଷ୍ଟାଣ୍ଡାର୍ଡ ଏକକ ବିଷୟ ଓଡ଼ିଆ ଭାଷା ଏବଂ ଦ୍ୱିତୀୟ ଅର୍ଦ୍ଧ ବାର୍ଷିକ ଅଷ୍ଟମ ଷ୍ଟାଣ୍ଡାର୍ଡ ଓଡ଼ିଆ ଭାଷା ପରୀକ୍ଷା ୨୦୨୫ର ଫଳ ଜାନୁଆରୀ ୧୭ ତାରିଖ (ଶନିବାର) ଅପରାହ୍ନ ୨ଟାରେ ପ୍ରକାଶ ପାଇବ। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ପରୀକ୍ଷା ଫଳ ସେହି ସମୟରୁ ଉପଲବ୍ଧ ହେବ। ଏଥିସହ ଅପରାହ୍ନ ୪ଟାରୁ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନଙ୍କ ଡିଜିଟାଲ ସାର୍ଟିଫିକେଟ ସେହି ୱେବ୍‌ସାଇଟ୍‌ରୁ ମିଳିବ। ପରୀକ୍ଷାଫଳ ପ୍ରକାଶନ ତାରିଖଠାରୁ ମାସକ ପର୍ଯ୍ୟନ୍ତ ଡିଜିଟାଲ ସାର୍ଟିଫିକେଟ ଅନ୍‌ଲାଇନ୍‌ରେ ଉପଲବ୍ଧ ରହିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

## ଠାକୁରମୁଣ୍ଡା ରେଞ୍ଜରେ ମାଈ ହାତୀ ମୃତ

ବାରିପଦା/ଠାକୁରମୁଣ୍ଡା,୧୬।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ/ ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ଠାକୁରମୁଣ୍ଡା ରେଞ୍ଜ ଅଧୀନ ଅସନକୁଡ଼ା ଅଞ୍ଚଳରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ମୃତ ହାତୀର ବୟସ ୬୦ ବର୍ଷ ହୋଇଥିବା ବେଳେ ଗତ ୧୪ ତାରିଖ ସନ୍ଧ୍ୟାରେ ମୃତଦେହ ଠାବ କରାଯାଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ହାତୀ ମୃତଦେହ ଠାବକରିଥିଲେ। ୧୫ ତାରିଖରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ବାର୍ଦ୍ଧକ୍ୟଜନିତ ମୃତ୍ୟୁ ହୋଇଥିବା ନେଇ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଶିମିଳିପାଳରେ ଶୀତର ପ୍ରକୋପ ବୃଦ୍ଧି ପାଇ ମାଇନସ୍ ୧ରୁ ଯୁକ୍ତ ୧ ଡିଗ୍ରୀ ମଧ୍ୟରେ ରହୁଛି । ଫଳରେ ଶୀତ କଷ୍ଟରେ ବନ୍ୟପ୍ରାଣୀମାନେ ପ୍ରଭାବିତ ହେଉଥିବା ଜଣାପଡ଼ିଛି।



ମୃତ ମାଈ ହାତୀ

## ବ୍ଲକ୍ ନଗର ସଭାପତି ବାଛିଲା ବିଜେଡି

### ୧୫ ସାଙ୍ଗଠନିକ ଜିଲାର ନିଯୁକ୍ତି ବିଜ୍ଞପ୍ତି ଜାରି

ଭୁବନେଶ୍ୱର,୧୬।୧(ସୁନିତ୍ ମିଶ୍ର)

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଶୁକ୍ରବାର ୧୫ଟି ସାଙ୍ଗଠନିକ ଜିଲାର ନଗର ଏବଂ ଏହା ଅନ୍ତର୍ଗତ ବିଭିନ୍ନ ବ୍ଲକ୍ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଦଳର ବରିଷ୍ଠ ଉପସଭାପତି (ମୁଖ୍ୟାଳୟ) ଦେବୀପ୍ରସାଦ ମିଶ୍ରଙ୍କ ଦସ୍ତଖତରେ ଏଭଳି ୧୫ଟି ବିଜ୍ଞପ୍ତି ଜାରି କରାଯାଇଛି। ଗଜପତି, ଜଗତ୍‌ସିଂହପୁର, ଝାଡ଼ସୁଗୁଡ଼ା,କନ୍ଧମାଳ, କୋରାପୁଟ, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ରାଉରକେଲା, ସୁବର୍ଣ୍ଣପୁର, ସୁନ୍ଦରଗଡ଼, ବରଗଡ଼, ବୌଦ୍ଧ, କଟକ, ଦେବଗଡ଼ ଜିଲା ଅଧୀନରେ ଆସୁଥିବା ବିଭିନ୍ନ ବ୍ଲକ୍ ଏବଂ ନଗର ଗୁଡ଼ିକ ପାଇଁ ଦଳ ସଭାପତି ଚୟନ କରିଛି।

## ବିଚାରପତି କୃଷ୍ଣ ରାମ ମହାପାତ୍ର ହାଇକୋର୍ଟ ଆଇନ ସେବା କମିଟି ଅଧ୍ୟକ୍ଷ

କଟକ,୧୬।୧(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ବିଚାରପତି କୃଷ୍ଣ ରାମ ମହାପାତ୍ର ହାଇକୋର୍ଟ ଆଇନ ସେବା କମିଟି ଅଧ୍ୟକ୍ଷ ଭାବେ ଗୁରୁବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବିଚାରପତି ମହାପାତ୍ର ଆଇନ ସେବା ସଂସ୍ଥାଗୁଡ଼ିକ ସମାଜର ଦଳିତ ଓ ଅବହେଳିତ ଜନସାଧାରଣ ଉନ୍ନତମାନର ନିଃଶୁଳ୍କ ଆଇନ ସହାୟତା ପାଇପାରିବା ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ଆସନ୍ତା ମାର୍ଚ୍ଚ ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଲୋକ ଅଦାଲତରେ ଉପଯୁକ୍ତ ମାମଲାଗୁଡ଼ିକୁ ଅଧିକ ସଂଖ୍ୟାରେ ଫଇସଲା କରିବା ନିମନ୍ତେ ପଦକ୍ଷେପ ନେବା ପାଇଁ ସମସ୍ତ ପଦାଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି।



ବିଚାରପତି କୃଷ୍ଣ ରାମ ମହାପାତ୍ର


**ODISHA PUBLIC SERVICE COMMISSION**
19, DR. P. K. PARIJA ROAD, CUTTACK- 753001

**NOTICE**
No. 341/PSC, Dt.15.01.2026
(2PG-09-25/26, DR-I)

**Subject Code in respect of Compulsory & Optional Papers for Odisha Civil Services Main (Written) Examination-2024, Advt. No. 07 of 2024-25**

**No.D-301** : It is for information of all concerned that, the detailed Subject Codes in respect of all the Compulsory and Optional Papers for OCS Main (Written) Examination-2024, pursuant to Advt. No. 07 of 2024-25 scheduled from 31.01.2026 to 10.02.2026 has been notified vide Notice No.337 /PSC, Dt-15.01.2026.

Hence, the concerned candidates appearing the Main Examination are advised to refer to the Notice No.337 / PSC, Dt-15.01.2026 which is available in the website of the Commission (www.opsc.gov.in) and mention the Subject Codes in their Question-cum- Answer Booklets.

CUTTACK
DT - 15.01.2026
Sd./- SECRETARY
ODISHA PUBLIC SERVICE COMMISSION
CUTTACK
OIPR-



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION : KORAPUT**
No.O-2014
PHONE : OFF : (06852)251263, email : eerwkoraput@yahoo.com
Letter No.150 **Bid Identification No. : SERWKPT-ONLINE-09/2025-26** Dtd. : 07.01.2026

1. Name of the Work : Special Reapir to Road Works for the year 2025-26, 2. Total Numbers of Works : 10 Nos., 3. Approximate Estimate Cost : Rs.16.95 to Rs.33.90 Lakhs (Approximately), 4. Class of Contractor : "B", "C" & "D" Class, 5. Period of Completion : 1 Month, 6. Detail Projects : As per Annexure attached, Other Details as follows :

| Procurement Officer | Bid Identification No. | No. of Works | Availability of Tender online Bidding | | Date & Time opening of tender |
|---|---|---|---|---|---|
| | | | From | To | |
| Superintending Engineer, R.W.Division, Koraput | SERWKPT-ONLINE-09/2025-26 | 10 (Ten) No's | 17.01.2026 at 11.00 A.M. | 27.01.2026 upto 5.30 P.M. | 28.01.2026 at 11.30 A.M. |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.
Sd./- Executive Engineer,
Rural Works Division, Koraput
OIPR-



ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
ବିକାଶ ଭବନ,ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଦୂରଭାଷ-୦୬୭୪-୨୩୯୦୦୪୩, CIN U45203OR1983SGC001153
Vikash Bhavan, Nayapalli, Bhubaneswar-751012, Tel:0674-2390043, Website:www.obcc.in, Email:md@obcc.in, info@obcc.in

No. 312
File: SMT-2094
No.CAD-3016
Date:13.01.2026

**NOTICE INVITING TENDER**

| | | |
|---|---|---|
| 1. | Name of Work | Selection of an Agency for Feasibility Study and preparation of DPR for various schools across Odisha under Aitihya Vidyalaya Scheme |
| 2. | Bid Identification No. of the Tender Document | 42/Tender/OBCC/2025-26 |
| 3. | Date of availability in e-procurement portal | from 16.01.2026 |
| 4. | Last Date of receipt of Prebid queries | Upto 5 P.M. of 20.01.2026 |
| 5. | Prebid Meeting (Online Mode) | at 11.30 A.M. of 21.01.2026 https://meet.google.com/iqv-egkv-odv |
| 6. | Last Date & Time of receipt of online bid | 30.01.2026 till 05.30 P.M. |
| 7. | Date of Opening of online technical bid | 31.01.2026 at 11.30 A.M. |
| 8. | Period of Completion | 06 Months |

9. Further details can be seen from the e-Procurement portal https://www.tendersodisha.gov.in
10. OBCC has the right to accept or reject the Notice/ RFP/ Proposal without assigning any reasons thereof.
11. Agencies Empanelled with OB&CC Ltd. for providing Comprehensive Architectural Services in Category-A are only eligible to apply for this assignment.

OIPR-
Sd./- Chief General Manager-II



**OFFICE OF THE MUNICIPAL COUNCIL, DEOGARH**
Letter No. 55/DMC, Dt. 8.1.2026
**TENDER CALL NOTICE**
No. C-2106: Sealed tenders are invited to be eventually drawn up in the P.W.D. prescribed F2 forms for execution of 21 Nos. of works from the registered contractors of Odisha Govt./Deogarh Municipality. The tender paper will be available during the office hours on payment of paper cost of the tender documents cost (non refundable) in shape of cash in following schedule.
1. Last date of sale of tender paper : Dt.22.01.2026 upto 1.00 P.M.
2. Last date of receipt tender paper : Dt.22.01.2026 upto 5.00 P.M.
3. Date of opening of sealed tender : Dt.28.01.2026 at 11.00 A.M.

Sd./- Executive Officer
Deogarh Municipality
OIPR-



ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ନବରଙ୍ଗପୁର
**OFFICE OF THE REGULATED MARKET COMMITTEE, NABARANGPUR**
At/Gandhinagar, PO/Dist.-Nabarangpur-764059 (Odisha)
FAX/Tel. No.06858-222105, E.Mail-ID : awmornab@gmail.com
No.400/RMC. Dated.12.01.2026
**E-Procurement (Invitation for BIDS)**
Tender Call Notice No.394/RMC Dated.12.01.2026
Bid Identification No. 01 e-Procurement Notice No.01 of 2025-26
**No.H-51** : The Regulated Market Committee, Nabarangpur invites tender from the approved contractors of appropriate Class for Development Wortks of different Markets. Detailed Tender Call Notice along with conditions of contract and notice inviting tender may be seen and download from the website www.tenderorissa.gov.in and www.nabarangpur.odisha.gov.in the date availing of tender online is form 11.00 A.M. of 13.01.2026 to 31.01.2026 upto 5 P.M. the tender will be opened on 03.02.2026 at 11.00 A.M.
Sd./- Sub Collector cum Chairman
RMC, Nabarangpur
OIPR-



**OFFICE OF THE BARIPADA MUNICIPALITY**
BARIPADA, MAYURBHANJ-757001
Tel : 06792-252703
Website : www.baripadamunicipality.in, e-mail : baripadam.hud@od.gov.in
No.111/PW/Date : 13.01.2026
No.C-2088 **Request for Proposal (RFP)**
1. Name of the work : Supply and installation of 4-seater outdoor prefab RCC Bench with back and armrest at different public places of Baripada Municipality Supply and installation of 4-seater outdoor prefab RCC Bench with back and armrest at different public places of Baripada Municipality"
2. Date of sale of bid document : From 10.00 A.M. dtd.16.01.2026 up to 5.00 P.M. of dt.27.01.2026
3. Last date & time of receipt of bid documents : Up to 12.00 Noon of dt.30.01.2026
4. Date and time of opening of bid : At 12.30 P.M. of dt.30.01.2026
5. Mode of deposit towards cost of Bid documents & EMD : As per the detailed notice inviting RFP
6. Name and address of the Officer : Executive Officer, Baripada Municipality, Mayurbhanj Inviting quotation

Further details can be had from the website www.baripadamunicipality.in and http://www.mayurbhanj.nic.in from 10.00 A.M. of dt.16.01.2026 to 5.00 P.M. of Dt.27.01.2026 or from the office of the undersigned during office hours on all working days.
Sd./- Executive Officer
Baripada Municipality
OIPR-



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER cum DISTRICT MISSION DIRECTOR, NHM, KHORDHA (ZILLA SWASTHYA SAMITI (ZSS))**
Advt. No. 650 Date : 13.01.2026
**SHORT TENDER CALL NOTICE**
**No.E-673** : Sealed tenders are hereby invited from authorized and eligible firms for supply of MMDP Kits to National Health Mission (NHM), Khordha. The sealed tender, complete in all respects along with required documents, should reach the Office of the CDM & PHO, Khordha, PIN-752055 on any working day on or before 03.02.2026 up to 01.00 P.M. through Speed Post / Registered Post / Courier only. The envelope containing the tender should be clearly superscribed on the top as: "Proposal for Supply of MMDP Kits, Khordha". Tenders received after the due date and time shall be summarily rejected. The undersigned shall not be held responsible for any postal or courier delay. The tenders will be opened on 03.02.2026 at 03.00 P.M. in the Office of the Undersigned, in presence of the bidders or their authorized representatives, if any. Detailed specifications, eligibility criteria, terms and conditions can be downloaded from the official website: https://khordha.odisha.gov.in. The undersigned reserves the right to accept or reject any or all the tenders, wholly or partly, without assigning any reason thereof.
OIPR-
Sd./- CDM&PHO, Khordha



ବିଜ୍ଞାପନ
**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ଓଡ଼ିଶା**
No.L-163:ଏତଦ୍ୱାରା ଖୋର୍ଦ୍ଧା ଜିଲ୍ଲାର କୃଷକ ଭାଇଭଉଣୀ ତଥା ଜନସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଆସନ୍ତା ଜାନୁୟାରୀ ୧୭.୦୧.୨୦୨୬ ଠାରୁ ୨୧.୦୧.୨୦୨୬ ରିଖ ପର୍ଯ୍ୟନ୍ତ ସ୍ଥାନୀୟ ବିଡିଏ ପଡିଆ, ଟିଏଲସି ରାସ୍ତା, ଖୋର୍ଦ୍ଧାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ କୃଷି ବିଭାଗ, ଖୋର୍ଦ୍ଧା ତରଫରୁ ଅନୁଷ୍ଠିତ ହେବ । ଏହି ମେଳାରେ ଉନ୍ନତମାନର କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହାୟତାର ସଚେତନତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ବିଶେଷ ରିହାତି ଏବଂ ବିକ୍ରୟ ବ୍ୟବସ୍ଥା, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକର ପ୍ରଚାର ଓ ପ୍ରସାର ଏବଂ ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରିମ ତତ୍କାଳ ବୁକିଂ ବ୍ୟବସ୍ଥା ଅଛି । ତେଣୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଜନସାଧାରଣ ଓ କୃଷକ ଭାଇ ଭଉଣୀମାନଙ୍କୁ ଅନୁରୋଧ ଏହି ମେଳାରେ ବହୁ ସଂଖ୍ୟାରେ ଯୋଗଦାନ କରି ଏହାର ସୁବିଧା ନେବା ସହିତ ଉକ୍ତ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବେ ।
OIPR-
ସ୍ୱା./-ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଖୋର୍ଦ୍ଧା



**OFFICE OF THE DEAN & PRINCIPAL SAHEED RENDO MAJHI MEDICAL COLLEGE & HOSPITAL, BHAWANIPATNA, KALAHANDI**
At- Bhangabari, Po- Uditnarayanpur, Bhawanipatna Dist- Kalahandi, Pin-766002
Email: bptmedicalcollege@gmail.com, Website: https://srmmch.odisha.gov.in/
Advt.No.185 Date: 15.01.2026
**TENDER CALL NOTICE FOR SUPPLY OF DESKTOP, PRINTER, SCANNER OUT OF STATE GOVERNMENT FUND**
**No.E-677** : Sealed bids as per the prescribed format Agencies/Individuals for engagement / Tender Call Notice for **Supply of Desktop, Printer, Scanner out of State Government Fund** for the office of Dean & Principal, SRM MCH, Bhawanipatna, Kalahandi as and when required. Details Eligibility criteria, TOR, format for submission of bid etc. are available from the website: https://srmmch.odisha.gov.in// https://dmetodisha.gov.in.

The detail terms and conditions may be down loaded from the website: https://srmmch.odisha.gov.in/ https://dmetodisha.gov.in. The bids (Superscripted bids for Tender Call Notice for Supply of Desktop, Printer, Scanner out of State Government Fund) through Regd. Post/Speed Post/ Courier only on or before **05.02.2026 at 05:00 PM to the Office of the Dean & Principal, SRM Medical College & Hospital, Bhawanipatna, Kalahandi PinCode-766002**. The bids will be opened on **06.02.2026 at 11:00 AM**. The undersigned reserves the right to reject any or all the bids without assigning any reason thereof.
Sd./- Dean & Principal
SRM MCH, Bhawanipatna, Kalahandi
OIPR-



idco Your power to grow ISO 9001 & 14001 | ODISHA NEW OPPORTUNITIES
File No. : WS & EC-I/D2-225/2025-26 86 Date : 12.01.2026
**1st Corrigendum To Tender Call Notice No.3704 Dated : 31.12.2025**
**No.CAD-3022** : The modification in tender documents for the work "Supply, installataion, testing and commissioning of online Continuous Effluent Quality Monitoring System (CEQMS) at CETP, Sea Food Park, Deras" is as follows :

| Sl. No. | Description with reference | As per TCN | Modified as |
|---|---|---|---|
| 1 | Uploading of Bid Documents on www.tendersodisha.gov.in | At 4:00 PM on 12.01.2026 | At 4:00 PM on 16.01.2026 |
| 2 | Date of receipt of technical bids (through online mode) | Upto 4:00 PM on 27.01.2026 | Upto 4:00 PM on 27.01.2026 |
| 3 | Opening of Technical Bids | At 3:00 PM on 28.01.2026 | At 3:00 PM on 28.01.2026 |

All other terms and conditions of original Tender Call Notice No.3704 Dated : 31.12.2025 (Bid Identification No. **WS & EC-I / EST/E-05/2025-26)** will remain unchanged. Further details can be seen in website www.idco.in (Tenders/Quotations)/www.tendersodisha.gov.in
Sd./- Divisional Head,
WS & EC Division-I
OIPR-



**OFFICE OF THE BARIPADA MUNICIPAL COUNCIL, BARIPADA**
Phone: 06792-252703, Fax: 06792-252703, Email: baripadam.hud@nic.in
Website: www.baripadamunicipality.in
No. 79 Date: 12.01.2026
**INVITATION FOR BIDS**
(Through E-Procurement)
Tender Reference No. BPDM 3/2026-27
Tender ID No.
No. C-2107: The Executive Officer, Baripada Municipality, Baripada invites percentage rate bids in double cover system through e-procurement in conformity with the Detailed Tender Call Notice to be eventually drawn up in Municipal Agreement form for execution of the works as detailed in the table below from eligible class of contractors registered with the State Government/Contractors of equivalent grade/class registered with Central Government/MES/Railways and Municipal Contractors on production of definite proof from the appropriate authority. Only tenderers with sound financial background capable of investing required amount for advance procurement of all materials required for the work need apply.
1. Name of the Work : As per DTCN
2. No. of works put to tender : 6 Nos Civil Construction works
3. Estimated Cost : As per DTCN
4. Period of Completion : As per DTCN
5. Date and time of availability of bid document in the portal : From 1.00 P.M. of Dt.19.01.2026 to 5.00 P.M. of Dt.06.02.2026
6. Mode of deposit towards cost of Bid document & EMD : Online
7. Date and time of opening of Technical Bid : 11.00 A.M. and onwards of Dt.07.02.2026
8. Name and address of the Officer Inviting Bid : Executive Officer, Baripada Municipality, Baripada

Further details can be seen from the e-procurement portal **"https://tendersorissa.gov.in"**.
OIPR-
Sd./- Executive Officer, Baripada Municipality

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଆରମ୍ଭ

**ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ)**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ୧୬ଶ ଓଡ଼ିଶା ଓପନ୍ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଫେଷ୍ଟିଭାଲ-୨୦୨୬ ଶୁକ୍ରବାର ଆରମ୍ଭ ହୋଇଛି। ସର୍ବ ଭାରତୀୟ ଚେସ୍ ଫେଡେରେଶନ୍‌ର ତତ୍ତ୍ୱାବଧାନରେ ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ୍ ଏବଂ ଇ-ସ୍ପୋର୍ଟ୍ସ ଆସୋସିଏଶନ୍ ଅଫ୍ ଓଡ଼ିଶାର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜନ ହେଉଛି। ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ୨୦ଟି ଦେଶର ମୋଟ ୧,୦୫୩ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଖେଳାଳିମାନେ ଏ, ବି, ସି ଏବଂ 'ଡି' ଭଳି ଚାରୋଟି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତ। ୫ଥର ରାଜ୍ୟଗୋଷ୍ଠୀ ଚାମ୍ପିଅନ୍ ଗ୍ରାଣ୍ଡମାଷ୍ଟର ଅଭିଜିତ୍ ଗୁପ୍ତା ଏହି ପ୍ରତିଯୋଗିତାରେ ଶୀର୍ଷ ସିଡ୍‌ର ମାନ୍ୟତା ପାଇଛନ୍ତି। ପ୍ରତିଯୋଗିତାରେ ମୋଟ ୧୦ ଗ୍ରାଣ୍ଡମାଷ୍ଟର୍ ଓ ୧୯ ଅନ୍ତର୍ଜାତୀୟ ମାଷ୍ଟର୍ ଯୋଗ ଦେଇଛନ୍ତି। ପ୍ରତିଯୋଗିତା ଲାଗି ମୋଟ ୪୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ରାଜୀବ ଶେଖର ସାହୁ, ଚେସ୍ ପ୍ରଶାସକ ତଥା ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ସମ୍ପାଦକ ଏବଂ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦେବବ୍ରତ ଭଞ୍ଜ, ଇ-ସ୍ପୋର୍ଟ୍ସ ଆସୋସିଏଶନ୍ ଅଫ୍ ଓଡ଼ିଶା ସମ୍ପାଦକ ଏବଂ ଟୁର୍ନାମେଣ୍ଟ କମିଟି ସଦସ୍ୟ ଅଭିଷେକ ମିତ୍ର, ରୋଟାରୀ କ୍ଲବ ଭୁବନେଶ୍ୱର ନୀଳାଦ୍ରିର ସଭାପତି ତଥା ଇ-ସ୍ପୋର୍ଟ୍ସ ଆସୋସିଏଶନ୍ ଅଫ୍ ଓଡ଼ିଶାର କୋଷାଧ୍ୟକ୍ଷ ସୁଜିତ କୁମାର ରାଉତ, ସର୍ବଭାରତୀୟ ଚେସ୍ ଆସୋସିଏସନ୍ ର କୋଷାଧ୍ୟକ୍ଷ ଧର୍ମେନ୍ଦ୍ର କୁମାର, ସୋଆ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଏବଂ ଟୁର୍ନାମେଣ୍ଟ ଲୋକ ସମ୍ପର୍କ ଅଧିକାରୀ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

# ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ


ପ୍ରସ୍ତୁତି ବୈଠକ ଅବସରରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୧୬।୧ (ବିଜୟ ରଣା)**

ସ୍ଥାନୀୟ ସିଟି କ୍ଲବ ଏବଂ ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏବଂ ଡ. ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫାଉଣ୍ଡେଶନ ଟ୍ରଷ୍ଟ ସହଯୋଗରେ ଆସନ୍ତା ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଦେବେନ୍ଦ୍ର ସ୍ମାରକୀ ରାଜ୍ୟସ୍ତରୀୟ ମହିଳା ଓ ପୁରୁଷ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଟ୍ରଷ୍ଟର ସଭାପତି ଅଶୋକ ମହାନ୍ତିଙ୍କ ବ୍ୟତୀତ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସଭାପତି ସୌର୍ଯ୍ୟରଞ୍ଜନ ପରିଜା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ନେତା ନିରଞ୍ଜନ ମିଶ୍ର, ସିଟି କ୍ଲବ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ କୁମାର ମହାନ୍ତି, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନର ଫୁଟ୍‌ବଲ ସମ୍ପାଦକ ଦିଲୀପ ଦାସ, ଭାଗ୍ୟଧର ଜଗଦେବ, ଅରୁଣ ବିଶ୍ୱାଳ, ମହିନ୍ଦ୍ରନାଥ ନାୟକ, ବନୋଜ କୁମାର ପ୍ରଧାନ, ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ଉପସଭାପତି ସହିଦ ଜବାର, କ୍ରିଷ୍ଣା ଗ୍ରୁପ୍ ଅଧ୍ୟକ୍ଷ ପବିତ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସମୀର ମହାନ୍ତିଙ୍କୁ ସର୍ବସମ୍ମତିକ୍ରମେ ଟୁର୍ନାମେଣ୍ଟ କମିଟିର ଚେୟାରମ୍ୟାନ ଭାବେ ମନୋନୀତ କରାଯାଇଥିଲା।

D-3125


# ଜାତୀୟ ପାରା ପାୱାର ଲିଫ୍ଟିଂ ଆରମ୍ଭ

**ଭୁବନେଶ୍ୱର, ୧୬।୧ (ବିଜୟ ରଣା)**

ଉତ୍ତରାଖଣ୍ଡ ରାଜ୍ୟ ଅନ୍ତର୍ଗତ ରୁର୍‌କିସ୍ଥିତ ସିଓଇଆର ୟୁନିଭର୍ସିଟିଠାରେ ୨୩ତମ ସିନିୟର, ୧୮ତମ ଜୁନିୟର ଏବଂ ଦ୍ୱିତୀୟ ସବ୍‌ଜୁନିୟର ଜାତୀୟ ପାରା ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍ ୨୦୨୫-୨୬ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା(ପିଏସ୍‌ଏଓ) ତରଫରୁ ଘୋଷଣା କରାଯାଇଥିବା ୧୦ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରିଛି। ସେମାନେ ହେଲେ ପୁରୁଷ ବିଭାଗରେ ଚନ୍ଦନ କୁମାର ବେହେରା, ଜ୍ଞାନରଞ୍ଜନ ସାହୁ ଓ ଗଦାଧର ସାହୁ, ବାଳିକା ବିଭାଗରେ ସାବିତ୍ରୀ ବେହେରା ଓ ସରୋଜିନୀ ପରିଡ଼ା ଏବଂ ବାଳକ ବିଭାଗରେ ମୁକେଶ ନାଏକ, ଶ୍ୟାମା ମାରାଣ୍ଡି, ରାମଦାସ ରୁଙ୍ଗୁଡ଼ା, ରାକେଶ ମଲିକ ଏବଂ କୁମାର ପାଣିଗ୍ରାହୀ। ବାପୁଜୀ ବିଶ୍ୱାଳ ଦଳର କୋଚ୍ ରହିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଏହି ଆଥ୍‌ଲେଟ୍‌ମାନଙ୍କ ଶୁଭକାମନା କରିବା ସହ ପ୍ରତିଯୋଗିତାରେ ଉନ୍ନତ ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଦେବେ ବୋଲି ଆଶାପ୍ରକଟ କରି କହିଛନ୍ତି।



ଜାତୀୟ ପାରା ପାୱାର ଲିଫ୍ଟିଂ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳର ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ।

# କିଟ୍‌କୁ ନ୍ୟାଶନାଲ ର‍୍ୟାଙ୍କିଙ୍ଗ୍ ଆୱାର୍ଡ

**ଭୁବନେଶ୍ୱର, ୧୬।୧ (ବିଜୟ ରଣା)**

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍‌ନୋଲୋଜି (କିଟ୍), ଭୁବନେଶ୍ୱରକୁ ନ୍ୟାଶନାଲ ର‍୍ୟାଙ୍କିଙ୍ଗ ଆୱାର୍ଡ (୨୦୨୬) ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟରଠାରେ ଗୁରୁବାର ଅନୁଷ୍ଠିତ ଗ୍ଲୋବାଲ ସ୍ପୋର୍ଟ୍ସ ଏଜୁକେଶନ କନଭେନଶନ (ଜି-ଏସଇସି) ୨୦୨୬ଠାରେ ସାମଗ୍ରିକ କ୍ରୀଡ଼ା ଭିତ୍ତିଭୂମି ପାଇଁ ଶ୍ରେଷ୍ଠ ଅନୁଷ୍ଠାନ ପାଇଁ କିଟ୍‌କୁ ଏହି ସମ୍ମାନଜନକ ପୁରସ୍କାର ମିଳିଛି। ସ୍ପୋର୍ଟ୍ସ ଆସୋସିଏଶନ ଆଣ୍ଡ ଅଡିଟ୍ ବୋର୍ଡ (ସାବ୍) ସହଯୋଗରେ କନ୍‌ଫେଡେରେଶନ ଅଫ୍ ସ୍ପୋର୍ଟ୍ସ ଆଣ୍ଡ୍ ରିକ୍ରିଏଶନ ଦ୍ୱାରା ଦିଆଯାଉଥିବା ଏହି ପୁରସ୍କାର ନ୍ୟାଶନାଲ ର‍୍ୟାଙ୍କିଙ୍ଗ ଇନ୍ ସ୍ପୋର୍ଟ୍ସ ଆଣ୍ଡ୍ ଫିଜିକାଲ ଏଜୁକେଶନ ୨୦୨୬ର ଏକ ଅଂଶବିଶେଷ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଜାତୀୟସ୍ତର ସମ୍ମିଳନୀ ପ୍ରତି ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ବ୍ୟାପାର ମନ୍ତ୍ରଣାଳୟର ସମର୍ଥନ ରହିଛି। ଏହି କାର୍ଯ୍ୟକ୍ରମରେ ସାରା ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟ, ନୀତି ନିର୍ଦ୍ଧାରକ ଏବଂ କ୍ରୀଡ଼ା ପ୍ରଶାସକମାନେ ଅଂଶଗ୍ରହଣ କରିଥିଲେ। ର‍୍ୟାଙ୍କିଙ୍ଗ ଆୱାର୍ଡ ପାଇଁ କିଟ୍ ସମୁଦାୟ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରିଛି।

# ଓଡ଼ିଶା ଦଳ ଚୟନ ୧୮ରେ

**ସର୍ବଭାରତୀୟ ବେସାମରିକ ବ୍ୟାଡ୍‌ମିଣ୍ଟନ**

**ଭୁବନେଶ୍ୱର, ୧୬।୧ (ବିଜୟ ରଣା)**

ସର୍ବଭାରତୀୟ ବେସାମରିକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ୨୦୨୫-୨୬ ଆସନ୍ତା ଫେବୃଆରୀ ୧୫ରୁ ୨୧ ପର୍ଯ୍ୟନ୍ତ ଗୋଆରେ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳର ଚୟନ ପ୍ରକ୍ରିୟା ୧୮ ତାରିଖ ସକାଳ ୮ଟାରେ ୟୁନିଟ୍-୮ସ୍ଥିତ ପୁରାତନ କ୍ରୀଡ଼ା ବିଭାଗ ଇନ୍‌ଡୋର ହଲ୍, ନୟାପଲ୍ଲୀ, ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ କେବଳ ନିୟମିତ ଚାକିରିରେ ଥିବା ସରକାରୀ କର୍ମଚାରୀମାନେ ଭାଗନେଇପାରିବେ। ଅଂଶଗ୍ରହଣ କରିବାକୁ ଇଚ୍ଛୁକ ସରକାରୀ କର୍ମଚାରୀମାନେ ନିଜ ସେବା ପୁସ୍ତିକାର ନକଲ, ବିଭାଗ/ଅଫିସ୍ ପରିଚୟପତ୍ର, ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଏକ 'ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ', ନିଜର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଉକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ଓଡ଼ିଶା ରାଜ୍ୟ ସଚିବାଳୟ ବ୍ୟାଡ୍‌ମିଣ୍ଟନ ପରିଷଦର ସାଧାରଣ ସମ୍ପାଦକ ଶ୍ୱେତାମ୍ବର ନାୟକ ଜଣାଇଛନ୍ତି।

# ଭାରତ ଆଜି ବାଂଲାଦେଶକୁ ଭେଟିବ


ବୈଭବ ସୂର୍ଯ୍ୟବଂଶୀ

**୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍**

**ବୁଲାୱେଓ, ୧୬।୧ (ପି.ଟି.)**

୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍‌ରେ ଭାରତ ଶନିବାର ଏହାର ଦ୍ୱିତୀୟ ମ୍ୟାଚ୍‌ରେ ବାଂଲାଦେଶକୁ ଭେଟିବ। ୫ଥର ଚାମ୍ପିୟନ ଭାରତ ଗୁରୁବାର ବର୍ଷାବାଧାପ୍ରାପ୍ତ ମ୍ୟାଚ୍‌ରେ ଯୁକ୍ତରାଷ୍ଟ୍ର ଆମେରିକାକୁ ୧୦୭ ରନ୍‌ରେ ପରାସ୍ତକରି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଛି। ଏହି ମ୍ୟାଚ୍‌ରେ ଡାହାଣହାତୀ ପେସ୍ ବୋଲର ହେନିଲ ପଟେଲଙ୍କ ବଡ଼ ଅବଦାନ ରହିଥିଲା। ସେ ତାଙ୍କ ୭ ଓଭର ବୋଲିଂରେ ୧୬ ରନ୍ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ। ଆୟୁଷ ମାହାତ୍ରେଙ୍କ ନେତୃତ୍ୱାଧୀନ ଦଳ ୟୁଏସ୍‌ଏ ବିପକ୍ଷରେ ସହଜ ବିଜୟ ହାସଲ କରିଥିଲେ ହେଁ ବାଂଲାଦେଶଠାରୁ ବଡ଼ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିପାରେ। ଓପନିଂ ଯୋଡ଼ିରେ ମାହାତ୍ରେ ଓ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ପୁନର୍ବାର ଦଳର ବ୍ୟାଟିଂ ନେତୃତ୍ୱ ନେବେ। ସେମାନଙ୍କ ସହ ଉପ-ଅଧିନାୟକ ବିହାନ ମାଲହୋତ୍ରା, ଅଲ୍‌ରାଉଣ୍ଡର ଆରୋନ ଜର୍ଜ ଓ ବେଦାନ୍ତ ତ୍ରିବେଦୀ ରହିଛନ୍ତି। ପେସ୍ ବାହିନୀ ସମ୍ଭାଳିବାକୁ ଡି. ଦୀପେଶ, ଆରଏସ୍ ଅମ୍ବ୍ରିଶ, ହେନିଲ ପଟେଲ, କିଶନ କୁମାର ସିଂ ଓ ଉଦ୍ଧବ ମୋହନଙ୍କ ଭଳି ଦକ୍ଷ ବୋଲର ମହଜୁଦ ଅଛନ୍ତି। ସେହିପରି ସ୍ପିନ୍ ବୋଲିଂ ଦାୟିତ୍ୱ ତୁଲାଇବା ଲାଗି କନିଷ୍କ ଚୌହାନ, ଖିଲାନ ପଟେଲ ଓ ମହମ୍ମଦ ଏନାନ ରହିଛନ୍ତି। ଟୁର୍ନାମେଣ୍ଟର ୧୬ଟି ସଂସ୍କରଣରେ ଭାରତ ୫ଥର ଚାମ୍ପିୟନ ହୋଇଛି। ପ୍ରତିଯୋଗିତାର ଇତିହାସରେ ଭାରତକୁ ସବୁଠାରୁ ପ୍ରଭାବଶାଳୀ ଦଳ ଭାବେ ବିବେଚନା କରାଯାଉଛି। ଗତ ଏକ ବର୍ଷ ମଧ୍ୟରେ ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାରେ ଭାରତ ସିରିଜ ବିଜୟୀ ହୋଇଛି। ଗତ ୧୪ଟି ମ୍ୟାଚ୍ ମଧ୍ୟରେ ୟୁଏସ୍‌ଏ ବିପକ୍ଷରେ ଦଳର ଏହା ଥିଲା ୧୪ତମ ବିଜୟ। ଅନ୍ୟପକ୍ଷେ ବାଂଲାଦେଶ ଦଳ ପାଖରେ ଅଭିଜ୍ଞ ଅଧିନାୟକ ଅଜିଜୁଲ ହାକିମ ରହିଛନ୍ତି। ଜିମ୍ବାୱେ ଓ ନାମ୍ବିଆରେ ଖେଳାଯାଉଥିବା ଟୁର୍ନାମେଣ୍ଟରେ ସେ ତାଙ୍କ ଦଳକୁ କିପରି ପରିଚାଳନା କରୁଛନ୍ତି ତା' ଉପରେ ବାଂଲାଦେଶର ଫଳାଫଳ ନିର୍ଭର କରେ। ଅଜିଜୁଲ ଓ ତାଙ୍କ ଡେପୁଟି ଜାୱାଦ ଆବ୍ରାର ୨୦୨୪ ଟୁର୍ନାମେଣ୍ଟର ଗତ ସଂସ୍କରଣଠାରୁ ଏପର୍ଯ୍ୟନ୍ତ ୧୯ ବର୍ଷରୁ କମ୍ ସ୍ତରରେ ୧୦୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିପାରିଛନ୍ତି। ଅନ୍ୟ ଜଣେ ସଫଳ ବ୍ୟାଟର କଲାମ ସିଦ୍ଦିକି ଏହି ସମୟ ମଧ୍ୟରେ ବ୍ୟକ୍ତିଗତ ୮୫୭ ରନ୍ ମଧ୍ୟ କରିଛନ୍ତି। ବାଂଲାଦେଶର ବୋଲିଂ ଆକ୍ରମଣ ମଧ୍ୟ ବେଶ୍ ଶକ୍ତିଶାଳୀ।


# Classified Everyday
0674-2580101, 9692975378


REAL ESTATE

**SALE**

Semi- Commercial Land for Sale at ଆଙ୍ଗୁଲା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614. D-3115

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Wellness relax body massage & jointpain treatment by traind therapist. 7008773793. D-3034

All types of physiotherapy and massage. Contact: 9556924059/ 7656969134. D-3075

**AFFIDAVIT**

By virtue of an affidavit sworn before the Executive Magistrate, Boudh, No.1003, Dtd.- 07.07.25, I, Malia Bhukta, R/o. Village- Rengali, P.O.- Juramunda, P.S.- Baunsuni, Dist.- Boudh, Odisha, PIN- 762015 declare that I have changed the name of my son from NIMAIN CHARAN BHUKTA to NIMAI BHUKTA. Henceforth, he shall be known as NIMAI BHUKTA for all purposes.
Malia Bhukta
D-3123

By virtue of an affidavit sworn before the Executive Magistrate, Boudh, No. 56, Dtd.- 16.01.2026, I, Barsha Rani Bagha, D/o. Dhabaleswar Bagha, R/o. Village- Boudh Town (Podapada), P.O./P.S./ Dist.- Boudh, Odisha, PIN- 762014 declare that I have changed my name from BARSHARANI BAGHA to BARSHA RANI BAGHA. Henceforth, I shall be known as BARSHA RANI BAGHA for all purposes.
BARSHA RANI BAGHA
D-3124

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**LEGAL NOTICE**

**ମାନ୍ୟବର ଅବିଭକ୍ତ ଆୟୁକ୍ତ ରିଭିଜନ ଅଦାଲତ ନମ୍ବର- ୪ ଶ୍ରୀ ପ୍ରଦୀପ କୁମାର ନାୟକ (ଭା.ପ୍ର.ସେ) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା**

**ଓ.ଏସ୍.ଏସ୍. କେସ୍ ନମ୍ବର ୬୬୦/୨୦୨୩**

ସୌରୀ ଜେନା .......ବାଦୀ

ବନାମ

ତହସିଲଦାର ଜଟଣୀ ଓ ଓଗେର .......ପ୍ରତିବାଦୀମାନେ

ପ୍ରତିବାଦୀ ନଂ.୩- ଧର୍ମାନନ୍ଦ ମହାପାତ୍ର, ପ୍ରତିବାଦୀ ନଂ.୪- ପାଣ୍ଡବ ମହାପାତ୍ର, ଉଭୟଙ୍କ ପିତା- ୰ଆଦିକନ୍ଦ ମହାପାତ୍ର, ଉଭୟଙ୍କ ଠିକଣା- ସା: ଖୋଲାଦ୍ୱାର, ପୋ: ବଡ଼ତୋଟା, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା।

**ନୋଟିସ୍ ସି.ପି.ସି. ଅର୍ଡ଼ର- ୫, ରୁଲ୍ ୨୦ ମତେ ମୁତାବକ**

ଉପରୋକ୍ତ ଓ.ଏସ୍.ଏସ୍. କେଶ୍ ବାଦୀ ସୌରୀ ଜେନା ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ଅତିରିକ୍ତ କମିସନର ରିଭିଜନ କୋର୍ଟଙ୍କ ଇଜିଲାସରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୩ ଓ ୪ ମୃତ ବୋଲି, ଅଦାଲତରୁ ଯାଇଥିବା ନୋଟିସ୍‌ରେ ଦର୍ଶାଯାଇ ଅଦାଲତକୁ ଫେରସ୍ତ ଆସିଅଛି।

ଏଣୁ ତାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, କୋର୍ଟ ନଂ. ୪ଙ୍କ ଇଜିଲାସ କାର୍ଯ୍ୟାଳୟ ଠାରେ ଆସନ୍ତା ତା ୧୯।୦୧।୨୦୨୬ ରିଖ ଦିବା ଘ.୧୧.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ତଫସିଲ ସମ୍ପତ୍ତିର ବିବରଣୀ**

ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଥାନା ନଂ.- ୪, ମୌଜା: ବେଲପଡା, ସାବକ ଖାତା ନଂ. ୨୯, ପ୍ଲଟ୍ ନଂ. ୨୦, ଏରିଆ ଏ୧.୭୬୪ଡି. ସ୍ୱଧରୁ ଏରିଆ ଏ୦.୭୭୪ଡି., ୧୯୨୯- ୩୦ ପଟ୍ଟା ଅନୁସାରେ

୧୯୬୨ ଖତିଆନ ଅନୁସାରେ ସାବିକ ଖାତା ନଂ. ୬୩, ପ୍ଲଟ୍ ନଂ. ୨୦, ଏ୦.୯୯୧ ଡି. ସ୍ୱଧରୁ ଏରିଆ ଏ୦.୭୭୪ ଡି., ହା. ଖାତା ନଂ. ୬୪, ପ୍ଲଟ୍ ନଂ. ୪୨, ଏରିଆ ଏ୦.୨୨୫ ଡି. ସ୍ୱଧରୁ ଏ୦.୨୦୪ଡି.

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୩ ଓ ୪ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାରେ ଅଂଶଗ୍ରହଣ କରିପାରିବେ। ଅନ୍ୟଥା ଆଇନ ଅନୁସାରେ ଉକ୍ତ ମୋକଦ୍ଦମାର ଫଇସଲା କରାଯିବ।

ଅତିରିକ୍ତ କମିଶନର, ରିଭିଜନ କୋର୍ଟ ନଂ. ୪ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର, କୋର୍ଟ ନଂ. ୪, ଭୁବନେଶ୍ୱର
D-3124

# ସଦାନନ୍ଦର ଡାଇରି



ଗଳ୍ପ

ତେଜସ୍ୱିନୀ ପଣ୍ଡା

ଏ ପିଲା କାହାର, ୟା'ର ମା'ବାପା କିଏ ସେ ନିଜେ ବି ଜାଣନ୍ତିନି! ଅନେକ ପ୍ରଶ୍ନର ପାହାଡ଼ ଉପରେ ଛିଡ଼ାହେଇ ରାଜେନ୍ଦ୍ର ଠାକୁର୍ ସେପଟ ରାସ୍ତାକଡ଼ରେ ପଡ଼ିଥିବା ଛୁଆକୁ ଦେଖୁଥିଲେ ଆଉ ଭାବୁଥିଲେ ଏ ଫୁଲସମ କଅଁଳ ଛୁଆକୁ ରାସ୍ତାରେ ଫୋପାଡ଼ିଥିବା ମା'ବାପା ମଣିଷ ନୁହନ୍ତି, ନରରୂପୀ ରାକ୍ଷସ। ମିଷ୍ଟର ଠାକୁର୍ ତାଙ୍କ ଆଙ୍ଗୁଠି ସନ୍ଧିରୁ ସିଗାରେଟ୍‌କୁ ଫୋପାଡ଼ି ଏକମୁହାଁ ହେଇ ଚାଲିଲେ ସେଇ ଛୁଆଟି ପାଖକୁ। ମିଷ୍ଟର ଠାକୁର୍ ହେଉଛନ୍ତି କୋଲ୍‌କାତାର ଜଣେ ବଡ଼ ଲୁଗା ବ୍ୟବସାୟୀ। କିନ୍ତୁ ଦେଖିବାକୁ କୌଣସି ପୋଲିସ ଅଫିସର୍‌ଠାରୁ ମଧ୍ୟ କମ୍ ନୁହନ୍ତି। ବୟସ ପ୍ରାୟ ପଇଁତିରିଶ ଛୁଇଁବ। ମିଷ୍ଟର ଠାକୁର୍ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଯାଇ ରାସ୍ତାକଡ଼ରୁ ପିଲାଟିକୁ କୋଳକୁ ଉଠାଇ ଆଣିଲେ। ପାଖାପାଖି ଦୁଇ ତିନି ମାସର ଶିଶୁପୁତ୍ର। ହସ ହସ ମୁହଁ। ଟଣାଟଣା ଆଖି। କାନ୍ଦିବା ବଦଳରେ ରାଜେନ୍ଦ୍ର ବାବୁଙ୍କ କୋଳକୁ ଆସି ଛୁଆଟି ହସିବାକୁ ଲାଗିଲା। ଏହା ଦେଖି ରାଜେନ୍ଦ୍ର ବାବୁ ତା' ନାଁ ରଖିଦେଲେ ସଦାନନ୍ଦ। ଆଣି ତ ଦେଲେ, ପିଲାଟିକୁ ରଖିବେ କୋଉଠି! ସେ ତ ନିଜେ ବାହାସାହା ହୋଇନାହାନ୍ତି। ଘର କହିଲେ ବୁଝାଏ ଲୁଗା ଗୋଦାମକୁ। ତଥାପି ଯତ୍ନର ସହିତ ଗୋଦାମଘରକୁ ଆଣି ପିଲାଟିକୁ ରଖିଲେ। ସଦାନନ୍ଦ ଧୀରେ ଧୀରେ ବଡ଼ ହେଲା। ପଢ଼ିଲା ବୟସ ହେଲା ବେଳକୁ ରାଜେନ୍ଦ୍ର ବାବୁ ସଦାନନ୍ଦକୁ କୋଲ୍‌କାତାର ଗୋଟେ ବଡ଼ ସ୍କୁଲରେ ନାଁ ଲେଖାଇଦେଲେ। ସଦାନନ୍ଦ ନାଁ ପୂର୍ବରୁ ତାଙ୍କର ଠାକୁର୍ ସାଙ୍ଗିଆ ଯୋଡ଼ିଦେଲେ। ପୁଅକୁ ଯୋଉଠୁ ବି ଆଣିଥାଏ, ଏବେ ତ ପୁଅ ମୋର ବୋଲି ଭାବୁଥିଲେ ରାଜେନ୍ଦ୍ର ଠାକୁର୍। ନିଜେ ମିଷ୍ଟର ଠାକୁର୍ ପୁଅକୁ ସ୍କୁଲରେ ନେଇ ଛାଡ଼ନ୍ତି ଓ ଆଣନ୍ତି। ବହୁତ ସ୍ନେହ ଆଦର ଯତ୍ନରେ ସଦାନନ୍ଦକୁ ଲାଳନପାଳନ କରି ସେ ବଡ଼ କଲେ।

ଦିନେ ସ୍କୁଲ ଆସିବା ବାଟରେ ସଦାନନ୍ଦ ଠାକୁର୍ ବାବୁଙ୍କୁ ପଚାରିଲା- ଡାଡି, ମୋର ସାଙ୍ଗମାନଙ୍କୁ ନେବାକୁ ସେମାନଙ୍କ ମଦର୍‌ମାନେ ଆସୁଛନ୍ତି। ମତେ ତ କେବେ ମୋର ମଦର୍ ସ୍କୁଲରୁ ନେବା ପାଇଁ ଆସନ୍ତିନି। ମୋର ମଦର୍ କିଏ ଡାଡି? ସେ ଦେଖିବାକୁ କେମିତି? ମୁଁ ତାଙ୍କ ଭଳି ଦେଖାଯାଏ ନା ତୁମ ଭଳି ଦିଶେ? ମୋର ଟିଚରମାନେ କହନ୍ତି ମୁଁ କାଳେ ତୁମ ଭଳି ଦେଖାଯାଏ। ପୂରା ତୁମ ଭଳି ରଙ୍ଗ, ତୁମ ଭଳି ଆଖି, ନାକ ଆଉ ହସ। ଡାଡି କୁହନା, ମୋର ମଦରଙ୍କ ନାଁ କ'ଣ?

ରାଜେନ୍ଦ୍ର ବାବୁ ପୁଅ କଥା ଶୁଣି ସାମାନ୍ୟ ଟିକେ ହସିଲେ। କହିଲେ- ମୋ' ପୁଅ ୟା' ଭିତରେ କେତେ ବଡ଼ ହେଇଗଲାଣି। ବାବା! ତୁ ବାଟରେ ଗଲାବେଳେ ଗୋଟେ ବଡ଼ ମନ୍ଦିର ପଡ଼େ ଦେଖିଥିବୁ, ତା' ଭିତରେ ତୋ' ମଦର ମାନେ ତୋ' ମାଆ ଅଛନ୍ତି। ତାଙ୍କ ନାଁ କାଳୀ। ସେ ସବୁବେଳେ ପରା ତୋ' ସାଙ୍ଗରେ ଅଛନ୍ତି। ତୁ ଦେଖିନୁ, ଯେତେବେଳେ ତତେ ଜ୍ୱର ହୁଏ, ମୁଁ କେମିତି ତାଙ୍କୁ ଡାକେ ମାଆ କାଳୀ ମୋ' ସଦାନନ୍ଦର ଦେହକୁ ଭଲ କରିଦିଅ। ଆଉ ତା'ପରେ ତୋ' ଜ୍ୱର ଆପେଆପେ ଭଲ ହେଇଯାଏ।

ବାପାଙ୍କ କଥା ଶୁଣି ସଦାନନ୍ଦ ପୁଣି ପ୍ରଶ୍ନ କଲା- ଡାଡୀ! ତାଙ୍କ ନାଁ କାଳୀ କାହିଁକି ଦିଆହୋଇଛି, ସେ କ'ଣ ଦେଖିବାକୁ କଳା?

ମିଷ୍ଟର ଠାକୁର୍ ଉତ୍ତରଦେଲେ- ନା ବାବା, କିଏ କହିଲା ସେ କଳା ବୋଲି; ସେ ତ ଖୁବ୍ ସୁନ୍ଦର ଦେଖିବାକୁ। ତାଙ୍କ ହୃଦୟ ଧଳା। ଯେମିତି ତାଙ୍କ ମନରେ ଆମମାନଙ୍କ ପ୍ରତି କୌଣସି ଘୃଣାଭାବ ନାହିଁ। ବାବା, ଯିଏ କଳା ସିଏ ଯେ ଭଲ ହେଇ ନ ଥିବ ସେମିତି କିଛି ନାହିଁ, ହୁଏତ ଦେଖିବାକୁ ଗୋରା ଲୋକମାନେ ଭଲ ହେଇ ନ ଥିବେ। ସେମାନେ ମଣିଷମାନଙ୍କୁ ଆଉ କୁନିକୁନି ପିଲାମାନଙ୍କୁ ଭଲପାଉ ନ ଥିବେ। ଅନ୍ୟକୁ ସାହାଯ୍ୟ କରୁ ନ ଥିବେ। ଯେମିତି ତୋ' ନାଁ ମୁଁ ସଦାନନ୍ଦ ଦେଇଛି ସେମିତି ତାଙ୍କ ବାପା ତାଙ୍କ ନାଁ କାଳୀ ଦେଇଥିବେ।

ସଦାନନ୍ଦ ବାପାଙ୍କ କଥା ଶୁଣି ମୁଣ୍ଡ ଟୁଙ୍ଗାରିଲା ଆଉ କହିଲା- ଡାଡି! ଦେଖ ଆମେ ବାଟସାରା କଥା ହେଇ ହେଇ ଆମ ଗୋଦାମ ପାଖରେ ପହଞ୍ଚିଗଲେଣି। ଏଇତ ଆମ ଗୋଦାମଘର।

ସମୟର ଚକ ବଡ଼ ସାବଧାନରେ ଘୂରି ଘୂରି ସଦାନନ୍ଦର କୈଶୋର ପାଖରେ ପହଞ୍ଚିଗଲା। ସ୍କୁଲ ଶିକ୍ଷା ସମାପ୍ତି ପରେ ପରେ ରାଜେନ୍ଦ୍ର ବାବୁ ପୁଅକୁ ନେଇ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ନାଁ ଲେଖାଇଲେ। କହିଲେ ବାବା! ନିଜେ ବଙ୍ଗଳା କବି ରବୀନ୍ଦ୍ରନାଥ ଠାକୁର ଏଇ ବିଶ୍ୱବିଦ୍ୟାଳୟକୁ ଗଢ଼ିଛନ୍ତି। ଏହା ତ କୌଣସି କଲେଜ ଭଳି ଲାଗେନି, ଲାଗେ ଆଶ୍ରମ ଭଳି। ସବୁଆଡ଼େ ଶାନ୍ତ, ସରଳ ଓ ସତେଜ ପରିବେଶ। ସଦା ରବୀନ୍ଦ୍ର ସଙ୍ଗୀତର ମୂର୍ଚ୍ଛନା ଭାସି ଆସି ଛବିଳ ପ୍ରକୃତିର ଶୋଭାକୁ ଆହୁରି ମହିମାନ୍ୱିତ କରେ। ଏ ସ୍ଥାନକୁ ଅଧିକାଂଶ ଲୋକ ଶାନ୍ତିନିକେତନ କହନ୍ତି। ଏଇଠି ପ୍ରାୟ କଳାପ୍ରେମୀଙ୍କ ହୃଦୟରେ କବିର ବୀଜ ବିରାଟ ଦ୍ରୁମରେ ପରିଣତ ହୁଏ। କେତେ କେତେ ଜ୍ଞାନୀ ମନୀଷୀ ଏଇ ବିଶ୍ୱବିଦ୍ୟାଳୟର ଗାଥା ସମ୍ପର୍କରେ ସୁବକ୍ତବ୍ୟ ପ୍ରଦାନ କରନ୍ତି। ତୁ ଏଇଠି ରହି ମନଦେଇ ପାଠପଢ଼ିବୁ ବାବା। ମୁଁ ବେଳେବେଳେ ତତେ ଦେଖିବାକୁ ଆସିବି। ବ୍ୟସ୍ତ ହବୁନି କହି ଦୁଇ ଟୋପା ଲୁହ ଝରାଇ ଦେଲେ ମିଷ୍ଟର ଠାକୁର୍। ପୁଅକୁ କେବେ ଛାଡ଼ି ରହିନାହାନ୍ତି ସେ। ବାପା ପୁଅଙ୍କ ଯୋଡ଼ିକୁ ଦେଖିଲେ କେହି କହିବେନି ଯେ ସଦାନନ୍ଦ ତାଙ୍କ ନିଜ ରକ୍ତର ସନ୍ତାନ ନୁହେଁ ବୋଲି।

ସମୟର ଗତି ଏଣିକି କ୍ଷିପ୍ର ହେଲା। ଚାହୁଁ ଚାହୁଁ ବିଶ୍ୱଭାରତୀରୁ ସଦାନନ୍ଦ ବଙ୍ଗଳା ସାହିତ୍ୟରେ ଏମ୍.ଏ. ପାସ୍ କରି କୋଲ୍‌କାତାର ଗୋଟେ କଲେଜରେ ଅଧ୍ୟାପକ ରହିଲା। ସେଇ ବିଶ୍ୱଭାରତୀରେ ପଢ଼ିଲା ସମୟରୁ ହିଁ ତା'ର କବିପଣ ପ୍ରସ୍ଫୁଟିତ ହେଲା। ପରେ ସଦାନନ୍ଦ ଠାକୁର୍ ଆଜି ଜଣେ ଶ୍ରେଷ୍ଠ ମାନବବାଦୀ କବି। ଦେଶ-ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ନିଜ ଲେଖନୀ ମୁନରେ କବିତାର ରୂପ ଦେଇ ସେ ଲେଖନ୍ତି ସମରଭୂମିର କାହାଣୀ। ଏସବୁ ଶୁଣି ରାଜେନ୍ଦ୍ର ବାବୁଙ୍କ ମନ ଆନନ୍ଦିତ। ପୁଅ ତାଙ୍କର ନାଁ ରଖିଛି। ବାପା ନ ହେଇକି ବି ବାପା ଭୂମିକାର ପାରିବାପଣ ଓ ଅବଦାନକୁ ତାଙ୍କ ଗୋଦାମର କର୍ମଚାରୀମାନେ ଆଜି ବାଃ ବାଃ କରୁଛନ୍ତି। ସଦାନନ୍ଦ ଆଜିଯାଏ ଜାଣିନି ଯେ ରାଜେନ୍ଦ୍ର ବାବୁ ତା'ର ପ୍ରକୃତ ବାପା ନୁହନ୍ତି। ତା'ର ମା'ବାପା କିଏ ମୁଁ ନିଜେ ବି ଜାଣିନି। କେତେଥର ସଦାନନ୍ଦକୁ ସବୁ ସତ କଥା କହିବେ କହିବେ ବୋଲି ଚିନ୍ତା କରିଛନ୍ତି, କିନ୍ତୁ ସେ କହିପାରି ନାହାନ୍ତି। ଆଜି ରବିବାର। ସଦାନନ୍ଦ ଆଜି କଲେଜ ଯିବନି। ମିଷ୍ଟର ଠାକୁର୍ ଭାବିଛନ୍ତି ପୁଅକୁ ଆଜି ରାତିରେ ବସି ସବୁ କଥା କହିବେ। ରାତି ଆଠଟା। ରାଜେନ୍ଦ୍ର ବାବୁ ସଦାନନ୍ଦ ପାଖକୁ ମନରେ ଭୟ ଓ ଆଶଙ୍କା ଭରି ଗଲେ। ପାଖକୁ ଯାଇ ଦେଖିଲେ ସଦାନନ୍ଦ କିଛି ଗୋଟେ ଲେଖୁଛି, କଲମର ବେଗ ବି ତୀବ୍ର ଅଛି। ଏବେ ଡାକିଦେଲେ ସେ କାଳେ ଅନ୍ୟମନସ୍କ ହେବ ଜାଣି ତା' ପାଖରେ ବସିଲେ, କିନ୍ତୁ କିଛି କହିଲେନି। ସଦାନନ୍ଦ କାଗଜ ଉପରୁ ମୁଣ୍ଡ ଉଠାଇ ଦେଖେ ତ ଡାଡି ତା' ପାଖରେ ବସିଛନ୍ତି। ସଦାନନ୍ଦ ସାଙ୍ଗେ ସାଙ୍ଗେ କହିଲା- ଡାଡି ତୁମେ ଏଠି, ଆସିଛ ଭଲ କରିଛ। ଦେଖିଲ ମୁଁ ଗୋଟେ କବିତା ଲେଖୁଥିଲି, ଭଲ ହେଇଛି କି ନାହିଁ, ତୁମକୁ ଭଲ ଲାଗୁଛି କି ନାହିଁ ଦେଖିଲ ଟିକେ। ମିଷ୍ଟର ଠାକୁର୍ ଡାଇରିଟିକୁ ହାତକୁ ନେଇ ଦେଖିଲେ କବିତାର ଶୀର୍ଷକ ରହିଛି 'ମାଆର ସଂଜ୍ଞା'। କବି ସଦାନନ୍ଦ ସେଦିନ ମାତୃମନସ୍କ ହେଇଯାଇଥିଲେ। କବିତାର ଶେଷଧାଡ଼ିରେ ଲେଖାଥିଲା- ମୋ' ମାଆ କିଏ? ଯିଏ ମନ୍ଦିରରେ ପ୍ରତିମା ରୂପରେ ପୂଜା ପାଏ ନା ଯିଏ ମତେ ତା' ଗର୍ଭରୁ ଜନ୍ମ ଦେଇଛି!

ମିଷ୍ଟର ରାଜେନ୍ଦ୍ର ଠାକୁରଙ୍କ ପିତୃତୁଲ୍ୟ ନୟନ ଏଇ ମୁହୂର୍ତ୍ତରେ ଦୁଃଖର କୋହ ଓ ପୁତ୍ରର ମୋହରେ ଓଦା ହେଇଆସୁଥିଲା।

ମୋ: ୯୬୯୨୩୬୧୪୦୪

## ପୁସ୍ତକ ପରିଚୟ

### ଶେଷ ସାକ୍ଷାତ




**ଲେଖକ:** କ୍ଷୀରୋଦ ଦାସ
**ପ୍ରକାଶକ:** ବିଦ୍ୟାପୁରୀ, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୦୦/-

ମୋଟ ୧୧ଟି ଗଳ୍ପ ଆଲୋଚ୍ୟ ଗଳ୍ପସଂକଳନରେ ସ୍ଥାନିତ। ଗଳ୍ପଗୁଡ଼ିକ ହେଲା- ଗୋଟିଏ ଭଲଦିନ, ଅତିଥି, ଶେଷ ସାକ୍ଷାତ, ଚିନ୍ତକ, ଛଦ୍ମ ଜୀବନ, ମାୟାନ୍ଧକାର, ଦେହ ଓ କୋହ, ଧୋକା, ଛୋଟ ମଣିଷ, ମୁହୂର୍ତ୍ତେ ଜୀବନ ଓ ପୁଣ୍ୟ ପାପ। ବହିର ଚାରି ନମ୍ବର ଗପ 'ଚିନ୍ତକ'। ସରକାରୀ ଚାକିରି କରିଥିବା ଜଣେ ଲେଖକ, ଯିଏ ନିଜର ଲେଖକ ପରିଚୟରେ ଖୁସି ନ ହୋଇ ଖୁସି ହୁଅନ୍ତି 'ଚିନ୍ତକ' ପରିଚୟରେ। ସହିଦ ନଗର ଶୋରୁମ୍‌ରୁ 'ଚିନ୍ତକ' ଜଣକ କିଣିଥିବା ଦାମୀ ଉଡ୍‌ଲ୍ୟାଣ୍ଡ୍ ବ୍ରାଣ୍ଡ୍‌ର ଜୋତାକୁ ମୂଷା କାଟି ଖିନ୍‌ଭିନ୍ କରିଦେବା ପରେ ସେ ଶୋ'ରୁମ୍‌କୁ ଯାଇ ତାହା ବଦଳ ବା ମରାମତି କରାଯାଇ ପାରିବ କି ନା ପଚାରିଛନ୍ତି ଓ ଉତ୍ତରରେ 'ନା' ପଦ ଶୁଣି ନିରୁପାୟ ହୋଇ ୯ ନମ୍ବର ଛକର ଏକ ଝଙ୍କା ଗଛତଳେ ବସି ଜୋତା ସିଲେଇ କରୁଥିବା ଅଶୀତିପର ବୃଦ୍ଧଙ୍କ ନିକଟକୁ ଯାଇଛନ୍ତି। ଚିନ୍ତକ ଭାବିଥିଲେ ତାଙ୍କ ଚାଟୁକାରଙ୍କ ଭଳି ବୁଢ଼ା ତାଙ୍କୁ ସମ୍ଭ୍ରମତାର ସହିତ ସମ୍ମାନ ଜଣାଇବ ଓ ସାଙ୍ଗେ ସାଙ୍ଗେ ଅନ୍ୟ କାମ ଛାଡ଼ି ତାଙ୍କ ଜୋତାକୁ ଆଗ ମରାମତି କରିଦେବ। କିନ୍ତୁ ସେପରି କିଛି ହେଲା ନାହିଁ। ବୁଢ଼ା ତା' କାମ ଓ କାମର ଗୁଣାଗୁଣ ପ୍ରତି ଥିଲା ସମର୍ପିତ। ଆତ୍ମପ୍ରଚାର ପାଇଁ ନ ଥିଲା ବ୍ୟଗ୍ରତା। ଦୁଇଦିନ ସମୟ ନେଇ ଜୋତାଟିକୁ ମରାମତି ପୂର୍ବକ ସେ ନୂଆ ପରି କରିଦେଲା। ଚିନ୍ତକଙ୍କ ଗଉଁ କ୍ଷୀରୋଦ ଭାଙ୍ଗିଛନ୍ତି, ଜଣେ ସାମାନ୍ୟ ମୋଚିକୁ ଗଳ୍ପରେ ତାଙ୍କର ପ୍ରତିସ୍ପର୍ଦ୍ଧୀ ଭାବେ ଉଭା କରାଇ। ବିଡ଼ମ୍ବନାର ବିଷୟ ଯେ, ଚିନ୍ତକଙ୍କ ଜୋତାକୁ ମରାମତି ପରେ ମୋଚି ଯେଉଁ ଖବରକାଗଜରେ ଗୁଡ଼ାଇଛି, ସେଇ କାଗଜଟିରେ ପ୍ରକାଶ ପାଇଥାଏ ଚିନ୍ତକଙ୍କ ଭାଷଣ ଓ ତାଙ୍କର ଫଟୋ। ଏଥିରେ ନିହିତ ବ୍ୟଙ୍ଗଟି ବେଶ୍ ଗୁରୁତ୍ୱପୂର୍ଣ୍ଣ। କିଏ ପ୍ରକୃତରେ ଚିନ୍ତକ? ସ୍ୱାଭିମାନୀ ମୋଚି ବୁଢ଼ା ନା ଅହଂମନ୍ୟ ଚିନ୍ତକ ହରିହର? ବହିର ପ୍ରାୟ ଗଳ୍ପ ଜୀବନ ଓ ସମାଜ ପାଇଁ ଏକ ଏକ ସଫଳ ବାର୍ତ୍ତା ବହନ କରନ୍ତି, ଅଥଚ କଳା ସହ କେଉଁଠି ସାଲିସ୍ ନାହିଁ।

### ବିନ୍ଦୁ ସୀମା




**କବୟିତ୍ରୀ:** ଅସୀମା ସାହୁ ଓ ବିନ୍ଦୁ ନିବେଦିତା
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/-

ଏ ଏକ ଭିନ୍ନ ଧରଣର କବିତାଗ୍ରନ୍ଥ। ଦୁଇ କବୟିତ୍ରୀଙ୍କ ଭାବ-ଭାବନାର ଏହା ଯୁଗଳବନ୍ଦୀ। ଗ୍ରନ୍ଥରେ ୫୦ଟି ଲେଖାଏଁ କବିତା ଅଛି ପ୍ରତ୍ୟେକଙ୍କର। ଅର୍ଥାତ୍ ମୋଟ ଶହେଟି କାବ୍ୟିକ ନିବେଦନ। 'ଫେସ୍‌ବୁକ୍'ରେ ଜଣଙ୍କର ଅନୁଭବରେ ପ୍ରତି-ଅନୁଭବ ବାଢ଼ି ବସୁବସୁ କବିତାଗୁଡ଼ିକ ପରିଣତିରେ ଗ୍ରନ୍ଥରୂପ ନେଇଛି। 'ଆମକଥା'ରେ ବିନ୍ଦୁ-ନିବେଦିତା ଲେଖିଛନ୍ତି: ''ଯେବେ ମୁଁ ଅସୀମାର କବିତା ପଢ଼େ, ଆପେଆପେ ତା' ମଧ୍ୟରେ ଏକ ଚରିତ୍ର ପାଲଟିଯାଏ ଏବଂ ପ୍ରତିକ୍ରିୟାରେ ସ୍ୱତଃସ୍ଫୂର୍ତ୍ତ ଭାବେ ମୋ ହୃଦୟରୁ କିଛି ପଙ୍କ୍ତି ଝରିଆସେ, ହୁଏତ ସେପରି କିଛି ଅନୁଭବ ତାଙ୍କର ବି ଥିବ। ଏହି କବିତା ହିଁ ଆମ ବନ୍ଧୁତାର ବୁନିଆଦି ଅଟେ, ଯାହା ଆମ ଭିତରେ ଏକ ଭାବଗତ ସମ୍ପର୍କର ଡୋରି ବାନ୍ଧିଥିଲା। ଆମ ପ୍ରେମ ଓ ପ୍ରତ୍ୟୟକୁ ଏକ ନୂଆ ଉଡ଼ାଣ ଦେଇଥିଲା।'' 'ଚର୍ଚ୍ଚା ଭଲପାଏ' ଶୀର୍ଷକ କବିତାରେ ଅସୀମା ଲେଖନ୍ତି- ''ଚର୍ଚ୍ଚା ନାହିଁ ତ ଜୀବନ କ'ଣ?/ ଜନ୍ମରୁ ମୃତ୍ୟୁଯାଏଁ/ ଲୋଡ଼ା ମୋର ଚର୍ଚ୍ଚା ଆଉ ଚର୍ଚ୍ଚା।'' ଏହାର ଉତ୍ତରରେ ସହଅନୁଭବୀ ବିନ୍ଦୁ ଲେଖନ୍ତି- ''ଏମିତି ଚର୍ଚ୍ଚାରେ ଥାଅ ଗୋ ରାଣୀ/ ଚର୍ଚ୍ଚିତ ସାମ୍ରାଜ୍ଞୀଟେ ହୁଅ।'' ପ୍ରେମ ଓ ପ୍ରକୃତି ପ୍ରାୟ କବିତାରେ ଲହଡ଼ି ଭାଙ୍ଗନ୍ତି ଏବଂ ଉଭୟଙ୍କର ଅନୁଭବକୁ ପାଠିକାପାଠକଙ୍କ ଅନୁଭବ ସହ ଯୋଡ଼ିବସନ୍ତି। ଓଡ଼ିଆ କବିତାରେ ଏପରି ଦ୍ୱୈତସ୍ୱର କ୍ୱଚିତ୍ ଦେଖିବାକୁ ମିଳେ। ତେବେ ଦୁଇ କବୟିତ୍ରୀଙ୍କ ଭାଷା ପ୍ରୟୋଗ ଆହୁରି ପରିପକ୍ୱତାର ଅପେକ୍ଷା ରଖେ। ଶବ୍ଦର ନିର୍ଭୁଲ୍ ଉଲ୍ଲେଖ ପ୍ରତି ଉଭୟ ଲେଖିକା ଓ ସର୍ବୋପରି ପ୍ରକାଶକଙ୍କଠାରୁ ଅଧିକ ସତର୍କତା ଆଶା କରାଯାଏ।

## କବିତା

### ହେ ଈଶ୍ୱରୀ!

ମନୋରଞ୍ଜନ ଦାଶ

ତୁମ-ମୋ ସମ୍ପର୍କକୁ
ମୁଁ ମାପିନି କେବେ।
କେବଳ ହୃଦୟକୁ ଯୋଡ଼ିଚି ଯାହା...
ଫେଡ଼ାଣ ଓ ହରଣକୁ ଆଡ଼େଇ ଦେଇଚି।
ସମ୍ପର୍କ ତ ଅତୁଆ ସୂତା...

ଜଞ୍ଜାଳର ଭୂଗୋଳକୁ ମାପିବାକୁ
ସମୟ ମୋ ନିଅଣ୍ଟ
ତଥାପି ସମ୍ପର୍କର ସ୍ୱଚ୍ଛତାକୁ ଆଦରି ନେଇ
ବୃଥା କଳଙ୍କକୁ ତୋଳିଚି ମଥାରେ...
ଦିନେ ମୁଁ ଆକାଶକୁ ଅନେଇ ଗୁଣୁଗୁଣେଉ ଥାଏ
ଦୀର୍ଘଶ୍ୱାସ ନେଉଥାଏ, ଅଚାନକ ସେଇ
ମୁହୂର୍ତ୍ତରେ ତୁମ ସହ ଦେଖା...

ବାସ୍ ତା' ପରଠୁଁ ଜୀବନ ଦର୍ଶନ ବିଶ୍ଳେଷଣରେ
ତୁମର ଶ୍ରଦ୍ଧା ଓ ଆତ୍ମିକପଣ...
ଆଉ ମୋର ଚପଳପଣ।
ବାସ୍ ଏଇ ତ ସମ୍ପର୍କ...

ସେଦିନ ଯେମିତି ମୁଁ
ପୋଖରୀରେ ପହଁରୁଥିବାବେଳେ
ତୁମେ ତୁଠରେ ବସି ଅନେଇଥାଅ ମୋତେ
ମୁଁ ଗାଧୋଇସାରିଲା ପରେ ଲୁଣ ଟିକିଏ ଦେଇ
କହିଲ ମୋତେ- ଖାଇଦିଅ, ଥଣ୍ଡା ଧରିବ!
ହଁ, ସଂଘର୍ଷକୁ ସାମ୍ନା କରିବାକୁ
ସାହସ ଜୁଟେଇଥିଲ ତୁମେ
ପୁଣି କହିଥିଲ- ଜୀବନଟା ସଂଘର୍ଷରେ
ପୋଷଣ ପାଇଥାଏ!
ହେ ଦେବୀ! ଏ ସବୁକୁ
ମୁଁ ସାଇତିଛି ମୋ' ଛାତିରେ।

ମୋ: ୯୪୩୭୩୧୭୭୨୨

### ଚାଖଣ୍ଡେ ମାଟି

ଶିବ ମିଶ୍ର

ତମେ ସାରା ଆକାଶ ବାଣ୍ଟିକୁଣ୍ଟି ନେଇଯାଅ
ନେଇଯାଅ ସୂର୍ଯ୍ୟ ଚନ୍ଦ୍ର ତାରାର ଆଲୁଅ
ସେ ସବୁ ମୋର ଲୋଡ଼ା ନାହିଁ,
ଆଜି ଆସିଛି ମୁଁ, କାଲି ଫେରିଯିବା ପାଇଁ।
ମୁଁ ଗଲାପରେ ମୋ' ଛାଇ ରହିବ ଯେଉଁଠି
କେବଳ ସେଥିପାଇଁ ଦେଇଦିଅ ମୋତେ,
ଚାଖଣ୍ଡେକ ମାଟି।

ବାଣପୁର, ଖୋରଧା
ମୋ: ୯୮୫୩୦୭୦୦୧୮

### ବ୍ୟଙ୍ଗ କବିତା

### କୁକୁର ଦୌଡ଼

ପ୍ରଶାନ୍ତ କୁମାର ସାହୁ

କରିବାକୁ ଥରେ ମନ ବଳାଇଲା
କୁକୁର ପ୍ରତିଯୋଗିତା,
ଆସିଲେ ଭାଲୁଆ, ଶେରୁ, ଟାଇଗର,
ବିନ୍ଦାସ, ମିଞ୍ଜାସ, ମେଟା।

ରୟାଲ, ଗୁଗୁଲୁ କେତେ ଯେ ବିଦେଶୀ
ଦିଶୁଥିଲେ ଲମ୍ବା ମୋଟା,
ବଳିଷ୍ଠ ଦେହକୁ ତାଙ୍କ ଗରଜନେ
କମ୍ପୁଥିଲା ପଡ଼ିଆଟା।

ତାଙ୍କରି ଭିତରେ ଗାଉଁଲି କୁକୁର
ଟମି ନାମେ ଥିଲା ଏକ,
ପଞ୍ଜରା ତାହାର ଗଣି ହେଉଥିଲା
ସରୁ ଗୋଡ଼ ସରୁ ବେକ।

ହୁଇସିଲ୍ ମୁହେଁ ନିର୍ଣ୍ଣେତା ଧରିଲେ
କୁକୁର ଛୁଇଁଲେ ଗାର,
ଯେମିତି ବାଜିଲା ହୁଇସିଲ୍ ଗୋଟେ
ଦଉଡ଼ିଲେ ତରତର।

ଅଧା ବାଟ ଯାଇ ବିନ୍ଦାସ, ମିଞ୍ଜାସ,
ଶେରୁ, ମେଟା, ଟାଇଗର,
କଜିଆ କରିଲେ ପରସ୍ପର ମଧ୍ୟେ
ନ ଛାଡ଼ିଲେ ବାଟ କା'ର।

କାମୁଡ଼ାକାମୁଡ଼ି, ଗୋଡ଼ ଟଣାଟଣି
ଦଳା ଚକଟାରେ ମାତି,
କାହାର ଛିଡ଼ିଲା ମୁହଁ ଗୋଡ଼ ପିଠି
କାହାର ଛିଡ଼ିଲା ଛାତି।

ବିଚରା ଟମିଟା ଲାଞ୍ଜ ଜାକି ଧୀରେ
ଖସି ପଳାଇଲା ବେଗେ,
ଭୟରେ ହେଉକି ହେଉ ଚାଲାଖିରେ
ଛୁଇଁ ଦେଲା ସୀମା ଆଗେ।

ଦୌଡ଼ ଜିତି ଟମି ବିଜୟ ମୁକୁଟ
ପିନ୍ଧିଲା ଯେବେ ମୁଣ୍ଡରେ,
ଯେତେ ଥିଲେ ସବୁ ବିଦେଶୀ କୁକୁର
ଜଳିଲେ ଅନୁତାପରେ।

ମୋ: ୯୭୭୭୦୯୦୦୫୬

## କାଳକାଳକୁ



''ପ୍ରକୃତ ଲେଖକ ସେଇମାନେ,
ଯେଉଁମାନେ ଭାଷାକୁ
ଏକ ପ୍ରକ୍ରିୟା ଭାବେ ନ ଦେଖି
ଦେଖନ୍ତି ଜୀବନ୍ତ ସତ୍ତା ଭାବେ।''
-ଡେରେକ୍ ୱାଲ୍‌କଟ୍

**ଡେରେକ୍ ୱାଲ୍‌କଟ୍‌ଙ୍କ** ଜନ୍ମ ୨୩ ଜାନୁଆରୀ ୧୯୩୦ରେ ଓ ପରଲୋକ ୧୭ ମାର୍ଚ୍ଚ ୨୦୧୭ରେ ବ୍ରିଟିଶ୍ ସାମ୍ରାଜ୍ୟର ସେଣ୍ଟ ଲୁସିଆରେ। ସେ ଏକାଧାରରେ କବି, ନାଟ୍ୟକାର, ଶିକ୍ଷକ, ସମାଲୋଚକ ଓ ଖବରଜୀବୀ। ସାହିତ୍ୟରେ ଉତ୍ତର-ଉପନିବେଶବାଦର ଏହି ପ୍ରମୁଖ ପ୍ରବକ୍ତାଙ୍କର ପ୍ରଖ୍ୟାତ ଗ୍ରନ୍ଥମାନଙ୍କ ମଧ୍ୟରେ ରହିଛି- 'ଡ୍ରିମ୍‌ଅନ୍‌ମଙ୍କିମାଉଣ୍ଟେନ୍' (୧୯୬୭), 'ଓମେରସ୍' (୧୯୯୦) ଓ 'ହ୍ୱାଇଟ୍‌ଇଗ୍ରେଟ୍‌ସ' (୨୦୦୭)। ସାହିତ୍ୟକୁ କାଳଜୟୀ ଅବଦାନ ପାଇଁ ୧୯୯୨ରେ ସେ ନୋବେଲ ପୁରସ୍କାରରେ ସମ୍ମାନିତ। 'ହ୍ୱାଇଟ୍ ଇଗ୍ରେଟସ୍' ପୁସ୍ତକ ପାଇଁ ୨୦୧୦ରେ ତାଙ୍କୁ ମିଳେ ଟି.ଏସ୍. ଏଲିୟଟ୍ ପୁରସ୍କାର'। ୧୯୫୯ରେ ଗଠିତ 'ତ୍ରିନିଦାଦ୍ ନାଟ୍ୟକର୍ମଶାଳା'ର ସେ ପ୍ରତିଷ୍ଠାତା। ସେ କହନ୍ତି: ''ପୃଥିବୀର ପ୍ରେମରେ ପଡ଼ିବା ହେଉଛି କବିତାର ଭାଗ୍ୟ।''

## ସୃଜନ-ଆଳାପ

# ଲୋକ ବୁଝିବା ଭାଷାରେ ମୁଁ ଗୀତ ଲେଖେ



ସରୋଜ ବିଶ୍ୱାଳ

**ପ୍ର:** ସାହିତ୍ୟର ବିଭିନ୍ନ ଅଙ୍ଗ ଯଥା- କବିତା, ଗଳ୍ପ, ପ୍ରବନ୍ଧ ଇତ୍ୟାଦି କ୍ଷେତ୍ରରେ ଆପଣ ପାରଦର୍ଶିତା ଅର୍ଜନ କରିଥିଲେ ବି ଗୀତିକାର ହେବାକୁ ମନ ବଳାଇଲେ କାହିଁକି?


**ଉ:** ଏସବୁ ସାରସ୍ୱତ ଉପାଦାନ ଜନ୍ମରୁ ମୋ' ସହ ଥିଲା ଓ ସମୟାନୁସାରେ ତା'ର ପରିପ୍ରକାଶ ଘଟିଲା। କିନ୍ତୁ ମୋ' ଭିତରେ ଥିବା ଗୀତ ବା ଗୀତିକବିତା ମୋର ଅନ୍ୟ ସୃଷ୍ଟିଙ୍କ ଠାରୁ ଆଗେଇଗଲା ଓ ଜଣେ ଗୀତିକାର ଭାବେ ମତେ ପରିଚିତ କରାଇଲା।

**ପ୍ର:** ପ୍ରଥମ ଗୀତରୁ ଆପଣ ଜଣେ ସଫଳ ଗୀତିକାରର ଯଶ ଅର୍ଜନ କରିଛନ୍ତି। ଏ ବିଷୟରେ କିଛି କହିବେ କି?

**ଉ:** ଗୀତିକାର ଭାବେ ମୁଁ ସଫଳ କି ନୁହେଁ, ତାହା କହିପାରିବି ନାହିଁ। ଶ୍ରୋତା ହିଁ ଏହାର ନିର୍ଣ୍ଣାୟକ। ୨୦୦୮ରେ ମୋ ପ୍ରଥମ ଭଜନ ଆଲବମ 'ଆହେ ନୀଳ ଶଇଳ' ମୁକ୍ତିଲାଭ କରିଥିଲା। ଶୀର୍ଷକ ଗୀତ ସହ ଏ ସିଡୀ ପାଇଁ ବଛାଯାଇଥିବା ସମୁଦାୟ ଆଠଟିଯାକ ଗୀତ ମୁଁ ଲେଖିଥିଲି। ପ୍ରସିଦ୍ଧ ସଂଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସଲା ଗୀତଗୁଡ଼ିକୁ ସ୍ୱର ଦେଇଥିବାବେଳେ କୁମାର ବାପି, ଶୈଳଭାମା ମହାପାତ୍ର, ଶ୍ରୀଚରଣ ମହାନ୍ତି, ସସ୍ମିତା ମିଶ୍ର, ସୁଧାକର ମିଶ୍ର, ଧୀରଜ, ତପସ୍ୱିନୀ ପ୍ରମୁଖ କଣ୍ଠଦାନ କରିଥିଲେ।

**ପ୍ର:** ଲୋକପ୍ରିୟତା ଅର୍ଜନ କରିଥିବା ଆପଣଙ୍କ ଗୀତଗୁଡ଼ିକ କ'ଣ? ତହିଁରୁ କେଉଁଟି ଆପଣଙ୍କୁ ଅଧିକ ଆତ୍ମସନ୍ତୋଷ ଦେଇଛି?




**ଉ:** ମୁଁ ୧୨ ଶହରୁ ଊର୍ଦ୍ଧ୍ୱ ଗୀତ ଲେଖିଛି। ଏଥିରୁ ୩୯୨ଟି ଗୀତ ରେକର୍ଡ ହୋଇ ବାଜିଛି। ଆହେ ନୀଳ ଶଇଳ, ତୁ ରେଶମୀ ସୂତା ମୁଁ କାଗଜ ଗୁଡ଼ି, କହ ମୋ ରାଇଜରେ କ'ଣ ନାହିଁ, ତୁ ସରକାରୀ ଦଳ ଝିଅ ମୁଁ ବିରୋଧୀ ଦଳ ପୁଅ, କ୍ଷେତ୍ରବାସୀ କ୍ଷେତ ମୋର ଉଜାଡ଼ି ଦେଲୁ, ମାଟିର ଛାତିରେ ଫିଟିବ ବାଟ, ତୋ ଆଖି ବଡ଼ ବେଇମାନ, ଇନ୍ଦ୍ରଧନୁର ଛାଇ, ହେ ମଣିଷ, ତୋ ମୁହଁ ଦିଶେ ଖୋଲିଲେ ବହି, ବୋଧେ ଶୋଇନ ଆଖିତଳ କଳାପଡ଼ିଛି, ଛକ ଟୋକା, ଆ ଜହ୍ନମାମୁଁ, ରୁଟି ପରି ଦିଶେ ଜହ୍ନ, ଝିପିରି ଝାଏଁ ଇତ୍ୟାଦି ବେଶ୍ ଲୋକପ୍ରିୟତା ଅର୍ଜନ କରିଛି। ତେବେ ମୁଁ ଏଯାଏଁ କୌଣସି ଗୀତରେ ସମ୍ପୂର୍ଣ୍ଣ ଆତ୍ମସନ୍ତୋଷ ଲଭି ନାହିଁ।

**ପ୍ର:** ଆପଣଙ୍କ ଗୀତର ଶବ୍ଦ, ଶୈଳୀ ଓ କାହାଣୀ ଅନ୍ୟ ଗୀତିକାରଙ୍କଠୁଁ ଭିନ୍ନ। ଗୀତରେ ଆପଣ ଅଶ୍ଳୀଳତାର ବିରୋଧୀ। କ'ଣ କହିବେ?

**ଉ:** ମୋ' ଗୀତର ଶବ୍ଦ ପ୍ରାୟତଃ ଗାଉଁଲି। ସମସ୍ତେ ବୁଝିପାରୁଥିବା ଅଥଚ ନୂଆ ଲାଗୁଥିବା ଗ୍ରାମୀଣ ଶବ୍ଦ ଓ ବିଲୁପ୍ତ ପ୍ରାୟ ଢଗଢମାଳିର ପ୍ରୟୋଗ ମୁଁ କରିଥାଏ। ମୋର ପ୍ରତ୍ୟେକ ଗୀତରେ ଗୋଟିଏ ଗୋଟିଏ କାହାଣୀ ଥାଏ। ଶ୍ରୋତାଙ୍କୁ ଗୀତଟି ଶେଷଯାଏ ଶୁଣିବା ପାଇଁ ତାହା ପ୍ରବର୍ତ୍ତାଇଥାଏ। ରାତାରାତି ଚର୍ଚ୍ଚାକୁ ଆସିବା ପାଇଁ କିଛି ଅଶ୍ଳୀଳ ବା ଦ୍ୱିଅର୍ଥବୋଧକ ଗୀତ ବଜାରକୁ ଆସିଥାଏ। ମୁଁ ଏହାର ଘୋର ବିରୋଧୀ। ମୋ' ମତରେ- ଜଣେ ସାରସ୍ୱତ ସ୍ରଷ୍ଟା ଭାବେ ପ୍ରତ୍ୟେକ ଗୀତିକାରଙ୍କର ସାମାଜିକ ଦାୟିତ୍ୱ ଅଛି।

**ପ୍ର:** ଆପଣ ଏକାଧାରରେ ସମାଜସେବୀ, ପରିବେଶବିତ୍, ସାହିତ୍ୟିକ ଓ ସାମ୍ବାଦିକ। ଏତେ ଭୂମିକା କିପରି ତୁଲାନ୍ତି?

**ଉ:** ବଞ୍ଚିତ ଲୋକଙ୍କ ଅଧିକାର, ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା, ଭାଷା ଚଷା ନିଶା ଆନ୍ଦୋଳନ ସହ ସମାଜର ସବୁ ବର୍ଗକୁ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ମୁଁ ରାସ୍ତାକୁ ଓହ୍ଲାଏ। ଓଡ଼ିଆ ଭାଷାକୁ ସରକାରୀ ଭାଷା କରିବା ପାଇଁ ଅନ୍ୟ ସତୀର୍ଥଙ୍କ ସହ ମୁଁ ଓଡ଼ିଶାର ୧୯୨ ବ୍ଲକ ବୁଲିଛି। ପରିବେଶ ବିଗୁଡ଼ୁଥିବା ଲକ୍ଷ୍ୟ କରି ପରିବେଶ ସୁରକ୍ଷା ପାଇଁ ଧ୍ୟାନ ଦେଇଛି। ବୃକ୍ଷରୋପଣ ସହ ବାୟୁ, ଜଳ, ମୃତ୍ତିକା, ଶବ୍ଦ ପ୍ରଦୂଷଣ ଉପରେ ସଚେତନତା ସୃଷ୍ଟି କରୁଛି। ପରିବେଶ କାମ ପାଇଁ ମୁଁ ଜାତୀୟସ୍ତରରେ ସମ୍ମାନିତ ହୋଇଛି। ତେବେ ସମାଜସେବା କିମ୍ବା ପରିବେଶ କାମ ପାଇଁ ମୋର କୌଣସି ପଞ୍ଜୀକୃତ ସଂସ୍ଥା ନାହିଁ। ସାଧାରଣ ଲୋକଙ୍କ ସହ ମିଶି ସେମାନଙ୍କ ସହଯୋଗରେ ଏସବୁ କରେ।

**ପ୍ର:** ସାମ୍ବାଦିକତା ପାଇଁ ସାହିତ୍ୟ ଜରୁରୀ କି?

**ଉ:** ମୋର ସାମ୍ବାଦିକ ଜୀବନ 'ଧରିତ୍ରୀ' ଖବରକାଗଜରୁ ଆରମ୍ଭ। ଧରିତ୍ରୀରୁ ମୁଁ ବହୁତ କିଛି ଶିଖିଛି। ଜଣେ ସାହିତ୍ୟିକ ଭାବେ ମୁଁ କବିତା ଲେଖେ। ମୋର କବିତା ସଂକଳନ 'ମାଟିଆଟୋକା' ପାଠକୀୟ ଆଦୃତି ପାଇଛି। 'କହେ ଓଡ଼ିଆ' ନାମକ ଏକ ପତ୍ରିକା ମୁଁ ସମ୍ପାଦନା କରେ, ଯେଉଁ ପତ୍ରିକା ଦାବି କରିଥିଲା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ। ସାମ୍ବାଦିକତା ପାଇଁ ସାହିତ୍ୟର ଆବଶ୍ୟକତା ରହିଛି।

**ପ୍ର:** ସମାଜକୁ ଆପଣଙ୍କ ବାର୍ତ୍ତା କ'ଣ?

**ଉ:** ଏ ସୃଷ୍ଟି ଓ ସମାଜ ଆମକୁ ମାଗଣାରେ ବହୁତ କିଛି ଦେଇଛି; ସୂର୍ଯ୍ୟ କିରଣ, ବର୍ଷା, ପବନ, ଅନ୍ୟର ଶ୍ରଦ୍ଧା, ସମ୍ମାନ ଏମିତି କି ଏ ଜୀବନ ବି ଆମେ ମାଗଣାରେ ପାଇଛନ୍ତି। ତେଣୁ ସମାଜ ପାଇଁ କିଛି ନ କଲେ ଆମେ ଧାରୁଆ ହୋଇ ରହିଯିବା।

ପ୍ରସ୍ତୁତି: ସୁରଞ୍ଜନ ପାତ୍ର



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଜାତୀୟ ସବ୍‌ଜୁନିୟର ବାଳିକା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ ଅବସରରେ ଖେଳାଳିଙ୍କ ଗହଣରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅତିଥିବୃନ୍ଦ। (ଫଟୋ: ବିକାଶ ନାୟକ)

# ବାଂଲାଦେଶ ଯିବେ ଆଇସିସି ଅଫିସିଆଲ

## ଟି୨୦ ବିଶ୍ୱକପ୍ ବିବାଦ

ଦୁବାଇ, ୧୬।୧(ପି.ଟି.)

ଆସନ୍ତା ମାସରେ ଭାରତରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ବାଂଲାଦେଶର ଅଂଶଗ୍ରହଣ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ ଲାଗି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି)ର ଏକ ଦୁଇଜଣିଆ ଦଳ ଶନିବାର ବାଂଲାଦେଶ ଗସ୍ତରେ ଯିବ। ସୁରକ୍ଷାଜନିତ କାରଣ ଦର୍ଶାଇ ଟୁର୍ନାମେଣ୍ଟର ମ୍ୟାଚ୍ ଖେଳିବା ଲାଗି ଭାରତ ଆସିବାକୁ ମଙ୍ଗୁନାହିଁ ବାଂଲାଦେଶ। ବିଶେଷକରି କୋଲ୍‌କାତା ଏବଂ ମୁମ୍ବାଇରେ ଏହାର ଖେଳାଳିମାନଙ୍କ ପ୍ରତି ବିପଦ ରହିଛି। ଟୁର୍ନାମେଣ୍ଟ ନିକଟରେ ହେବାକୁଥିବାରୁ ବାଂଲାଦେଶର ପ୍ରସ୍ତାବ ଅନୁସାରେ ଏହାର ମ୍ୟାଚ୍‌ଗୁଡ଼ିକ ପାଇଁ ନିରପେକ୍ଷ ଭେନ୍ୟୁ ସ୍ଥିର କରିବା ସହଜ ନୁହେଁ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଏକ ନିର୍ଦ୍ଦେଶନାମାରେ କୋଲ୍‌କାତା ନାଇଟ ରାଇଡର୍ସ(କେକେଆର୍) ବାଂଲାଦେଶ ଜାତୀୟ ଦଳର ପେସ୍ ବୋଲର ମୁସ୍ତାଫିଜୁର ରହମନଙ୍କ ସହ ଆଇପିଏଲ୍ ଚୁକ୍ତି ବାତିଲ କରିବା ପରେ ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ତରଫରୁ ଏପରି ଦାବି ଉପସ୍ଥାପନ କରାଯାଇଛି।

# ଜାତୀୟ ସବ୍‌ଜୁନିୟର ରଗ୍‌ବୀ ୭ଏସ୍ ଉଦ୍‌ଘାଟିତ



ଟ୍ରଫି ସହ ଓଡ଼ିଶାର ଡୁମୁନି ମାର୍ଣ୍ଡି।

## ଭାଗନେଲେ ୪୮ ଦଳର ୬୦୦ରୁ ଊର୍ଦ୍ଧ୍ୱ ଖେଳାଳି

ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ବାଳିକା ଜାତୀୟ ସବ୍‌ଜୁନିୟର ରଗ୍‌ବୀ ୭ଏସ ଚାମ୍ପିୟନଶିପ୍ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସମ୍ମାନଜନକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଭାରତୀୟ ଦଳର ଉପ ଅଧିନାୟିକା ଓଡ଼ିଶାର ଡୁମୁନି ମାର୍ଣ୍ଡି ଏହି ଉତ୍ସବକୁ ଟ୍ରଫି ବାହକ ହୋଇଥିଲେ।

### ଓଡ଼ିଶାର ପ୍ରଭାବୀ ପ୍ରଦର୍ଶନ

ଏହି ପ୍ରତିଯୋଗିତାରେ ଓଡ଼ିଶା ପ୍ରଭାବୀ ପ୍ରଦର୍ଶନ କରି ଡବଲ ବିଜୟ ସହ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଉଦ୍‌ଘାଟନୀ ମ୍ୟାଚରେ ରାଜସ୍ଥାନକୁ ୨୮-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶାର ପରବର୍ତ୍ତୀ ଲିଗ୍ ମ୍ୟାଚରେ ଉତ୍ତର ପ୍ରଦେଶକୁ ୩୫-୦ ଗୋଲରେ ପରାସ୍ତ କରିଛି। ଦୁଇଟି ଯାକ ମ୍ୟାଚରେ ଓଡ଼ିଶା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଏପରିକି ପ୍ରତିପକ୍ଷ ଦଳକୁ ଗୋଲ ଦେବାର ସୁଯୋଗ ମଧ୍ୟ ଦେଇ ନ ଥିଲା। ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା ଓ ଉତ୍ତରାଖଣ୍ଡ ମଧ୍ୟରେ ମୁକାବିଲା ହେବ। ଅନ୍ୟ ଲିଗ୍ ମ୍ୟାଚ ଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ର ୩୩-୦ରେ ଆସାମ, ବିହାର ୬୭-୦ରେ ଝାଡ଼ଖଣ୍ଡ, ଦିଲ୍ଲୀ ୨୯-୦ରେ ଆନ୍ଧ୍ର ପ୍ରଦେଶ, ପଶ୍ଚିମବଙ୍ଗ ୧୭-୧୦ରେ କେରଳ, ଗୁଜରାଟ ୪୫-୦ରେ ତେଲେଙ୍ଗାନା, ଦାଦ୍ରା ଆଣ୍ଡ ନଗର ହାଭେଲି ଆଣ୍ଡ ଡାମନ ଡିଉ ୭-୦ରେ ହରିୟାଣା, ଛତିଶଗଡ଼ ୧୨-୦ରେ ହିମାଚଳ ପ୍ରଦେଶ, ଜମ୍ମୁ କଶ୍ମୀର୧୦-୭ରେ ଆସାମ, ଝାଡ଼ଖଣ୍ଡ ୧୪-୦ରେ ମଣିପୁର, ଉତ୍ତରାଖଣ୍ଡ ୫-୦ରେ ଆନ୍ଧ୍ର ପଥଦେଶ ଏବଂ ପଶ୍ଚିମବଙ୍ଗ ୩୬-୦ରେ ପଞ୍ଜାବକୁ ପରାସ୍ତ କରିଛି। ସେହିପରି ଚଣ୍ଡିଗଡ଼ ୨୨-୦ରେ ତେଲେଙ୍ଗାନା, ଦାଦ୍ରା ଆଣ୍ଡ ନଗର ହାଭେଲି ଆଣ୍ଡ ଡାମନ ଡିଉ ୨୧-୭ରେ ମଧ୍ୟ ପ୍ରଦେଶ, କର୍ନାଟକ ୨୪-୦ରେ ହିମାଚଳ ପ୍ରଦେଶ, ରାଜସ୍ଥାନ ୧୪-୧୦ରେ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ୪୦-୦ରେ ଜମ୍ମୁ କଶ୍ମୀର, ବିହାର ୬୪-୦ରେ ମଣିପୁର, ଦିଲ୍ଲୀ ୪୦-୭ରେ ଉତ୍ତରାଖଣ୍ଡ, କେରଳ ୨୭-୭ରେ ପଞ୍ଜାବ, ଚଣ୍ଡିଗଡ଼ ୨୬-୦ରେ ଗୁଜରାଟ, ହରିୟାଣା ୭-୦ରେ ମଧ୍ୟ ପ୍ରଦେଶ ଏବଂ କର୍ନାଟକ ୨୨-୦ରେ ଛତିଶଗଡ଼କୁ ହରାଇ ଦେଇଛି।


କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଦିଲ୍ଲୀ ଏସଜି ପାଇପର୍ସ ଦଳର ଅଭ୍ୟାସ। (ଫଟୋ: ବିକାଶ ନାୟକ)

# ଆଜିଠୁ କଳିଙ୍ଗରେ ହକି ରୋମାଞ୍ଚ


ଖବରଦାତା ସମ୍ମିଳନୀରେ ଶୁକ୍ରବାର ଯୁଗରାଜ ସିଂ, ଆର୍ଥର ଡୋରେନ ଓ ଅମିତ ରୋହିଦାସ।

## ହକି ଇଣ୍ଡିଆ ଲିଗ୍

ଭୁବନେଶ୍ୱର, ୧୬।୧ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମକୁ ଫେରୁଛି ହକି ରୋମାଞ୍ଚ। ୨୦୧୭ ପରେ ଏଠାରେ ହେବାକୁ ଯାଉଛି ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ୍)। ୨୦୧୭ ପରେ ବନ୍ଦ ରହିଥିବା ଏହି ଲିଗ୍ ଯଦିଓ ୨୦୨୪-୨୦୨୫ରେ ପୁନଃ ଆରମ୍ଭ ହୋଇଥିଲା ତେବେ ମ୍ୟାଚ ଗୁଡ଼ିକ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମ ଏବଂ ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ୨୦୨୬ ଅର୍ଥାତ୍ ଚଳିତ ସଂସ୍କରଣର ୨ଟି ପର୍ଯ୍ୟାୟ ଚେନ୍ନାଇ ଓ ରାଞ୍ଚିରେ ଅନୁଷ୍ଠିତ ହୋଇଯାଇଛି। ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହା ମଧ୍ୟରେ ଫାଇନାଲ ସମେତ କେତେକ ଲିଗ୍ ଏବଂ ସମସ୍ତ ନକ୍‌ଆଉଟ ମ୍ୟାଚ ସାମିଲ। ଶନିବାର ଅପରାହ୍ନ ୫ଟାରେ ରର୍ ବେଙ୍ଗଲ ଟାଇଗର୍ସ ଓ ହାଇଦ୍ରାବାଦ ତୋଫାନ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ସନ୍ଧ୍ୟା ୭ଟା ୩୦ରେ ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ମୁକାବିଲା ହେବ। ପ୍ରତିଯୋଗିତାର ଭୁବନେଶ୍ୱର ଚରଣକୁ ନେଇ ଏହି ୪ ଦଳର ଅଧିନାୟକ ବେଶ୍ ଉତ୍ସାହିତ ଥିବା ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ତାମିଲନାଡୁ ଡ୍ରାଗନ୍ସର ଅଧିନାୟକଥିବା ଓଡ଼ିଶାର ତାରକା ଖେଳାଳି ଅମିତ ରୋହିଦାସ ମଧ୍ୟ ଘରୋଇ ପରିବେଶରେ ଖେଳିବାକୁ ବେଶ୍ ବ୍ୟଗ୍ରଥିବା କହିଛନ୍ତି।

କଳିଙ୍ଗ ଲାନ୍ସର୍ସ ୪ ମ୍ୟାଚରୁ ୩ ବିଜୟ ଓ ୧ ଶୁଟ୍ ଆଉଟ ବିଜୟ ସହ ୧୧ ପଏଣ୍ଟ ସହିତ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଏହି ମୋମେଣ୍ଟମକୁ ବଜାୟ ରଖି କଳିଙ୍ଗରେ ମଧ୍ୟ ଲାନ୍ସର୍ସ ନିଜର ଦକ୍ଷତା ଦେଖାଇବାକୁ ପ୍ରସ୍ତୁତ ଥିବା କଥା ପ୍ରକାଶ କରିଛନ୍ତି ଅଧିନାୟକ ଆର୍ଥର ଡୋରେନ। ଦଳର କମ୍ବିନେଶନ ବହୁତ ଭଲ ଅଛି ଏବଂ ଖେଳାଳିଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଛି। ଦଳଗତଭାବେ ଲାନ୍ସର୍ସ ଭଲ ପ୍ରଦର୍ଶନ କରୁଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ଭଲ ଆରମ୍ଭ କରି ନ ଥିବାରୁ ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ ସହ ଟେବୁଲରେ ଉପରକୁ ଉଠିବାକୁ ଦଳ ପ୍ରତିଶ୍ରୁତିବଦ୍ଧ ବୋଲି ଅଧିନାୟକ ଯୁଗରାଜ ସିଂ କହିଛନ୍ତି। ସବୁ ମ୍ୟାଚରେ ଦଳ ଭଲ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଫଳାଫଳ ଆଶାନୁରୂପ ହୋଇପାରି ନ ଥିବା ସେ କହିଛନ୍ତି। ବେଙ୍ଗଲ ଟାଇଗର୍ସ ସମ୍ପ୍ରତି ୨ ବିଜୟ ଓ ୩ ପରାଜୟ ସହ ମାତ୍ର ୬ ପଏଣ୍ଟରେ ରହିଛି। ଫଳରେ ପଏଣ୍ଟ ଟେବୁଲରେ ଦଳ ୫ମ ସ୍ଥାନରେ ରହିଛି। ଓଡ଼ିଆ ତାରକା ତଥା ତାମିଲନାଡୁ ଅଧିନାୟକ ଅମିତ ଘରୋଇ ପରିବେଶକୁ ନେଇ ବେଶ୍ ଉତ୍ସାହିତ। କଳିଙ୍ଗ ଷ୍ଟାଡିୟମର ଦର୍ଶକ କେବଳ କଳିଙ୍ଗ ଲାନ୍ସର୍ସକୁ ଭରପୂର ସମର୍ଥନ ନ ଦେଇ ସବୁ ଦଳକୁ ଉତ୍ସାହିତ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଲାନ୍ସର୍ସ ପକ୍ଷରୁ ଖେଳୁଥିବାବେଳେ ସେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଚେଷ୍ଟା କରିଥିଲେ। ଏବେ ତାମିଲନାଡୁ ଦଳର ଅଧିନାୟକଭାବେ ଗୁରୁଦାୟିତ୍ୱ ବହନ କରୁଥିବାରୁ ଯଥା ସମ୍ଭବ ଦଳକୁ ଉପରେ ରଖିବାକୁ ତାଙ୍କ ଉଦ୍ୟମ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି। ତାମିଲନାଡୁ ଡ୍ରାଗନ୍ସ ସମ୍ପ୍ରତି ୧ ବିଜୟ, ୨ ଶୁଟ୍ ଆଉଟ ବିଜୟ ଓ ୨ ଶୁଟ୍ ଆଉଟ ପରାଜୟ ସହ ୭ ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନରେ ରହିଛି। ତେବେ ଦଳର ପ୍ରଦର୍ଶନକୁ ନେଇ ବେଶ୍ ସନ୍ତୁଷ୍ଟ ଥିବା ପ୍ରକାଶ କରିଛନ୍ତି ଅମିତ।

## ହକି ଇଣ୍ଡିଆ ଲିଗ୍

(ଆଜିର ମ୍ୟାଚ୍)

**ରର୍ ବେଙ୍ଗଲ ଟାଇଗର୍ସ ବନାମ ହାଇଦ୍ରାବାଦ ତୋଫାନ୍ସ**
ସମୟ: ଅପରାହ୍ନ ୫ଟା

**କଳିଙ୍ଗ ଲାନ୍ସର୍ସ ବନାମ ଦିଲ୍ଲୀ ଏସ୍‌ଜି ପାଇପର୍ସ**
ସମୟ: ସନ୍ଧ୍ୟା ୭ଟା ୩୦

**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**

# ଚିନ୍ନାସ୍ୱାମୀରେ ଭିଡ଼ ପରିଚାଳନା ପାଇଁ ଆର୍‌ସିବିର ପ୍ରସ୍ତାବ

ବେଙ୍ଗାଲୁରୁ, ୧୬।୧(ପି.ଟି.)

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଯଦି ସୁରକ୍ଷା ବ୍ୟବସ୍ଥା ଆବଶ୍ୟକ ମୁତାବକ କରା ନ ଯାଏ ତେବେ ଏଠାରେ ଖେଳାଯିବାକୁଥିବା ଇଣ୍ଡିଆନ୍‌ପ୍ରିମିୟରଲିଗ୍(ଆଇପିଏଲ)ମ୍ୟାଚ୍‌ଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରେ ବୋଲି ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ତରଫରୁ ଆଶଙ୍କା ପ୍ରକାଶ ପାଇଛି। ଏହାକୁ ଏଡ଼ାଇବାକୁ ହେଲେ ଆଇପିଏଲ୍ ମ୍ୟାଚ୍ ପରିଚାଳନା ବେଳେ ଭିଡ଼ ନିୟନ୍ତ୍ରଣ ପାଇଁ ୩୦୦ରୁ ୩୫୦ ଏଆଇ-ସକ୍ଷମ କ୍ୟାମେରା ଖଞ୍ଜିବା ଲାଗି ଆର୍‌ସିବି ଏକ ପ୍ରସ୍ତାବ ଦେଇଛି। ଏ ବାବଦରେ ୪.୫୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଆର୍‌ସିବି ଏହି ପ୍ରସ୍ତାବ କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ(କେଏସ୍‌ସିଏ)କୁ ଦେଇଛି। ଏହି ଉନ୍ନତ ନିରୀକ୍ଷଣ ପ୍ରଯୁକ୍ତି କେଏସ୍‌ସିଏ ଓ ଆଇନ ପ୍ରବର୍ତ୍ତନ ଏଜେନ୍ସିଗୁଡ଼ିକୁ ଭିଡ଼ ଗତିବିଧିକୁ ଦକ୍ଷତାର ସହ ପରିଚାଳନା କରିବା, ଶୃଙ୍ଖଳିତ ଭାବେ ଧାଡ଼ିରେ ଛିଡ଼ାହେବା, ପ୍ରବେଶ ଓ ପ୍ରସ୍ଥାନର ପ୍ରକୃତ ସମୟ ଟ୍ରାକିଂ ଜରିଆରେ ଅନଧିକୃତ ପ୍ରବେଶ ଉପରେ ନଜର ରଖାଯାଇପାରିବ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ